


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 139 | ଭାଗ ୩୩ | ସଂଖ୍ୟା ୧୩୯ | Bhubaneswar | Saturday 9 August 2025 | Page 8 Rs. 5.00 | ● ଭୁବନେଶ୍ୱର ଶନିବାର ୯ ଅଗଷ୍ଟ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


ଟ୍ରମ୍ପଙ୍କ ସହ ଟାରିଫ ଯୁଦ୍ଧ

## ରୁଷ ରାଷ୍ଟ୍ରପତିଙ୍କ ସହ କଥାହେଲେ ମୋଦି



ନୂଆଦିଲ୍ଲୀ,୮।୮ : ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ଧମକ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ରୁଷୀୟ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ସହ ଫୋନରେ କଥା ହୋଇଛନ୍ତି। ଉଭୟ ନେତାଙ୍କ ମଧ୍ୟରେ ରୁଷ୍- ୟୁକ୍ରେନ ଯୁଦ୍ଧ , ଭାରତ- ରୁଷ୍ ପାର୍ଟନରସିପ୍‌କୁ ଆହୁରି ନିବିଡ଼ କରିବା ପ୍ରସଙ୍ଗ ଉପରେ କଥାବାର୍ତ୍ତା ହୋଇଛି। ଏହି ଅବସରରେ ପିଏମ୍ ମୋଦି ପୁଟିନଙ୍କୁ ଚଳିତ ବର୍ଷ ଶେଷରେ ଭାରତ ଆସିବାରୁ ନିମନ୍ତ୍ରଣ ମଧ୍ୟ କରିଛନ୍ତି।

ଏହି କଥାବାର୍ତ୍ତା ବେଳେ ରୁଷୀୟ ରାଷ୍ଟ୍ରପତି ପୁଟିନ ୟୁକ୍ରେନ ସହ ସମ୍ବନ୍ଧିତ ସଦ୍ୟ ଘଟଣାକ୍ରମ ବିଷୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଅବଗତ କରାଇଛନ୍ତି। ପିଏମ ମୋଦି ସଂଘର୍ଷର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଭାରତର ଦୃଢ଼ ଆଭିମୁଖ୍ୟକୁ ଦୋହରାଇଛନ୍ତି। ଉଭୟ ନେତା ଭାରତ-ରୁଷ୍ ବିଶେଷ ଏବଂ ବିଶେଷାଧିକାର ପ୍ରାପ୍ତ ରଣନୀତିକ ପାର୍ଟନରସିପ୍‌କୁ ଆହୁରି ପ୍ରଗାଢ଼ କରିବାର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି।

**ଭାରତ ଆସିବାକୁ କଲେ ଆମନ୍ତ୍ରଣ**
**ଗୁପ୍ତ ରଣନୀତି ଲାଗି ପ୍ରତିବଦ୍ଧତା**

ସେପଟେ ଆମେରିକାର ➪ପୃଷ୍ଠା-୬

## 'କୋଟିଆର ପ୍ରତିଟି ଘରେ ପହଞ୍ଚିବ ସୁଭଦ୍ରା'

- ଆଜି ମୁଖ୍ୟମନ୍ତ୍ରୀଙ୍କ କୋରାପୁଟ ଗସ୍ତ
- ଏକ କୋଟି ମହିଳାଙ୍କୁ ମିଳିବ ତୃତୀୟ କିସ୍ତି
- ଏକକାଳୀନ ୩ କିସ୍ତି ପାଇବେ ୨୪୦ କୋଟିଆବାସୀ



ଜୟପୁର, ୮।୮(ସଂଚାର ବ୍ୟୁରୋ): ରାଖୀ ପୂର୍ଣ୍ଣିମାରେ ସୁଭଦ୍ରା ହିତାଧିକାରୀଙ୍କ ଆକାଉଣ୍ଟକୁ ଯିବ ତୃତୀୟ କିସ୍ତି ଟଙ୍କା। ଶନିବାର ଜୟପୁରରେ ସୁଭଦ୍ରାର ତୃତୀୟ କିସ୍ତି ପ୍ରଦାନ କରିବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଏହା ପୂର୍ବରୁ ୨ ଦିନିଆ କୋଟିଆ ଗସ୍ତରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ସରକାର କୋଟିଆରେ ପହଞ୍ଚିବେ । ଆପଣଙ୍କ ପାଖକୁ ସଚିବାଳୟ ଆସିବ । ୨ ହଜାର ୭୮ ଜଣ ମହିଳା କୋଟିଆରେ ସୁଭଦ୍ରା ପାଇଁ ଆବେଦନ କରିଥିଲେ । ୧୮୦୦ ଜଣ ୨ଟି କିସ୍ତି ପାଇଛନ୍ତି । କାଲି ଆଉ ପାଖାପାଖି ୨୪୦ ଜଣ ଏକକାଳୀନ ୩ଟି କିସ୍ତି ପାଇବେ । ଅର୍ଥାତ ଏକକାଳୀନ ୧୫ ହଜାର ଟଙ୍କା ଲେଖାଏଁ ପାଇବେ ।

ମୁଖ୍ୟମନ୍ତ୍ରୀ କହିଛନ୍ତି ମହିଳା ଏସଏଚଜିଙ୍କୁ ୧୦ ଲକ୍ଷ ଟଙ୍କା ଋଣ ବିନା ସୁଧରେ ସରକାର ଦେବେ ଏବଂ ଏକ କୋଟି ମହିଳାଙ୍କୁ କାଲି ତୃତୀୟ କିସ୍ତି ଦିଆଯିବ । ଏଥିପାଇଁ ୫ ହଜାର କୋଟି ଖର୍ଚ୍ଚ ହେବ । ସୁଭଦ୍ରା ଟଙ୍କା ସମସ୍ତେ ପାଇବେ ଏବଂ କୌଣସି ମଧ୍ୟସ୍ଥି ପ୍ରତିବନ୍ଧକ ସାଜି ପାରିବନି । କୋଟିଆ ପାଇଁ ନୂଆ ରୋଡ ମ୍ୟାପ୍ ତିଆରି କରାଯିବ ବୋଲି ସେଠାରେ ପହଞ୍ଚି ଏମିତି ଘୋଷଣା କରିଛନ୍ତି ଉପ ମୁଖ୍ୟମନ୍ତ୍ରୀ । ଲକ୍ଷପତି ଦିଦି ଓ ସୁଭଦ୍ରା ହିତାଧିକାରୀଙ୍କ ପାଇଁ ଉତ୍ପାଦନ ବିକ୍ରି ଓ ପ୍ରକ୍ରିୟାକରଣ ବ୍ୟବସ୍ଥା କରାଯିବ। ଏନେଇ ଜୟପୁରରେ ମୁଖ୍ୟମନ୍ତ୍ରୀ ଘୋଷଣା କରିବେ ବୋଲି ସେ କହିଛନ୍ତି ।

ଉପମୁଖ୍ୟମନ୍ତ୍ରୀଙ୍କ ସହ କୋରାପୁଟ ଗସ୍ତରେ ଅଛନ୍ତି ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ନିତ୍ୟାନନ୍ଦ ଗଣ୍ଡ। ପାଖରେ ଉପ ମୁଖ୍ୟମନ୍ତ୍ରୀଙ୍କୁ ପାଇ ଉତ୍ସାହିତ ସ୍ଥାନୀୟ ଲୋକ । ବାଦ୍ୟଯନ୍ତ୍ର ସହ ନାଚଗୀତରେ ଉପମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ ମହିଳା । ଶନିବାର ମୁଖ୍ୟମନ୍ତ୍ରୀଙ୍କ ସହ ଉପ ମୁଖ୍ୟମନ୍ତ୍ରୀ କେଭି ସିଂଦେଓ ଓ ମନ୍ତ୍ରିମଣ୍ଡଳର ଅନେକ ସଦସ୍ୟ ପହଞ୍ଚିବେ। ମୁଖ୍ୟମନ୍ତ୍ରୀ ୨ ଦିନ କୋରାପୁଟରେ ରହି ବିଭିନ୍ନ ଯୋଜନାର ସମୀକ୍ଷା କରିବେ । ଏଥିପାଇଁ ଜୟପୁରରେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ।

କୋଟିଆ ଉପରେ ଆନ୍ଧ୍ରପ୍ରଦେଶର ଲୋଲୁପ ଦୃଷ୍ଟି ଆରମ୍ଭରୁ ରହିଆସିଛି। ସେଠାରେ ନିରୀହ ଲୋକଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ସେଠାକାର ଅଞ୍ଚଳ କାବୁ କରିବା ଲଗି ଚକ୍ରାନ୍ତ କରୁଛି। ପ୍ରାକୃତିକ ସମ୍ପଦ ଓ ସୁନା ପାହାଡ଼ ଉପରେ ଆନ୍ଧ୍ରର ଆଖି ରହିଥିବା ବେଳେ ରାଜ୍ୟ ସରକାର କୋଟିଆବାସୀଙ୍କ ସହ ଛିଡ଼ାହେବା ଲଗି ଏକପ୍ରକାର ସଂକଳ୍ପ ନେଇଛନ୍ତି। କୋଟିଆର ସର୍ବାଙ୍ଗୀନ ଉନ୍ନତି ସହ ସେଠାକାର ଲୋକଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧା ଯୋଗାଇଦେବାକୁ ମୋହନ ସରକାର ପ୍ରୟାସ ଜାରି ରଖିଛନ୍ତି।

କାଠିଆପଡ଼ା ଛାତ୍ରୀ ମୃତ୍ୟୁ ମାମଲା

## ଚେନ୍ନାଇରୁ ମୁଖ୍ୟ ଅଭିଯୁକ୍ତ ପ୍ରମୋଦ ଗିରଫ





**ପଟ୍ଟାମୁଣ୍ଡାଇ ଆଇଆଇସି ନିଲମ୍ବିତ**

କେନ୍ଦ୍ରାପଡ଼ା,୮।୮(ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ଛାତ୍ରୀ ମୃତ୍ୟୁ ମାମଲାର ମୁଖ୍ୟ ଅଭିଯୁକ୍ତକୁ ପୁଲିସ ଗିରଫ କରିବାରେ ସଫଳ ହୋଇଛି। ମୁଖ୍ୟ ଅଭିଯୁକ୍ତ ହେଲା ଗଣେଶ୍ୱର ବେହେରାଙ୍କ ପୁଅ ପ୍ରମୋଦ ବେହେରା। ତାର ଘର ବିଲିକଣା ପଞ୍ଚାୟତ ତେରୋଇ ଗାଁରେ ବୋଲି ଜଣାଯାଇଛି। ତାକୁ ଚେନ୍ନାଇରୁ ଧରି କେନ୍ଦ୍ରାପଡ଼ା ଆଣୁଛି ପୁଲିସ୍।

ସୂଚନାଯୋଗ୍ୟ, ବୁଧବାର ଦିନ ଜଣେ ଯୁବତୀ ତାଙ୍କ ପୂର୍ବତନ ପ୍ରେମିକଙ୍କ ବାରମ୍ବାର ଧମକର ଶିକାର ହେବା ପରେ ନିଜ ଦେହରେ କିରାସିନି ଢାଳି ନିଆ ଲଗାଇ ନିଜ ଜୀବନ ନେଇଥିଲେ। ରିପୋର୍ଟ ଅନୁଯାୟୀ, ପ୍ରେମିକ ଜଣକ ତାଙ୍କର ଅଶ୍ଳୀଳ ଫଟୋ ସୋସିଆଲ ମିଡିଆରେ ପ୍ରସାରିତ କରିଥିଲେ ଏବଂ ତାଙ୍କ ସହିତ ସମ୍ପର୍କ ଭାଙ୍ଗିବା ପରେ ତାଙ୍କୁ ବ୍ଲାକମେଲ୍ କରିଥିଲେ। ବୁଧବାର ଦିନ, ଜଣେ ଯୁବତୀ ତାଙ୍କ ପୂର୍ବତନ ପ୍ରେମିକଙ୍କ ବାରମ୍ବାର ଧମକର ଶିକାର ହେବା ପରେ ନିଜ ଦେହରେ କିରାସିନି ଢାଳି ନିଆ ଲଗାଇ ନିଜ ଜୀବନ ନେଇଥିଲେ। ରିପୋର୍ଟ ଅନୁଯାୟୀ, ପ୍ରେମିକ ଜଣକ ତାଙ୍କର ଅଶ୍ଳୀଳ ଫଟୋ ସୋସିଆଲ ମିଡିଆରେ ପ୍ରସାରିତ କରିଥିଲେ ଏବଂ ତାଙ୍କ ସହିତ ସମ୍ପର୍କ ଭାଙ୍ଗିବା ପରେ ତାଙ୍କୁ ବ୍ଲାକମେଲ୍ କରିଥିଲେ। ଏହା ପରେ ଯୁବତୀ ତାଙ୍କ ପରିବାରକୁ ଜଣାଇଥିଲେ। ପରିବାର ସଦସ୍ୟ ଯୁବକଙ୍କ ବିରୁଦ୍ଧରେ ଅଭିଯୋଗ ଦାଏର କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଏଫଆଇଆର ଦାଖଲ କରିବା ପରିବର୍ତ୍ତେ, ଏଏସଆଇ ତାଙ୍କୁ ସମସ୍ତ ସୋସିଆଲ ମିଡିଆ ସାଇଟରୁ ପୁଅକୁ ବ୍ଲକ୍ କରିବାକୁ କହିଥିଲେ। ଏହି ଘଟଣା ଦୀର୍ଘ ୭-୮ମାସ ଧରି ଚାଲିଥିଲା। ପୁଅର ବ୍ଲାକମେଲିଂରେ ହତାଶ ହୋଇ, ଯୁବତୀ ଜଣକ ଘରେ ଏକୁଟିଆ ଥିବା ସମୟରେ ନିଜ ଜୀବନ ନେବା ଭଳି କଠୋର ନିଷ୍ପତ୍ତି ନେଇଥିଲେ।

## ଓଡ଼ିଆ ପୁଅ ହେଲେ ସିକ୍କିମ ବିଶ୍ୱବିଦ୍ୟାଳୟର ନୂଆ କୁଳପତି



ଭୁବନେଶ୍ୱର ,୮।୮ (ସଂଚାର ବ୍ୟୁରୋ): ଓଡ଼ିଆ ପୁଅ ତଥା ପ୍ରଖ୍ୟାତ ଶିକ୍ଷାବିଦ ପ୍ରଫେସର ଶାନ୍ତନୁ କୁମାର ସ୍ୱାଇଁଙ୍କୁ ସିକ୍କିମ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବରେ ନିଯୁକ୍ତ କରାଯାଇଛି। ଏହି ନିଯୁକ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ବିଶ୍ୱବିଦ୍ୟାଳୟର ଭିଜିଟର ଭାବରେ କରାଯାଇଛି। ପ୍ରଫେସର ସ୍ୱାଇଁ ପାଞ୍ଚ ବର୍ଷ ଅଥବା ସେ ୭୦ ବର୍ଷ ବୟସରେ ପହଞ୍ଚିବା ପର୍ଯ୍ୟନ୍ତ କୁଳପତି ଭାବରେ ପଦଭାର ଗ୍ରହଣ କରିବେ। ପୁରୀ ଜିଲ୍ଲାର ରୁଷିପଡ଼ା ଗାଁର ନିବାସୀ ପ୍ରଫେସର ସ୍ୱାଇଁ ଶିକ୍ଷା କ୍ଷେତ୍ରରେ ୪୩ ବର୍ଷର ଅନୁଭବ ଥିବା ଏକ ପ୍ରତିଷ୍ଠିତ ବିଦ୍ୱାନ ବ୍ୟକ୍ତି ଭାବରେ ଜଣାଶୁଣା। ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚ୍‌ୟୁ), ବାରାଣସୀର ଶିକ୍ଷା ସଂକାୟରେ ପ୍ରମୁଖ ଓ ଡିନ୍ ଭାବରେ କାର୍ଯ୍ୟରତ ଥିଲେ। ବିଏଚ୍‌ୟୁକୁ ଭାରତ ସରକାର ଦ୍ୱାରା 'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏମିନେନ୍ସ' ର ମର୍ଯ୍ୟାଦା ମିଳିଛି ଓ ଏହା ୧୯୧୬ ମସିହାରେ ଭାରତ ରତ୍ନ ପଣ୍ଡିତ ମଦନ ମୋହନ ମାଳବୀୟଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା।

ପ୍ରଫେସର ସ୍ୱାଇଁ ସ୍ନାତକୋତ୍ତର (ସ୍ୱର୍ଣ୍ଣ ପଦକ ସହିତ), ଏମ୍‌ଫିଲ୍, ପିଏଚ୍‌ଡି ଓ ଡିଲିଟ୍ (ଶିକ୍ଷାରେ) ଏବଂ ଇଂଲଣ୍ଡର ଲିଡ୍ସ ବିଶ୍ୱବିଦ୍ୟାଳୟରୁ ଇପିପିଏମ୍ ଡିଗ୍ରି ଅର୍ଜନ କରିଛନ୍ତି। ସେ ୟୁନେସ୍କୋ, ଆଇଆଇଇପି, ଓଇସିଡି, ବିଶ୍ୱ ବ୍ୟାଙ୍କ (ପ୍ୟାରିସ୍) ଓ ଆଇବିଇ (ଜେନିଭା) ଭଳି ଆନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ସହିତ କାମ କରିବାର ଅନୁଭବ ➪ପୃଷ୍ଠା-୬

ଦଳିତ ଯୁବକକୁ ନିର୍ଯାତନା ମାମଲା

## ଗିରଫଦାରୀ ଏଡ଼ାଇବାକୁ ନାଟକ

ଯାଜପୁର,୮।୮ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ହାଜତରେ ଦଳିତ ଯୁବକଙ୍କୁ ନିର୍ଯାତନା ଘଟଣା ନେଇଛି ୟୁ ଟର୍ଣ୍ଣ। ବାଲିଚନ୍ଦ୍ରପୁର ଥାନାରେ ଥାର୍ଡ ଡିଗ୍ରି ଅଭିଯୋଗକୁ ଖଣ୍ଡନ କରିବା ସହ ଆଇଆଇସିଙ୍କୁ କ୍ଲିନଚିଟ୍ ଦେଇଛନ୍ତି ଯାଜପୁର ଏସପି। ଏଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି ଥାନାର ସିସିଟିଭି ଫୁଟେଜ ଦେଖାଇ ସେ ସତକୁ ସାମ୍ନାକୁ ଆଣିଛନ୍ତି। ସିସିଟିଭି ଫୁଟେଜରେ ଥାନାରେ ଅଟକ ଥିବା ବେଳେ ଗିରଫଦାରୀକୁ ଏଡ଼ାଇବା ପାଇଁ ଯୁବକ ରବୀନ୍ଦ୍ର ମଲ୍ଲିକ ନାଟକ କରିଥିଲା। ପୂର୍ବରୁ ଥିବା ପୋକମରା ଔଷଧକୁ ପକେଟରେ ରଖିବା ସହ ସେ ପାଦରେ ଢାଳି ବିଷ ପିଇଥିବାର ଅଭିନୟ କରିଥିଲା। ସିସିଟିଭି କ୍ୟାମେରାରେ ରବୀନ୍ଦ୍ରର ସମସ୍ତ କାରନାମା କଏଦ ➪ପୃଷ୍ଠା-୬

## ସ୍କୁଲ ବସ୍‌ରୁ ଛାତ୍ରୀ ଅପହରଣ; ଯୁବକ ଥାନାରେ ଅଟକ

ଯାଜପୁର,୮।୮(ସଂଚାର ବ୍ୟୁରୋ) : ସ୍କୁଲ ଯାଉଥିବା ପିଲାଙ୍କୁ ନେଇ ଅଭିଭାବକ ସବୁବେଳେ ଟେନସନରେ। ଏମିତିକି ସ୍କୁଲ ବସରେ ବି ପିଲା ସୁରକ୍ଷିତ ନଥାନ୍ତି। ଏନେଇ ବିଭିନ୍ନ ଅଭିଯୋଗମାନ ମଧ୍ୟ ଆସିଛି। ସ୍କୁଲ ଯିବା ଆସିବା ବେଳେ ନିର୍ଯାତନା ଓ ଅପହରଣ ଭଳି ଘଟଣାମାନ ଘଟୁଛି। ଏବେ ଏଭଳି ଏକ ଛାତିଥର ଘଟଣା ଯାଜପୁରରେ ଦେଖିବାକୁ ମିଳିଛି। ଯାଜପୁର ରୋଡ ଥାନା ଅଂଚଳରେ ଅଭାବନୀୟ ଘଟଣା ଘଟିଛି। ସ୍କୁଲ ନିକଟରୁ ସ୍କୁଲ ବସରୁ ଛାତ୍ରୀ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି । ବ୍ୟାସନଗର ପବ୍ଲିକ ସ୍କୁଲର ଅଷ୍ଟମ ଶ୍ରେଣୀର ଛାତ୍ରୀ ଘରୁ ସ୍କୁଲକୁ ଆସିଥିବା ବେଳେ ଅପହରଣ ହୋଇଥିଲେ। ହେଲେ ଅପହରଣ ଉଦ୍ୟମ ପଣ୍ଡ କରିଛି ପୋଲିସ। କାର ମଧ୍ୟରୁ ଛାତ୍ରୀକୁ ଉଦ୍ଧାର କରିଛି ପୋଲିସ। ଅପହରଣକାରୀ ଯୁବକକୁ ଥାନାରେ ଅଟକ ରଖାଯାଇ ପଚରା ଉଚରା କରାଯାଉଛି। ଅନ୍ୟ ଜଣେ ବସ ଚାଳକ ଦ୍ୱାରା ଅପହରଣ ହୋଇଥିଲେ ଛାତ୍ରୀ । ଏନେଇ ମାମଲା ନଂ ୩୬୫/୨୫ ଓ ଧାରା ୧୩୭(୨)ରେ ମାମଲା ରୁଜୁ ହୋଇଛି ।

ମେରିଟ୍ ଯୋଜନା କାର୍ଯ୍ୟକାରୀ ନିଷ୍ପତ୍ତିକୁ ଧର୍ମେନ୍ଦ୍ରଙ୍କ ସ୍ୱାଗତ

## ବୈଷୟିକ ଶିକ୍ଷାକୁ ଗୁଣାତ୍ମକ ଓ ସର୍ବସ୍ପର୍ଶୀ କରିବ

**ଛାତ୍ରଛାତ୍ରୀ ଓ ଶିକ୍ଷା ସମୁଦାୟକୁ ପ୍ରଧାନମନ୍ତ୍ରୀଙ୍କ ରାକ୍ଷୀ ଉପହାର**



ନୂଆଦିଲ୍ଲୀ,୮।୮: ଆଜି କେନ୍ଦ୍ର କ୍ୟାବିନେଟ୍ ୫ଟି ପ୍ରସ୍ତାବକୁ ମଞ୍ଜୁରୀ ଦେଇଥିବା ବେଳେ ଏଥିରେ ଜାତୀୟ ଶିକ୍ଷା ନୀତି ସହ ସମନ୍ୱୟ ରଖି ୧୭୫ ଇଞ୍ଜିନିୟରିଂ ପ୍ରତିଷ୍ଠାନ ଓ ୧୦୦ ପଲିଟେକନିକକୁ ନେଇ ଗଠିତ ୨୭୫ଟି ବୈଷୟିକ ପ୍ରତିଷ୍ଠାନରେ 'ବୈଷୟିକ ଶିକ୍ଷାରେ ବହୁବିଧ ଶିକ୍ଷା ଓ ଗବେଷଣା ଉନ୍ନତି' (ମେରିଟ୍) ଯୋଜନା କାର୍ଯ୍ୟକାରୀ ସଂକ୍ରାନ୍ତ ପ୍ରସ୍ତାବ ସାମିଲ୍ ରହିଛି। ଏପରି ଏକ ନିଷ୍ପତ୍ତିକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ କରିବା ସହ ଏହା ଦେଶର ଶିକ୍ଷା ଦୃଶ୍ୟପଟ୍ଟରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଛନ୍ତି। ଏହି ନିଷ୍ପତ୍ତି ଦେଶରେ ବୈଷୟିକ ଶିକ୍ଷାକୁ ଗୁଣାତ୍ମକ ଓ ସର୍ବସ୍ପର୍ଶୀ କରିବ ବୋଲି ମଧ୍ୟ ଶ୍ରୀ ପ୍ରଧାନ ଆଶା କରିଛନ୍ତି।

ସେହିପରି ପ୍ରଧାନମନ୍ତ୍ରୀ ଏପରି ଏକ ନିଷ୍ପତ୍ତି ନେଇ ଛାତ୍ରଛାତ୍ରୀ ଓ ଶିକ୍ଷା ସମୁଦାୟକୁ ରାକ୍ଷୀ ପୂର୍ଣ୍ଣିମାର ଉପହାର ଦେଇଛନ୍ତି ବୋଲି ଶ୍ରୀ ପ୍ରଧାନ ମତ ଦେଇଛନ୍ତି। ସେ କହିଛନ୍ତି ଯେ ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ବୈଷୟିକ ଶିକ୍ଷାକୁ ଗୁଣାତ୍ମକ, ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଏବଂ ଶାସନକୁ ଉନ୍ନତ କରିବା ମେରିଟ୍ ଯୋଜନାର ଉଦ୍ଦେଶ୍ୟ। ଏହି ➪ପୃଷ୍ଠା-୬

## ବିଜେଡିର ଉପରାଷ୍ଟ୍ରପତି ଦ୍ୱନ୍ଦ୍ୱ



**ପୁଣି 'ବିବେକାନୁମୋଦିତ ଭୋଟ' ହେବ କି ନବୀନଙ୍କ ଅସ୍ତ୍ର**

ଭୁବନେଶ୍ୱର,୮।୮ (ସଂଚାର ବ୍ୟୁରୋ): ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ତାରିଖ ଘୋଷଣା ସରିଛି । ଏନଡିଏ ପ୍ରାର୍ଥୀ ଖୋଜୁଛି । ହେଲେ ବିଜେଡି ସଭାପତି ନବୀନ ପଟ୍ଟନାୟକ କାହାକୁ ସମର୍ଥନ କରିବେ ତାହା ଏଯାଏଁ ସ୍ଥିର କରିପାରୁନାହାନ୍ତି । ଏନଡିଏ ସହ ରହିବେ ନା ଇଣ୍ଡିଆ ମେଣ୍ଟକୁ ସମର୍ଥନ କରିବେ ସେନେଇ ଦ୍ୱନ୍ଦ୍ୱରେ ।

କିଛିଦିନ ପୂର୍ବେ ଶଙ୍ଖ ଭବନରେ ବସିଥିବା ବରିଷ୍ଠ ନେତାଙ୍କ ଏକ ବୈଠକରେ ଏନଡିଏକୁ ସମର୍ଥନ କରିବା ପ୍ରସ୍ତାବରେ କ୍ଷୁବ୍ଧ ହୋଇଥିଲେ ନେତାମାନେ । ଏନେଇ କିଛି ବରିଷ୍ଠ ନେତା ନବୀନଙ୍କୁ ଭେଟିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଅସୁସ୍ଥତା ଆଳରେ ସେମାନଙ୍କୁ ଭେଟିବାକୁ ଦିଆଗଲାନି । ଆଜି ମଧ୍ୟ ପୂର୍ବତନ ସାଂସଦ ମହେଶ ସାହୁ ଏନଡିଏକୁ ବିରୋଧ ➪ପୃଷ୍ଠା-୬



**କାନ ଡେରିଆ**

ବରଷାଟା ପରା ମାନ କରିଅଛି
ଯୁଆଡେ ଯାଉଛି ଯାଉ
ଆବଶ୍ୟକ ସ୍ଥଳେ ବରଷା ହେଉନି
ଯିଏ ଯାହା ଭାବୁଥାଉ
ମରୁଡ଼ି ବି ହେଇଯାଉ...
ଗଛ କାଟୁଥିବା ଚାଲାଖ ମଣିଷ
ଦୁଃଖ ସଦା ଭୋଗୁଥାଉ ।

■ ଦେବାଶିଷ

## କଲେଜରେ ବିଶୃଙ୍ଖଳା କରୁଛନ୍ତି ଗାଦିମଡ଼ା ଅଧ୍ୟାପକ

- ବଦଳି ଭୟରେ ଆଖିବୁଜି ଦେଉଛନ୍ତି
- ତୁରନ୍ତ ବିଦା କରିବାକୁ ଦାବି



ଭୁବନେଶ୍ୱର,୮।୮(ସଂଚାର ବ୍ୟୁରୋ) : ବାଲେଶ୍ୱର ଫକୀରମୋହନ କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣା ପରେ ଏବେ ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷାକୁ ନେଇ ଦାବି ଉଠିଲାଣି । ସେହିଭଳି ଛାତ୍ରୀମାନଙ୍କ ସୁରକ୍ଷା ପାଇଁ କମିଟି ଗଠନକୁ ନେଇ ମଧ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି । ହେଲେ କଲେଜଗୁଡିକରେ ବର୍ଷ ବର୍ଷ ଧରି ଗାଦିମଡା ହୋଇ ରହିଥିବା ଅଧ୍ୟାପକମାନଙ୍କ ସଂକ୍ରାନ୍ତରେ ସରକାର ଖୋଳତାଡ ନକରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ।

ମହାବିଦ୍ୟାଳୟରେ ଛାତ୍ରୀମାନଙ୍କୁ ଅଧ୍ୟାପକମାନେ ହଇରାଣ ହରକତ କରିବା ସହିତ ଅସୌଜନ୍ୟ ବ୍ୟବହାର କରିବାର ଖବର ପ୍ରକାଶ ପାଇବା ପରେ ରାଜ୍ୟ ସରକାର ଏବେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଭଳି କାର୍ଯ୍ୟକୁ ରୋକିବା ପାଇଁ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ କମିଟି ଗଠନ ପାଇଁ ବ୍ୟବସ୍ଥା ଥିବାବେଳେ କାହିଁକି ତାହା ହେଉନାହିଁ ବୋଲି ପ୍ରଶ୍ନ କରିଛନ୍ତି । ଏପରିକି କମିଟି ଗଠନ ନକଲେ କାର୍ଯ୍ୟାନୁଷ୍ଠାନର ଧମକ ବି ଦେଇଛନ୍ତି । ତେବେ ପ୍ରାୟତଃ ସମସ୍ତ ସରକାରୀ କଲେଜରେ ଅଧ୍ୟାପକମାନେ ଏକାଧିକ ବର୍ଷଧରି ଗାଦିମାଡି ବସିଥିବା ବେଳେ ଏହି କମିଟି କାହିଁକି ଗଠନ ହୋଇନାହିଁ ଓ ସେହିସବୁ କଲେଜରେ ଛାତ୍ରୀଙ୍କ ପ୍ରତି ଏଭଳି ଆଚରଣ କାହିଁକି ବଢୁଛି ତାହାର ଉତ୍ତର ଏବେ କାହା ପାଖରେ ନାହିଁ ।

ରାଜଧାନୀରେ ଥିବା ସରକାରୀ ମହାବିଦ୍ୟାଳୟ ସମେତ ପ୍ରାୟତଃ ଅଧିକାଂଶ ମହାବିଦ୍ୟାଳୟରେ ଏକାଧିକ ଗାଦିମଡା ଅଧ୍ୟାପକ ଅଧ୍ୟାପିକା ରହିଛନ୍ତି । କିଏ ୧୨ ବର୍ଷ ତ ଆଉ କିଏ ୧୫ବର୍ଷ ଗୋଟିଏ ସ୍ଥାନରେ । ଯେତେବେଳେ ବଦଳି କଥା ଉଠେ ସେତେବେଳେ ସରକାରଙ୍କୁ ଚକ୍‌ମା ଦେଇ କିଏ କଟକରୁ ଭୁବନେଶ୍ୱର ତ ଆଉ କିଏ ଖୋରଧାକୁ କିଛିଦିନ ପାଇଁ ବଦଳି ହୋଇଥାନ୍ତି । କେତେକ ଅଧ୍ୟାପକ ତ ଚାକିରି ଜୀବନର ଅଧାରୁ ଅଧିକ ରାଜଧାନୀରେ ତିନିଟି ସରକାରୀ କଲେଜରେ ଚକ୍କର କାଟୁଛନ୍ତି । ଅତି ଜୋରରେ କଟକ ବଦଳି ହୋଇ ଯାଉଛନ୍ତି ।

ଏହିସବୁ ଗାଡିମଡା ଅଧ୍ୟାପକମାନେ ସବୁ ଦେଖୁଥିଲେ ଓ ଶୁଣୁଥିଲେ ବି ବଦଳି ଭୟରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି । ଅଳ୍ପଦିନ ତଳେ ରାଜ୍ୟର ପ୍ରତିଷ୍ଠିତ ବିଜେବି କଲେଜରେ ଜଣେ ଅଧ୍ୟାପକ ଜଣେ ଛାତ୍ରୀଙ୍କୁ ଅସଦାଚରଣ କଲେ । ଛାତ୍ରୀଙ୍କ ଅଭିଭାବକ ଜଣେ ସରକାରୀ ଅଧିକାରୀ ହୋଇଥିବାରୁ କଲେଜରେ ଆସି ତୁମ୍ବି ତୋଫାନ କଲେ । ହେଲେ କଲେଜ କର୍ତ୍ତୃପକ୍ଷ କୌଣସି ପ୍ରକାରେ ଘଟଣାକୁ ଚାପିବାରେ ଲାଗିଲେ । ହେଲେ ଗଣମାଧ୍ୟମରେ ପ୍ରକାଶ ପରେ କମିଟି ବସାଇ ଏହାର ତଦନ୍ତ କରିବା ସହିତ ସମ୍ପୃକ୍ତ ଅଧ୍ୟାପକଙ୍କୁ ଉଚ୍ଚଶିକ୍ଷା ବିଭାଗକୁ ବଦଳି କରିଦେଲେ । ଅସଦାଚରଣ କରିଥିବା ଅଧ୍ୟାପକଙ୍କ ପାଇଁ ଏହା ଦଣ୍ଡ ନା ପୁରସ୍କାର ତାହାକୁ ଏବେ ବି ଅନେକ ଅଧ୍ୟାପକ ବୁଝିପାରୁ ନାହାନ୍ତି ।

ତେଣୁ ଯେଉଁସବୁ ମହାବିଦ୍ୟାଳୟରୁ ଅଭିଯୋଗମାନ ଆସିଛି, ତୁରନ୍ତ ସେଠାରେ ଥିବା ଅଧ୍ୟାପକମାନଙ୍କର କାର୍ଯ୍ୟକାଳର ସମୀକ୍ଷା କରାଯିବା ସହିତ ସମସ୍ତ ସରକାରୀ କଲେଜରେ ଏଭଳି ସମୀକ୍ଷା କରିବାକୁ ମତପ୍ରକାଶ ପାଇଛି । ଗାଦିମଡା ଶିକ୍ଷକମାନେ ବିଦାହେଲେ କେବଳ କଲେଜରେ ଶାନ୍ତିଶୃଙ୍ଖଳା ଫେରିବ ନାହିଁ, ପାଠପଢାରେ ମଧ୍ୟ ବ୍ୟାପକ ଉନ୍ନତି ପରିଲକ୍ଷିତ ହେବ । ଆଗକୁ ଛାତ୍ର ସଂସଦ ନିର୍ବାଚନ ଆସୁଥିବାରୁ ତାହା ପୂର୍ବରୁ ଗାଦିମଡା ଅଧ୍ୟାପକଙ୍କ ତାଲିକା ପ୍ରସ୍ତୁତ ସହିତ ସେମାନଙ୍କୁ ହଟାଇବା ପାଇଁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ମତ ଦେଉଛନ୍ତି ।

# ମାଟି ଗଦେଇ ରାସ୍ତା ଅବରୋଧ ଅଭିଯୋଗ

**ମହାକାଳପଡ଼ା, ୮।୮ (ସଂଚାର ବ୍ୟୁରୋ):** ବରକନ୍ଧା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଛେଡାକଣୀ ଗ୍ରାମରେ କିଛି ମୁଷ୍ଟିମେୟ ବ୍ୟକ୍ତି ରାସ୍ତାରେ ଗୋଡ଼ି ମାଟି ପକାଇ ରାସ୍ତା ଅବରୋଧ କରିଥିବା ଲୋକେ ଅଭିଯୋଗ କରିଛନ୍ତି। ଯାହାକୁ ନେଇ ବିଭିନ୍ନ ସମସ୍ୟା ଦେଖିବାକୁ ମିଳିଛି।

ଛେଡାକଣୀ ସତ୍ୟନାରାୟଣ ପୀଠ ଠାରୁ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବା ପାଇଁ ଥିବା ଏହି ରାସ୍ତା ନୂଆକରି ନିର୍ମାଣ କରାଯାଇଛି। ଏହି ରାସ୍ତା ଉପରେ ଗ୍ରାମବାସୀ ବହୁଳ ବ୍ୟବହାର କରନ୍ତି। ବରକନ୍ଧା ଉଚ୍ଚ ବିଦ୍ୟାଳୟକୁ ଯିବା ପାଇଁ ଏହି ରାସ୍ତାଟି ବେଶ୍ ସହାୟକ ହୁଏ।



ହେଲେ କିଛି ଦିନ ଧରି ଏହି ପକ୍କା ରାସ୍ତା ଉପରେ କିଛି ବ୍ୟକ୍ତି ମାଟି ଗଦାଇ ରାସ୍ତା ଅବରୋଧ କରିଥିବା ଅଭିଯୋଗ କରିଛନ୍ତି ଲୋକେ। କେବଳ ଯାତାୟାତ କ୍ଷେତ୍ରରେ ବାଧା ସୃଷ୍ଟି ହେଉଛି ତାହା ନୁହେଁ ବରଂ ଆମ୍ବୁଲାନ୍ସଟିଏ ଯିବା ପାଇଁ ୪ କି.ମି. ଦେଇ ବୁଲି ଯିବାକୁ ପଡୁଛି। ମାଟି ଗଦା ପାଇଁ ଗ୍ରାମ୍ୟ ଶ୍ମଶାନକୁ ଯିବା ପାଇଁ ବାଧା ସୃଷ୍ଟି ହେବାରୁ ପାଞ୍ଚ ଦିନ ତଳେ ମୃତ ବ୍ୟକ୍ତି ଦୈତାରୀ ପରିଡାଙ୍କ ଶବ ସତ୍କାର ସମୟରେ ୧ କି.ମି ଗ୍ରାମ ଭିତରେ ବୁଲିକି ଯିବାକୁ ପଡିଲା ବୋଲି ଗ୍ରାମବାସୀ କହିଛନ୍ତି। ଏନେଇ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଅନ୍ନପୂର୍ଣ୍ଣା ସେଠୀଙ୍କୁ ପଚାରିବାରୁ ସେ ଏନେଇ ଅବଗତ ନଥିବା କହିବା ସହ ଗଣମାଧ୍ୟମ ପାଖରୁ ଜାଣିବାକୁ ପାଇବା ପରେ ସୋମବାର ସରପଞ୍ଚଙ୍କ ସହିତ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଯାହା ପଦକ୍ଷେପ ଗ୍ରହଣ କରିବା କଥା କରାଯିବ ବୋଲି ସୂଚନା ଦେଇଛନ୍ତି।



# ରାସ୍ତାରେ ଜମୁଛି ପାଣି

**ମହାକାଳପଡ଼ା, ୮।୮ (ସଂଚାର ବ୍ୟୁରୋ):** ବିଜୟନଗରରୁ ବଢିହି ଆରଆଣ୍ଡବି ମୁଖ୍ୟ ରାସ୍ତାର ଦେଉଳପଡା ପଞ୍ଚାୟତର ଦେଉଳପଡା ଗ୍ରାମର ପୋଷ୍ଟ ଅଫିସ ନିକଟରେ ରାସ୍ତାରେ ପାଣି ବୁଡ଼ି ଉଛୁଳୁଛି। ରାସ୍ତା କଡ଼ରେ ଏକ ବିରାଟ ଗାଢ଼ ସୃଷ୍ଟି ହୋଇଛି। ବର୍ଷା ପାଣି ଏହି ଗାଢରେ ଜମି ରହି ପୋଖରୀ ଭଳି ଦିଶୁଛି। ନିଇତି ଏହି ରାସ୍ତାରେ ହଜାର ହଜାର ସାନ ବଡ଼ ଗାଡ଼ି ଯାତାୟାତ କରୁଛି। ବର୍ଷା ସମୟରେ ରାସ୍ତା ଜଣା ନ ପଡ଼ିବାରୁ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏନେଇ ବିଭାଗୀୟ ଯନ୍ତ୍ରୀ ଦୃଷ୍ଟି ଦେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତାପ ରଞ୍ଜନ ତ୍ରିପାଠୀ ଦାବି କରିଛନ୍ତି।

## ଦୁର୍ଘଟଣା ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା



**ସାଲେପୁର, ୮।୮ (ସଂଚାର ବ୍ୟୁରୋ):** ସାଲେପୁର ବ୍ଲକ ଅନ୍ତର୍ଗତ ତରିତୋ ପଞ୍ଚାୟତର ବୁରୁଡ଼ା ଗ୍ରାମର ଅତର ଖାନଙ୍କ ପୁତ୍ର ଜ଼ାହୀର ଖାନ କିଛି ଦିନ ତଳେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ଏହି ଖବର ପାଇ ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ଲୋକ ସଭା କ୍ଷେତ୍ରର ମାନ୍ୟବର ସାଂସଦ ଶ୍ରୀଯୁକ୍ତ ବୈଜୟନ୍ତ ଜୟ ପଣ୍ଡା ତାଙ୍କ ନିଜସ୍ୱ ପାଣ୍ଠିରୁ ଆର୍ଥିକ ସହାୟତା ପହଞ୍ଚାଇଛନ୍ତି। କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ଭାବେ ସାଲେପୁର ଅଞ୍ଚଳର ବରିଷ୍ଠ ନାରୀନେତ୍ରୀ ଶ୍ରୀମତୀ ବିଜୟଲକ୍ଷ୍ମୀ ଦାଶ ଏହି ଅର୍ଥକୁ ପରିବାର ନିକଟରେ ପହଞ୍ଚାଇ ଥିଲେ। ସେହି ସମୟରେ ସେଠାରେ ଅବସର ପ୍ରାପ୍ତ ଶିକ୍ଷକ ଫିରୋଜ ଅହମଦ ଖାନ, ଏସ. କେ. ସଲ୍ଲାଉଦ୍ଦିନ ଏବଂ ମୃତକଙ୍କ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସାହାଯ୍ୟ ପଠାଇଥିବାରୁ ଉକ୍ତ ପରିବାର ପକ୍ଷରୁ ମାନ୍ୟବର ସାଂସଦଙ୍କୁ ଧନ୍ୟବାଦ ଅର୍ପଣ ଜଣାଇଛନ୍ତି।

## ୨୩୬ ଲିଟର ଚୋରାମଦ ଜବତ, ୬ ଗିରଫ



**କେନ୍ଦ୍ରାପଡ଼ା, ୮।୮ (ସଂଚାର ବ୍ୟୁରୋ):** ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ବିଭାଗ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ଓ ମାର୍ଶାଘାଇ ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଚୋରାମଦ ଜବତ କରାଯିବା ସହିତ ୬ଜଣଙ୍କୁ ଗିରଫ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି । ସେହି ଅନୁଯାୟୀ ମାଳଦିହ ଗ୍ରାମର ଗଗନ ସ୍ୱାଇଁ(୬୦)ଙ୍କ ଠାରୁ ୪୫ଲିଟର ଚୋରା ଦେଶୀମଦ, ତୁଳସୀପୁର ଗ୍ରାମର ଖଗେଶ୍ୱର ସ୍ୱାଇଁ(୬୨)ଙ୍କ ଠାରୁ ୪୦ଲିଟର ଚୋରା ଦେଶୀମଦ,ନୂଆଗାଁ ଗ୍ରାମର ଦେବାଶିଷ ବେହେରା(୨୮)ଙ୍କ ଠାରୁ ୪୫ଲିଟର ଚୋରା ବିଦେଶୀମଦ, ତେରଗାଁ ଗ୍ରାମର ରଞ୍ଜନ ପରିଡା(୪୨)ଙ୍କ ଠାରୁ ୪୭ଲିଟର ଚୋରା ବିଦେଶୀ ମଦ, ସେହି ଗ୍ରାମର ପ୍ରକାଶ ଚନ୍ଦ୍ର ସାହାଣୀ(୭୦)ଙ୍କ ଠାରୁ ୧୮ଲିଟର ଚୋରା ଦେଶୀମଦ ଓ ବାଲିଶୁଆଁ ଗ୍ରାମର ବିଜ୍ଞାନ ଚୌଧୁରୀ(୩୬)ଙ୍କ ଠାରୁ ୪୧ଲିଟର ଚୋରା ଦେଶିମଦ ଜବତ କରାଯିବା ସହ ସମସ୍ତ ୬ଜଣ ଚୋରାମଦ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ମୋଟ ୨୩୬ଲିଟର ଚୋରା ଦେଶି ଓ ବିଦେଶୀ ମଦ ସହିତ ଏକ ମୋଟର ସାଇକେଲ ଜବତ କରାଯାଇଛି । ଏଥିରେ ସଂପୃକ୍ତ ଥିବା ୬ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳ ସୂଚନା ଦେଇଛନ୍ତି । ଆଗାମୀ ଦିନରେ ଏହି ଚଢାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ନିରୀକ୍ଷକ ହିତାଂଶୁ ଶେଖର ମଲ୍ଲିକ କହିଛନ୍ତି । ଏହି ଚଢାଉରେ ଅବକାରୀ ନିରୀକ୍ଷକ ପଦ୍ମଲୋଚନ ନାୟକ, ଅବକାରୀ ଉପନିରୀକ୍ଷକ କଳ୍ପନା ରାଉତଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

## କିଡ୍‌ନୀ ଆକ୍ରାନ୍ତ ଯୁବକର ମୃତ୍ୟୁ

**ସାଲେପୁର, ୮।୮ (ସଂଚାର ବ୍ୟୁରୋ):** ଏକ ବେସରକାରୀ ସଂସ୍ଥାରେ କାର୍ଯ୍ୟ କରୁଥିବାବେଳେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଯୁବକର ଚିକିତ୍ସାଧିନ ଅବସ୍ଥାରେ ଆଜି ମୃତ୍ୟୁ ଘଟିଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ ସାଲେପୁର ବ୍ଲକ ଅନ୍ତର୍ଗତ ଛାଣିପୁର ଗ୍ରାମର ସୂର୍ଯ୍ୟସାରଥୀ ଦାସ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିବାବେଳେ କିଛି ଦିନ ହେବ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଘରେ ରହି ଚିକିତ୍ସିତ ହେଉଥିବାବେଳେ ଆଜି ତାଙ୍କର ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡ଼ିକାଲକୁ ଚିକିତ୍ସା ପାଇଁ ନିଆଯାଇଥିବା ବେଳେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୪୨ବର୍ଷ ବୟସ ହୋଇଥିବାବେଳେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ପୁତୁରା ଉଦିତ୍ ଦାସ ମୁଖାଗ୍ନି ଦେଇଥିଲେ। ପ୍ରକାଶ ଥାଉକି ତାଙ୍କର ଏକମାତ୍ର ୧୨ବର୍ଷର ଝିଅ ଥିବା ଜଣାଯାଇଛି।



# ୨ ଲକ୍ଷ ତିରଙ୍ଗା ତିଆରି କରୁଛନ୍ତି ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର୍ସ ଗ୍ରୁପ୍

**ଡେରାବିଶ, ୮।୮ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ୍ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର୍ସ ଗ୍ରୁପ ଚଳିତ ବର୍ଷ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ନିମନ୍ତେ ପ୍ରସ୍ତୁତ କରୁଛନ୍ତି ତ୍ରିରଙ୍ଗା ପତାକା। ଏହି ଗ୍ରୁପର ୭୦ରୁ ଉର୍ଦ୍ଧ୍ୱ ମହିଳା ଆସନ୍ତା ଅଗଷ୍ଟ ୧୫ ତାରିଖ ନିମନ୍ତେ ସରକାରଙ୍କ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଦିନରାତି ଏକ କରି ତ୍ରିରଙ୍ଗା ପତାକା ନିର୍ମାଣ କରିଚାଲିଛନ୍ତି। ଧାର୍ଯ୍ୟ ତାରିଖ ସୁଦ୍ଧା ଯେମିତି ହେଲେ ୨ଲକ୍ଷ ପତାକା ତିଆରି କରିବାକୁ ପଡ଼ିବ।

ଏହି ପ୍ରଡ୍ୟୁସର୍ସ ଗ୍ରୁପର ସଭାପତି ଲେସାତୁନ ବିବି ଓ ସମ୍ପାଦିକା ରେଶମା ବେଗମ୍ କୁହନ୍ତି ଗତବର୍ଷ ଆମେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନକୁ ୧ ଲକ୍ଷରୁ ଉର୍ଦ୍ଧ ଜାତୀୟ ପତାକା ଯୋଗାଇ ଦେଇଥିବାବେଳେ ବାହାର ବଜାର, ବିଭିନ୍ନ ସ୍କୁଲ କଲେଜ ଓ ସାମାଜିକ ଅନୁଷ୍ଠାନ ଆମ ନିକଟରୁ ଜାତୀୟ ପତାକା କ୍ରୟ କରିଥିଲେ। ଚଳିତ ବର୍ଷ ଆମ ନିକଟକୁ ବିଭିନ୍ନ ଅନୁଷ୍ଠାନରୁ ପତାକା କିଣିବା ନିମନ୍ତେ ପୂର୍ବରୁ ଅଡରର ଆସିଲାଣି। ଆମ




ସଦସ୍ୟା ପ୍ରତିଷ୍ଠାନରେ ରହିଥିବା ଅତ୍ୟାଧୁନିକ କପଡ଼ା କଟା ମେସିନ୍ ଓ ଯନ୍ତ୍ରଚଳିତ ସିଲେଇ ମେସିନ୍ ସହାୟତାରେ ଏହାକୁ ନିର୍ମାଣ କରିବାରେ ଲାଗିପଡ଼ିଛନ୍ତି। ଏହି ଗ୍ରୁପର ସଦସ୍ୟାଙ୍କ ଦ୍ୱାରା ପ୍ରସ୍ତୁତ ଏପ୍ରୋଡୋରୀ ବେଡ଼ସିଟ୍, ଶାଢ଼ୀ ଓ ଅନ୍ୟାନ୍ୟ ସାମଗ୍ରୀ ରାଜ୍ୟ ଓ ରାଜ୍ୟ ବାହାରେ ଖୁବ୍ ପ୍ରସିଦ୍ଧିଲାଭ କରିଛି। ଯେଉଁଥିପାଇଁ ଏହି ପ୍ରଡ୍ୟୁସର୍ସ ଗ୍ରୁପକୁ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରସ୍କୃତ କରିଛନ୍ତି। ଏଥିସହିତ ଏହି ଗ୍ରୁପର ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଡିଜାଇନ୍‌ର ପୋଷାକ ସମେତ ସ୍କୁଲ, କଲେଜ ଓ ଅଙ୍ଗନବାଡ଼ିର ୟୁନିଫର୍ମ ନିର୍ମାଣ କରିଥା'ନ୍ତି।

# ଆତ୍ମା ସଭାପତି ଭାବେ ରମେଶ ନାୟକ ନିର୍ବାଚିତ

**ସାଲେପୁର, ୮।୮ (ସଂଚାର ବ୍ୟୁରୋ):** କିଛିଦିନ ହେବ ସାଲେପୁର ବ୍ଲକ ଆତ୍ମା କମିଟି ସଭାପତି ପଦବୀ ନେଇ ଚାଲିଥିବା ଛକାପଞ୍ଝାର ଆଜି ପୂର୍ଣ୍ଣଚ୍ଛେଦ ପଡ଼ିଛି। ନିୟମ ଅନୁଯାୟୀ ଆଜି ସାଲେପୁର ବ୍ଲକର ଆତ୍ମା କମିଟି ନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ସଭାପତି ଭାବେ ମୋଟ୍ ୨୫ସଦସ୍ୟଙ୍କ ମଧ୍ୟରୁ ୧୭ଜଣ ସଦସ୍ୟ ସଭାପତି ଭାବେ ରମେଶ ଚନ୍ଦ୍ର ନାୟକଙ୍କୁ ନିର୍ବାଚିତ କରିଛନ୍ତି। ଅପର ପକ୍ଷରେ ଆତ୍ମା କମିଟି ସଦସ୍ୟ ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ କରି ବିଜେଡି ସମର୍ଥିତ ସଦସ୍ୟମାନେ ଏହି ନିର୍ବାଚନରେ ଅଂଶଗ୍ରହଣ କରିନଥିବା ସମସ୍ତ ପ୍ରତିନିଧି ପ୍ରକାଶ କରିଛନ୍ତି। ଶେଷରେ ଦୀର୍ଘ ଦିନ ଧରି ସାଲେପୁର ବ୍ଲକ ଆତ୍ମା କମିଟି ସଭାପତିଙ୍କୁ ନେଇ ଯେଉଁ ବିବାଦ ଲାଗିରହିଥିଲା, ତାହାର ଆଜି ପୂର୍ଣ୍ଣଚ୍ଛେଦ ପଡ଼ିଛି।



ନୂତନ ଭାବେ ସଭାପତି ଭାବେ ନିର୍ବାଚିତ ହୋଇଥିବା ରମେଶ ନାୟକ ତାଙ୍କ ବିଜୟର ଶ୍ରେୟ ବିଜେପି ନେତା ଅରିନ୍ଦମ ରାୟଙ୍କୁ ଦେଇଥିବାବେଳେ ବିରୋଧି ଦଳ ଯେଉଁଭଳି ଭାବେ ଏହି ନିର୍ବାଚନ କରାଇନଦେବା ପାଇଁ ଚକ୍ରାନ୍ତ ଚଳାଇଥିଲେ ତାହା ନିନ୍ଦନୀୟ ବୋଲି ସେ ପ୍ରକାଶ କରିଥିଲେ। ମୁଁ ଆଗାମୀ ଦିନରେ ବିଜେପି ଯୁବନେତା ଅରିନ୍ଦମ ରାୟଙ୍କ ନେତୃତ୍ୱରେ କୃଷକମାନଙ୍କ ବିକାଶ ପାଇଁ କାର୍ଯ୍ୟ କରିବି ବୋଲି ସେ ପ୍ରକାଶ କରିଥିଲେ। ଅପର ପକ୍ଷରେ ଏ ସମ୍ପର୍କରେ ଆମ ପ୍ରତିନିଧି ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କୁ ପଚାରିବାରେ ପ୍ରଶାସନ ଚଞ୍ଚକତା କରି ବେଆଇନ୍ ଭାବେ ରାଜନୈତିକ ହାତବାରିଷୀ ସାଜି ଏହି ନିର୍ବାଚନ କରାଇଥିବାରୁ ଏହାକୁ ମୁଁ ନିନ୍ଦା କରୁଛିବୋଲି ସେ ପ୍ରକାଶ କରିଥିଲେ।

## ଅସହାୟ ନବୀନଙ୍କୁ ଶିରିଡ଼ି ସାଇ ଟ୍ରଷ୍ଟ ଦ୍ୱାରା ଛତା ଓ ପାଲ ବଣ୍ଟନ



**ମାର୍ଶାଘାଇ, ୮।୮ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ତାଳସଂଗା ପଂଚାୟତ ମାଣିକପୁର ଗ୍ରାମର ନବୀନ ବେହେରା ଅସହାୟ ଅବସ୍ଥାରେ ଭଙ୍ଗା ଚାଳ ଘରେ ବାସ କରୁଥିବାର ଦେଖି ଶ୍ରୀଶ୍ରୀ ଶିରିଡ଼ି ସାଇ ଟ୍ରଷ୍ଟର ସଭାପତି ଶ୍ରୀ ଧିରେନ ମହାରାଜ ଟ୍ରଷ୍ଟ ତରଫରୁ ଏକ ବଡ଼ ପାଲ ଓ ଛତା ପ୍ରଦାନ କରାଯାଇଛି। ନବୀନ ନିଜ ଝିଅ ସହିତ ବହୁ କଷ୍ଟରେ ଜୀବିକା ନିର୍ବାହ କରୁଥିବା ବେଳେ ସ୍ତ୍ରୀ ଘରର ଆର୍ଥିକ ଦୂରବସ୍ଥା ପାଇଁ ବାହାରେ ମୂଳ ମଜୁରୀ ଲାଗୁଛନ୍ତି। ଏଭଳି ଅସହାୟ ପରିବାର ପ୍ରତି ସମାଜର ଆର୍ଥିକ ସ୍ୱଚ୍ଛଳ ବ୍ୟକ୍ତିମାନେ ସାହାଯ୍ୟର ହାତ ବଢ଼ାଇବାକୁ ସ୍ଥାନୀୟ ସରପଂଚ ଙ୍କ ସମେତ ଗାଁର ଅନ୍ୟ ମୁରବିମାନେ ଦାବି କରିଛନ୍ତି।

## 'ଆମ ଗାଁରେ ତହସିଲ' କାର୍ଯ୍ୟକ୍ରମ




**ମହାକାଳପଡ଼ା, ୮।୮ (ସଂଚାର ବ୍ୟୁରୋ):** ମହାକାଳପଡ଼ା ତହସିଲ ଅଧିନ ଗଡ଼ରୋମିତ ଗ୍ରାମ ପଞ୍ଚାୟତରେ "ଆମ ଗାଁରେ ତହସିଲ" କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାକାଳପଡ଼ା ତହସିଲଦାର ଶିବ ମଲିକ ଉପସ୍ଥିତ ରହି ଜନସାଧାରଣଙ୍କ ଠାରୁ ଅଭିଯୋଗ ଗ୍ରହଣ କରିବା ସହିତ ତ୍ୱରିତ ସମାଧାନ ପାଇଁ ଶୁଣାଣି କରିଥିଲେ । ମହାକାଳପଡ଼ା ପଞ୍ଚାୟତ ସମିତି ଅଧକ୍ଷା ମୀରାରାଣୀ ମହାନ୍ତିଙ୍କ ସମେତ ସରପଞ୍ଚ ପ୍ରିୟଙ୍କା ସାମଲ, ଅତିରିକ୍ତ ତହସିଲଦାର, ବିଭାଗୀୟ ସହାୟକ, ରାଜସ୍ୱ ନିରୀକ୍ଷକ, ଅମିନଙ୍କ ସମେତ ତହସିଲ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ । ରାଜସ୍ୱ ବିଭାଗ ଅଧିନ ୨ ଖାନା ସଂଶୋଧନ,ଇ ପାଉତି, ମ୍ୟୁଟେସନ କେଶ, ବସୁନ୍ଧରା ସ୍କିମ,ମିସ ସାର୍ଟିଫିକେଟ, ବେ ବନ୍ଦୋବସ୍ତ,ଓ ଏଲ ଆର ୮, ୧୯(୧)ସି, ସିକ୍କିମ ତତ୍ତ୍ୱ ସମେତ ରାଜସ୍ୱ ସମ୍ବନ୍ଧିୟ କାର୍ଯ୍ୟ ଏହି ଶିବିରରେ କରାଯାଇଥିଲା । ଆଜିର କାର୍ଯ୍ୟକ୍ରମରେ ୨୭ ଗୋଟି ଅଭିଯୋଗ ର ଶୁଣାଣି କରାଯାଇଥିଲା ।

# ଓଲଢ଼ି ପ୍ରାଥମିକ ବିଦ୍ୟାଳୟରେ ଭୂତ ଖାଉଛି ପିଲାଙ୍କ ମଧ୍ୟାହ୍ନଭୋଜନ ଅଣ୍ଡା

**ଡେରାବିଶ, ୮।୮ (ସଂଚାର ବ୍ୟୁରୋ):** ଡେରାବିଶ ଓଲଢ଼ି ପ୍ରାଥମିକ ବିଦ୍ୟାଳୟରେ ଦିନେ କି ଦୁଇ ଦିନର କଥା ନୁହଁ , ମାସ ମାସ ଧରି ପିଲାଙ୍କ ମଧ୍ୟାହ୍ନ ଭୋଜନର ଅଣ୍ଡା ଗାଏବ ହେଉଥିବା କଥାଟି ଏବେ ସମଗ୍ର ଶିକ୍ଷା ବିଭାଗ ଉପରେ ପ୍ରଶ୍ନ ଉଠାଉଛି। ପିଲା କାଗଜପତ୍ରରେ ଖାଉଛନ୍ତି ଅଣ୍ଡା, ବାସ୍ତବ ରେ ଖାଉଛନ୍ତି ସୋୟାବିନୀ ଝୋଳ। ସ୍କୁଲ କାଗଜପତ୍ରରେ ଗୋଟେ ହେଲେ ବାସ୍ତବିକତା ଭିନ୍ନ। କଥାଟା ବିଶ୍ୱାସ ନ ହେଲେ ବି ସତ ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଡେରାବିଶ ବ୍ଲକ ଶିକ୍ଷା ବିଭାଗ ରେ ଥିବା ଓଲଢ଼ି ସ୍କୁଲ ରେ । ଏହି ସ୍କୁଲ ର ମୋଟ ୫୪ ପିଲା, ଜଣେ ଶିକ୍ଷକ କୁ ଆଉ ଜଣେ ଶିକ୍ଷୟତ୍ରୀ । ସ୍କୁଲ କୁ ଶୁକ୍ରବାର ଦିନ ୨୭ଜଣ ପିଲା ଆସିଥିଲେ ମଧ୍ୟାହ୍ନ ଭୋଜନ ରେ ଅଣ୍ଡା ବଦଳରେ ହୋଇଥିଲା ସୋୟାବିନ ତରକାରୀ ।




ତେବେ ଧୀରେ ଧୀରେ ସରକାର ସ୍କୁଲ ମାନଙ୍କରେ ବିଇଓ ପ୍ରତି ଗୁରୁତ୍ୱ ଦେବା ସହିତ ସମୟ ଅନୁସାରେ ପ୍ରରିବର୍ତ୍ତନ କରୁଛନ୍ତି କିପରି ପିଲାଙ୍କୁ ଉଚିତ୍ ପୋଷଣ ମିଳିବ ସେଥିଲାଗି ସପ୍ତାହକୁ ୩ ଦିନ ଅଣ୍ଡା ଦେଉଛନ୍ତି ଏବଂ ଯେଉଁପିଲା ଅଣ୍ଡା ନ ଖାଇବେ ସେମାଙ୍କୁ ଫଳ ଯୋଗାଇଦେବା ପାଇଁ ମଧ ସମସ୍ତ ସ୍କୁଲ କୁ ଏବେ ନିର୍ଦ୍ଦେଶ ହୋଇଛି। ତେବେ ଏହି ସ୍କୁଲ ରେ ଦୀର୍ଘ ମାସ ଧରି ଅଣ୍ଡା ବଦଳ ରେ କିପରି ପିଲାଙ୍କୁ ସୋୟାବିନୀ ଦିଆଯାଉଥିଲା ଏବଂ ଏଠି ସମସ୍ତ ଘଟଣା କୁ କିପରି ସେହି ସ୍କୁଲ ର ସିଆରସିସି ଆସି ଜାଣିପାରିନଥିଲେ ତାହା ଏବେ ବଡ଼ ପ୍ରଶ୍ନ ସୃଷ୍ଟି କରୁଛି ସ୍ଥାନୀୟ ଜଣେ ଅଭିଭାବକ ଅଭିଯୋଗ କରିବାରୁ ୧୬ ଟି ଅଣ୍ଡା ସିଝାଗଲା ସବୁଠାରୁ ଆଶ୍ଚର୍ଯ୍ୟ ଘଟଣା ମିଡେ ଆପ ରେ ଦେଖିଲା ବେଳେକୁ ପଡିଥିଲା ୪୯ ଟି ଉପସ୍ଥାନ । ଅପର ପକ୍ଷରେ କିଏ ଏବଂ କାହା ପ୍ରେରଣା ରେ ପିଲାଙ୍କ ଅଣ୍ଡାକୁ ହଡପ କରୁଥିଲେ ତାହା ନିଶ୍ଚିନ୍ତ ତଦନ୍ତ ର ଆବଶ୍ୟକ ଥିବାବେଳେ ଏହିଘାଟଣା ରେ ପ୍ରଧାନ ଶିକ୍ଷୟିତ୍ରୀ, ସିଆରସିସିଙ୍କ ସମେତ ବ୍ଲକ ଶିକ୍ଷା କାର୍ଯ୍ୟଳୟ ରେ କାର୍ଯ୍ୟ କରୁଥିବା ଅଧିକାରୀ ଙ୍କୁ ମଧ ତଦନ୍ତ ପରିସର କୁ ଆଣିଲେ ସମସ୍ତ ସତ୍ୟାସତ୍ୟ ଜନ ମାନସ କୁ ଆସିପାରେ ବୋଲି ଏବେ ବୁଦ୍ଧିଜୀବୀ ମହଲ ରେ ଚର୍ଚ୍ଚା ହେଉଛି ।

## କାଠିଆପଡ଼ା ଛାତ୍ରୀ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବିରେ ରାଜ୍ୟପାଳଙ୍କୁ ଦାବିପତ୍ର

**କେନ୍ଦ୍ରାପଡ଼ା, ୮।୮ (ସଂଚାର ବ୍ୟୁରୋ):** ଭାରତୀୟ କମ୍ୟୁନିଷ୍ଟ ପାର୍ଟି କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ କାଠିଆପଡା ଛାତ୍ରୀ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି କରାଯାଇ ରାଜ୍ୟପାଳଙ୍କ ଉଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ



ଜେନାଙ୍କୁ ଶୁକ୍ରବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ରାଜ୍ୟ ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ରାଜ୍ୟର ବାଲେଶ୍ୱର ଜିଲ୍ଲା ଠାରୁ ଆରମ୍ଭ କରି ନୟାଗଡ, ପୁରୀ, କଟକ ଓ କେନ୍ଦ୍ରାପଡା ପର୍ଯ୍ୟନ୍ତ ସବୁଠାରେ ପ୍ରଶାସନର ବିଫଳତା ଯୋଗୁଁ ମହିଳା ନ୍ୟାୟ ନପାଇ ଦେହରେ କିରୋସିନି ଓ ପେଟ୍ରୋଲ ଢାଳି ଆତ୍ମହତ୍ୟା କରିବାକୁ ବାଧ ହେଉଛନ୍ତି । ଏବେ କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧିନ କାଠିଆପଡା ଗ୍ରାମରେ ମଧ ଛାତ୍ରୀ ଜଣଙ୍କ ପୋଲିସ ଠାରୁ ନ୍ୟାୟ ନପାଇ କିରୋସିନ ଢାଳି ହୋଇ ଆତ୍ମହତ୍ୟା କରିଛନ୍ତି । ଖୋଦ ମୁଖ୍ୟମନ୍ତ୍ରୀ ଗୃହ ବିଭାଗ ଦାୟୀତ୍ୱରେ ଥିବା ବେଳେ ମିଛରେ ସରକାର ଯେତେବି କୁମ୍ଭୀର କାନ୍ଦଣା କାନ୍ଦିଲେ କଣ ହେବ ସବୁ ପଦାରେ ପଡି ଦାଣ୍ଡରେ ଗଡୁଛି। ସଂପୃକ୍ତ ମୃତା ଛାତ୍ରୀ ଜଣଙ୍କ ୬ମାସ ପୂର୍ବରୁ ପଟ୍ଟାମୁଣ୍ଡାଇ ଗ୍ରାମାଳ ଥାନାରେ ଜଣାଇଥିଲେ ମଧ ଥାନା ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ଶେଷରେ ଛାତ୍ରୀ ଜଣଙ୍କ ଆତ୍ମହତ୍ୟା କଲେ । ନୈତିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ଓ ଛାତ୍ରୀ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ କରାଯିବାକୁ ରାଜ୍ୟପାଳଙ୍କ ନିକଟରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଦାବି କରିଛି ।

## ଛାତ୍ରୀ ଆତ୍ମହତ୍ୟା ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**କେନ୍ଦ୍ରାପଡ଼ା, ୮।୮ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଛାତ୍ରୀ ଆତ୍ମହତ୍ୟା ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବିକରି ସମାଜବାଦୀ ପାର୍ଟି କେନ୍ଦ୍ରାପଡ଼ା ଜିଲ୍ଲା କମିଟି ପକ୍ଷରୁ ପାର୍ଟିର ଜିଲ୍ଲା ସଭାପତି ଧୀରେନ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ପାର୍ଟିର ରାଜ୍ୟ ପ୍ରବକ୍ତା ପ୍ରଦୀପ ମିଶ୍ର ସରକାରଙ୍କ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ କଡା ସମାଲୋଚନା କରିଛନ୍ତି ସେ କହିଛନ୍ତି ଯେ ରାଜ୍ୟରେ କ୍ରମାଗତ ଭାବରେ ପ୍ରତିଦିନ ଛାତ୍ରୀ ଆତ୍ମହତ୍ୟା, ଛାତ୍ରୀ ପୋଡି ଭଳି ଜଘନ୍ୟ ଘଟଣା ମାନ ଦେଖିବାକୁ ମିଳୁଛି ଯାହା ଏକବିଂଶ ଶତାବ୍ଦୀରେ ଏକ ସଭ୍ୟ ସମାଜରେ କେବେ ଗ୍ରହଣୀୟ ନୁହେଁ । ପଟ୍ଟାମୁଣ୍ଡାଇରେ ଜଣେ କଲେଜ ଛାତ୍ରୀ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିବା ସରକାରଙ୍କ ଅପାରଗତାକୁ ଦର୍ଶାଉଛି। ସଂଗୀତା ଆତ୍ମହତ୍ୟା କରିଛି ନା ତାକୁ ମାରି ଦିଆଯାଇଛି ତାହାର ନିରେପେକ୍ଷ ବିଚାର ବିଭାଗୀୟ ତଦନ୍ତ କରିବାକୁ ପାର୍ଟି ପକ୍ଷରୁ ଦାବି ହୋଇଛି ।



# ମହିଳା ନିର୍ଯାତନାର ପ୍ରତିବାଦ: ଯୁବ ଓ ଛାତ୍ର ବିଜେଡିର ବିକ୍ଷୋଭ



**ରାଜନଗର, ୮।୮ (ସଂଚାର ବ୍ୟୁରୋ):** ଓଡ଼ିଶାରେ କ୍ରମାଗତ ଭାବେ ବଢ଼ି ଚାଲିଥିବା ମହିଳା ଏବଂ ଛାତ୍ରୀ ନିର୍ଯାତନା ପ୍ରତିବାଦରେ ରାଜନଗର ବ୍ଲକ ଯୁବ ଓ ଛାତ୍ର ବିଜୁ ଜନତା ଦଳ ପକ୍ଷରୁ ଆଜି ବିକ୍ଷୋଭ ପ୍ରଦର୍ଶିତ ହୋଇଛି। ସ୍ଥାନୀୟ ତାରିଣୀ ମନ୍ଦିର ଠାରୁ ବିଜୁ ଜନତା ଦଳର ଶତାଧିକ ଯୁବ ଓ ଛାତ୍ର ଓ ଛାତ୍ରଛାତ୍ରୀ ଏକ ଶୋଭାଯାତ୍ରାରେ ଆସି ରାଜନଗର ଥାନା ସମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଡିଜିଙ୍କ ଉଦ୍ଦେଶ୍ୟରେ ରାଜନଗର ଥାନାଧିକାରୀ ନରେଶ କୁମାର ସାହୁଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ଏହି ବିକ୍ଷୋଭ ପ୍ରଦର୍ଶନ ତଥା ସ୍ମାରକ ପତ୍ର ପ୍ରଦାନ ସମୟରେ ରାଜ୍ୟ ଛାତ୍ର ବିଜେଡି ସଂପାଦକ ବୈବ୍ରତ ନାରାୟଣ ବିଶ୍ୱାଳ, ରାଜନଗର ବ୍ଲକ ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ଛାତ୍ର ବିଜେଡି ସଭାପତି ମନୋଜ କୁମାର ମଲ୍ଲିକ, ମହିଳା ବିଜେଡି ସଭାନେତ୍ରୀ ରଶ୍ମୀ ରଞ୍ଜିତା ସ୍ୱାଇଁ , ଛାତ୍ର ନେତା ପରମେଶ୍ୱର ଦାସ, ସୁରଜ ପୁହାଣ, ସୁଶାନ୍ତ ବେହେରା, ପୀତବାସ ବିଶ୍ୱାଳ, ରାହାସ ବିହାରୀ ଜେନା, ଶୁଭେନ୍ଦୁ ଓଝା, ଯୁବ ନେତା ସଞ୍ଜୟ କୁମାର ସ୍ୱାଇଁ, ରବୀନ୍ଦ୍ର କୁମାର ସିଂ, ରଶ୍ମି ରଞ୍ଜନ ସାହାଣୀ , ଛାତ୍ର ପୂର୍ଣ୍ଣିମା ମହାନ୍ତି , ରାଜଲକ୍ଷ୍ମୀ ଲେଙ୍କା, ସସ୍ମିତା ସେଠୀ, ଜ୍ୟୋତି ରଞ୍ଜନ ବାରିକ, କାଜଲ ରାଉଳ, ଶୁଭ ନନ୍ଦନ ସାହୁ, ରୋଜାଲିନ ବାରିକ, ପ୍ରିୟଙ୍କା ବାଗ, ଯାଜ୍ଞସେନୀ ରାଉତ, ଶୁଭଲକ୍ଷ୍ମୀ ଦାସ, ଅର୍ଚିତା ଜେନା, ସତ୍ୟ ପ୍ରଧାନ, ନିତ୍ୟାନନ୍ଦ ସେଠୀ, କଲ୍ୟାଣ କୁମାର ବେହେରା, ଜିତ ଜୟପ୍ରକାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଓଟିଡିସି ହାତକୁ ଗଲା ପଥପ୍ରାନ୍ତ ସୁବିଧା କେନ୍ଦ୍ର, ଚିନ୍ତାରେ କର୍ମଚାରୀ

**ଡେରାବିଶ, ୮।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲାର ଏକମାତ୍ର ପଥପ୍ରାନ୍ତ ସୁବିଧା କେନ୍ଦ୍ର ଡେରାବିଶ ବ୍ଲକ ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର କେଶରପୁର ଠାରେ ୨୦୧୮ରେ ନିର୍ମାଣ କରାଯାଇଥିଲା। ଏହି ସ୍ଥାନଟି ଜିଲାର ପ୍ରବେଶ ପଥ ହୋଇଥିବା ବେଳେ ଏହି ସୁବିଧା କେନ୍ଦ୍ରରେ ପର୍ଯ୍ୟଟକମାନେ ସୁବିଧା ସୁଯୋଗ ପାଇଆସୁଛନ୍ତି । ଏହାର ପରିଚାଳନା ପାଇଁ ପିଏସପିଏଲ ନାମକ ଏକ ଘରୋଇ କମ୍ପାନୀକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ଏହାର ସୁପରିଚାଳନା ପାଇଁ ୧ ଅଗଷ୍ଟ ୨୦୧୮ରେ ୬ ଜଣ କର୍ମଚାରୀ ନିଯୁକ୍ତ ହୋଇ ସମ୍ପୃକ୍ତ ଘରୋଇ କମ୍ପାନୀ ଠାରୁ ପ୍ରାପ୍ୟ ପାଇଁ ଆସୁଥିଲେ । ଉକ୍ତ ଘରୋଇ କମ୍ପାନୀ ୨୦୨୪ ମେ ୩୧ ତାରିଖରେ ଦାୟିତ୍ୱରୁ ଓହରି ଯିବା ପରେ ନିଯୁକ୍ତ କର୍ମଚାରୀଙ୍କୁ ମେ ୩୧ ତାରିଖ




କାର୍ଯ୍ୟର ଶେଷ ଦିବସ ବୋଲି ଜଣାଇ ଦେଇଥିଲା । ପରବର୍ତ୍ତୀ ଅବସ୍ଥାରେ ସୁବିଧା କେନ୍ଦ୍ରର ପରିଚାଳନା ପାଇଁ ମାର୍ଶାଘାଇ ଅଞ୍ଚଳର ଏକ ସ୍ୱୟଂ ସହାୟିକା ଗୋଷ୍ଠୀକୁ ଦାୟିତ୍ୱ ଦିଆଯାଇଥିବା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଥିଲେ ମଧ ସେମାନଙ୍କ ଦେଖା ମିଳିନଥିଲା। ପରେ ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ଉକ୍ତ ୬ କର୍ମଚାରୀ ନିରବଚ୍ଛିନ୍ନ ଭାବେ ୫ ମାସ ଧରି କାର୍ଯ୍ୟ କରିଥିଲେ ମଧ ସେମାନେ ପ୍ରାପ୍ୟ ପାଇପାରି ନ ଥିଲେ। ଅନ୍ୟ ଉପାୟ ନ ପାଇବାରୁ ୩ ଜଣ କର୍ମଚାରୀ କାମ ଛାଡ଼ି ପଳାଇଥିଲେ। ଅବଶିଷ୍ଟ ୩ ଜଣ କର୍ମଚାରୀ ଦୀର୍ଘ ଦିନ କାମ କରିବା ପରେ ବେତନ ପରିବର୍ତ୍ତେ ୫ ହଜାର ଟଙ୍କା ଲେଖାଏଁ ସ୍ୱଚ୍ଛ ହାତ ଦିଆଯାଇ ସେବା ଜାରି ପାଇଁ କୁହାଯାଇଥିଲା । ପ୍ରାୟ ଏକ ବର୍ଷ ହେବ ପୂର୍ତ୍ତ ବିଭାଗ ବର୍ତ୍ତମାନ ପର୍ଯ୍ୟନ୍ତ ସୁବିଧା କେନ୍ଦ୍ରର ରକ୍ଷଣାବେକ୍ଷଣ କରିଆସୁଥିବା ବେଳେ ଅଗଷ୍ଟ ୧ ତାରିଖ ଠାରୁ ଏହାକୁ ଓଟିଡିସି ହାତକୁ ପରିଚାଳନା ଦାୟିତ୍ୱ ଦିଆଯାଇଥିବା ଘୋଷଣାନାମା ପ୍ରକାଶ ପାଇଛି । ପ୍ରାୟ ଏକ ବର୍ଷ ହେବ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଉକ୍ତ ୩ ଜଣ କର୍ମଚାରୀଙ୍କୁ ଯେଉଁ ପ୍ରାପ୍ୟ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ତାହା ମଧ ପୂରଣ କରିପାରି ନାହାନ୍ତି । ୫ ମାସ ହେବ କୌଣସି ଅର୍ଥ ପାଇନଥିବା ଉକ୍ତ ୩ ଜଣ କର୍ମଚାରୀ ସେମାନଙ୍କ ଭବିଷ୍ୟତକୁ ନେଇ ସନ୍ଦିହାନ ହୋଇପଡ଼ିଛନ୍ତି।

# ଓଡ଼ିଶା ବିଧାନସଭାର ନୂତନ ୱେବ୍‌ସାଇଟ୍ ଉନ୍ମୋଚିତ



ଭୁବନେଶ୍ୱର, ୮।୮(ସଂଚାର ବ୍ୟୁରୋ): ଆଜି ଓଡ଼ିଶା ବିଧାନସଭାର ନୂତନ ୱେବ୍‌ସାଇଟ୍ ଉନ୍ମୋଚିତ ହୋଇଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତିରେ ଏହି ୱେବ୍‌ସାଇଟ୍‌କୁ ଉନ୍ମୋଚନ କରି ବାଚସ୍ପତି ସୁରମା ପାଢ଼ୀ କହିଲେ ଯେ, ଏଭଳି ପ୍ରୟାସ ଅଧିକ ସ୍ୱଚ୍ଛ ଓ ପାରଦର୍ଶିତା ଦିଗରେ ଆମ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଓଡ଼ିଶା ସରକାରଙ୍କ ଆଇଟି ଓ ଇଟି ବିଭାଗ ଏବଂ ଭାରତ ସରକାରଙ୍କ ଏନ୍‌ଆଇସିର ବୈଷୟିକ ପରାମର୍ଶରେ ବିକଶିତ ହୋଇଥିବା ଏହି ନୂତନ ୱେବ୍‌ସାଇଟ୍ ବିଧାନସଭା କାର୍ଯ୍ୟଧାରାକୁ ଜନସାଧାରଣଙ୍କ ପାଇଁ ଅଧିକ ସୁଗମ ଏବଂ ସ୍ୱଚ୍ଛ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହା ନାଗରିକମାନଙ୍କୁ ବିଧାନସଭାର କାର୍ଯ୍ୟକଳାପ, ନିଷ୍ପତ୍ତି ଏବଂ ପଦକ୍ଷେପ ବିଷୟରେ ସଠିକ୍ ଏବଂ ସବିଶେଷ ସୂଚନା ପ୍ରଦାନ କରିବ ବୋଲି ଶ୍ରୀମତୀ ପାଢ଼ୀ ପ୍ରକାଶ କରିଥିଲେ ।

ଏହି ଉନ୍ମୋଚନ ସୁଶାସନ ଏବଂ ନାଗରିକ ସମ୍ପୃକ୍ତି ପାଇଁ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରିବା କ୍ଷେତ୍ରରେ ପ୍ରତିବଦ୍ଧତାର ଏକ ନିଦର୍ଶନ । ଏହି ପ୍ଲାଟ୍‌ଫର୍ମ କେବଳ ବିଧାନସଭାର କାର୍ଯ୍ୟକାରିତାକୁ ବୃଦ୍ଧି କରିବ ନାହିଁ ବରଂ ଓଡ଼ିଶାର ଜନସାଧାରଣଙ୍କ ଅଧିକ ଅଂଶଗ୍ରହଣ ଏବଂ ସମ୍ପୃକ୍ତିକୁମଧ୍ୟ ପ୍ରୋତ୍ସାହିତ କରିବ । ଚଳିତ ଅଗଷ୍ଟ ମାସ ୨୯ ଓ ୩୦ ତାରିଖରେ ଦୁଇଦିନ ଧରି ଓଡ଼ିଶାରେ ଜାତୀୟ ସ୍ତରର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷମାନଙ୍କ ସମ୍ମିଳନୀ ଭୁବନେଶ୍ୱରଠାରେ ଆୟୋଜିତ ହେବାକୁ ଯାଉଛି। ଏହି ସମ୍ମିଳନୀରେ ଲୋକସଭାର ବାଚସ୍ପତି ଓ ରାଜ୍ୟସଭାର ଉପାଧ୍ୟକ୍ଷ ଏବଂ ସଂସଦର ଉଭୟ ଗୃହ ଓ ସମସ୍ତ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ କମିଟିମାନଙ୍କର ଅଧ୍ୟକ୍ଷ ଓ ସଦସ୍ୟମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଅତିଥିମାନେ ଏହି ନୂତନ ୱେବ୍‌ସାଇଟ୍‌ରେ ପାର୍ଲାମେଣ୍ଟ ଦ୍ୱାରା ପ୍ରଦତ୍ତ ଲିଙ୍କ୍‌ରେ ରେଜିଷ୍ଟ୍ରେସନ୍ କରିବାର ସୁବିଧା ପାଇବେ ।

ଏହି ଅବସରରେ ଶକ୍ତି, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ ଦେବ,ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ଓକାକ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ ରାଉତ, ସଂସଦୀୟ ବ୍ୟାପାର ବିଭାଗର ଅତିରିକ୍ତ ସଚିବ ଦୁର୍ଗେଶ ନନ୍ଦିନୀ ସାହୁ, ବିଧାନସଭାରେ କାର୍ଯ୍ୟରତ ଏନ୍‌ଆଇସିର ଯୁଗ୍ମ ନିର୍ଦ୍ଦେଶକ ଅଶୋକ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# 'ବିଭାଗର କାର୍ଯ୍ୟ ତୃଣମୂଳ ସ୍ତରରୁ ଉତ୍ତରଦାୟୀ ହେବ'

- ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କାର୍ଯ୍ୟ ନସାରିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ
- ପ୍ରତ୍ୟେକ ମାସରେ ୩୦ ବ୍ଲକ ଓ ୩ ଜିଲ୍ଲାର ସ୍ୱତନ୍ତ୍ର ସମୀକ୍ଷା
- ପ୍ରକଳ୍ପର ସର୍ବୋତ୍କୃଷ୍ଟ ମାନ ସୁନିଶ୍ଚିତ କରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର, ୮।୮(ସଂଚାର ବ୍ୟୁରୋ): ଭୁବନେଶ୍ୱର ଲୋକସେବା ଭବନସ୍ଥିତ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ସମ୍ମିଳନୀ କକ୍ଷଠାରେ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ବିଭିନ୍ନ ଯୋଜନାର କାର୍ଯ୍ୟ ବିଷୟରେ ସବିସ୍ତୃତ ସମୀକ୍ଷା କରିଛନ୍ତି । ଏହି ସମୀକ୍ଷା ବୈଠକରେ ମନ୍ତ୍ରୀ ବିଭାଗୀୟ ସମସ୍ତ ଅଧିକାରୀ, ସମସ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନିର୍ବାହୀ ଯନ୍ତ୍ରୀମାନଙ୍କୁ ଦିଗଦର୍ଶନ ଦେଇ ବିଭାଗର କାର୍ଯ୍ୟକ୍ରମ ଗୁଡ଼ିକୁ ସେଚୁରେସନ୍ ମୋଡ୍‌ରେ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଅନ୍ତ୍ୟୋଦୟ ଗୃହ ଯୋଜନା, ହର୍ ଘର୍ ଜଲ୍, ବିକଶିତ ଗାଁ ବିକଶିତ ଓଡ଼ିଶା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ), ଏମଜିଏନ୍‌ଆର୍ ଇଜିଏସ୍ ଓ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ଆଦି ସମ୍ବନ୍ଧରେ ସବିଶେଷ ସମୀକ୍ଷା କରିଥିଲେ । ଏହି ସମୀକ୍ଷା ବୈଠକରେ ଅଧିକାରୀ ଗଣଙ୍କ ଦ୍ୱାରା ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପିତ କରାଯାଇଥିଲା ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ କାର୍ଯ୍ୟରେ ରୂପାୟନ କରି ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ଉପରୋକ୍ତ ସମସ୍ତ ଯୋଜନାକୁ ପହଞ୍ଚାଇବା ବିଷୟରେ ମନ୍ତ୍ରୀ ଶ୍ରୀ ନାଏକ ଗୁରୁତ୍ୱାରୋପ କରିଥିଲେ। ଯୋଜନା ଗୁଡ଼ିକର ରୂପାୟନରେ ପଛୁଆ ରହୁଥିବା ୩୦ଟି ବ୍ଲକ୍ ଓ ୩ ଟି ଜିଲ୍ଲା ଗୁଡ଼ିକ ଉପରେ ସ୍ୱତନ୍ତ୍ର ଫୋକସ୍ ଦିଆଯାଇ ପ୍ରତିଟି ପ୍ରକଳ୍ପର ଦୈନିକ ମନିଟରିଂ ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ । ଏହା ସହ ବିଭାଗର ପ୍ରତିଟି କାର୍ଯ୍ୟ ପାଇଁ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରାଯାଇ ଅବହେଳା ଓ ନିମ୍ନଧରଣର ପ୍ରଦର୍ଶନ କ୍ଷେତ୍ରରେ ଯଥାବିଧି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସମସ୍ତ ପାନୀୟଜଳ ପ୍ରକଳ୍ପର ସ୍ଥିତି ସମୀକ୍ଷା କରି ମନ୍ତ୍ରୀ ଗ୍ରାମାଞ୍ଚଳରେ ପାନୀୟଜଳ ଯୋଗାଣକୁ ପ୍ରାଧାନ୍ୟତା ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଧାରିତ ସମୟରେ ୨୦୭ ପ୍ରକଳ୍ପର ନିର୍ମାଣ ସମ୍ପୂର୍ଣ୍ଣ ଉପରେ ସେ ବିଶେଷ ଗୁରୁତ୍ୱ ଦେଇଥିଲେ । ୧୮ ଗୋଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ବାକିଥିବା ସମସ୍ତ ପ୍ରକଳ୍ପ ଯେପରି ଯଥା ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ ହେବ ସେ ବିଷୟରେ ଆଲୋଚନା ହୋଇଥିଲା। ପ୍ରକଳ୍ପ ନିର୍ମାଣରେ ବିଳମ୍ବ ହେଲେ ଦୈନିକ ଭିତ୍ତିରେ କାର୍ଯ୍ୟକାରୀ କରୁଥିବା ଏଜେନ୍ସି ଉପରେ ପେନାଲ୍ଟି ଓ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ଦରମାକାଟ ପାଇଁ ମନ୍ତ୍ରୀ ଶ୍ରୀ ନାଏକ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ ।

ଏହି ସମୀକ୍ଷା ବୈଠକରେ ବିଭାଗୀୟ ଆୟୁକ୍ତ ତଥା ଶାସନ ସଚିବ ଗିରୀଶ ଏସ୍‌ଏନ୍ ବିଭାଗର ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ମାନ୍ୟବର ମନ୍ତ୍ରୀଙ୍କୁ ସୂଚିତ କରିଥିଲେ। ଏହି ଅବସରରେପାନୀୟ ଜଳ ନିର୍ଦ୍ଦେଶକ ଭିନିତ ଭରଦ୍ୱାଜ, ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅନ୍ୟ ବରିଷ୍ଠ ଅଧିକାରୀଗଣ ମନ୍ତ୍ରୀଙ୍କୁ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ବନ୍ଧରେ ସୂଚିତ କରିଥଲେ । ଆଭାଷୀ ମାଧ୍ୟମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଯୋଗ ଦେଇ ନିଜ ନିଜ ଅଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ମନ୍ତ୍ରୀଙ୍କଠାରୁ ଦିଗଦର୍ଶନ ପ୍ରାପ୍ତ ହୋଇଥିଲେ ।

## ଆମ୍ବୁଲାନ୍ସ ନ ମିଳିବାରୁ ଚାଲିଗଲା ଜୀବନ

ବାରିପଦା,୮।୮(ସଂଚାର ବ୍ୟୁରୋ): ଏକାଧିକ ଦାବି ନେଇ ୧୦୮ ଆମ୍ବୁଲାନ୍ସ କର୍ମଚାରୀମାନେ ମୟୂରଭଞ୍ଜରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ରୋଗୀ ପରିବହନ କ୍ଷେତ୍ରରେ ଲୋକେ ନାହିଁ ନଥିବା ହଇରାଣ ହରକତ ହୋଇଛନ୍ତି। ଠିକ୍ ସମୟରେ ଆମ୍ବୁଲାନ୍ସ ସେବା ମିଳିନପାରିବାରୁ ଜଣେ ରୋଗୀଙ୍କର ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ହେଲେ କାନ୍ଦ୍ରା ସିଂ। କାନ୍ଦ୍ରା ସିଂଙ୍କୁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ଗୁରୁତର ଥିବାରୁ ତାଙ୍କୁ ଡାକ୍ତର କଟକ ସ୍ଥାନାନ୍ତରିତ କରିଥିଲେ। କିନ୍ତୁ ଆନ୍ଦୋଳନ ଯୋଗୁଁ ପରିବାର ଲୋକଙ୍କୁ ଆମ୍ବୁଲାନ୍ସ ସେବା ମିଳିପାରି ନଥିଲା। ପରିବାର ଲୋକେ ବାଲେଶ୍ୱରରୁ ଆମ୍ବୁଲାନ୍ସ ଡାକିଥିଲେ। ଏହା ପହଞ୍ଚିଲା ବେଳକୁ କାନ୍ଦ୍ରାଙ୍କ ମୃତ୍ୟୁ ଘଟି ସାରିଥିଲା। ଏହି ଅଭାବନୀୟ ଘଟଣା ନେଇ ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗ ସୃଷ୍ଟି କରିଛି।

## ୧୮ରେ ବରଗଡ଼ରେ ହେବ ଚାଷୀ ସମାବେଶ

ଭୁବନେଶ୍ୱର,୮।୮(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ବିରୋଧରେ ବଢ଼ୁଛି ଚାଷୀଙ୍କ ଅସନ୍ତୋଷ। ପଞ୍ଜିକରଣ, କଟଣି ଛଟଣି, ସାରର ଅଭାବ ଇତ୍ୟାଦି। ଏହାକୁ ନେଇ ବିଜେଡି ବରଗଡ଼ରେ ଆନ୍ଦୋଳନ କରିବାକୁ ଯାଉଛି। ଆଜି ଶଙ୍ଖ ଭବନରେ ଚାଷୀଙ୍କ ସମସ୍ୟାକୁ ନେଇ ବିଜେଡି କୃଷକ ସାମୁଖ୍ୟର ବୈଠକ ବସିଥିଲା । ଆଗାମୀ ୧୮ରେ ବରଗଡରେ ବିରାଟ ଚାଷୀ ସମାବେଶ କରି ପଶ୍ଚିମ ଓଡିଶାରେ ନିଜର ଦବଦବା ଜାହିର କରିବାକୁ ଲକ୍ଷ୍ୟ ରଖିଛି ବିଜୁ ଜନତା ଦଳ ।

ପଶ୍ଚିମ ଓଡିଶାରେ ବଡ଼ ପାୱାର ସୋ କରିବ ବିଜେଡି। ସାଧାରଣ ନିର୍ବାଚନ ପରେ ପଶ୍ଚିମ ଓଡ଼ିଶାର ବରଗଡରେ ବଡ ଚାଷୀ ସମାବେଶ କରିବାକୁ ଯାଉଛି ବିଜୁ ଜନତା ଦଳ। ଚାଷୀ ପଞ୍ଜିକରଣରେ ସମସ୍ୟା, ଧାନର କଟଣି ଛଟଣି, ସାରର ଅଭାବ ବିକ୍ରି ଭଳି ପ୍ରସଙ୍ଗକୁ ଧରି ଆସନ୍ତା ୧୮ରେ ବରଗଡ଼ରେ ଚାଷୀ ସମାବେଶ କରିବ। ଚାଷୀ ମାରଣ ନୀତି ବିରୋଧରେ ଜୋରଦାର ଢଙ୍ଗରେ ପ୍ରତିବାଦ କରିବ ବିଜେଡି।

ତା ପୂର୍ବରୁ ଆଜି ଶଙ୍ଖ ଭବନରେ ବିଜେଡି କୃଷକ ସାମୁଖ୍ୟର ବୈଠକରେ ଏଭଳି ନିଷ୍ପତି ନିଆଯାଇଛି। ବୈଠକରେ ବିଜେଡିର ବରିଷ୍ଠ ନେତା, ଜିଲ୍ଲା ସଭାପତି ଓ ବିଧାୟକ ଉପସ୍ଥିତ ଥିଲେ। ବିଜେଡି ସରକାରରେ ଚାଷୀ ପଞ୍ଜୀକରଣ ସରଳ ଥିଲା। ଏବେ ଜଟିଳ ହୋଇଯାଇଛି। ଚାଷୀ ନାକେଦମ ହେଉଛନ୍ତି । ସରକାର ଇନପୁଟ୍ ସବସିଡି ଦେଲେ କିନ୍ତୁ ମନଇଚ୍ଛା କଟନିଛଟନି କଲେ। ଗତ ବର୍ଷକ ମଧ୍ୟରେ ରାଜ୍ୟରେ କୃଷିର ଅବନତି ହୋଇଛି। କୃଷି କ୍ଷେତ୍ରରେ ବିକାଶ ହାର ୩.୮%କୁ ଖସି ଆସିଛି। କୃଷି କ୍ଷେତ୍ରରେ କେନ୍ଦ୍ର ଅନୁଦାନ ମଧ୍ୟ କମିଛି। ଏହାର ପ୍ରତିବାଦରେ ବିଜେଡି ପ୍ରଥମ ପର୍ଯ୍ୟାୟରେ ବରଗଡ଼ରେ ବିରାଟ ଚାଷୀ ସମାବେଶ କରିବ। ଆଗକୁ ଅନ୍ୟ ଜିଲ୍ଲାରେ ଚାଷୀଙ୍କ ସମସ୍ୟା ନେଇ ଆନ୍ଦୋଳନ କରିବ ବୋଲ ବିଜେଡି କହିଛି।

**ଚର୍ଚ୍ଚାରେ ସୋନାଲି-ଶ୍ରୀକ୍ଷେତ୍ର ବିବାଦ**

## ବାପା ନ ମିଳିଲେ ଇଚ୍ଛାମୃତ୍ୟୁ ଆବେଦନ କରିବ ପୁଅ



ଭୁବନେଶ୍ୱର,୮।୮(ସଂଚାର ବ୍ୟୁରୋ) : ପୁଣି ଚର୍ଚ୍ଚାରେ ଯାତ୍ରା ଅଭିନେତ୍ରୀ ସୋନାଲି ପଣ୍ଡା ଓରଫ କାଗଜି ପଲାଇ। ସ୍ୱାମୀ ଶ୍ରୀକ୍ଷେତ୍ର ପ୍ରସାଦ ସାମନ୍ତ ସିଂହାରଙ୍କ ସହ ବିବାଦ ମାମଲାରେ ହାଜର ହେଲା ପୁଅ। ଶିଶୁ ମଙ୍ଗଳ କମିଟି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ବେଞ୍ଚରେ ଉପସ୍ଥିତ ହେଲା ନାବାଳକ ପୁଅ । ବାପା ପାଇଁ ଅନୁରୋଧ କରିଛି ପୁଅ । ମାଆର ନିଷ୍ପତ୍ତି ବିରୋଧରେ ପୁଅ କୃଷ୍ଣ ପ୍ରସାଦ ଥାନା ଅଧିକାରୀଙ୍କୁ ଚିଠି ଲେଖିଛି। ବାପା ଦରକାର ନହେଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ,ହାଇକୋର୍ଟ ବିଚାରପତିଙ୍କ ନିକଟରେ ଇଚ୍ଛା ମୃତ୍ୟୁ ଆବେଦନ କରିବାକୁ ଉଲ୍ଲେଖ କରିଛି ନାବାଳକ ପୁଅ । ସେପଟେ ପୁଅର ଭବିଷ୍ୟତ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଶିଶୁ ଯତ୍ନ ଗୃହରେ ତାକୁ ରଖାଯାଇଥିବା ବେଳେ ଶିଶୁମଙ୍ଗଳ କମିଟି ନିକଟରେ ଉପସ୍ଥିତ କରାଯାଇଛି ।ସୋନାଲିଙ୍କ ଅଭିଯୋଗ ଆଧାରରେ ଯାଜପୁର ବାଲିଚନ୍ଦ୍ରପୁର ଥାନାରେ ଜିରୋ ଏଫ୍ ଆଇ ଆର୍ ରୁଜୁ ହୋଇଥିଲା । ୩ ଅଗଷ୍ଟ୨୦୨୫ରେ ମାମଲା ରୁଜୁ ହୋଇଥିଲା । ସୋନାଲିଙ୍କ ପୈତୃକ ଗାଆଁ କୃଷ୍ଣ ପ୍ରସାଦ ହୋଇଥିବାରୁ ମାମଲା ଟି କୁ ପୁରୀ ପୋଲିସ କୁ ହସ୍ତାନ୍ତର କରାଯାଇଛି । ଆଉ ଏଥିରେ ସୋନାଲି ଶ୍ରୀକ୍ଷେତ୍ର ସାମନ୍ତ ସିଂହାର ନାଁରେ ଅପହରଣ , ଜୋର ଜବରଦସ୍ତ ବିବାହ ଭଳି ଅଭିଯୋଗ ଆଣିଛନ୍ତି ।ସେହି ଆଧାରରେ ଗତକାଲି ପୁରୀ ପୋଲିସ୍ ୧୬୧ ଏବଂ ୧୬୪ରେ ସୋନାଲି ଙ୍କ ବୟାନ ରେକର୍ଡ କରିଛି । ଖୁବ୍ ଶୀଘ୍ର ଶ୍ରୀକ୍ଷେତ୍ର ସାମନ୍ତସିଂହାର କୁ ଆଣି ଜେରା କରାଯିବ । କେବେ ବିବାହ ହୋଇଥିଲା,ସୋନାଲି କେଉଁ ସ୍କୁଲରେ ପାଠ ପଢ଼ୁଥିଲେ, ଜନ୍ମ ପ୍ରମାଣ ପତ୍ର, ପୁଅର ସ୍କୁଲ , ପ୍ରାମାଣିକ ତଥ୍ୟ, ଏ ସବୁ ବିଷୟରେ ଜେରା କରିବ ପୋଲିସ । ସେପଟେ ବାପା ମାଆ ଙ୍କ କଳହ ଯୋଗୁଁ ପିଲାର ଭବିଷ୍ୟତ ବାଧାପ୍ରାପ୍ତ ହେବାର ଆଶଙ୍କା କରୁଛି ପୋଲିସ୍ । ତେଣୁ ଗତକାଲି ରାତିରୁ ପିଲାଟିକୁ କୃଷ୍ଣ ପ୍ରସାଦ ଥାନା ଆଣି ଶିଶୁ ଯତ୍ନ ଅନୁଷ୍ଠାନରେ ରଖିବା ସହ ଆଜି ଶିଶୁ ମଙ୍ଗଳ କମିଟିରେ ଉପସ୍ଥିତ କରିଛନ୍ତି ।

## ଓଡ଼ିଶାରେ ଖ୍ରୀଷ୍ଟୀୟ ଧର୍ମଗୁରୁ ଓ ନନ୍‌ମାନଙ୍କ ଉପରେ ଆକ୍ରମଣକୁ ନିନ୍ଦା

ଭୁବନେଶ୍ୱର,୮।୮(ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ନିକଟବର୍ତ୍ତୀ ବସ୍ତା ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ଗ୍ରାମ ପଞ୍ଚାୟତ ଅଞ୍ଚଳରେ, ସିଙ୍ଗଲା ଥାନା ଅଧୀନରେ, ଅଗଷ୍ଟ ୬, ୨୦୨୫ ରାତ୍ର ପ୍ରାୟ ୯ ଟା ସମୟରେ ଘଟିଥିବା ଏକ ଅମାନବୀୟ ଘଟଣାକୁ ସିପିଆଇ(ଏମ) ଓଡ଼ିଶା ରାଜ୍ୟ କମିଟି ତୀବ୍ର ନିନ୍ଦା କରୁଛି। ଗଙ୍ଗାଧର ମିଶନ ଷ୍ଟେସନରେ ଏକ ଅନ୍ତିମ ସଂସ୍କାର (ରିକ୍ୟୁଏମ ମାସ)ରୁ ଫେରୁଥିବା ଦୁଇ କ୍ୟାଥଲିକ ଧର୍ମଗୁରୁ, ଦୁଇ ଜଣ ନନ୍ ଏବଂ ଜଣେ କ୍ୟାଟେକିଷ୍ଟଙ୍କ ଉପରେ ପ୍ରାୟ ୭୦ ହିନ୍ଦୁତ୍ୱବାହିନୀ ଙ୍କ ଦ୍ୱାରା ଆକ୍ରମଣ କରାଯାଇଛି। ଏହି ଧର୍ମାନ୍ଧ ଗୋଷ୍ଠୀ ସେମାନଙ୍କ ରାସ୍ତାକୁ ଅବରୋଧ କରି, କ୍ୟାଟେକିଷ୍ଟଙ୍କ ମୋଟର ସାଇକେଲକୁ ଭାଙ୍ଗି ଦେଇଥିଲେ, ଶାରୀରିକ ଆକ୍ରମଣ କରିଥିଲେ, ସେମାନଙ୍କ ମୋବାଇଲ ଫୋନ ଛଡ଼ାଇ ନେଇଥିଲେ ଏବଂ ସେମାନଙ୍କ ପୋଷାକ ଫାଡି ଦେଇଥିଲେ। ଏହା ସହିତ ଆକ୍ରମଣକାରୀମାନେ ଧର୍ମାନ୍ତରଣର ମିଥ୍ୟା ଅଭିଯୋଗ ଆଣି ଅପମାନଜନକ ଭାଷାରେ ଗାଳିଗୁଲଜ କରିଥିଲେ। ଏହି ନୃଶଂସ ଘଟଣା ପ୍ରାୟ ୪୫ ମିନିଟ ଧରି ଚାଲିଥିଲା ଏବଂ ପୁଲିସ ହସ୍ତକ୍ଷେପ କରି ପୀଡ଼ିତମାନଙ୍କୁ ଉଦ୍ଧାର କରିଥିଲା, କିନ୍ତୁ କିଛି ମୂଲ୍ୟବାନ ସାମଗ୍ରୀ, ଯେପରି ମୋବାଇଲ ଫୋନ, ଫେରସ୍ତ କରାଯାଇ ନାହିଁ। ସିପିଆଇ(ଏମ) ଓଡ଼ିଶା ରାଜ୍ୟ କମିଟି ଏହି ଘଟଣାକୁ ଏକ ସୁସଂଗଠିତ ଓ ପୂର୍ବପରିକଳ୍ପିତ ଆକ୍ରମଣ ବୋଲି ବିବେଚନା କରୁଛି, ଯାହା ଧାର୍ମିକ ସମ୍ପ୍ରୀତି ଓ ସାମାଜିକ ଶାନ୍ତିକୁ ବିପନ୍ନ କରୁଛି। ଏହା ସମାଜରେ ବିଭେଦ ଓ ହିଂସା ସୃଷ୍ଟି କରିବାକୁ ଏକ ଚକ୍ରାନ୍ତମୂଳକ ପ୍ରୟାସ। ଆମେ ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କ ବିରୁଦ୍ଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସରକାର ଓ ପୁଲିସ ପ୍ରଶାସନ ନିକଟରେ ଦାବି କରୁଛୁ ବୋଲି ସିପିଆଇ(ଏମ୍)ଦାବି କରିଛି।

## ଡିଏଭି ପୋଖରୀପୁଟରେ ଛାତ୍ର ପ୍ରତିନିଧିଙ୍କ ଶପଥ ପାଠୋତ୍ସବ

ଭୁବନେଶ୍ୱର,୮।୮(ସଂଚାର ବ୍ୟୁରୋ): ଡିଏଭି ପୋଖରୀପୁଟରେ ଛାତ୍ର ପ୍ରତିନିଧିଙ୍କ ଶପଥ ଗ୍ରହଣ ଉତ୍ସବ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ୧(ଓଡ଼ିଶା) ଏୟାର ସ୍କ୍ୱାଡନ୍, ଏନ୍.ସି.ସି. ଭୁବନେଶ୍ୱର କମାଣ୍ଡିଙ୍ଗ୍ ଅଫିସର ଗ୍ରୁପ୍ କ୍ୟାପଟେନ୍ ପୁନୀତ୍ ଚିଲ୍ଲର୍ ଯୋଗଦେଇ ସେବା, ତ୍ୟାଗ ଓ ସମର୍ପଣ ଭାବନା ହିଁ ଜଣେ ଛାତ୍ର ପ୍ରତିନିଧିର ବାସ୍ତବ ପ୍ରତିଫଳନ ବୋଲି କହିଥିଲେ। ବିଦ୍ୟାଳୟର ଅଧକ୍ଷ ବିପିନ କୁମାର ସାହୁ ଛାତ୍ର ପ୍ରତିନିଧିମାନଙ୍କୁ ପଦ ଓ ଦାୟିତ୍ୱବୋଧର ଶପଥପାଠ କରାଇଥିଲେ। ଏକାଦଶ ଶ୍ରେଣୀର କ୍ରିସାଙ୍ଗ ପଲେଇ ଲିଡର ଓ ଆଫ୍‌ଶୀନ୍ ନାଜ୍ ଆସିଷ୍ଟାଣ୍ଟ ସ୍କୁଲ ଲିଡର ରୂପେ ମନୋନୀତ ହୋଇଥିବା ବେଳେ ଭକ୍ତି, ସ୍ତୁତି, ଶ୍ଳୋକ ଏବଂ ମନ୍ତ୍ର ୪ଟି ସଦନର ୧୨ ଜଣ ଛାତ୍ର ପ୍ରତିନିଧି ତଥା ୭ଟି କ୍ଲବ୍‌ର ୭ ଜଣ ସମ୍ପାଦକ ଦାୟିତ୍ୱ ଗ୍ରହଣ



କରିଥିଲେ। ବିଦ୍ୟାଳୟସ୍ତରୀୟ ନାନାବିଧ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଶ୍ଳୋକ ସଦନ ଚମ୍ପିଆନ୍ ଆଖ୍ୟା ଅର୍ଜନ କରିଥିବା ବେଳେ ମନ୍ତ୍ର ସଦନ ରନର୍ସଅପ୍ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା। ସେହିପରି ଇନୋଭେସନ୍ କ୍ଲବ୍ ଚମ୍ପିଆନ୍ ହୋଇଥିବା ବେଳେ ରିଡର୍ସ କ୍ଲବ୍ ରନର୍ସଅପ୍ ନିମନ୍ତେ ଯୋଗ୍ୟ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ପରିଶେଷରେ ବିଦ୍ୟାଳୟ କ୍ୟାବିନେଟ୍‌ର ସଂଯୋଜିକା ଶିକ୍ଷୟିତ୍ରୀ ରାଜଶ୍ରୀ ତରଙ୍ଗିଣୀ କାର୍ଯ୍ୟକ୍ରମର ସାଫଲ୍ୟ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ପ୍ରାଥମିକ ଶିକ୍ଷାରୁ ଚୁକ୍ତିଭିତ୍ତିକ ପ୍ରଥା ଉଚ୍ଛେଦ କରା ନଗଲେ ଆନ୍ଦୋଳନ

ଭୁବନେଶ୍ୱର,୮।୮(ସଂଚାର ବ୍ୟୁରୋ): ଗଣଶିକ୍ଷା ବିଭାଗରେ ନିଯୁକ୍ତ ଥିବା କନିଷ୍ଠ ଶିକ୍ଷକ (ସ୍କିମାଟିକ /ଯୋଜନା ଭିତ୍ତିକ )ମାନଙ୍କୁ ନିୟମିତ ସହିତ ୨୦୦୧ ପରଠାରୁ ପ୍ରାଥମିକ ଶିକ୍ଷାରେ ନିଯୁକ୍ତ ଶିକ୍ଷକ ମାନଙ୍କ କ୍ଷେତ୍ରରେ ଚୁକ୍ତିଭିତ୍ତିକ ସମୟକୁ ନିୟମିତ ନିଯୁକ୍ତି କ୍ଷେତ୍ରରେ ଗଣନା କରିବାକୁ ଏକ କମିଟି ମାଧ୍ୟମରେ ନିଷ୍ପତି ନିଆଯାଇଥିଲା। ଉକ୍ତ ନିଷ୍ପତି ଫଳରେ ରାଜ୍ୟର ସମସ୍ତ ପ୍ରାଥମିକ ଶିକ୍ଷକ ଏବଂ କର୍ମଚାରୀ ମାନଙ୍କ ମଧ୍ୟରେ ପ୍ରାଥମିକ ଶିକ୍ଷାରୁ ଚୁକ୍ତିଭିତ୍ତିକ ପ୍ରଥା ଉଚ୍ଛେଦ ନେଇ ଖୁସିର ମାହୋଲ ଖେଳିଯାଇଥିଲା ବେଳେ ହଠାତ ରାଜ୍ୟ ସରକାର ଉକ୍ତ ନିଷ୍ପତିକୁ ପ୍ରତ୍ୟାହାର କରି ନେଇଥିବାରୁ ରାଜ୍ୟ ସରକାରଙ୍କର ଦୋମୁହାଁ ନୀତି ପ୍ରତିଫଳନ ହୋଇଛି। ନିୟମିତ ପ୍ରାଥମିକ ଶିକ୍ଷକ ନିଯୁକ୍ତି ନିଷ୍ପତି ନେବା ପରେ ଓହରି ଯିବା ଦୋମୁହାଁ ନୀତିକୁ ସମସ୍ତ ଶିକ୍ଷକ ଏବଂ କର୍ମଚାରୀ ସଙ୍ଘ ଦୃଢ଼ ବିରୋଧ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। କେନ୍ଦ୍ର ସରକାରଙ୍କର ଜାତୀୟ ଶିକ୍ଷା ନୀତିକୁ ରାଜ୍ୟ ସରକାର ଲାଗୁକରୁଥିବା ବେଳେ ପ୍ରାଥମିକ ଶିକ୍ଷା ନିଯୁକ୍ତିରେ ପୁନର୍ବାର ଚୁକ୍ତିଭିତ୍ତିକ ନିଯୁକ୍ତିକୁ ଓଡ଼ିଶାର ମିଳିତ ସରକାରୀ କର୍ମଚାରୀ ମହାସଂଘ ଦୃଢ଼ ବିରୋଧ

## ଡିଆର୍‌ଆଇ ପ୍ଲାଣ୍ଟରେ ସୁରକ୍ଷା ସମ୍ପର୍କିତ ତାଲିମ୍




ଭୁବନେଶ୍ୱର,୮।୮(ସଂଚାର ବ୍ୟୁରୋ): ରାଜ୍ୟରେ କାରଖାନା ମାନଙ୍କରେ ଉଭୟ ସୁରକ୍ଷିତ କାର୍ଯ୍ୟସ୍ଥଳୀ ଏବଂ ଶ୍ରମିକ ସୁରକ୍ଷା କୁ ସରକାର ପ୍ରାଥମିକତା ଦେଉଥିବାରୁ ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗର ମଞ୍ଜୁରୀ କ୍ରମେ କାରଖାନା ଏବଂ ବାଷ୍ପୀତ୍ର ନିର୍ଦ୍ଦେଶାଳୟ ପକ୍ଷରୁ ପକ୍ଷରୁ ଭିନ୍ନ ଭିନ୍ନ ସୁରକ୍ଷା ସମ୍ପର୍କିତ ପ୍ରସଙ୍ଗ ଉପରେ ତାଲିମ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଆସୁଅଛି। ସେହି କ୍ରମରେ ରାଜ୍ୟରେ ସ୍ପଞ୍ଜ ଆଇରନ୍ କାରଖାନାମାନଙ୍କରେ 'ଡିଆରଆଇ ପ୍ଲାଣ୍ଟ' ଗୁଡିକରେ ସୁରକ୍ଷିତ ଚଳନ ଏବଂ ରକ୍ଷଣାବେକ୍ଷଣକୁ ଦୃଷ୍ଟିରେ ରଖାଯାଇ ରାଜ୍ୟ ଶ୍ରମ ପ୍ରତିଷ୍ଠାନ ଆନୁକୂଲ୍ୟରେ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ "ଡିଆରଆଇ ପ୍ଲାଣ୍ଟ ଗୁଡ଼ିକରେ ନିରାପଦ ଚଳନ ଏବଂ ରକ୍ଷଣାବେକ୍ଷଣ"ଶୀର୍ଷକ ବିଷୟ ଉପରେ ଏକ ରାଜ୍ୟସ୍ତରୀୟ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।

ପୂର୍ବାହ୍ନରେ ରାଜ୍ୟ ଶ୍ରମ ଆୟୁକ୍ତ ତଥା କାରଖାନା ଏବଂ ବାଷ୍ପୀତ୍ର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ମୁଖ୍ୟ ଅତିଥି ଭାବେ କର୍ମଶାଳାକୁ ଉଦଘାଟନ କରି ସ୍ପଞ୍ଜ ଆଇରନ୍ କାରଖାନାମାନଙ୍କରେ ସୁରକ୍ଷାକୁ ଅଗ୍ରାଧିକାର ଦିଆଯିବ ବୋଲି ପ୍ରକାଶ କରିବା ସହିତ ଚାଳନ ଦାଇତ୍ୱରେ ଥିବା ଅଧିକାରୀଙ୍କର ଏଥିନିମନ୍ତେ ଗୁରୁ ଦାୟିତ୍ୱ ରହିଛି ବୋଲି ପ୍ରକାଶ କରିଥିଲେ।

ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗର ଅତିରିକ୍ତ ଶାସନ ସଚିବ ତଥା ରାଜ୍ୟ ଶ୍ରମ ପ୍ରତିଷ୍ଠାନର ନିର୍ଦ୍ଦେଶକ ନିତି ରଂଜନ ସେନ ଉଦଘାଟନୀ ସଭାରେ ପୌରୋହିତ୍ୟ କରି ସୁରକ୍ଷା ଏବଂ ଶୂନ୍ୟ ଦୁର୍ଘଟଣା ନୀତି ଉପରେ ରାଜ୍ୟ ସରକାରଙ୍କର ଆଭିମୁଖ୍ୟ ସ୍ପଷ୍ଟ କରିବା ସହିତ ପ୍ରତିଷ୍ଠାନ ତାଲିମରେ ଗୁଣବତ୍ତା ବଜାୟ ରଖିବାକୁ ବଦ୍ଧପରିକର ବୋଲି ପ୍ରକାଶ କରିଥିଲେ।

ସମ୍ମାନିତ ଅତିଥି ଭାବେ କାରଖାନା ଏବଂ ବାଷ୍ପୀତ୍ର ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ଡଃ ମଳୟ କୁମାର ପ୍ରଧାନ ଉଦବୋଧନ ଦେଇଥିଲେ। ଅନ୍ୟତମ ଅତିଥି ସମ୍ବଲପୁର ମଣ୍ଡଳ ଉପନିର୍ଦ୍ଦେଶକ ସ୍ୱରୂପ ଜେନା ତାଲିମ କର୍ମଶାଳାରେ ଯୋଗ ଦେଇ ଉଦବୋଧନ ଦେବା ସହିତ ତାଲିମ କର୍ମଶାଳା କୁ ସଞ୍ଚାଳନ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ।

ପ୍ରତିଷ୍ଠାନ ପକ୍ଷରୁ ତାଲିମ ପ୍ରାପ୍ତ କରିଥିବା ୪୨ଜଣ ଭିନ୍ନ ଭିନ୍ନ ବର୍ଗର କାରଖାନା ଅଧିକାରୀଙ୍କୁ ଉଦଯାପନୀ ସନ୍ଧ୍ୟାରେ ପ୍ରମାଣପତ୍ର ବିତରଣ କରାଯାଇଥିଲା।

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଗଞ୍ଜାମ ଗସ୍ତ ଆଜି

- 'ତିରଙ୍ଗା ଯାତ୍ରା'ରେ ଯୋଗଦେବେ ଧର୍ମେନ୍ଦ୍ର
- ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବେ
- ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ



ବ୍ରହ୍ମପୁର,୮।୮(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଶୁକ୍ରବାର ଗୋପାଳପୁର ଠାରେ ପହଞ୍ଚି ରାତ୍ରି ଯାପନ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଆଜି ସକାଳ ୮ ଘଣ୍ଟା ସମୟରେ ବ୍ରହ୍ମପୁରର ଆରାଧ୍ୟା ଦେବୀ ମାଁ ବୁଢ଼ୀ ଠାକୁରାଣୀଙ୍କୁ ଦର୍ଶନ କରି ସେ ଆଶୀର୍ବାଦ ନେବେ। ଏହାସହ ମନ୍ଦିରରେ ଚାଲିଥିବା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବେ। ପରେ ପୂର୍ବାହ୍ନ ୯ ଘଣ୍ଟା ସମୟରେ କ୍ରାନ୍ତି ଦିବସ ଅବସରରେ ରାମଲିଙ୍ଗେଶ୍ୱର ପାର୍କ ପରିସରସ୍ଥ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟା ଅର୍ପଣ କରି "ତିରଙ୍ଗା ଯାତ୍ରା"ରେ ସାମିଲ ହେବେ । ଏହି "ତିରଙ୍ଗା ଯାତ୍ରାରେ" ଜିଲ୍ଲାର ସାଂସଦ,ବହୁ ବିଧାୟକଙ୍କ ସମେତ ଦଳୀୟ ନେତୃବୃନ୍ଦ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହି "ତିରଙ୍ଗା ଯାତ୍ରା" ରାମଲିଙ୍ଗେଶ୍ୱର ପାର୍କ ଠାରୁ ଆରମ୍ଭ ହୋଇ ପିଭିଏନ୍ ରାଓ ପେଟ୍ରୋଲ ପମ୍ପ୍ ଛକ ପର୍ଯ୍ୟନ୍ତ ଯିବ । ସେଠାରେ ଥିବା ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମାଲ୍ୟାର୍ପଣ କରିବା ପରେ ଏହି ଯାତ୍ରା ସମାପନ ହେବ । ୧୦ ଟାରେ ରାଲି ଶେଷ ହେବା ପରେ କେନ୍ଦ୍ର ମନ୍ତ୍ରୀ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଭିମୁଖେ ପ୍ରସ୍ଥାନ କରିବେ। ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଗସ୍ତ କରି ୨୬ ତମ ସାମବର୍ତ୍ତନ ଉତ୍ସବରେ ଯୋଗ ଦେବେ।

# ଶିକ୍ଷାନୁଷ୍ଠାନର ନିରାପତ୍ତା ଲାଗି ଫାଣ୍ଡି ପ୍ରତିଷ୍ଠା ଦାବି

ଭୁବନେଶ୍ୱର,୮।୮: ପୂର୍ବରୁ ଶିକ୍ଷାନୁଷ୍ଠାନ ପରିସରକୁ ପୁଲିସ ପ୍ରବେଶ ବିରୋଧରେ ଛାତ୍ର ସଂଗଠନମାନେ ସମ୍ମିଳିତ ସ୍ୱର ଉଠାଉଥିବାବେଳେ ଏବେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନିରାପତ୍ତା ଦୃଷ୍ଟିରୁ ଶିକ୍ଷାନୁଷ୍ଠାନ ପରିସରରେ ଫାଣ୍ଡି ପ୍ରତିଷ୍ଠା ଏବଂ ୨୪ ଘଣ୍ଟିଆ ପୁଲିସ ମୁତୟନ ପାଇଁ ଦାବି କରୁଛନ୍ତି ।

ରାଜ୍ୟର ଏକମାତ୍ର ମହିଳା ବିଶ୍ୱବିଦ୍ୟାଳୟ ରାଜଧାନୀର କେନ୍ଦ୍ରସ୍ଥଳରେ ରହିଛି । ଏହି ବିଶ୍ୱବିଦ୍ୟାଳୟର ଅନତି ଦୂରରେ ଡିସିପିଙ୍କ କାର୍ଯ୍ୟାଳୟ ଓ ଶହୀଦନଗର ଥାନା ଅବସ୍ଥିତ । ଏହା ସତ୍ତ୍ୱେ ବିଶ୍ୱବିଦ୍ୟାଳୟର ଛାତ୍ରୀମାନେ ନିଜକୁ ଏତେ ଅସୁରକ୍ଷିତ ମନେ କରୁଛନ୍ତି ଯେ ସେମାନେ ପୁଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଭେଟି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିସରରେ ପୁଲିସ ଫାଣ୍ଡି ପ୍ରତିଷ୍ଠା ପାଇଁ ନିବେଦନ କରିଛନ୍ତି ।

ଛାତ୍ରୀମାନଙ୍କ ଅଭିଯୋଗ ହେଉଛି ଯେ କିଛି ଅସାମାଜିକ ବ୍ୟକ୍ତି ବିଶ୍ୱବିଦ୍ୟାଳୟ ନିକଟରେ ପଇଁତରା ମାରିବା ସହିତ ବେଳେବେଳେ ଛାତ୍ରୀମାନଙ୍କ ପ୍ରତି ଟିପ୍ପଣୀ ଦେଉଛନ୍ତି । ଏହା ସେମାନଙ୍କୁ ମାନସିକ ଆଘାତ ଦେଉଛି । ଏହି ଅସାମାଜିକ ତତ୍ତ୍ୱମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ବିଶ୍ୱବିଦ୍ୟାଳୟ ପରିସରରେ ଏକ ପୁଲିସ ଫାଣ୍ଡି ପ୍ରତିଷ୍ଠା କରିବା ପାଇଁ ସେମାନଙ୍କ ପ୍ରସ୍ତାବରୁ ରାଜ୍ୟର ଅନ୍ୟ ଅଞ୍ଚଳରେ ଥିବା ମହିଳା କଲେଜ୍ ଏବଂ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ସୁରକ୍ଷା ପ୍ରତି ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ।

ଅତୀତରେ ବହୁ ଛାତ୍ର ଆନ୍ଦୋଳନ ସମୟରେ ବିଶ୍ୱବିଦ୍ୟାଳୟ ପରିସରକୁ ପୁଲିସ ପ୍ରବେଶକୁ ଛାତ୍ରଛାତ୍ରୀମାନେ ବହୁବାର ବିରୋଧ କରିଛନ୍ତି । ତେବେ ନିକଟରେ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସର ଭିତରେ ବିଜେପିର ଯୁବଶାଖା ଏବଂ ଏବିଭିପିର କିଛି ସଦସ୍ୟମାନଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ପୁଲିସର ହସ୍ତକ୍ଷେପ ଲୋଡ଼ାଯାଇଛି । ଆଗରେ ଛାତ୍ର ସଂସଦ ନିର୍ବାଚନ ଥିବାରୁ ସମ୍ଭାବ୍ୟ ଉତ୍ତେଜନା ମୂଳକ ପରିସ୍ଥିତିକୁ ଆଖି ଆଗରେ ରଖି ଅନେକ ଛାତ୍ରଛାତ୍ରୀ ଆତଙ୍କିତ । ବିଶେଷକରି ଛାତ୍ରୀ ନିବାସ ବାହାରେ ଅସାମାଜିକ ବ୍ୟକ୍ତିଙ୍କ ଭିଡ଼ ଜମୁଥିବା ଘେନି ବାରମ୍ବାର ଅଭିଯୋଗ ହୋଇ ଆସୁଛି । ଏହାଛଡ଼ା ବିଶ୍ୱବିଦ୍ୟାଳୟ ପରିସରରେ ବ୍ୟାପକ ନିଶା କାରବାର ଏବଂ ଛାତ୍ରାବାସଗୁଡ଼ିକରେ ବହୁ ସମୟରେ ଅଣଛାତ୍ରଙ୍କ ଦୌରାତ୍ମ୍ୟ ମଧ୍ୟ ଲାଗି ରହୁଛି । ଏ ପରିପ୍ରେକ୍ଷୀରେ ବିଭିନ୍ନ ବିଭାଗର ବହୁ ଛାତ୍ରଛାତ୍ରୀ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ପୁଲିସ ଫାଣ୍ଡି ପ୍ରତିଷ୍ଠା କରିବାକୁ ଦାବି କରୁଛନ୍ତି ।

ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଛାତ୍ରୀ ଆତ୍ମାହୂତି ଦେବା ଘଟଣା ପରେ ଅଧ୍ୟକ୍ଷ ଓ ଜଣେ ଅଧ୍ୟାପକଙ୍କ ପରେ ଦୁଇଜଣ ଛାତ୍ରଙ୍କୁ ପୁଲିସ ବାନ୍ଧି ଜେଲ୍ ପଠାଇଛି । ଏହାପରେ ଆଉ କେଉଁ ଛାତ୍ରଛାତ୍ରୀଙ୍କ ପାଳି ପଡ଼ିବ ସେଥିଘେନି କୋକୁଆ ଭୟ ଲାଗି ରହିଛି । ପରିବେଶ ଅଶାନ୍ତ ଥିବାରୁ ଏଠାରେ ବି ୨୪ ଘଣ୍ଟିଆ ପୁଲିସ ସୁରକ୍ଷା ବ୍ୟବସ୍ଥା କରିବା ପାଇଁ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମହଲରୁ ଦାବି ଉଠୁଛି ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଂଚାର

୪ ଶନିବାର ୯ ଅଗଷ୍ଟ ୨୦୨୫, ଭୁବନେଶ୍ୱର

Saturday 9 August 2025, Bhubaneswar

# ଭାରତ-ଚୀନ ସମ୍ପର୍କରେ ସମ୍ଭାବନାମୟ ପୁନରୁଦ୍ଧାର

ଭାରତ ଓ ଚୀନ, ଏହି ଦୁଇ ଏସୀୟ ଶକ୍ତିଶାଳୀ ରାଷ୍ଟ୍ରର ସମ୍ପର୍କ ବିଶ୍ୱ ରାଜନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଗତ କିଛି ବର୍ଷରେ, ବିଶେଷତଃ ୨୦୨୦ ମସିହାରେ ଗାଲୱାନ ଉପତ୍ୟକାରେ ହୋଇଥିବା ସଂଘର୍ଷ ପରେ ଉଭୟ ଦେଶର ସମ୍ପର୍କରେ ତିକ୍ତତା ଦେଖାଦେଇଥିଲା। ତେବେ, ନିକଟରେ ଦେଖାଯାଉଥିବା କୂଟନୈତିକ ଉଦ୍ୟମ ଏବଂ ଦ୍ୱିପାକ୍ଷିକ ଆଲୋଚନା ଏକ ନୂତନ ସମ୍ଭାବନାର ସୂଚନା ଦେଉଛି। ଭାରତ ଓ ଚୀନ ମଧ୍ୟରେ ସମ୍ପର୍କରେ ଏକ ସ୍ୱାଗତଯୋଗ୍ୟ ପୁନରୁଦ୍ଧାର ଆରମ୍ଭ ହୋଇଛି, ଯାହା ଏସୀୟ ଏବଂ ବିଶ୍ୱ ଶାନ୍ତି ଓ ସ୍ଥିରତା ପାଇଁ ଏକ ଆଶାର କିରଣ ସୃଷ୍ଟି କରୁଛି।

ନିକଟରେ, ୨୦୨୪ ଅକ୍ଟୋବରରେ ବ୍ରିକ୍ସ ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଚୀନର ରାଷ୍ଟ୍ରପତି ଶି ଜିନପିଙ୍ଗଙ୍କ ମଧ୍ୟରେ ହୋଇଥିବା ବୈଠକ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା। ଏହା ପାଞ୍ଚ ବର୍ଷ ପରେ ଉଭୟ ନେତାଙ୍କ ପ୍ରଥମ ଔପଚାରିକ ବୈଠକ ଥିଲା, ଯାହା ସମ୍ପର୍କ ସୁଧାର ପାଇଁ ଉଭୟ ଦେଶର ଇଚ୍ଛାକୁ ପ୍ରତିଫଳିତ କରୁଛି। ଏହି ବୈଠକ ପରେ, ଦେପସାଙ୍ଗ ଏବଂ ଡେମଚୋକ ସମେତ ପୂର୍ବ ଲଦାଖରେ ଶେଷ ଦୁଇଟି ସଂଘର୍ଷ ବିନ୍ଦୁରୁ ସୈନ୍ୟ ପ୍ରତ୍ୟାହାର ନେଇ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହା ସୀମାନ୍ତରେ ଶାନ୍ତି ଓ ସ୍ଥିରତା ପାଇଁ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ।

ଏହା ସହିତ, ଭାରତୀୟ ନାଗରିକଙ୍କ ପାଇଁ ଚୀନ ପ୍ରତି ପର୍ଯ୍ୟଟକ ଭିସା ପୁନଃ ଆରମ୍ଭ ଏବଂ କୈଳାସ ମାନସରୋବର ଯାତ୍ରାର ପୁନରାରମ୍ଭ ମଧ୍ୟ ଦୁଇ ଦେଶ ମଧ୍ୟରେ ଜନସାଧାରଣଙ୍କ ସ୍ତରରେ ସମ୍ପର୍କ ସୁଧାରଣାରେ ସହାୟକ ହେଉଛି। ଏହା ସାଂସ୍କୃତିକ ଓ ଧାର୍ମିକ ସମ୍ପର୍କକୁ ପୁନର୍ଜାଗରଣ କରୁଛି, ଯାହା ଉଭୟ ଦେଶର ମଧ୍ୟରେ ପାରସ୍ପରିକ ବୁଝାମଣା ବୃଦ୍ଧି କରିପାରେ। ତେବେ, ଏହି ପୁନରୁଦ୍ଧାର ସମ୍ପୂର୍ଣ୍ଣ ସଫଳ ହେବା ପାଇଁ ସୀମାନ୍ତ ବିବାଦର ସମ୍ପୂର୍ଣ୍ଣ ସମାଧାନ ଏବଂ ପାରସ୍ପରିକ ବିଶ୍ୱାସର ପୁନଃସ୍ଥାପନ ଅତ୍ୟନ୍ତ ଆବଶ୍ୟକ। ଅର୍ଥନୈତିକ ଦୃଷ୍ଟିରୁ, ଚୀନ ଭାରତର ସବୁଠାରୁ ବଡ଼ ବାଣିଜ୍ୟ ଅଂଶୀଦାର ହେଲେ ମଧ, ବାଣିଜ୍ୟ ଅସନ୍ତୁଳନ ଏକ ପ୍ରମୁଖ ଚିନ୍ତାର ବିଷୟ। ୨୦୨୩-୨୪ରେ ଭାରତର ବାଣିଜ୍ୟ ଘାଟ ୮୫ ବିଲିୟନ ଡଲାର ରହିଛି, ଯାହା ଭାରତକୁ ଚୀନ ଉପରେ ଅତ୍ୟଧିକ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଆତ୍ମନିର୍ଭରତା ଆଡ଼କୁ ଅଗ୍ରସର ହେବାକୁ ପ୍ରେରଣା ଦେଉଛି। ସେମିକଣ୍ଡକ୍ଟର ଏବଂ ଫାର୍ମାସେଉଟିକାଲ ଉତ୍ପାଦ ପାଇଁ ଚୀନ ଉପରେ ନିର୍ଭରଶୀଳତା ହ୍ରାସ କରିବା ଭାରତର ଏକ ପ୍ରମୁଖ ଲକ୍ଷ୍ୟ ହେବା ଉଚିତ। ସୀମାନ୍ତ ୟାରଲୁଙ୍ଗ ସାଂଗପୋ ଉପରେ ଚୀନର ମେଗା-ଡ୍ୟାମ ପ୍ରକଳ୍ପ ନେଇ ଭାରତର ଚିନ୍ତା ମଧ ଏକ ଗୁରୁତ୍ୱପୂର୍ଣ୍ଣ ମୁଦ୍ଦା। ଏହି ପ୍ରକଳ୍ପ ବ୍ରହ୍ମପୁତ୍ର ନଦୀର ଜଳ ପ୍ରବାହକୁ ପ୍ରଭାବିତ କରିପାରେ, ଯାହା ଭାରତର କୃଷି ଓ ଜଳ ସୁରକ୍ଷା ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ଏହି ବିଷୟରେ ପାରଦର୍ଶୀ ଆଲୋଚନା ଏବଂ ତଥ୍ୟ ଆଦାନ-ପ୍ରଦାନ ଅତ୍ୟନ୍ତ ଆବଶ୍ୟକ। ଚୀନର ଚୀନ-ପାକିସ୍ତାନ ଅର୍ଥନୈତିକ କରିଡର ଏବଂ ପାକିସ୍ତାନ ଅଧିକୃତ କାଶ୍ମୀର ଦେଇ ଏହାର ଗତିବିଧି ମଧ ଭାରତ ପାଇଁ ଏକ ସମ୍ବେଦନଶୀଳ ବିଷୟ। ଭାରତ ଏହାକୁ ନିଜର ସାର୍ବଭୌମତ୍ୱର ଉଲ୍ଲଂଘନ ଭାବେ ଦେଖୁଛି। ଏହି ପ୍ରସଙ୍ଗରେ, ଭାରତକୁ ଏକ ଦୃଢ଼ କୂଟନୈତିକ ଅବସ୍ଥାନ ଗ୍ରହଣ କରିବାକୁ ପଡ଼ିବ, ଯାହା ସମ୍ପର୍କ ସୁଧାର ସହିତ ଜାତୀୟ ସ୍ୱାର୍ଥକୁ ସୁରକ୍ଷିତ ରଖୁଛି। ସାରାଂଶରେ, ଭାରତ-ଚୀନ ସମ୍ପର୍କରେ ଚାଲିଥିବା ପୁନରୁଦ୍ଧାର ଏକ ସକାରାତ୍ମକ ପଦକ୍ଷେପ ଅଟେ, କିନ୍ତୁ ଏହା ସମ୍ପୂର୍ଣ୍ଣ ସଫଳ ହେବା ପାଇଁ ପାରସ୍ପରିକ ବିଶ୍ୱାସ, ସୀମାନ୍ତ ଶାନ୍ତି ଏବଂ ଅର୍ଥନୈତିକ ସନ୍ତୁଳନ ଅତ୍ୟନ୍ତ ଆବଶ୍ୟକ। ଉଭୟ ଦେଶକୁ କୂଟନୈତିକ ଆଲୋଚନା ଜାରୀ ରଖି ଏକ ସ୍ଥିର ଓ ସହଯୋଗୀ ଭବିଷ୍ୟତ ଗଠନ କରିବାକୁ ହେବ। ଏହା କେବଳ ଦୁଇ ଦେଶ ପାଇଁ ନୁହେଁ, ସମଗ୍ର ଏସୀୟା ଏବଂ ବିଶ୍ୱ ପାଇଁ ଏକ ସକାରାତ୍ମକ ପରିଣାମ ଆଣିପାରେ।

# ସମସ୍ତ ଯଜ୍ଞ, ତୀର୍ଥ, ଦାନ ଓ ତପସ୍ୟାର ଫଳ ହରିଭକ୍ତିରେ

ଗଙ୍ଗାଧର ସାମଲ

'ଧନ ଅର୍ଜନେ ଧର୍ମ କରି, ଧର୍ମେ ପ୍ରାପତ ନରହରି।'

ଭଗବତ ନାମର ଆଶୀର୍ବାଦର ଅଧମତମ ପାପୀର ମଧ ଭଗବତ ପ୍ରାପ୍ତି ହୋଇପାରେ। ଏପରି କୌଣସି ବିଷୟ ନାହିଁ, ଯାହା କି ଭଗବତ ନାମ ବଳରେ ମିଳିବା ସମ୍ଭବ ନୁହେଁ। ଭଗବାନଙ୍କ ନାମ ହେଉଛି ସର୍ବଶକ୍ତିମାନ। 'ଫଳଂ ମହାକ୍ରତୁନାଂ ଯତ ତୀର୍ଥାନାଂ ଫଳମୁତ୍ତମମ୍।। ଦାନାନାଂ ତପସ୍ୟାଞ୍ଚୈବ ସାତ୍ତ୍ୱିକାନାଞ୍ଚ ଯତ୍‌ଫଳମ୍। ଏକୟା ବିଷ୍ଣୁଭକ୍ତ୍ୟା ତତ୍ସମଗ୍ରଂ ଫଳମଶ୍ନୁତେ।' ଆମେ ପୁଣ୍ୟ ଫଳ ପାଇବା ପାଇଁ କେତେ ନା କେତେ କଥା କରିଥାଉ। ଅନେକେ ଯଜ୍ଞ କରନ୍ତି। ଏହି ଯଜ୍ଞ ପୁଣି ଅନେକ ପ୍ରକାରର। ବେଦଯଜ୍ଞ ତାହା ମଧ୍ୟରେ ପ୍ରଧାନ। ସେଥିରେ ପୁଣି ଚାରିବେଦ ଅନୁସାରେ ଚାରି ପ୍ରକାରର ଯଜ୍ଞ ଏବଂ ସର୍ବବେଦୀ ଯଜ୍ଞ ରହିଛି। ଭକ୍ତି ଓ ନିଷ୍ଠା ସମ୍ପନ୍ନ ହେଲେ, ଏହିସବୁ ଯଜ୍ଞର ପୁଣ୍ୟଫଳ ନିଶ୍ଚିତ ଭାବରେ ମିଳିଥାଏ। ମହାରାଜା ଇନ୍ଦ୍ରଦ୍ୟୁମ୍ନ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କୁ ପାଇବା ପାଇଁ ସହସ୍ର ଅଶ୍ୱମେଧ ଯଜ୍ଞ କରିଥିଲେ। ସେହି ଯଜ୍ଞର ପୁଣ୍ୟଫଳରୁ ସେ ଶ୍ରୀଜଗନ୍ନାଥଙ୍କୁ ପାଇଥିଲେ। ସମାଜରେ ବିଶ୍ୱଶାନ୍ତି ଓ ଜନକଲ୍ୟାଣ ନିମିତ୍ତ ବିଭିନ୍ନ ସ୍ଥାନରେ ଯଜ୍ଞ ମହୋତ୍ସବ ଅନୁଷ୍ଠିତ ହେଉଛି। ହଜାର ବର୍ଷର ସହର କଟକର ଚହଟା ନଗର ବଗଳାମୁଖୀ ମନ୍ଦିର ଗ୍ରାମ ଦେବତୀଙ୍କ ନିକଟରେ ଚତୁର୍ଥ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଚହଟା ନଗରର ଲେନ-୩ରେ ଅବସ୍ଥିତ ମା'ଗ୍ରାମ ଦେବତୀଙ୍କ ପାଖରେ ଅନୁଷ୍ଠିତ ଏହି ମହାଯଜ୍ଞରେ କର୍ତ୍ତା ଭାବେ ଆଇନଜୀବୀ ଗଙ୍ଗାଧର ସାମଲ ଓ କର୍ତ୍ତୀ ଭାବେ ଲୋପାମୁଦ୍ରା ସାମଲ ପୂଜା ନିର୍ବାହ କରିଥିବାବେଳେ ଚହଟା ନଗରବାସୀଙ୍କ ସମେତ ପ୍ରଦୀପ ଶତପଥି, ପଞ୍ଚାନନ ମିଶ୍ର, ରାଜେନ୍ଦ୍ର ଦାସ, ରାକେଶ ଜେନା, ରବୀନ୍ଦ୍ର ସାହୁ, ଅନନ୍ତ ବଳ, ଆର.କେ.ଗିରି, ସୁଧୀର ମହାନ୍ତି, ଖଗେଶ୍ୱର ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଯଜ୍ଞରେ ସ୍ଥାନୀୟ ବିଧାୟିକା ସୋଫିଆ ଫିର୍ଦ୍ଦୋଶ, ମେୟର ସୁବାଶ ସିଂହ ଓ ସ୍ଥାନୀୟ କର୍ପୋରେଟର ନମିତା ବାରିକ ଏହି କାର୍ଯ୍ୟକ୍ରମ ପାଇଁ ଉପସ୍ଥିତି ପୂର୍ବକ ପ୍ରେରଣା ଦେଇଥିଲେ। ସେହିପରି ତୀର୍ଥାଟନା ବିଭିନ୍ନ ତୀର୍ଥସ୍ଥଳକୁ ଯାତ୍ରା କରି, ସେଠାରେ ପ୍ରତିଷ୍ଠିତ ଦେବୀ ବା ଦେବତାଙ୍କର ଦର୍ଶନ ଓ ଅର୍ଚ୍ଚନା କରି, ତୀର୍ଥସ୍ଥଳର ଘାଟ, ତଟ ଆଦିରେ ସ୍ନାନ କରି, ଲୋକେ ପୁଣ୍ୟଫଳ ପାଇଥାଆନ୍ତି। ଦାନରୁ ମଧ ପୁଣ୍ୟ ମିଳେ। ଦରିଦ୍ରଙ୍କୁ ଅନ୍ନ, ବସ୍ତ୍ର ଆଦି ଦାନ, ଭଗବାନ ଓ ପିତୃପୁରୁଷଙ୍କୁ ଦୀପ, ଅର୍ଘ୍ୟ ଆଦି ଦାନ ଏବଂ ବ୍ରାହ୍ମଣଙ୍କୁ ଗୋ, ସ୍ୱର୍ଣ୍ଣ ଆଦି ଦାନ ପରମ ପୁଣ୍ୟପ୍ରଦ ବୋଲି ଶାସ୍ତ୍ର ଗ୍ରନ୍ଥାଦିରେ କୁହାଯାଇଛି। ସେହିପରି ତପସ୍ୟାର ପୁଣ୍ୟଫଳ ମଧ ଯୁଗେ ଯୁଗେ ସ୍ୱୀକୃତ ହୋଇଆସିଛି। ବିଭିନ୍ନ ସାତ୍ତ୍ୱିକ କର୍ମରୁ ମଧ ଆମକୁ ପୁଣ୍ୟଫଳ ମିଳିଥାଏ। କିନ୍ତୁ 'ସ୍କନ୍ଦ ପୁରାଣ'ର ଉପରୋକ୍ତ ସୁଭାଷିତରେ ଆଉ ଗୋଟିଏ ମହତ୍ୱପୂର୍ଣ୍ଣ କଥା କୁହାଯାଇଛି। ତାହା ହେଉଛି ସମସ୍ତ ମହାଯଜ୍ଞ, ଅଖିଳ ତୀର୍ଥ, ସର୍ବବିଧ ଦାନ, ଅନନ୍ତ ତପସ୍ୟା ଏବଂ ସମସ୍ତ ପ୍ରକାରର ସାତ୍ତ୍ୱିକ କ୍ରିୟାରୁ ଯେଉଁ ଫଳ ମିଳେ, କେବଳ ହରି ବା ଭଗବାନ ବିଷ୍ଣୁଙ୍କୁ ଭକ୍ତି କଲେ ସେହି ସମସ୍ତ ଫଳ ମିଳିଥାଏ। ଜୀବନରେ ଧର୍ମ ସମସ୍ତଙ୍କ ଜୀବନରେ ଭଗବାନଙ୍କ କଲ୍ୟାଣ ପ୍ରାପ୍ତି ନିମିତ୍ତ ଉତ୍ସର୍ଗୀକୃତ ସାଧନା ହୋଇଥାଏ। ଶ୍ରୀମଦ ଭାଗବତର ସେହି କାଳଜୟୀ ଓ ସ୍ମରଣୀୟ ଧାଡ଼ିଟି ମନେପଡ଼ୁଛି - 'ଧନ ଅର୍ଜନେ ଧର୍ମ କରି, ଧର୍ମେ ପ୍ରାପତ ନରହରି।'

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ମୋବାଇଲ୍: ୯୪୩୭୨୨୬୬୪୭

# କ୍ରାନ୍ତି ଦିବସ



ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ

ଆଜି ଅଗଷ୍ଟ ୯ ତାରିଖ। ଭାରତର ସ୍ୱାଧୀନତା ଆନ୍ଦୋଳନର ଇତିହାସରେ ଏକ ଅତ୍ୟନ୍ତ ଗୌରବପୂର୍ଣ୍ଣ ଅଧ୍ୟାୟ ଆରମ୍ଭ ହୋଇଥିଲା ଆଜିର ଦିନରେ। ଏହାକୁ କ୍ରାନ୍ତି ଦିବସ ବୋଲି କୁହାଯାଏ। ୧୯୪୨ ମସିହାରେ ଏହିଦିନ ଗାନ୍ଧିଜୀ 'ଭାରତ ଛାଡ଼ ଆନ୍ଦୋଳନର ଘୋଷଣା କରିଥିଲେ। କେଉଁ ପରିସ୍ଥିତିରେ କଂଗ୍ରେସ ଏହି ଘୋଷଣା କରିବା ପାଇଁ ବାଧ ହେଲା ତାହା ଉପରେ ବିଚାର କରିବା ଆବଶ୍ୟକ। ସେତେବେଳକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇସାରିଥାଏ। ଆମେରିକା, ଇଂଲଣ୍ଡ, ଫ୍ରାନ୍ସ, ଋଷିଆ, ଚାଇନା ଆଦି ଗୋଟିଏ ପଟେ। ଜର୍ମାନୀ, ଜାପାନ୍, ଇଟାଲି ଆଦି ମାନବୀୟ ଦମ୍ଭ, ଦର୍ପ, ଅହଙ୍କାରର ମୂର୍ତ୍ତ ପ୍ରତୀକ ହିଟଲର ନେତୃତ୍ୱରେ ଅନ୍ୟ ପଟେ।

ଏଣେ ଭାରତର ଯୁବସମାଜର ହୃଦୟ ସମ୍ରାଟ ସାହସ, ଶୌର୍ଯ୍ୟ, ତ୍ୟାଗ, ପରାକ୍ରମ ଓ ରାଷ୍ଟ୍ରଭକ୍ତିର ମୂର୍ତ୍ତି ପ୍ରତୀକ ତତ୍କାଳୀନ କଂଗ୍ରେସ ସଭାପତି ନେତାଜୀ ସୁଭାଷ ପୂର୍ଣ୍ଣ ସ୍ୱରାଜର ପ୍ରସ୍ତାବକୁ କଂଗ୍ରେସରେ ବିରୋଧ ହେବାଯୋଗୁଁ ସଭାପତି ପଦତ୍ୟାଗ କରି ବ୍ରିଟିଶ୍ ମାନଙ୍କ ଆଖିରେ ଧୂଳିଦେଇ ଭାରତରୁ ପଳାଇ ଯାଇ ଜାପାନ୍ ଏବଂ ଜର୍ମାନୀ ସରକାରଙ୍କ ସହାୟତାରେ ଭାରତୀୟ ଯୁଦ୍ଧବନ୍ଦୀମାନଙ୍କୁ ନେଇ ଆଜାଦ୍ ହିନ୍ଦ୍ ଫୌଜ ଗଠନ କରି ବ୍ରିଟିଶ୍ ସରକାରଙ୍କୁ ଯୁଦ୍ଧରେ ପରାସ୍ତ କରି ଭାରତକୁ ସ୍ୱାଧୀନ କରିବା ଚେଷ୍ଟାରେ ଲାଗିଥାନ୍ତି। ତାଙ୍କ ସେନା ମଣିପୁର ଏବଂ ଇମ୍ଫାଲ ପର୍ଯ୍ୟନ୍ତ ପ୍ରାୟ ମାଡ଼ି ଆସିଥିଲେ। ଏହାକୁ ଇଂରେଜ ମାନଙ୍କ ସହିତ ବିଶ୍ୱାସଘାତକତା ବୋଲି ଗାନ୍ଧି ବିଚାର କରୁଥିଲେ। ଦେଶର ଜନତା କଂଗ୍ରେସ୍ କାହିଁକି ପୂର୍ଣ୍ଣ ସ୍ୱରାଜ ଦାବି କରୁ ନାହିଁ ବୋଲି ପ୍ରଶ୍ନ କରୁଥିଲେ। ଇଂରେଜ ସରକାରଙ୍କର ବିଶ୍ୱାସଘାତକତା କଂଗ୍ରେସ ପାଇଁ ଅସହ୍ୟ ହୋଇପଡ଼ିଥିଲା। ସ୍ୱାୟତ୍ତ ଶାସନ ପାଇଁ ପୂର୍ବରୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳିତ ହେଲା ନାହିଁ।

ଭାରତକୁ ଯୁଦ୍ଧରେ ଯୋଗଦେବା ପାଇଁ ପ୍ରବର୍ତାଇବା ଉଦ୍ଦେଶ୍ୟରେ ଷ୍ଟାଫୋର୍ଡ କ୍ରିପ୍ସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳ ବ୍ରିଟିଶ୍ ସରକାର ପଠାଇଲେ ଯାହାକୁ କ୍ରିପ୍ସ୍ ମିଶନ୍ ବୋଲି କୁହାଯାଏ। ତନ, ମନ, ଧନ ଓ ଜୀବନ ଦେଇ ଭାରତ ଯୁଦ୍ଧରେ ଯୋଗଦେଲେ ଇଂରେଜ ମାନେ ଜିତିବା ପରେ ଭାରତକୁ ପୂର୍ଣ୍ଣ ସ୍ୱାଧୀନତା ନୁହେଁ, କେବଳ ଔପନିବେଶିକ ସ୍ୱାଧୀନତା ଦିଆଯିବ ବୋଲି କମିଶନ୍ କହିଲେ। ଏଥିପାଇଁ କୌଣସି ସମୟସୀମା ମଧ ନ ଥିଲା। ଏହା ଏକ ଭୟଙ୍କର ପ୍ରତାରଣା ଥିଲା ବୋଲି କଂଗ୍ରେସ ବୁଝି ପାରିଲା।

କଂଗ୍ରେସର କିଂ କର୍ତ୍ତବ୍ୟ ବିମୂଢ଼ ଅବସ୍ଥା। ଗାନ୍ଧିଙ୍କ ଆଡ଼କୁ ସମସ୍ତେ ଚାହିଁଲେ। ଭାରତୀୟମାନେ ସେତେବେଳେ ଭୟଭୀତ। କାରଣ ଭାରତୀୟମାନେ ଇଂରେଜମାନଙ୍କ ସ୍ୱାର୍ଥରେ ଯୁଦ୍ଧରେ ଯୋଗଦେଲେ ମରିବେ ଓ ସେମାନଙ୍କ ଧନ ଓ ଜୀବନ ଯିବ। ଏଥିରେ ଭାରତର କୌଣସି ସ୍ୱାର୍ଥ ନାହିଁ। ସେତେବେଳକୁ ଇଂଲଣ୍ଡ ହାରିବା ପରି ଜଣାପଡ଼ୁଥିଲା। ଯୁଦ୍ଧରେ ଯୋଗ ନ ଦେଲେ ଜାପାନ୍ ଦ୍ୱାରା ପରାସ୍ତ ହୋଇ ଅପମାନିତ ଜୀବନ ଯାପନ କରିବାକୁ ପଡ଼ିବ। ଅକ୍ଷଶକ୍ତିର ଭାରତ ଆକ୍ରମଣର କୌଣସିଉଦ୍ଦେଶ୍ୟ ନ ଥିଲା। କେବଳ ତାଙ୍କର ଶତ୍ରୁ ଇଂରେଜ ମାନଙ୍କର ଉପସ୍ଥିତି ପାଇଁ ସେମାନେ ଭାରତ ଆଡ଼କୁ ମାଡ଼ି ଚାଲିଲେ ଓ କେତେକ ଅଞ୍ଚଳ ମଧ ଦଖଲ କଲେ। କ୍ରିପସ୍‌ଙ୍କ ପ୍ରସ୍ତାବ ପ୍ରତ୍ୟାଖାନ କରାଗଲା। ଭାରତକୁ ନ ପଚାରି ଇଂରେଜ ଭାରତର ଯୁଦ୍ଧରେ ଯୋଗଦାନର ଘୋଷଣା କଲେ। ଏହା କଂଗ୍ରେସକୁ ଆହୁରି ଉତକ୍ଷିପ୍ତ କଲା। ଏଣୁ ଏହା ଏକ ରାଜନୀତିକ ବାଧ୍ୟବାଧକତା ଓ ଏକ ରାଷ୍ଟ୍ରୀୟ ଆବଶ୍ୟକତା ଥିଲା। ଭାରତକୁ ସ୍ୱାଧୀନତା ଦେବା ପାଇଁ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ରୁଜଭେଲ୍ଟ ତତ୍କାଳୀନ ବ୍ରିଟିଶ ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲଙ୍କୁ ପରାମର୍ଶ ଦେଲେ। ମାତ୍ର କ୍ରୁଦ୍ଧ ଚର୍ଚ୍ଚିଲ ବରଂ ପ୍ରଧାନମନ୍ତ୍ରୀ ପଦ ଛାଡ଼ିଦେବେ, କିନ୍ତୁ ଭାରତକୁ ସ୍ୱାଧୀନତା ଦେବେ ନାହିଁ ବୋଲି ସ୍ପଷ୍ଟ ଭାବରେ କହିଦେଲେ। କଂଗ୍ରେସର ମୁମ୍ବାଇ ଅଧିବେଶନରେ ଅଗଷ୍ଟ ୮ ତାରିଖ ଦିନ 'ଭାରତ ଛାଡ଼ ଆନ୍ଦୋଳନ' ର ପ୍ରସ୍ତାବ ବହୁମତରେ ଗୃହୀତ ହେଲା। ଏହି ବିଷମ ପରିସ୍ଥିତିରେଇଂରେଜ ସରକାରଙ୍କ ଠାରୁ ଭାରତକୁ ଦୂରେଇବାକୁ ହେବ। ଦାସ ଭାବରେ ନୁହେଁ, ବରଂ ଏକ ସ୍ୱାଧୀନ ରାଷ୍ଟ୍ରର ଗୌରବ ସହିତ ଭାରତ ଯୁଦ୍ଧରେ ସହାୟତା କରିବ। ବମ୍ବେର ଗୋୱାଲିଆ ଟ୍ୟାଙ୍କ୍ ମୈଦାନ୍‌ର ବିଶାଳ ଜନସମାବେଶ। ଏହି ଆନ୍ଦୋଳନର କମାଣ ସମ୍ଭାଳିବାର ଦାୟିତ୍ୱ ଗାନ୍ଧିଜୀଙ୍କୁ କଂଗ୍ରେସ ଦେଇଥିଲା। ଗାନ୍ଧିଜୀଙ୍କର ଐତିହାସିକ ଭାଷଣ ଆରମ୍ଭ ହେଲା 'ଅଂଗ୍ରେଜ୍ ଭାରତ ଛୋଡ଼ୋ' ଅର୍ଥାତ୍ 'ଇଂରେଜ ଭାରତ ଛାଡ଼' କେବଳ ସ୍ୱାଧୀନତା ନୁହେଁ, ଗୋଟିଏ ଭୟଙ୍କର ବିପର୍ଯ୍ୟୟରୁ ଭାରତକୁ ରକ୍ଷା କରିବା ପାଇଁ ଏହା ଅପରିହାର୍ଯ୍ୟ ଥିଲା। ଭାରତବାସୀଙ୍କ ଉଦ୍ଦେଶ୍ୟରେ ଗାନ୍ଧିଜୀ କହିଲେ ଦେଶବାସୀ ଏକ ବ୍ୟାପକ ଆଇନ୍ ଅମାନ୍ୟ ଆନ୍ଦୋଳନରେ ଝାସ ଦେବେ। ଏହି ଆନ୍ଦୋଳନ ପୂର୍ଣ୍ଣ ଅହିଂସା ଉପାୟରେ ଚାଲିବ। ଏହା ବ୍ରିଟିସ ସାମ୍ରାଜ୍ୟବାଦ ବିରୋଧରେ ଆନ୍ଦୋଳନ। ଏଠାରେ ଇଂରେଜ ମାନଙ୍କ ସହିତ ଆମର କୌଣସି ଶତ୍ରୁତା ନାହିଁ ବୋଲି ମନେ ରଖିବାକୁ ହେବ। ଏହି ଚେଷ୍ଟାରେ ଆମର ମୃତ୍ୟୁ ମଧ ଆସିପାରେ। 'କର ବା ମର' । ଏହି ଐତିହାସିକ 'କର ବା ମର' ଭାଷଣ ଭାରତ ଛାଡ଼ ଆନ୍ଦୋଳନର ଶୁଭ ଉଦ୍‌ଘାଟନ ଥିଲା। ଦେଶ ବିଦେଶରେ ଦାବାନଳ ପରି ଏହା ପ୍ରଚାରିତ ହେଲା।

ଠିକ୍ ତା ପରଦିନ ଅର୍ଥାତ୍ ଅଗଷ୍ଟ ୯ ତାରିଖ ଦିନ ଗାନ୍ଧିଜୀ ଓ କଂଗ୍ରେସ କାର୍ଯ୍ୟକାରୀ ସମିତିର ସଦସ୍ୟ ମାନଙ୍କୁ ଗିରଫ କରାଗଲା। ୱାର୍ଦ୍ଧା କମିଟି, ଅଲ୍ ଇଣ୍ଡିଆ କଂଗ୍ରେସ କମିଟି ଓ ଚାରୋଟି ପ୍ରାଦେଶିକ କଂଗ୍ରେସ୍ କମିଟିକୁ ଇଂରେଜ ସରକାର ଅବୈଧ ଘୋଷଣା କଲେ। ଗାନ୍ଧିଜୀ ଓ କଂଗ୍ରେସ୍ ନେତାମାନଙ୍କ ଗିରଫଦାରି କାରଣରୁ ଲୋକେ ଉତ୍ତେଜିତ ହେଲେ। ଅଗଷ୍ଟ ୯ତାରିଖ ଦିନ ଲକ୍ଷ ଲକ୍ଷ ଲୋକ ରାସ୍ତାକୁ ଆସିଲେ ଓ ରାସ୍ତାକୁ ଆସି ପୋଲିସ୍ ସହିତ ଲଢ଼େଇ କଲେ। ବନାଗ୍ନି ପରି ଏହା ସାରା ଦେଶରେ ବ୍ୟାପିଗଲା ଓ ଦେଶ ସାରା ଗାଁ ଓ ସହର ମାନଙ୍କରେ ଭୟଙ୍କର ଆନ୍ଦୋଳନ କଲେ। ପୋଲିସ୍ ଲାଠି ଓ ଗୁଳିରେ ଅନେକ ଲୋକ ମୃତାହତ ହେଲେ। ସ୍କୁଲ, କଲେଜର ଛାତ୍ରଛାତ୍ରୀ ମାନେ ମଧ ଏହି ସଂଘର୍ଷରେ ପାଠ ପଢ଼ା ଛାଡ଼ି ଯୋଗ ଦେଲେ। ପ୍ରାୟ ଏକ ଲକ୍ଷରୁ ଅଧିକ ଲୋକ ଗିରଫ ହୋଇ କାରାଗାରରେ ଅନେକ ନିର୍ଯ୍ୟାତନା ସହିଲେ। ରେଳଗାଡ଼ିକୁ ଅଟକାଇ ଜାତୀୟ ପତାକା ଉଡ଼ାଗଲା। ଅହିଂସାର ସୀମା ଅତିକ୍ରମ କରି ଆନ୍ଦୋଳନକାରୀମାନେ ବ୍ରିଟିଶ୍ ଅଧିକାରୀମାନଙ୍କୁ ଆକ୍ରମଣ କଲେ। ଶ୍ରମିକମାନେ ଆନ୍ଦୋଳନରେ ଯୋଗଦେଲେ। ବ୍ରିଟିଶ୍ ସରକାର ପ୍ରଚଣ୍ଡ ଦମନ ଲୀଳା ଚଳାଇଲେ। ହଜାର ହଜାର ସାଧାରଣ ଲୋକ, ଶ୍ରମିକ ଓ ବିଦ୍ୟାର୍ଥୀ ମାନଙ୍କୁ ଗୁଳି କରି ମାରିଦିଆଗଲା।

ଗାନ୍ଧିଜୀ ବ୍ୟଥିତ ହେଲେ କାରାଗାରରେ। ଏହି ଘୋଷଣା କଲାବେଳେ ସେ ଯେପରି ଏକ ମାନସିକ ଦ୍ୱନ୍ଦରେ ଥିଲା ପରି ଲାଗେ, ଯଦିଓ ସେ ଏହାକୁ ସ୍ୱୀକାର କରି ନାହାଁନ୍ତି। ଯେହେତୁ ସମସ୍ତ ଶୀର୍ଷ ନେତୃତ୍ୱ ଗିରଫ ହୋଇଗଲେ ଏହା କିପରି ପରିଚାଳିତ ହେଲା ? ପ୍ରଥମତଃ ଏହା ବିନା ନେତୃତ୍ୱରେ ଏକ ପ୍ରଚଣ୍ଡ ଜନ ଆନ୍ଦୋଳନ ରୂପରେ ଛିଡ଼ା ହେଲା ଏବଂ ବ୍ରିଟିଶ୍ ସରକାରଙ୍କ ଅହଂକାର ଚୂର୍ଣ୍ଣୀଭୂତ ହୋଇଗଲା। ମାତ୍ର ଏହି ଆନ୍ଦୋଳନକୁ ବିଦେଶ ମାଟିରୁ ନିଜର ୬ଟି ବେତାର କେନ୍ଦ୍ର ମାଧ୍ୟମରେ ପ୍ରେରଣା ଦେଉଥିଲେ ନେତାଜୀ ସୁଭାଷ ବୋଷ। ନିଜର ଗାନ୍ଧିଜୀଙ୍କ ସହିତ ମତଭେଦ ସତ୍ତ୍ୱେ ସେ ଗାନ୍ଧିଜୀଙ୍କୁ ରେଡିଓ ମାଧ୍ୟମରେ ନିବେଦନ କଲେ, ମହାତ୍ମାଜୀ ! ଭାରତ ବାହାରେ ଥିବା ଭାରତୀୟମାନଙ୍କ ପାଇଁ ଆପଣ ହିଁ ଏହି ମହାଜାଗରଣର ସ୍ରଷ୍ଟା। ଭାରତର ସ୍ୱାଧିନତା ପାଇଁ ଅନ୍ତିମ ଲଢ଼େଇ ଆରମ୍ଭ ହୋଇ ସାରିଛି। ଆଜାଦ୍ ହିନ୍ଦ୍ ଫୌଜ ସୈନ୍ୟମାନେ ଭାରତ ମାଟିରେ ବୀରତ୍ୱପୂର୍ଣ୍ଣ ଯୁଦ୍ଧ କରିଚାଲିଛନ୍ତି ଏବଂ ଧିର ଅଥଚ ଦୃଢ଼ ପଦକ୍ଷେପରେ ବ୍ରିଟିଶ୍ ସେନାକୁ ପରାସ୍ତ କରି ଆଗେଇ ଚାଲିଛନ୍ତି। ହେ ଜାତିର ପିତା ! ଭାରତର ଏହି ମୁକ୍ତି ଯୁଦ୍ଧର ଅନ୍ତିମ ମୁହୂର୍ତ୍ତରେ ଆମେ ଆପଣଙ୍କର ଶୁଭେଚ୍ଛା ଓ ଆଶୀର୍ବାଦ କାମନା କରୁ। ଏହି ସମୟରେ ଅନେକ କନିଷ୍ଠ ଓ ମହିଳା ନେତୃତ୍ୱ ଏହି ଆନ୍ଦୋଳନକୁ ଗତି ଦେଲେ ଯଥାଃ- ଏ.ଭି. କୁଟ୍ଟିମାଲୁ ଆମ୍ମା, ଅମ୍ମୁଜାମଲ୍, ପଦ୍ମଜା ନାଇଡୁ, ରୁକ୍ମିଣୀ ଲକ୍ଷ୍ମୀପତି, ମାୟା ଥୋମାସ୍, ଭଉଣୀ ଶୁଭଲକ୍ଷ୍ମୀ, ଜୟପ୍ରକାଶ ନାରାୟଣ, ଲାଲ ବାହାଦୂର ଶାସ୍ତ୍ରୀ, ସୁଚେତା କୃପାଳିନୀ, ଅରୁଣା ଆସଫଅଲୀ ଆଦି ଅନେକ। ଏହି ଆନ୍ଦୋଳନର ପ୍ରଭାବ ସୁଦୂର ପ୍ରସାରୀ। ବ୍ରିଟିଶ୍ ସରକାର କଳ୍ପନା କରି ନ ଥିଲେ ଯେ, ଏତେବଡ଼ ଜନ ଆନ୍ଦୋଳନକୁ ସାମ୍ନା କରିବାକୁ ପଡ଼ିବ ବୋଲି। ଭାରତକୁ ଅଧିକ ସମୟ ରଖିହେବ ନାହିଁ ବୋଲି ବୁଝିପାରିଲେ। ଭାରତୀୟମାନେ ନିଜ ଶକ୍ତିର ଆକଳନ କରି ପାରିଲେ ଏବଂ ଆନ୍ଦୋଳନର ପୂର୍ଣ୍ଣ ସଫଳତା ନ ହେବାର କାରଣ ବିଷୟରେ ଅନୁଚିନ୍ତା ଆରମ୍ଭ ହେଲା। ଏହା ଭାରତର ସ୍ୱାଧୀନତା ପାଇଁ ପଥ ପ୍ରସ୍ତୁତ କଲା। ଏଥିରେ ସର୍ବାଧିକ ଯୁବ ଛାତ୍ରଙ୍କର ଅଂଶଗ୍ରହଣ ଏହାକୁ ଅଧିକ ଗୌରବାନ୍ୱିତ କରିଛି। ଏହା ଆମ ପାଇଁ ଏକ ପ୍ରେରଣାର ଉତ୍ସ। ଏହି ଉତ୍ସବ ପାଳନ ମାଧ୍ୟମରେ ଆମେ ଆମର ପୂର୍ବଜ ମାନଙ୍କର ସ୍ୱାଧୀନତା ପାଇଁ ତ୍ୟାଗ, ତପସ୍ୟା ଓ ବଳିଦାନର କାହାଣୀ ଯୁବପୀଢ଼ି ପାଖରେ ପହଞ୍ଚାଇବା। ସେମାନଙ୍କ ଭିତରେ ଦେଶ ପାଇଁ ଚରମ ତ୍ୟାଗକରିବା ପାଇଁ ଏକ ପ୍ରେରଣା ସୃଷ୍ଟି କରିପାରିବା। ଦେଶର ସ୍ୱାଧୀନତା ପଛରେ କଂଗ୍ରେସ ଦ୍ୱାରା ଆନ୍ଦୋଳନ, ଗାନ୍ଧିଜୀ ଆସିବା ପରେ ତାକୁ ଏକ ନୂତନ ଶକ୍ତି ଏବଂ ଦିଶା ପ୍ରଦାନ, ଆଜାଦ୍ ଭଗତ୍ ସିଂହ, ବାଘାଯତୀନ୍, ଖୁଦୀରାମ ଆଦି କ୍ରାନ୍ତିକାରିଙ୍କ ଦ୍ୱାରା ରକ୍ତ ତର୍ପଣ, ନେତାଜୀ ସୁଭାଷ ବୋଷ ଓ ରାସ ବିହାରୀ ବୋଷ ଆଦିଙ୍କ ଦ୍ୱାରା ସଶସ୍ତ୍ର ଯୁଦ୍ଧ ଓ ଭାରତ ଛାଡ଼ ଆନ୍ଦୋଳନ ଦ୍ୱାରା ଦେଶର ଅଗଣିତ ଜନତା 'କର ବା ମର' ସଂଘର୍ଷରେ ଚରମ ତ୍ୟାଗ କାରଣରୁ ଆମେ ଆଜି ସ୍ୱାଧୀନତା ପାଇଛୁ। ସ୍ୱାଧୀନତା ସହିତ ଆମ ଭାରତ ମାତାଙ୍କୁ ଖଣ୍ଡିତ କରାଯାଇଛି। ପ୍ରତ୍ୟେକ ଦେଶଭକ୍ତଙ୍କୁ ଏହା ପୀଡ଼ା ଦେଉଛି। ଆଜି ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀମାନ୍ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଏକ ସଶକ୍ତ ଏବଂ ସମର୍ଥ ରାଷ୍ଟ୍ରରୂପରେ ଛିଡ଼ା ହୋଇଛି। ଦେଶର ଶତ୍ରୁମାନଙ୍କୁ ଭାରତର ସେନା ସାବାଡ଼୍ କରିପାରୁଛି । ଭାରତ ଆଜି ବିକାଶ ପଥରେ ଦ୍ରୁତ ଗତିରେ ଆଗେଇ ଚାଲିଛି। ୨୦୪୭ ମସିହା ବେଳକୁ ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ମୋଦିଜୀଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ ଆମ ସମସ୍ତଙ୍କୁ କଠୋର ପରିଶ୍ରମ କରିବାକୁ ହେବ। ଆସନ୍ତୁ ଏହି ସଂକଳ୍ପ ନେବା -

**ଦେଶ ପାଇଁ ଜୀଇଁବା**
**ଦେଶ ପାଇଁ ମରିବା।।**

ସାଂସଦ, ବାଲେଶ୍ୱର।

# ବ୍ୟବସ୍ଥାଗତ ଅବହେଳା



ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)

ଗଲା ସପ୍ତାହରେ ରାଜ୍ୟରେ ଘଟିଥିବା ଦୁଇଟି ସମ୍ବେଦନଶୀଳ ଘଟଣା କେବଳ ବ୍ୟବସ୍ଥାଗତ ତ୍ରୁଟିକୁ ଦର୍ଶାଇ ନାହିଁ, ପୋଲିସର ରକ୍ଷକ ନୁହେଁ, ଭକ୍ଷକ ଭୂମିକା ସମ୍ପର୍କରେ ସଂକେତ ପ୍ରଦାନ କରିଛି ବୋଲି ନିସନ୍ଦେହରେ କୁହାଯାଇପାରିବ। ପ୍ରଥମ ଘଟଣାଟି ହେଉଛି କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡପଡ଼ା ଗ୍ରାମପଞ୍ଚାୟତର କାଠିଆପଡ଼ା ଗ୍ରାମରେ ଜଣେ ଯୁକ୍ତ ତିନି ତୃତୀୟ ବର୍ଷର ଛାତ୍ରୀ ପୋଲିସ ଠାରୁ ନ୍ୟାୟ ନପାଇ ନିଜ ଘର ଭିତରେ ଦେହରେ କିରାସିନି ଢାଳି ନିଆଁ ଲଗାଇ ସମ୍ପୂର୍ଣ୍ଣ ଜଳିଯିବା ଘଟଣା। ଛାତ୍ରୀ ଜଣକ ନ୍ୟାୟ ପାଇଁ ଛଅ ମାସ ତଳୁ ପୋଲିସ ଦ୍ୱାରସ୍ଥ ହୋଇଥିବା ବେଳେ ତଦନ୍ତକାରୀ ପୋଲିସ ଅଭିଯୁକ୍ତ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ, ତା'ଠାରୁ ଫାଇଦା ହାସଲ କରିବା ଯୋଗୁଁ ମାନସିକ ଭାରସାମ୍ୟ ହରାଇ ଶେଷରେ ଜୀବନ ହାରି ଦେଇଛନ୍ତି। ଏହି ଘଟଣା ପରେ ପୋଲିସର ବଡବଡିଆ ଅଫିସରମାନେ ସକ୍ରିୟ ହୋଇପଡ଼ିଥିବାବେଳେ ଅଭିଯୁକ୍ତ ତଥା ଫାଇଦା ହାସଲକାରୀ ଏଏସଆଇକୁ କେବଳ ବଦଳି କରିଦେଇଛନ୍ତି। ଏହାର ସୁଯୋଗ ନେଇ ଅଭିଯୁକ୍ତ ଏବେ ଫେରାର ହୋଇଯାଇଛି। ସେହିପରି ଦ୍ୱିତୀୟ ଘଟଣାଟି ହେଉଛି, ବରୀ ଥାନାରେ ଜଣେ ନରପରାଧି ତଥା ଅଭିଯୋଗକାରୀଙ୍କୁ ପୋଲିସର ଥାର୍ଡ ଡିଗ୍ରୀ, ପୋଲିସର ଅତ୍ୟାଚାର ସହିନପାରି ଶେଷରେ ଅଭିଯୋଗକାରୀ ବିଷ ପିଇ ହସ୍‌ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛି। ଏହି ଘଟଣାରେ କେବଳ ୩ଜଣ ତଳିଆ ପୋଲିସଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ତଦନ୍ତକାରୀ ଅଧିକାରୀଙ୍କୁ ବଦଳି କରାଯାଇଛି। ତେବେ ପ୍ରଶ୍ନ ଉଠୁଛି, ଥାନା ହାଜତକୁ ବିଷ ବୋତଲ ଆସିଲା କେଉଁଠୁ? ଅଭିଯୋଗ ହୋଇଛି ଯେ, ତାଙ୍କୁ ବିଷ ପିଇବାକୁ ପୋଲିସ ଉତ୍ସାହିତ କରିଥିଲା। ଏହା ଯଦି ସତ୍ୟ ହୋଇଥାଏ, ତେବେ ସାଂଘାତିକ ବୋଲି କୁହାଯିବ। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟରେ ମାସକ ଭିତରେ ତିନି ତିନୋଟି ଘଟଣା ୩ଜଣ ଯୁବତୀ ନିଆଁରେ ପୋଡି ମୃତ୍ୟୁବରଣ କରିଥିବାବେଳେ ପୋଲିସ ଏବଂ ପ୍ରଶାସନ ଏଥିରୁ କିଛି ଶିକ୍ଷା କରି ପାରିନଥିବା ମନେହୁଏ। ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ଅଧାପକଙ୍କ ଯୌନ ନିର୍ଯ୍ୟାତନାର ଶିକାର ହୋଇ ପୋଲିସ ଓ କଲେଜ କର୍ତ୍ତୃପକ୍ଷଙ୍କ ଠାରୁ ନ୍ୟାୟ ନପାଇବାରୁ ଶିକାର ହୋଇ ପୋଲିସ ଓ କଲେଜ କର୍ତ୍ତୃପକ୍ଷଙ୍କଠାରୁ ନ୍ୟାୟ ନପାଇବାରୁ ଶେଷରେ କଲେଜ ସମ୍ମୁଖରେ ଦେହରେ ପେଟ୍ରୋଲ ଢାଳି ଆତ୍ମବଳି ଦେଇଥିଲା। ଆଶା କରାଯାଉଥିଲା ଯେ, ସୌମ୍ୟଶ୍ରୀଙ୍କ ଆତ୍ମବଳି'ରୁ ପୋଲିସ କିଛି ଶିକ୍ଷା କରିବ। ମାତ୍ର ସେପରି କିଛି ପୋଲିସ କିମ୍ବା ପ୍ରଶାସନ ଶିକ୍ଷା କରିଥିବା ମନେହୁଏ ନାହିଁ। ବାଲେଶ୍ୱର ଘଟଣାକୁ ମାନେ ନପୁରୁଣୁ କେନ୍ଦ୍ରାପଡ଼ା ଜିଲ୍ଲାରେ ଅଭିଯୁକ୍ତଙ୍କୁ ପୋଲିସ ଘଣ୍ଟ ଘୋଡାଇବା ଏବଂ ନ୍ୟାୟ ନପାଇବା ଯୋଗୁଁ ପୀଡିତା ନିଜ ଘରେ ଆତ୍ମଦାହ କରିଛି। କେନ୍ଦ୍ରାପଡ଼ା ଘଟଣାର କିଛି ଦିନ ପୂର୍ବରୁ ପୁରୀ ଜିଲ୍ଲାର ବଳଙ୍ଗାର ଦୁର୍ବୃତମାନେ ଜଣେ ନାବାଳିକାର ଦେହରେ କିରୋସିନୀ ଢାଳି ନିଆଁ ଲଗାଇଥିବା ଅଭିଯୋଗ ହୋଇଛି। ଦୀର୍ଘ ଦିନ ଧରି ଦିଲ୍ଲୀ ଏମସ୍‌ରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ଶେଷରେ ପୀଡିତା ଆଖି ବୁଜିଛନ୍ତି। ଏହି ଘଟଣାରେ ପୋଲିସ ପ୍ରଶାସନ ନାହିଁ ନଥିବା ତତ୍ପରତା ପ୍ରକାଶ କରି ପୀଡିତାଙ୍କ ମୃତ୍ୟୁ ପରେ ତଦନ୍ତରେ ଯେଉଁ ସିଦ୍ଧାନ୍ତରେ ପହଁଚିଛି ଏବଂ ପ୍ରକାଶ କରି ତାହା କେବଳ ରାଜ୍ୟର ଜନସାଧାରଣଙ୍କୁ ନିରାଶ କରିନାହିଁ, ପୋଲିସର ପାରିବାର ପଣିଆ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି କହିଲେ ଅତିରଞ୍ଜିତ ହୋଇନପାରେ। ମାସକ ମଧ୍ୟରେ ତିନି ତିନୋଟି ଅମୂଲ୍ୟ ରତ୍ନ ଅକାଳରେ ଝଡି ପଡ଼ିବା ଘଟଣାରେ ପୋଲିସ ଚେତିବ କେବେ? ଲୋକଙ୍କ ଅର୍ଥରେ ବେତନ ଭୋଗୀ ପୋଲିସ ଜନସାଧାରଣଙ୍କ ଆସ୍ଥାନ ଭାଜନ ହେବ କେବେ? ପୋଲିସ ଭୂମିକା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ। ସେହିପରି ରାଜ୍ୟ ସରକାର ମଧ ନିଜର ଉତର ଦାୟିତ୍ୱ ଏଡାଇ ପାରିବେ ନାହିଁ। ଲୋକଙ୍କ ସରକାର ବୋଲି ନିଜକୁ ଦାବି କରୁଥିବା ସରକାର ଲୋକଙ୍କ ଜୀବନ ରକ୍ଷା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି କହିଲେ ଭୁଲ ହେବ ନାହିଁ। ଏହି ତିନି ତିନୋଟି ଅମୂଲ୍ୟ ରତ୍ନ ନ୍ୟାୟ ନପାଇ ଆତ୍ମବଳି ଦେବା ବ୍ୟବସ୍ଥାଗତ ବିଫଳତା ବ୍ୟତୀତ ଅନ୍ୟ କିଛି ନୁହେଁ।

ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ: ୭୯୭୮୬୬୬୪୦୩



# ରାକ୍ଷୀପୂର୍ଣ୍ଣିମାର ଈଶ୍ୱରୀୟ ବାର୍ତ୍ତା



ଆଶୁତୋଷ ନାୟକ

ଏ ବିଶ୍ୱବ୍ରହ୍ମାଣ୍ଡର ସ୍ୱାମୀ ଈଶ୍ୱରଙ୍କ ସବୁଠାରୁ ଶ୍ରେଷ୍ଠ ସଂରଚନା ହେଉଛି ମନୁଷ୍ୟ। ଲକ୍ଷ ଲକ୍ଷ ଜୀବଜନ୍ତୁଙ୍କ ମଧ୍ୟରେ ଶ୍ରେଷ୍ଠଜୀବ ମନୁଷ୍ୟ।ନିଜର ବୃଦ୍ଧି ଓ ବିବେକ ପାଇଁ ଶ୍ରେଷ୍ଠତ୍ୱର ଆସନ ଅଳଙ୍କୃତ କରିଛି ମନୁଷ୍ୟ।ଶାସ୍ତ୍ରରେ ଏହା ବର୍ଣ୍ଣନା କରାଯାଇଛି କି କେତେ ଜନ୍ମର ତପସ୍ୟା ଓ ପୁଣ୍ୟ ବଳରେ ଏହି ମନୁଷ୍ୟ ଜନ୍ମ ପ୍ରାପ୍ତି ହୁଏ। ଏହି ମନୁଷ୍ୟ ଜୀବନ ଅତ୍ୟନ୍ତ ଦୁଲଭ।ସେଥିପାଇଁ ମନୁଷ୍ୟ ମଧ୍ୟରେ ସ୍ନେହ, ପ୍ରେମ, ଦୟା, ମାନବିକତା, ପରୋଉପକାରିତା ଭଳି ସୁଗୁଣ ରହିବା ଅତ୍ୟନ୍ତ ଆବଶ୍ୟକ ତାହେଲେ ଯାଇ ଏ ମନୁଷ୍ୟ ଜୀବନ ସାର୍ଥକ ହେବ।



ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ। ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରା ର ମହାନତା ର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା। ସତ୍ୟସନାତନ ହିନ୍ଦୁ ଧର୍ମ ଶାସ୍ତ୍ରରେ ଉଲ୍ଲେଖ ରହିଛି ବିଶ୍ୱ ର ଶକ୍ତିଶାଳୀ ରାଷ୍ଟ୍ର ଯେପରି ଆମେରିକା, ରୁଷ, ଜାପାନ, ଇଂଲଣ୍ଡ ମଧ ସନାତନ ହିନ୍ଦୁ ଧର୍ମ କୁ ଯଥେଷ୍ଟ ସମ୍ମାନ କରନ୍ତି ଏବଂ ଏହାର ଉପାଦେୟତା ଓ ମହତ୍ୱ କୁ ବୁଝି ନିଜର ବ୍ୟସ୍ତବହୁଳ ଜୀବନକୁ ସରସ ସୁନ୍ଦର ଏବଂ ଶାନ୍ତିପୂର୍ଣ୍ଣ କରିବା ପାଇଁ ଯଥାସମ୍ଭବ ପ୍ରଚେଷ୍ଟା କରୁଛନ୍ତି। ସେଥିପାଇ କୁହାଯାଇଛି

'ସର୍ବ ପୁରାତନ ଧର୍ମ ସତ୍ୟରେ ସ୍ଥାପିତ, ସନାତନ ଧର୍ମ ନାମେ ବିଶ୍ୱରେ ବିଦିତ। ବେଦରେ ପର୍ଯ୍ୟବେଶିତ ଏହି ଆମ ଧର୍ମ, ସର୍ବଦା ବିକାଶଶୀଳ ବୈଜ୍ଞାନିକ ଧର୍ମ, ପୃଥିବୀର ସୃଷ୍ଟି ବେଳୁ ରହିଛି ଏକ ଧର୍ମ ଏବଂ ସୃଷ୍ଟି ନାଶ ଯାଏ ରହିବ ଏ ଧର୍ମ। ବହୁମତ ବହୁପଥ ମିଳିତ ଏଠାରେ, ସ୍ଥାପିତ ନୁହେଁ ଏ ଧର୍ମ ବ୍ୟକ୍ତି ବିଶେଷରେ। ବିନାଶ କରିବା ପାଇଁ ଏ ଧର୍ମ ଅସ୍ତିତ୍ୱ, ବିଧର୍ମୀ ଷଡ଼ଯନ୍ତ୍ର ର ରହିଛି ଦୃଷ୍ଟାନ୍ତ, ସବୁ ଭୟ ପ୍ରଲୋଭନ କରି ପ୍ରତିହତ, ଆଜିବି ଏ ଧର୍ମ ଅଛି ଦିଗନ୍ତ ବିସ୍ତୃତ। ସତ୍ୟ ଓ ଅହିଂସା ମୂଳତତ୍ତ୍ୱ ଏ ଧର୍ମର, ଦୟା, କ୍ଷମା, ଦାନ, ପରୋପକାର ଚରିତ୍ର ହିନ୍ଦୁର। ଅହିଂସା ପରମ ଧର୍ମ ମାନିଥାଏ ହିନ୍ଦୁ। ଧର୍ମ, ଅହିଂସା ନୀତି ପାଳିଥାଏ ହିନ୍ଦୁ। ଭାଗବତ ଗୀତା ହିନ୍ଦୁ ଜୀବନ ଆଦର୍ଶ। ତହିଁରେ ରହିଛି ସବୁ ଜ୍ଞାନର ନିଷ୍କର୍ଷ। ଋକ, ସାମ, ଯଜୁ ଏବଂ ଅଥର୍ବ ଯେ ବେଦ, କୋଟି ବ୍ରହ୍ମାଣ୍ଡର ଜ୍ଞାନ ତହିଁ ଲିପିବଦ୍ଧ। ଅନେକ ପରମ୍ପରା ଓ ଦର୍ଶନ ନୀତି, ନିୟମ ଆଦର୍ଶ ର ମେଳ, ସନାତନ ଧର୍ମ ଏହାଥିବ ଚିରକାଳ।'

ମହାଭାରତ ଯୁଦ୍ଧକ୍ଷେତ୍ରରେ ମୋହବଦ୍ଧ ଅର୍ଜୁନଙ୍କ ଉଦ୍ଦେଶ୍ୟ ରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଥିଲେ, ଯେତେବେଳେ ସଂସାରରେ ଧର୍ମର ପରାଭବ ଘଟି ଅଧର୍ମର ଉତଥାନ ହୁଏ, ମୁଁ ସେତେବେଳେ ବିଧର୍ମୀମାନଙ୍କୁ ବିନାଶକରି ଧର୍ମର ସୁରକ୍ଷା ଏବଂ ସାଧୁ ମାନଙ୍କର ପରିତ୍ରାଣ ପାଇଁ ଅବତାର ଗ୍ରହଣ କରେ। ଅତ୍ୟାଚାରୀ ଶାସକମାନେ ଆମ ସଂପ୍ରସାରଣର ହୀନ ମନବୃତ୍ତି ବଶତଃ 'ଧର୍ମ 'ଭଳି ଶବ୍ଦକୁ ରାଜନୈତିକ ସ୍ୱାର୍ଥସାଧନରେ ବ୍ୟବହାର କରୁଛନ୍ତି। ଅତ୍ୟାଚାରୀ ଓ ଅଧର୍ମୀ ଆଉରଙ୍ଗଜେବଙ୍କ ଧର୍ମଭୀର୍ଥିକ ରାଜନୀତି ତତ୍କାଳୀନ ହିନ୍ଦୁ ପ୍ରଜାମାନଙ୍କୁ ନିର୍ଯ୍ୟାତନା ଓ ଅତ୍ୟାଚାର ସହିବାକୁ ପଡ଼ିଥିଲା। ଏପରିକି ପରବର୍ତ୍ତୀ କାଳରେ ବ୍ରିଟିଶ ଶାସକମାନେ ମଧ ସ୍ୱଧର୍ମର ପ୍ରଚାର ନିମନ୍ତେ ଭାରତୀୟ ଧର୍ମ ଓ ସଂସ୍କୃତି ଉପରେ ଛୁରିକାଘାତ କରିବାକୁ ସବୁ କଳ, ବଳ, କୌଶଳ ଉପଯୋଗ କରିଥିଲେ। ସେ ହୃଦୟ ବିଦାରକ ନିର୍ଯ୍ୟାତନାର କାହାଣୀ ଇତିହାସ ପୃଷ୍ଠାରୁ କେବେ ଲିଭିଯିବ ନାହିଁ। ରାକ୍ଷୀପୂର୍ଣ୍ଣିମାକୁ ଓଡିଶାରେ ଗହ୍ମାପର୍ବ ବୋଲି କୁହାଯାଏ। ଆମ ହିନ୍ଦୁସନାତନ ସଂସ୍କୃତି ପରମ୍ପରା ବିଶ୍ୱରେ ଅଦ୍ୱିତୀୟ। ବିଶ୍ୱର ଆଉ କୌଣସି ରାଷ୍ଟ୍ରରେ ଏଭଳି ପର୍ବପର୍ବାଣି ପାଳନ କରାଯାଏ ନାହିଁ। ବିଶ୍ୱର ଶକ୍ତିଶାଳୀ ବିକଶିତ ରାଷ୍ଟ୍ର ଯେପରିକି ଆମେରିକା, ରୁଷିଆ, ଜର୍ମାନୀ, ଜାପାନ, ଇଟାଲୀ, ଫ୍ରାନ୍ସ ଇତ୍ୟାଦିର ଅଧିବାସୀ ଆମ ଧର୍ମ, ସଂସ୍କୃତି, ପରମ୍ପରା, ପ୍ରତି ଆକର୍ଷିତ ହୋଇ ନିଜର ପୁଳା ପୁଳା ଟଙ୍କା, ବାଟି ବାଟି ସମ୍ପତ୍ତିକୁ ପରିହାର କରି ହିନ୍ଦୁ ଦେବାଦେବୀଙ୍କ ଶରଣରେ ନିଜକୁ ସମର୍ପି ଦେଉଛନ୍ତି। ଏହାହିଁ ହିନ୍ଦୁ ସନାତନ ଧର୍ମର ମହାନତା ଓ ବିଚିତ୍ରତା। ଏହାକୁ ଅସ୍ୱୀକାର କରିହେବନାହିଁ। ଅନେକ ହିନ୍ଦୁ ସନାତନ ଧର୍ମର ବ୍ୟକ୍ତି ଈଶ୍ୱରବିଶ୍ୱାସୀ ଓ ନିଷ୍ଠାପର। ରଥଯାତ୍ରା, ଦୁର୍ଗାପୂଜା, କାଳୀପୂଜା, ଗଣେଶପୂଜା ଠାରୁ ଆରମ୍ଭ କରି ରାକ୍ଷୀପୂର୍ଣ୍ଣିମା ପ୍ରଯ୍ୟନ୍ତ ପ୍ରତ୍ୟେକ ପର୍ବପର୍ବାଣିର ନିଜର ବୈଶିଷ୍ଟ୍ୟ, ଅଭିପ୍ରାୟ ଏବଂ ପାଳନ କରିବାର ଉପଯୁକ୍ତ ବିଧି ରହିଛି। ରାକ୍ଷୀପୂର୍ଣ୍ଣିମା ଯାହାକି ପବିତ୍ର ଶ୍ରାବଣମାସରେ ପାଳନ କରାଯାଏ ତାହାର ଈଶ୍ୱରୀୟ ବାର୍ତ୍ତା ରହିଛି। ଏକବିଂଶ ଶତାବ୍ଦୀର ସ୍ୱାର୍ଥପର ମନୁଷ୍ୟ ସାମାନ୍ୟ କିଛି କାଗଜର ଟଙ୍କା, ସମ୍ପତ୍ତି, ମାନ ମର୍ଯ୍ୟାଦା, କ୍ଷମତା, ଅହମିକା ପାଇଁ ସେ ରକ୍ତର ହୋଲି ଖେଳୁଛି, ନିଜର ବନ୍ଧୁପରିଜନ, ଜନ୍ମଦାତା, ଜନ୍ମଦାତ୍ରୀ, ଭାତ୍ରା, ଧର୍ମପତ୍ନୀ, ଭଗିନୀଙ୍କୁ ମଧ ହତ୍ୟା କରିବାକୁ ପଛଘୁଞ୍ଚା ଦେଉନାହିଁ। ନିଜକୁ ସର୍ବଶେଷ୍ଠ, ସର୍ବଶକ୍ତିମାନ, ଜ୍ଞାନୀଗୁଣୀ, ବିଦ୍ୱାନ ବୃଦ୍ଧିମାନର ଡିଣ୍ଡିମ ପିଟୁଥିବା କଳିଯୁଗର ମନୁଷ୍ୟ ପାଇଁ ସମ୍ପର୍କର ମୂଲ୍ୟ ଆଜି ତୁଚ୍ଛ ହେଇଯାଇଛି, ସ୍ନେହ, ପ୍ରେମ, ବଳିଦାନ ଦୟା, କ୍ଷମା, ଆବିଳତା, ବିଶ୍ୱାସ, ଶ୍ରଦ୍ଧା ପରି ମହନୀୟ ଗୁଣ ଅନେକ ବ୍ୟକ୍ତିଙ୍କ ପାଖରେ ଏହା ପରିଲକ୍ଷିତ ହେଉନାହିଁ। ଏକବିଂଶ ଶତାବ୍ଦୀର ସ୍ୱାର୍ଥପର ମନୁଷ୍ୟ ପାଇଁ ଅର୍ଥ ସର୍ବସ୍ୱ ହେଇଯାଇଛି। ତା ପାଇଁ ସମ୍ପର୍କ ମୂଲ୍ୟହୀନ ହେଇଯାଇଛି।

ମହାପ୍ରଭୁ କାଳିଆ ସାଆନ୍ତ ରାକ୍ଷୀପୂର୍ଣ୍ଣିମାରେ ଭାଇଭଉଣୀଙ୍କ ଅନାବିଳ ପ୍ରେମ, ସ୍ନେହ, ବନ୍ଧନ, ଅତୁଟ ବିଶ୍ୱାସ, ଭଲପାଇବାର ପରାକାଷ୍ଠା ସାରାମାନବ ସମାଜଙ୍କୁ ବାର୍ତ୍ତା ପ୍ରଦାନ କରିଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ମାନବୀୟ ଲୀଳାରେ ସାରା ବିଶ୍ୱକୁ ଏହି ବାର୍ତ୍ତା ପ୍ରଦାନ କରିଛନ୍ତି। ନିଜର ଅଲିଅଳି ଭଗିନୀ ମାତା ସୁଭଦ୍ରାଙ୍କ ମାନ ରକ୍ଷା କରିବା ପାଇଁ ଅନେକ ଦୁଃଖ କଷ୍ଟ, ବାଧା, ବିଘ୍ନ କୁ ପ୍ରତିହତ କରି ମହାପ୍ରଭୁ ଜଗନ୍ନାଥ ତାଙ୍କର ସବୁ ଇଛା ପୂର୍ଣ୍ଣ କରିଛନ୍ତି। ଏହାହିଁ ମହାପ୍ରଭୁ କାଳିଆ ସାଆନ୍ତଙ୍କ ମାନବୀୟ ଲୀଳାର ଅନନ୍ତ ପରାକାଷ୍ଠା। ରାକ୍ଷୀପୂର୍ଣ୍ଣିମାରେ ରାକ୍ଷୀର ମହତ୍ୱକୁ ଶବ୍ଦରେ ପ୍ରକାଶ କରିବା ଅସମ୍ଭବ। ଏହି ରାକ୍ଷୀ ସାମାନ୍ୟ ଗୋଟିଏ ସୁତା ନୁହେଁ ଏହା ଭାଇଭଉଣୀଙ୍କ ମଧ୍ୟରେ ଥିବା ଭଲପାଇବା, ଶ୍ରଦ୍ଧା, ଅନାବିଳ ପ୍ରେମ, ଅତୁଟ ବିଶ୍ୱାସର ପ୍ରତୀକ। ଯେତେ ଦୁଃଖ, ଝଡ଼ ଝଞ୍ଜା, ବାଧାବିଘ୍ନ, ସମସ୍ୟା ଆସିଲେ ଭି ନିଜ ଭଉଣୀର ମାନ ରକ୍ଷା କରିବା, ତାଙ୍କୁ ଯେକୌଣସି ବିପଦରୁ ଉଦ୍ଧାର କରିବା ପ୍ରତ୍ୟେକ ଭାଇର ମୁଖ୍ୟ ଲକ୍ଷ୍ୟ ହେବା ଉଚିତ।

ଗୋପାଳପୁର, ବାଲେଶ୍ୱର
ମୋବାଇଲ୍: ୭୦୨୦୬୧୧୩୦୦

# ବସ୍ ଉପରେ ପଡ଼ିଲା ଗଛ, ୫ ମୃତ



ବାରାବାଙ୍କୀ,୮।୮: ଉତ୍ତର ପ୍ରଦେଶର ବାରାବାଙ୍କୀରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୫ ଜଣଙ୍କ ଜୀବନ ଯାଇଛି। ଯୁପି ରୋଡୱେଜର ଏକ ଚଳନ୍ତା ବସ ଉପରେ ହଠାତ୍ ଗଛ ପଡ଼ିଯିବା ଯୋଗୁଁ ଏପରି ଅଘଟଣ ଘଟିଛି। ଏହି ଘଟଣାରେ ୨ ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ସେମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଦୁର୍ଘଟଣା ନେଇ ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦୁଃଖ ପ୍ରକାଶ କରିବା ସହ ପୀଡ଼ିତଙ୍କୁ ତୁରନ୍ତ ସହାୟତା ଯୋଗାଇଦେବା ସକାଶେ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନାନୁସାରେ, ଭୀଷଣ ବର୍ଷା ହେଉଥିବା ସମୟରେ ଉକ୍ତ ଗଛଟି ଯାତ୍ରୀବାହୀ ବସ ଉପରେ ପଡ଼ିଯାଇଥିଲା। ଫଳରେ ବସ୍‌ଟି ଚାପି ହୋଇଯାଇଥିବା ବେଳେ ଯାତ୍ରୀମାନେ ଝରକା ଦେଇ ବାହାରକୁ ଡେଇଁପଡ଼ି ଜୀବନ ବଞ୍ଚାଇବାକୁ ଉଦ୍ୟମ କରିଥିଲେ। ଏଥିରେ ୫ ଜଣ ଯାତ୍ରୀଙ୍କର ମୃତ୍ୟୁ ହୋଇଛି। ଖବର ପାଇ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ପ୍ରଶାସନ ସହଯୋଗରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ଘଟଣାସ୍ଥଳର ଏକ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହେଉଛି, ଯେଉଁଥିରେ ବସ ଭିତରେ ଫସିଥିବା କିଛି ଲୋକଙ୍କୁ ଦେଖିବାକୁ ମିଳିଛି। ଏହି ଭିଡିଓ ଉତ୍ତୋଳନ କରୁଥିବା ଜଣେ ବ୍ୟକ୍ତିଙ୍କୁ ବସ୍ ଭିତରେ ଫସିଥିବା ଯାତ୍ରୀଙ୍କ ମଧ୍ୟରୁ ଜଣେ ମହିଳା ସମାଲୋଚନା କରିଥିଲେ ଏବଂ ଭିଡିଓ କରିବା ପରିବର୍ତ୍ତେ ଫସିଥିବା ଯାତ୍ରୀମାନଙ୍କୁ ଉଦ୍ଧାର କରିବାକୁ କହୁଥିବା ଦେଖାଯାଇଛି। ଏହି ଘଟଣାରେ ମୃତ୍ୟୁବରଣ କରିଥିବା ଯାତ୍ରୀଙ୍କ ପରିବାର ସକାଶେ ମୁଖ୍ୟମନ୍ତ୍ରୀ ଶ୍ରୀ ଆଦିତ୍ୟନାଥ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଏଥିସହ ସେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## କେନ୍ଦ୍ର କ୍ୟାବିନେଟରେ ୫ ନିଷ୍ପତ୍ତି

# ୫୨୬୬୭ କୋଟିର ପ୍ୟାକେଜ୍‌କୁ ମଞ୍ଜୁରୀ

- ୧୨୦୬୦ କୋଟିର ଉଜ୍ଜ୍ୱଳା ସବ୍‌ସିଡିରେ ମୋହର
- ବୈଷୟିକ ଶିକ୍ଷା ପ୍ରତିଷ୍ଠାନ ପାଇଁ ୪୨୦୦ କୋଟି
- ତ୍ରିପୁରା ଓ ଆସାମ ପାଇଁ ୪୨୫୦ କୋଟିର ସ୍ୱତନ୍ତ୍ର ବିକାଶ ପ୍ୟାକେଜ୍



ନୂଆଦିଲ୍ଲୀ,୮।୮: ଆଜି କେନ୍ଦ୍ର ସରକାରଙ୍କ କ୍ୟାବିନେଟ୍ ବୈଠକରେ ୫ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ୫୨,୬୬୭ କୋଟି ଟଙ୍କାର ଏକ ପ୍ୟାକେଜକୁ ମଞ୍ଜୁରୀ ମିଳିଛି। ଏହି ଅର୍ଥରେ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ଶିକ୍ଷା, ଏଲପିଜି, ଭିତ୍ତିଭୂମି ଓ ବିକାଶ ପାଇଁ ଲକ୍ଷ୍ୟ ରହିଛି। କ୍ୟାବିନେଟ୍ ବୈଠକର ନିଷ୍ପତ୍ତି ସଂକ୍ରାନ୍ତରେ ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ କେନ୍ଦ୍ର କ୍ୟାବିନେଟ ବୈଷୟିକ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକୁ ସୁଦୃଢ଼ କରିବା ପାଇଁ ୪,୨୦୦ କୋଟି ଟଙ୍କା ମଞ୍ଜୁର କରିଛି। ୨୦୨୫-୨୬ ପାଇଁ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅଧୀନରେ ୧୨,୦୬୦ କୋଟି ଟଙ୍କାର ସବସିଡି ମଞ୍ଜୁର କରାଯାଇଛି।

କେନ୍ଦ୍ର କ୍ୟାବିନେଟ ତୈଳ ବିପଣନ କମ୍ପାନୀଗୁଡ଼ିକ (ଓଏମସି) ପାଇଁ ୩୦,୦୦୦ କୋଟି ଟଙ୍କାର ଏଲପିଜି ସବସିଡି ମଞ୍ଜୁର କରିଛି। ଏହା ଏଲପିଜିର ମୂଲ୍ୟ ବୃଦ୍ଧି କରିବ ନାହିଁ। କେନ୍ଦ୍ର କ୍ୟାବିନେଟ ବୈଠକରେ ଉତ୍ତର-ପୂର୍ବ ରାଜ୍ୟ ଆସାମ ଏବଂ ତ୍ରିପୁରା ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ଏହି ଦୁଇଟି ରାଜ୍ୟ ପାଇଁ ୪୨୫୦ କୋଟି ଟଙ୍କାର ଏକ ସ୍ୱତନ୍ତ୍ର ବିକାଶ ପ୍ୟାକେଜ ଅନୁମୋଦନ କରାଯାଇଛି। କେନ୍ଦ୍ର ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାକୁ ବିଶ୍ୱ ସ୍ତରରେ ବିକଶିତ କରିବା ସକାଶେ ସ୍ୱୀକୃତି ଦିଆଯାଇଛି। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ଉଦ୍ଦେଶ୍ୟ ହେଉଛି ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବା। ଏପର୍ଯ୍ୟନ୍ତ ୧୦.୩୩ କୋଟି ଉଜ୍ଜ୍ୱଳା ସଂଯୋଗ ଦିଆଯାଇଛି। କ୍ୟାବିନେଟ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ହିତାଧିକାରୀଙ୍କ ପାଇଁ ୧୨,୦୬୦ କୋଟି ଟଙ୍କାର ସହାୟତା ମଞ୍ଜୁର କରିଛି। ମଧ୍ୟବିତ୍ତ ବର୍ଗର ଲୋକମାନେ ଶସ୍ତା ମୂଲ୍ୟରେ ଏଲପିଜି ଗ୍ୟାସ ପାଇପାରିବେ ସେଥିପାଇଁ କେନ୍ଦ୍ର କ୍ୟାବିନେଟ ୩୦,୦୦୦ କୋଟି ଟଙ୍କାର ସବସିଡିକୁ ମଞ୍ଜୁରୀ ଦେଇଛି। ବର୍ତ୍ତମାନ ଅନ୍ତର୍ଜାତୀୟ ସ୍ତରରେ ହଟଚମଟ ଜାରି ରହିଥିବାରୁ ଗ୍ୟାସ ମୂଲ୍ୟରେ ନିୟମିତ ଭାବେ ପରିବର୍ତ୍ତନ ଘଟୁଛି। ତେଣୁ ଏହାର ସମାଧାନ କରିବା ତଥା ମୂଲ୍ୟ ବୃଦ୍ଧିଜନିତ ଚାପରୁ ସାଧାରଣ ଖାଉଟିଙ୍କୁ ରକ୍ଷା କରିବା ସକାଶେ ସବସିଡି ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

ସେହିପରି କ୍ୟାବିନେଟ୍ ବୈଠକରେ ୧୭୫ଟି ଇଞ୍ଜିନିୟରିଂ ପ୍ରତିଷ୍ଠାନ ଓ ୧୦୦ଟି ପଲିଟେକ୍ନିକ୍ ସମେତ ୨୭୫ଟି ବୈଷୟିକ ପ୍ରତିଷ୍ଠାନରେ ବହୁବିଧ ଶିକ୍ଷା ଏବଂ ଗବେଷଣାରେ ଉନ୍ନତି ଯୋଜନା (ମେରିଟ୍) କାର୍ଯ୍ୟକାରୀ କରିବା ପାଇଁ ଆଗତ ଏକ ପ୍ରସ୍ତାବକୁ ମଧ୍ୟ ଅନୁମୋଦନ ମିଳିଛି। ଏହା ଏକ କେନ୍ଦ୍ରୀୟ କ୍ଷେତ୍ର ଯୋଜନା ଯାହାର ବିକାଶ ପାଇଁ ୨୦୨୫-୨୬ରୁ ୨୦୨୯-୩୦ ଅବଧି ମଧ୍ୟରେ ମୋଟ ୪,୨୦୦ କୋଟି ଟଙ୍କା ଖର୍ଚ୍ଚ ହେବା ସକାଶେ ଅନୁମୋଦନ ମିଳିଛି। ଏହି ୪୨୦୦ କୋଟି ଟଙ୍କା ମଧ୍ୟରୁ ବିଶ୍ୱ ବ୍ୟାଙ୍କରୁ ଋଣ ଆକାରରେ ୨୧୦୦ କୋଟି ଟଙ୍କାର ବାହ୍ୟ ସହାୟତା ମିଳିବ। ସେହିପରି ଏହି ଅର୍ଥରୁ ପ୍ରାୟ ସାଢ଼େ ୭ ଲକ୍ଷ ବୈଷୟିକ ଛାତ୍ରଛାତ୍ରୀ ଫାଇଦା ପାଇବେ ବୋଲି ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି।

# ସେନାକୁ ମିଳିବ ସ୍ୱଦେଶୀ ଏମ୍‌ଏମ୍‌ଜି

- ପ୍ରତି ମିନିଟ୍‌ରେ ଫୁଟିପାରିବ ୮୦୦ ରାଉଣ୍ଡ୍ ଗୁଳି
- ୧୮୦୦ ମିଟର ଦୂରତା ପର୍ଯ୍ୟନ୍ତ ଲକ୍ଷ୍ୟଧାର୍ଯ୍ୟ କ୍ଷମତା



ନୂଆଦିଲ୍ଲୀ,୮।୮: ସେନାକୁ ମିଳିବ ପ୍ରଥମ ସ୍ୱଦେଶୀ ମିଡିୟମ୍ ମେସିନ୍ ଗନ୍ (ଏମ୍‌ଏମ୍‌ଜି)। ହାଇଦ୍ରାବାଦର ଲୋକେଶ୍ ମେସିନ୍ସ ଲିମିଟେଡ୍ ପକ୍ଷରୁ ପୁଣେସ୍ଥିତ ଆର୍ମାମେଣ୍ଟ ରିସର୍ଚ୍ଚ ଆଣ୍ଡ୍ ଡେଭଲପମେଣ୍ଟ୍ ଏଷ୍ଟାବ୍ଲିସମେଣ୍ଟ ସହଯୋଗରେ ନିର୍ମିତ ଏହି ଏମ୍‌ଏମ୍‌ଜିକୁ ଭାରତର ପ୍ରଥମ ଏହି ଧରଣର ସ୍ୱଦେଶୀ ବନ୍ଧୁକ ବୋଲି କୁହାଯାଉଛି। ଏହି ବନ୍ଧୁକ ପ୍ରତି ମିନିଟ୍‌ରେ ୮ ଶହ ରାଉଣ୍ଡ୍ ଗୁଳି ଚଳାଇବା ସହ ୧୮ ଶହ ମିଟର୍ ଦୂରତା ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ। ଉଭୟ ସିଙ୍ଗଲ୍ ଶଟ୍ ଓ ଅଟୋମେଟିକ୍ ମୋଡ୍‌ରେ ଏଥିରୁ ଫାୟାରିଂ କରିହେବ। ଏହି ବେଲ୍ଟ ଫେଡ୍ ମିଡିୟମ୍ ମେସିନ୍ ଗନ୍‌ରେ ୨୫୦ ରାଉଣ୍ଡ୍ ବିଶିଷ୍ଟ ବେଲ୍ଟ ଓ ଆବଶ୍ୟକ ସ୍ଥଳେ ଅତିରିକ୍ତ ବେଲ୍ଟ ଯୋଡ଼ି ଲଗାତାର ଫାୟାର୍ କରିବାର ସୁବିଧା ରହିଛି। ତେବେ ସବୁଠାରୁ ବଡ଼ କଥା ହେଉଛି, ସମ୍ପ୍ରତି ସେନାରେ ବ୍ୟବହୃତ ହେଉଥିବା ଏମ୍‌ଏମ୍‌ଜି ତୁଳନାରେ ଏହା ୨୫ ପ୍ରତିଶତ ହାଲୁକା। ଏହାକୁ ସେନା ଗାଡ଼ି, ନୌସେନା ଜାହାଜ ଓ ବିମାନରେ ଲଗାଇହେବ। ୫୫ ଡିଗ୍ରୀରୁ ମାଇନସ୍ ୪୦ ଡିଗ୍ରୀ ସେଲସିୟସ ତାପମାତ୍ରାରେ ଏହା କାର୍ଯ୍ୟ କରିପାରିବ। ଏହି ଏମ୍‌ଏମ୍‌ଜି ତିଆରି କରିବା ସକାଶେ ଲୋକେଶ ମେସିନ୍ସକୁ ଭାରତୀୟ ସ୍ଥଳସେନା ପକ୍ଷରୁ ୧୭.୭୦ କୋଟି ଟଙ୍କାର ଅର୍ଡର୍ ମିଳିଛି।

# ଚୀନ୍‌ରେ ଭୟଙ୍କର ବନ୍ୟା ଓ ଭୂସ୍ଖଳନ, ୧୭ ମୃତ



ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ

ବେଜିଂ,୮।୮: ଚୀନ୍‌ରେ ଦେଖାଦେଇଛି ବନ୍ୟା ବିପ୍ଳବ। ଚୀନ୍‌ର ଝେଙ୍ଗଝୋଉ ସହରରେ ସମ୍ପ୍ରତି ମୂଷଳ ଧାରାରେ ବର୍ଷା ହେବା ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ସହର ବନ୍ୟାରେ ଉବୁଟୁବୁ ହେଉଛି। ସେହିପରି ଚୀନ୍‌ର ଉତ୍ତର-ପୂର୍ବାଞ୍ଚଳ ଘାନ୍ସୁ ପ୍ରଦେଶ ଅନ୍ତର୍ଗତ ୟୁଝୋଙ୍ଗ୍ କାଉଣ୍ଟିରେ ଅଚାନକ ବନ୍ୟା ଆସିବା ଫଳରେ ୧୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩୩ ଜଣ ନିଖୋଜ ହୋଇଯାଇଛନ୍ତି। ସେହିପରି ଜିଙ୍ଗ୍‌ଲୋଙ୍ଗ୍ ପାର୍ବତ୍ୟାଞ୍ଚଳରେ ଭୀଷଣ ବର୍ଷା କାରଣରୁ ବିଦ୍ୟୁତ୍ ସରବରାହ ପ୍ରଭାବିତ ହୋଇଥିବା ବେଳେ ଦୂରସଂଚାର ସେବା ମଧ୍ୟ ବିଚ୍ଛିନ୍ନ ହୋଇଛି। ଅଞ୍ଚଳର ୪ଟି ଗାଁର ପାଖାପାଖି ହଜାର ଲୋକ ବନ୍ୟାପାଣି ଭିତରେ ଫସିରହିଛନ୍ତି। ଏହାଛଡ଼ା ଲାନ୍‌ଝୋଉ ସହର ନିକଟବର୍ତ୍ତୀ ଅଞ୍ଚଳରେ ମଧ୍ୟ ଭୂସ୍ଖଳନ ହୋଇଛି। ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ ସ୍ଥାନୀୟ ପ୍ରଶାସନକୁ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ବନ୍ୟା ନିରାକରଣ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ତୁରନ୍ତ ସହରର ବିଭିନ୍ନ କାର୍ଯ୍ୟାଳୟ, ସ୍କୁଲ କଲେଜ, ସାଧାରଣ ପରିବହନ ଓ ସମସ୍ତ ବାହ୍ୟ କାର୍ଯ୍ୟକଳାପ ବନ୍ଦ କରାଯାଇଛି। ବନ୍ୟା ସମୟର ଭିଡିଓ ଭାଇରାଲ୍ ହୋଇଥିବା ବେଳେ ଏଥିରେ ଲୋକେ ବନ୍ୟାରେ ଫସି ରହିଥିବା ଦେଖାଯାଇଛି। ସେହିପରି ରାସ୍ତାରେ ପାଖାପାଖି ୩/୪ ଫୁଟ ଉଚ୍ଚର ପାଣି ଚାଲୁଥିବା ବେଳେ ଲୋକେ ଯାତାୟାତରେ ବ୍ୟାପକ ସମସ୍ୟା ଭୋଗୁଛନ୍ତି। ସେହିପରି ସହରରେ ବନ୍ୟା ଆଶଙ୍କା ଏତେ ଅଧିକ ହୋଇଛି ଯେ ପ୍ରଶାସନିକ ସ୍ତରରେ ବନ୍ୟା ଜରୁରୀକାଳୀନ ସତର୍କତା ଜାରି କରାଯାଇଛି। ସହରର ରାସ୍ତା, ମେଟ୍ରୋ ଷ୍ଟେସନ ଓ ରାଜପଥ ସମ୍ପୂର୍ଣ୍ଣ ଭାବେ ପାଣିରେ ବୁଡ଼ି ଯାଇଛି। ପାଣିର ପ୍ରବାହ ଏତେ ଅଧିକ ରହିଛି ଯେ ଲୋକଙ୍କ ଯାନବାହନ ଅନେକ ସ୍ଥାନରେ ଭାସୁଥିବା ଦେଖାଯାଇଛି। କୌଣସି ବଡ଼ ଦୁର୍ଘଟଣା ଏଡ଼ାଇବା ପାଇଁ ସହରରେ ମେଟ୍ରୋ ସେବାକୁ ଆଂଶିକ ଭାବେ ବନ୍ଦ ରଖାଯାଇଛି। ଏହାଛଡ଼ା ଝେଙ୍ଗଝୋଉରେ ଜଳସ୍ତର ବୃଦ୍ଧି ପାଇଥିବାରୁ ସେଠାରେ ଚାଲୁଥିବା ରିଙ୍ଗ ଏକ୍ସପ୍ରେସୱେକୁ ମଧ୍ୟ ବନ୍ଦ କରାଯାଇଛି। ପ୍ରଶାସନ ପକ୍ଷରୁ ସାଧାରଣ ଲୋକଙ୍କୁ ଘରୁ ନ ବାହାରି ସୁରକ୍ଷିତ ସ୍ଥାନରେ ରହିବାକୁ ପରାମର୍ଶ ଦିଆଯାଇଛି। ଉଦ୍ଧାରକାରୀ ଦଳକୁ ସଜାଗ ରଖାଯିବା ସହ ଯେକୌଣସି ପରିସ୍ଥିତିର ମୁକାବିଲା କରିବା ପାଇଁ ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା କରାଯାଉଥିବା ଜଣାପଡ଼ିଛି। ସେହିପରି ସ୍ଥାନୀୟ ପାଣିପାଗ ବିଭାଗର ପୂର୍ବାନୁମାନ ସ୍ଥାନୀୟ ଲୋକଙ୍କୁ ଭୟଭୀତ କରିଦେଇଛି। କାରଣ ବିଭାଗ ପକ୍ଷରୁ ଆଗାମୀ ଦିନରେ ଆହୁରି ପ୍ରବଳ ବର୍ଷା ହେବାର ସମ୍ଭାବନା ପ୍ରକଟ କରାଯାଇଛି। ତେଣୁ ସମସ୍ତଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

- ରାହୁଲ୍‌ଙ୍କ 'ଭୋଟ୍ ଚୋରି' ଅଭିଯୋଗ ପ୍ରସଙ୍ଗ

# ପ୍ରତିବାଦ ସଭାରେ ପୁଣି ଇସିଆଇକୁ ଟାର୍ଗେଟ୍



ବେଙ୍ଗାଲୁରୁ,୮।୮: କର୍ଣ୍ଣାଟକ ନିର୍ବାଚନରେ ପାଖାପାଖି ଏକ ଲକ୍ଷ ନକଲି ଭୋଟର୍ ଭୋଟ୍‌ଦାନ କରିଥିବା ନେଇ କଂଗ୍ରେସ ନେତା ତଥା ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧି ବରାବର ଭାରତୀୟ ନିର୍ବାଚନ କମିଶନ୍ (ଇସିଆଇ)ଙ୍କୁ ଟାର୍ଗେଟ୍ କରିଆସିଥିବା ବେଳେ ଆଜି ଏହା ପ୍ରତିବାଦରେ ଏଠାରେ ଏକ ପ୍ରତିବାଦ ସଭାର ମଧ୍ୟ ଆୟୋଜନ କରିଛନ୍ତି। ସ୍ଥାନୀୟ ଫ୍ରିଡମ୍ ପାର୍କଠାରେ ଆୟୋଜିତ ଏହି ପ୍ରତିବାଦ ସଭାରେ ରାହୁଲ୍ ଦେଶରେ ନିର୍ବାଚନ ଓ ଆସନ ଚୋରି କରିବା ସକାଶେ ଇସିଆଇ ବିଜେପି ସହ ମିଶିଯାଇଛନ୍ତି। ଏଥିସହ ରାହୁଲ୍ ମହାଦେବପୁରା ବିଧାନସଭା ନିର୍ବାଚନମଣ୍ଡଳୀ ଆସନରେ ହୋଇଥିବା ଭୋଟ୍ ଜାଲିଆତି ମାମଲାର ତଦନ୍ତ ପାଇଁ ମଧ୍ୟ କର୍ଣ୍ଣାଟକ ସରକାରଙ୍କୁ କହିଛନ୍ତି। ସଭାରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା, ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଓ ମନ୍ତ୍ରିମଣ୍ଡଳର ମନ୍ତ୍ରୀଙ୍କ ସହ ବିଧାୟକମାନେ ଯୋଗଦେଇଥିଲେ। ଏହି ପ୍ରତିବାଦ ସଭା ପରେ ରାହୁଲ୍ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ସ୍ମାରକପତ୍ର ଦେବାର ଥିଲେ ହେଁ ସେ ଏହାକୁ ବାତିଲ୍ କରି ଦିଲ୍ଲୀ ଫେରିଯାଇଥିବା ଜଣାପଡ଼ିଛି।

# ପୃଥକ୍ ବିମାନ ଦୁର୍ଘଟଣାରେ ୮ ମୃତ

ୱାଶିଂଟନ୍/ନାଇରୋବି,୮।୮: ଆମେରିକା ଓ କେନିୟାରେ ବିମାନ ଦୁର୍ଘଟଣା ଘଟିଥିବା ବେଳେ ଉଭୟ ଘଟଣାରେ ମୋଟ ୮ ଜଣଙ୍କର ପ୍ରାଣହାନି ଘଟିଛି। ଗୁରୁବାର ଆମେରିକାର ଇଲିନୋଇସ୍ରେ ମିସିସିପି ନଦୀରେ ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ଆମେରିକା ଫେଡେରାଲ୍ ଆଭିଏସନ୍ ପ୍ରଶାସନ (ଏଫ୍‌ଏଏ) ଏନେଇ ସୂଚନା ଦେଇଛି। ସେହିପରି ମିସୌରୀ ଷ୍ଟେଟ୍ ହାଇୱେ ପାଟ୍ରୋଲର କର୍ପୋରାଲ୍ ଡାଲାସ୍ ଥମ୍ପସନ୍ ଉଭୟଙ୍କ ମୃତ୍ୟୁ ନିଶ୍ଚିତ କରିଛନ୍ତି। ଏଥିସହ ଏହି ଦୁର୍ଘଟଣାରେ ଆଉ କେହି କ୍ଷତିଗ୍ରସ୍ତ ହୋଇନାହାନ୍ତି ବୋଲି ସେ ସ୍ପଷ୍ଟ କରିଛନ୍ତି। ଦୁର୍ଘଟଣା ପରେ ଉକ୍ତ ନଦୀକୁ ବାଣିଜ୍ୟକ ନୌଚାଳନା ପାଇଁ ବନ୍ଦ କରିଦିଆଯାଇଥିବା ସୂଚନା ମିଳିଛି। ସେହିପରି କେନିଆ ରାଜଧାନୀ ନାଇରୋବିରେ ଘଟିଥିବା ବିମାନ ଦୁର୍ଘଟଣାରେ ୬ ଜଣଙ୍କ ଜୀବନ ଯାଇଛି। ମୃତକଙ୍କ ମଧ୍ୟରେ ୨ ଜଣ ଲେଖାଏଁ ଡାକ୍ତର, ନର୍ସ ଓ ସାଧାରଣ ନାଗରିକ ଅଛନ୍ତି। କେନିଆର ସିଭିଲି ଏଭିଏସନ ଅଥରିଟି ଦୁର୍ଘଟଣା ନେଇ ସୂଚନା ଦେଇଛି। ଉକ୍ତ ଏୟାର ଆମ୍ବୁଲାନ୍ସଟି ଏକ ସ୍କୁଲ ଉପରେ ଖସିପଡ଼ିଥିଲା। ଦୁର୍ଘଟଣାରେ କେତେକ ଘର ଧ୍ୱଂସ ହୋଇଯାଇଥିବା ବେଳେ କିଛି ଲୋକ ମଧ୍ୟ ଆହତ ହୋଇଛନ୍ତି। ଦୁର୍ଘଟଣାଗ୍ରସ୍ତ ହେବା ପରେ ଉକ୍ତ ଏୟାର ଆମ୍ବୁଲାନ୍ସରେ ନିଆଁ ଲାଗିଯାଇଥିଲା। ସେହିପରି ଉକ୍ତ ସ୍କୁଲ୍‌ଟି ମଧ୍ୟ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ଆମ୍ବୁ କାଉଣ୍ଟି କମିଶନର ହେନରୀ ବାଫୁଲା ଦୁର୍ଘଟଣା ନେଇ କହିଛନ୍ତି ଯେ ଦୁର୍ଘଟଣା ଭାରତୀୟ ସମୟ ଅପରାହ୍ନ ୨ଟା ୧୪ ମିନିଟ ସମୟରେ ହୋଇଥିଲା। ଉଡ଼ାଣ ଭରିବାର ୩ ମିନିଟ ମଧ୍ୟରେ ଏହା ରାଡାର୍‌ରୁ ଗାଏବ୍ ହୋଇଯାଇଥିଲା। ପରେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ନ୍ୟାସନାଲ ପୁଲିସ ସର୍ଭିସ ଓ କେନିଆ ଡିଫେନ୍ସ ଫୋର୍ସ ମିଳିତ ଭାବେ ଉଦ୍ଧାର କାର୍ଯ୍ୟ କରିଥିଲେ। ମାମଲାର ତଦନ୍ତ ଦାୟିତ୍ୱ ଏୟାର ଆକ୍ସିଡେଣ୍ଟ ଇଭେଷ୍ଟିଗେସନ ଡିପାର୍ଟମେଣ୍ଟକୁ ଦିଆଯାଇଛି।

# ତଦନ୍ତରେ ସୁଧାର ପାଇଁ ଇଡିକୁ ସୁପ୍ରିମ୍‌କୋର୍ଟଙ୍କ ତାଗିଦ୍

ନୂଆଦିଲ୍ଲୀ,୮।୮: ସୁପ୍ରିମ୍‌କୋର୍ଟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ଏହାର ତଦନ୍ତରେ ଆହୁରି ପରିପକ୍ୱତା ଆଣିବା ସକାଶେ ତାଗିଦ୍ କରିଛନ୍ତି। ମନି ଲଣ୍ଡରିଂ ନିରୋଧୀ ଆଇନ୍ (ପିଏମ୍‌ଏଲ୍‌ଏ)ରେ ଦଣ୍ଡାଦେଶ ହେଉଥିବା ପରିମାଣ ବେଶ୍ ନଗଣ୍ୟ ରହିଥିବାରୁ ଏହି ପରିପ୍ରେକ୍ଷୀରେ ସୁପ୍ରିମ୍‌କୋର୍ଟ ଇଡିକୁ ଭର୍ତ୍ସନା କରିଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ଖଣ୍ଡପୀଠ ଏକ ଗୋଟିଏ ନିର୍ଦ୍ଦିଷ୍ଟ ମାମଲାରେ କହିଛନ୍ତି ଯେ ଉକ୍ତ ମାମଲାରେ ୫ ହଜାରରୁ ଊର୍ଦ୍ଧ୍ୱ ଇସିଆଇଆର୍ ପଞ୍ଜୀକୃତ ହୋଇଥିଲେ ସେଥି ମଧ୍ୟରୁ ମାତ୍ର ୧୦ ଜଣଙ୍କୁ ଦଣ୍ଡାଦେଶ ହୋଇଛି। ସେହିପରି ଅଭିଯୁକ୍ତମାନଙ୍କୁ ବିଚାର ଚୂଡ଼ାନ୍ତ ହେବା ପୂର୍ବରୁ ଯଥେଷ୍ଟ ଅଧିକ ଦିନ ଜେଲ୍‌ରେ ରହିବାକୁ ପଡୁଥିବା ନେଇ ମଧ୍ୟ ଖଣ୍ଡପୀଠ ଅସନ୍ତୋଷ ପ୍ରକାଶ କରିଛନ୍ତି। ମାମଲାର ବିଚାରକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି। ନଚେତ୍ କୌଣସି ପ୍ରକାର ଅନିୟମିତତା ରୋକିବା କଷ୍ଟକର ବ୍ୟାପାର ହେବ ବୋଲି ଖଣ୍ଡପୀଠ କହିଛନ୍ତି।

## ଭାରତ-ପାକ୍ ଯୁଦ୍ଧ ପ୍ରସଙ୍ଗରେ ଆମେରିକା ବିଦେଶ ମନ୍ତ୍ରୀଙ୍କ ବୟାନ

# ଟ୍ରମ୍ପ୍ 'ଶାନ୍ତିର ରାଷ୍ଟ୍ରପତି'



ୱାଶିଂଟନ୍,୮।୮: ଗତ ମେ'ରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ସମ୍ମୁଖ ଯୁଦ୍ଧରେ ଆମେରିକା ମଧ୍ୟସ୍ଥତା କରିଥିବା ନେଇ ବାରମ୍ବାର ଦାବି କରିଆସିଛି। ଉଭୟ ଦେଶ ପରମାଣୁ ଶକ୍ତିସମ୍ପନ୍ନ ହୋଇଥିବାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଯୁଦ୍ଧରେ ହସ୍ତକ୍ଷେପ କରି ଯୁଦ୍ଧବିରତି କାର୍ଯ୍ୟକାରୀ କରାଇବାରେ ସକ୍ଷମ ହୋଇଥିଲେ। ଏହାକୁ ନେଇ ଭାରତରେ ରାଜନୈତିକ ସ୍ତରରେ ଆରୋପ ପ୍ରତିଆରୋପ ଜାରି ରହିଥିବା ବେଳେ ଏବେ ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ ଏକ କାର୍ଯ୍ୟକ୍ରମରେ ଏ ସଂକ୍ରାନ୍ତରେ ମତାମତ ଦେଇଛନ୍ତି। ସେ ଇଡବ୍ଲ୍ୟୁଟିଏନ୍‌ର 'ଦି ୱାର୍ଲ୍ଡ ଓଭର୍' କାର୍ଯ୍ୟକ୍ରମରେ ଭାଗ ନେବା ଅବସରରେ କହିଛନ୍ତି ଯେ ଟ୍ରମ୍ପ ସବୁବେଳେ ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରତିବଦ୍ଧ। ତେଣୁ ସେ ହେଉଛନ୍ତି 'ଶାନ୍ତିର ରାଷ୍ଟ୍ରପତି'। ଏହି କାରଣରୁ ଯେତେବେଳେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ହୋଇଥିଲା, ସେଥିରେ ସେ ସିଧାସଳଖ ସାମିଲ ହୋଇଥିଲେ ଓ ଶେଷରେ ଶ୍ରୀ ଟ୍ରମ୍ପ୍ ଉଭୟ ଦେଶ ମଧ୍ୟରେ ଜାରି ରହିଥିବା ଅଶାନ୍ତିରେ ପୂର୍ଣ୍ଣଚ୍ଛେଦ ପକାଇବା ସହ ଶାନ୍ତି ପ୍ରତିଷ୍ଠା କରିବାରେ ସକ୍ଷମ ହୋଇଥିଲେ ବୋଲି ରୁବିଓ କହିଛନ୍ତି। ଏହି ଅବସରରେ ରୁବିଓ କାମ୍ବୋଡିଆ ଓ ଥାଇଲାଣ୍ଡ, ଆଜରବାଇଜାନ ଓ ଆମେରିଆ, ଡେମୋକ୍ରାଟିକ ରିପବ୍ଲିକ ଅଫ କଙ୍ଗୋ ଓ ରୱାଣ୍ଡା ମଧ୍ୟରେ ହୋଇଥିବା ସଂଘର୍ଷ ସହ ଆହୁରି ବିଭିନ୍ନ ସଂଘର୍ଷ ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିବା ସହ ଏସବୁର ସମାଧାନ ପଛରେ ମଧ୍ୟ ଟ୍ରମ୍ପ୍‌ଙ୍କ ହାତ ରହିଥିବା କହିଛନ୍ତି। ସେ କହିଛନ୍ତି ଯେ ଟ୍ରମ୍ପ୍‌ଙ୍କ ଏପରି ପଦକ୍ଷେପ ପାଇଁ ଆମେରିକା ଗର୍ବିତ। ଆମେ ଯୁଦ୍ଧକୁ ରୋକିବା ଓ ସମାପ୍ତ କରିବା ପାଇଁ ଅଧିକ ସମୟ ଉତ୍ସର୍ଗ କରୁ ବୋଲି ରୁବିଓ କହିଛନ୍ତି। ରୁବିଓଙ୍କ କହିବାନୁସାରେ, ଭାରତ ଓ ପାକିସ୍ତାନ ଯୁଦ୍ଧ ଚାଲିଥିବା ସମୟରେ ଗତ ମେ' ୧୦ରେ ଟ୍ରମ୍ପ ଉଭୟ ଦେଶକୁ ସଂଘର୍ଷ ବନ୍ଦ କଲେ ଆମେରିକା ବାଣିଜ୍ୟିକ ସମ୍ପର୍କ ଦିଗରେ ସହଯୋଗ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ମଦ ନେଲା ବାପାଙ୍କ ଜୀବନ, ପ୍ରତିଶୋଧ ନେବାକୁ ପୁଅ ଲୁଟିଲେ ୮ ଦୋକାନ

ନାଗପୁର,୮।୮: ମହାରାଷ୍ଟ୍ରର ଜନୈକ ଯୁବକ ତାଙ୍କ ପିତାଙ୍କ ମୃତ୍ୟୁର ପ୍ରତିଶୋଧ ନେବା ପାଇଁ ଏକ ଅଜବ ତରିକା ଆପଣାଇଥିବା ବେଳେ ଏହା ସ୍ଥାନୀୟ ଅଞ୍ଚଳରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି। ଗତ ୩୧ ତାରିଖରେ ସହରର ଏକ ମଦ ଦୋକାନରୁ ଚୋରି ଘଟଣାରେ ପୁଲିସ୍ ସିସିଟିଭିରୁ ଚୋରକୁ ଠାବ କରିବା ପରେ ଏହା ସାମ୍ନାକୁ ଆସିଛି। ଉକ୍ତ ଅଭିଯୁକ୍ତ ଜଣଙ୍କ ରାଜା ଖାନ୍ ବୋଲି ଜଣାପଡ଼ିଥିଲା। ତେବେ ଚୋରିର ଉଦ୍ଦେଶ୍ୟ ଜାଣିବା ପରେ ପୁଲିସ୍ ଆଶ୍ଚର୍ଯ୍ୟଚକିତ ହୋଇଯାଇଥିଲା। କାରଣ ରାଜା ଅଭାବରେ ପଡ଼ି ଚୋରି କରୁନଥିଲେ କି ତାଙ୍କର ଏହା ଅଭ୍ୟାସଗତ ସମସ୍ୟା ମଧ୍ୟ ନଥିଲା। ବରଂ ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ସେ ଏପରି ଚୋରି କରୁଥିବା ପୁଲିସ୍‌କୁ କହିଛନ୍ତି। କିଛି ବର୍ଷ ତଳେ ମଦ ପିଇ ତାଙ୍କ ବାପା ମୃତ୍ୟୁବରଣ କରିଥିଲେ। ବିଭିନ୍ନ ବାର୍ ଓ ମଦ ଦୋକାନରେ ସେ ମଦ ପିଇ ଶେଷରେ ମୃତ୍ୟୁବରଣ କରିବା ପରେ ରାଜା ଏହାର ପ୍ରତିଶୋଧ ନେବା ସକାଶେ ବାର୍ ଓ ମଦ ଦୋକାନରୁ ଚୋରି କରିବା ଆରମ୍ଭ କରିଥିଲେ। ଇତିମଧ୍ୟରେ ସେ ୮ଟି ମଦ ଦୋକାନରୁ ଚୋରି କରିସାରିଥିବା ସ୍ୱୀକାର କରିଛନ୍ତି। କିନ୍ତୁ ମଦକୁ ବିରୋଧ କରୁଥିବା ରାଜା ନିଜେ ଡ୍ରଗ୍ସ ସେବନ କରୁଥିବା ପୁଲିସ୍ ଜାଣିବାକୁ ପାଇଛି।

# ଆତଙ୍କୀ ହମ୍‌ଲା ଆଶଙ୍କା, ପ୍ରମୁଖ ବିମାନବନ୍ଦରରେ ହାଇ ଆଲର୍ଟ

ନୂଆଦିଲ୍ଲୀ,୮।୮: ଆସନ୍ତା ସପ୍ତାହରେ ଦେଶ ୭୯ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଥିବା ବେଳେ ଏହି ସମୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଆତଙ୍କୀ କିମ୍ବା କୌଣସି ଅସାମାଜିକ ତତ୍ତ୍ୱ ଟାର୍ଗେଟ୍ କରିବାର ସମ୍ଭାବନା ରହିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଆଜି ବେସାମରିକ ବିମାନ ଚଳାଚଳ ନିରାପତ୍ତା ବ୍ୟୁରୋ (ବିସିଏଏସ୍) ପକ୍ଷରୁ ଦେଶର ପ୍ରମୁଖ ବିମାନବନ୍ଦରଗୁଡ଼ିକରେ ହାଇ ଆଲର୍ଟ ଜାରି କରାଯାଇଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ଏହି ନିରାପତ୍ତା ଏଜେନ୍ସି ପକ୍ଷରୁ ଆଜି ୩ଟି ଆଡଭାଇଜରି ଜାରି କରାଯାଇଛି, ଯେଉଁଥିରେ ବିମାନବନ୍ଦର ସହ ବିମାନ ଓ ପାଇଲଟ୍ ପ୍ରଶିକ୍ଷଣ ବିଦ୍ୟାଳୟଗୁଡ଼ିକରେ ମଧ୍ୟ ନିରାପତ୍ତା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବାକୁ କୁହାଯାଇଛି। ଗୁଇନ୍ଦା ସୂଚନା ଆଧାରରେ ଏହି ହାଇ ଆଲର୍ଟ ଜାରି କରାଯାଇଛି। ବିସିଏଏସ୍ ପକ୍ଷରୁ ଆସନ୍ତା ସେପ୍ଟେମ୍ବର ୨୨ରୁ ଅକ୍ଟୋବର ୨ ମଧ୍ୟରେ ଦୁର୍ଗାପୂଜା ସକାଶେ ସାରା ଭାରତରେ ବିମାନବନ୍ଦର ପାଇଁ ହାଇ ଆଲର୍ଟ ଜାରି କରାଯାଇଛି। ଏହି ପରାମର୍ଶ ଅନୁସାରେ, ଦେଶର ସବୁଠାରୁ ବ୍ୟସ୍ତବହୁଳ ଓ ଗୁରୁତ୍ୱପୂର୍ଣ୍ଣ ବିମାନବନ୍ଦର ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧି ଅନ୍ତର୍ଜାତୀୟ ବିମାନବନ୍ଦରରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। କାରଣ ଏହି ବିମାନବନ୍ଦର କେବଳ ଜାତୀୟ ରାଜଧାନୀର ପ୍ରବେଶ ପଥ ନୁହେଁ, ବରଂ ଅନ୍ତର୍ଜାତୀୟ ବିମାନ ଉଡ଼ାଣ କ୍ଷେତ୍ରରେ ଏକ ମୁଖ୍ୟ ସ୍ଥାନ ରହିଆସିଛି। ଆଗାମୀ ସ୍ୱାଧୀନତା ଦିବସ ପୂର୍ବରୁ ଦେଶର ବିଭିନ୍ନ ଗୁଇନ୍ଦା ସଂସ୍ଥା ସତର୍କ କରାଇଛନ୍ତି ଯେ ଆଇଜିଆଇ ବିମାନବନ୍ଦର ଆତଙ୍କବାଦୀ ସଂଗଠନର ଟାର୍ଗେଟ ହୋଇପାରେ। ଏଥିସହ ମୁମ୍ବାଇ, ଜୟପୁର ଓ ଅନ୍ୟାନ୍ୟ ବିମାନବନ୍ଦରକୁ ମିଳିଥିବା ବୋମା ଧମକ ଇମେଲ୍ ମଧ୍ୟ ସୁରକ୍ଷା ସଂସ୍ଥାଗୁଡ଼ିକର ଚିନ୍ତାକୁ ବହୁଗୁଣିତ କରିଦେଇଛି। ତେଣୁ ବିସିଏଏସ୍ ପକ୍ଷରୁ ଜାରି ନିର୍ଦ୍ଦେଶାବଳୀରେ ପ୍ରଥମେ ପରିଚୟପତ୍ରର କଡ଼ା ଯାଞ୍ଚ ବିଷୟରେ ଉଲ୍ଲେଖ କରାଯାଇଛି। ବିମାନବନ୍ଦରରେ ପ୍ରବେଶ କରୁଥିବା ପ୍ରତ୍ୟେକ ବ୍ୟକ୍ତି, କର୍ମଚାରୀ ଓ ଠିକାଦାରଙ୍କ ପରିଚୟ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବା ସକାଶେ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ବିମାନବନ୍ଦରରେ ସିସି ଟିଭି କ୍ୟାମେରା ମାଧ୍ୟମରେ ୨୪ ଘଣ୍ଟା ନଜର ରଖିବାକୁ କୁହାଯାଇଛି। ସ୍ଥାନୀୟ ପୁଲିସ, ସିଆଇଏସଏଫ, ଇଣ୍ଟେଲିଜେନ୍ସ ବ୍ୟୁରୋ ଓ ଅନ୍ୟାନ୍ୟ ଏଜେନ୍ସି ମଧ୍ୟରେ ଉତ୍ତମ ସମନ୍ୱୟ ଉପରେ ମଧ୍ୟ ବିସିଏଏସ୍ ଗୁରୁତ୍ୱାରୋପ କରିଛି।

# ବିହାରରେ ମା' ସୀତା ମନ୍ଦିରର ଭୂମି ପୂଜନ

- ଯୋଗଦେଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ
- ୩ ବର୍ଷ ଭିତରେ ସରିବ ନିର୍ମାଣ କାର୍ଯ୍ୟ
- ଖର୍ଚ୍ଚ ହେବ ୮୮୩ କୋଟି



ସୀତାମାଢ଼ି,୮।୮: ସ୍ଥାନୀୟ ପୁନୌରା ଧାମରେ ଆଜି ମା' ସୀତା ମନ୍ଦିରର ଶିଳାନ୍ୟାସ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଯୋଗଦେଇ ଶିଳାନ୍ୟାସ ପୂର୍ବରୁ ଭୂମି ପୂଜନ କରିଛନ୍ତି। ବୈଦିକ ମନ୍ତ୍ର ସହ ପୂଜା କରାଯାଇଛି। ଏହି ଭୂମି ପୂଜନରେ ଶ୍ରୀ ଶାହଙ୍କ ବ୍ୟତୀତ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଉପସମ୍ରାଟ ଚୌଧୁରୀ, ଅନେକ ମନ୍ତ୍ରୀ ଓ ସନ୍ଥମାନେ ଅଂଶଗ୍ରହଣ କରିଥିଲେ। ଏହି ଭୂମିପୂଜନ ସକାଶେ ୨୧ଟି ତୀର୍ଥସ୍ଥଳରୁ ମାଟି ଓ ୩୧ଟି ନଦୀରୁ ଜଳ ଅଣାଯାଇଛି। କାର୍ଯ୍ୟକ୍ରମରେ ଭାଗନେବା ପାଇଁ ସାରା ଦେଶରୁ ସାଧୁ ଓ ସନ୍ଥ ଏଠାରେ ପହଞ୍ଚିଛନ୍ତି। ଭୂମି ପୂଜନ ପାଇଁ ରାଜସ୍ଥାନର ଜୟପୁରରୁ ରୁପା କଳସ, ଦିଲ୍ଲୀରୁ ରୁପାରେ ତିଆରି ସ୍ୱତନ୍ତ୍ର ପୂଜା ସାମଗ୍ରୀ ଏବଂ ଆନ୍ଧ୍ରପ୍ରଦେଶର ପ୍ରସିଦ୍ଧ ତୀର୍ଥସ୍ଥଳ ତିରୁପତି ବାଲାଜୀରୁ ସ୍ୱତନ୍ତ୍ର ଲଡୁ ସୀତାମାଢ଼ିକୁ ଅଣାଯାଇଛି। ଏହାଛଡ଼ା ଆନ୍ଧ୍ରପ୍ରଦେଶର ପ୍ରସିଦ୍ଧ ତୀର୍ଥସ୍ଥଳ ତିରୁପତି ବାଲାଜୀରୁ ସୀତାମାଢ଼ିକୁ ସ୍ୱତନ୍ତ୍ର ଲଡୁ ମଧ୍ୟ ଅଣାଯାଇଥିବା ଜଣାପଡ଼ିଛି। ବିହାରର ପୁନୌରା ଧାମରେ ୬୭ ଏକର ଜମିରେ ମା' ସୀତାଙ୍କ ଭବ୍ୟ ମନ୍ଦିର ସହ ଯଜ୍ଞ ମଣ୍ଡପ, ସଂଗ୍ରହାଳୟ, ଅଡିଟୋରିୟମ୍, କାଫେଟେରିଆ, ଖେଳ ପଡ଼ିଆ, ଧର୍ମଶାଳା, ସୀତା ବାଟିକା, ଭଜନ ସ୍ଥଳ ରହିବ। ଏହାଛଡ଼ା ଏଠାରେ ପର୍ଯ୍ୟଟନ ସୁବିଧା ଆଦି ବିକଶିତ କରାଯିବ। ବିହାର ସରକାର ଗତ ଜୁଲାଇ ୧ ତାରିଖରେ କ୍ୟାବିନେଟ୍ ବୈଠକରେ ଏହି ମନ୍ଦିରର ନିର୍ମାଣ ପାଇଁ ୮୮୩ କୋଟି ମଞ୍ଜୁର କରିଥିଲେ। ଆଗାମୀ ୩ ବର୍ଷ ମଧ୍ୟରେ ଏହି ମନ୍ଦିରର ନିର୍ମାଣ କାର୍ଯ୍ୟ ଶେଷ କରିବାର ଲକ୍ଷ୍ୟ ରହିଛି। ବିହାର ରାଜ୍ୟ ପର୍ଯ୍ୟଟନ ବିକାଶ ନିଗମ (ବିଏସ୍‌ଟିଡିସି) ଏହି ପ୍ରକଳ୍ପର କାର୍ଯ୍ୟକାରୀ କରିବାର ଦାୟିତ୍ୱ ପାଇଛି। ଏହି ଅବସରରେ ଶ୍ରୀ ଶାହ କହିଛନ୍ତି ଯେ ଆଜି ନିଶ୍ଚିତ ଭାବେ ଆମ ସମସ୍ତଙ୍କ ପାଇଁ ଏକ ଶୁଭ ଦିନ। ଏଠାରେ ରାମାୟଣ ସମୟରେ ରାଜା ଜନକ ମରୁଡ଼ି ଦୂର କରିବା ପାଇଁ ସୁନାର ହଳ ବ୍ୟବହାର କରିଥିଲେ। ସେତେବେଳେ ଅଚାନକ ମା' ଜାନକୀଙ୍କ ଆବିର୍ଭାବ ହୋଇଥିଲା। ଆଜି ମନ୍ଦିରର ଶିଳାନ୍ୟାସ ଅବସରରେ ମା' ଜାନକୀ ବର୍ଷା ଆଣି ଆମ ସମସ୍ତଙ୍କୁ ଆଶୀର୍ବାଦ କରିଛନ୍ତି । ୮୯୦ କୋଟି ଟଙ୍କା ବ୍ୟୟରେ ଏଠାରେ ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯିବ, ଯେଉଁଥିରେ ମନ୍ଦିର ବାବଦରେ ୧୩୭ କୋଟି ଓ ପରିକ୍ରମା ପଥ ତଥା ଅନ୍ୟାନ୍ୟ ସୁବିଧା ପାଇଁ ୬୩୮ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହାଛଡ଼ା ଆଗାମୀ ୧୦ ବର୍ଷ ପାଇଁ ମନ୍ଦିରର ରକ୍ଷଣାବେକ୍ଷଣରେ ୧୬ କୋଟି ଖର୍ଚ୍ଚ ହେବ। ଏଥିସହ ମା' ସୀତାଙ୍କ ଜନ୍ମଭୂମିର ବିକାଶ ପାଇଁ ଯଥେଷ୍ଟ ଅର୍ଥ ବିନିଯୋଗ ହେବ। ମିଥିଳାର ସଂସ୍କୃତି ସମଗ୍ର ଦେଶରେ ସର୍ବଶ୍ରେଷ୍ଠ ହୋଇଥିବାରୁ ଏହାକୁ ଭାରତର ସଂସ୍କୃତିର ମଣି ବୋଲି ଅଭିହିତ କରାଯାଉଥିବା ଶ୍ରୀ ଶାହ କହିଛନ୍ତି। ଆଗାମୀ ବିହାର ନିର୍ବାଚନରେ ଏନ୍‌ଡିଏ ସଂଖ୍ୟାଗରିଷ୍ଠତା ହାସଲ କରିବ ବୋଲି ମଧ୍ୟ ଶାହ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ଦୁଲୀପ୍ ଟ୍ରଫିଃ ଗିଲ୍ ଉତ୍ତରାଞ୍ଚଳ ଅଧିନାୟକ

## ହର୍ଷିତ ଓ ଅର୍ଶଦୀପଙ୍କୁ ମିଳିଲା ସ୍ଥାନ



**ମୁମ୍ବାଇ,୮।୮:** ଆଗାମୀ ଦୁଲୀପ୍ ଟ୍ରଫି ପାଇଁ ଭାରତୀୟ ଟେଷ୍ଟ ଦଳର ଅଧିନାୟକ ଶୁଭମନ ଗିଲ୍‌ଙ୍କୁ ଉତ୍ତରାଞ୍ଚଳ ଅଧିନାୟକ ନିଯୁକ୍ତ କରାଯାଇଛି। ଟେଷ୍ଟ ଦଳରେ ସ୍ଥାନ ପାଇଥିବା ଅର୍ଶଦୀପ ସିଂହ ଓ ଅଂଶୁଲ କାମ୍ବୋଜଙ୍କ ସମେତ ବର୍ଡରଗାଭାସ୍କର ଟ୍ରଫି ଖେଳିଥିବା ହର୍ଷିତ ରାଣା ଦଳର ପେସ୍ ବୋଲିଂ ବିଭାଗ ସମ୍ଭାଳିବେ। ଗିଲ୍, ହର୍ଷିତ ଓ ଅର୍ଶଦୀପଙ୍କ ପାଇଁ ୩ଜଣ ବଦଳ ଖେଳାଳିଙ୍କୁ ମଧ୍ୟ ଚୟନ କରାଯାଇଛି।

ଆଗାମୀ ଏସିଆ କପ୍ ପାଇଁ ଘୋଷିତ ଦଳରେ ଗିଲ୍, ଅର୍ଶଦୀପ ଓ ହର୍ଷିତ ସ୍ଥାନ ପାଇଲେ ସେମାନଙ୍କ ସ୍ଥାନରେ ଯଥାକ୍ରମେ ଶୁଭମ ରୋହିଲା, ଗୁରନୂର ବ୍ରାର ଓ ଅନୁଜ ଠକରାଲ ଦଳରେ ପ୍ରବେଶ କରିବେ। ସେପ୍ଟେମ୍ବର ୯ରୁ ଏସିଆ କପ୍ ଆରମ୍ଭ ହୋଇ ୨୮ ତାରିଖରେ ଶେଷ ହେବ। ଦୁଲୀପ୍ ଟ୍ରଫି ଚଳିତ ମାସ ୨୮ ତାରିଖରୁ ଆରମ୍ଭ ହୋଇ ସେପ୍ଟେମ୍ବର ୧୫ ତାରିଖରେ ଶେଷ ହେବ। ପ୍ରଥମ ମ୍ୟାଚ୍‌ରେ ଉତ୍ତରାଞ୍ଚଳ ଓ ପୂର୍ବାଞ୍ଚଳ ସାମ୍ନାସାମ୍ନି ହେବେ। ଗତ ରଣଜୀ ଟ୍ରଫି ସିଜନରେ ୫୯ ହାରରେ ମୋଟ୍ ୫୭୪ ରନ ସଂଗ୍ରହ କରିଥିବା ଅଙ୍କିତ କୁମାରଙ୍କୁ ଉତ୍ତରାଞ୍ଚଳ ଦଳର ଉପ ଅଧିନାୟକ ନିଯୁକ୍ତ କରାଯାଇଛି। ଉତ୍ତରାଞ୍ଚଳ ଦଳରେ ଦିଲ୍ଲୀରୁ କେବଳ ହର୍ଷିତଙ୍କ ସହ ଯଶ ଧୁଲ ଓ ଆୟୁଷ ବାଦୋନି ସ୍ଥାନ ପାଇଛନ୍ତି। ମାତ୍ର ଜମ୍ମୁ ଓ କାଶ୍ମୀରରୁ ୫ଜଣ ଖେଳାଳିଙ୍କୁ ଏହି ଦଳରେ ସ୍ଥାନ ମିଳିଛି।

**ଉତ୍ତରାଞ୍ଚଳ ଦଳ:** ଶୁଭମନ ଗିଲ୍ (ଅଧିନାୟକ), ଶୁଭମ ଖଜୁରିଆ, ଅଙ୍କିତ କୁମାର, ଆୟୁଷ ବାଦୋନି, ଯଶ ଧୁଲ, ଅଙ୍କିତ କାଲସି, ନିଶାନ୍ତ ସିନ୍ଧୁ, ସାହିଲ ଲୋଟ୍ରା, ମୟଙ୍କ ଡଗର, ଯୁଦ୍ଧବୀର ସିଂହ ଚରକ, ଅର୍ଶଦୀପ ସିଂହ, ହର୍ଷିତ ରାଣା, ଅଂଶୁଲ କାମ୍ବୋଜ, ଆକିବ ନବି, କନ୍ହେୟା ୱଧୱନ।

**ଷ୍ଟାଣ୍ଡବାଇ:** ଶୁଭମ ଆରୋରା, ଯଶକରଣବୀର ସିଂହ ପଲ, ରବି ଚୌହାନ, ଆବିଦ ମୁସ୍ତାକ, ନିଶଙ୍କ ବିର୍ଲା, ଉମର ନାଜିର, ଦିବେଶ ଶର୍ମା।

# ବଢ଼ିଲା ୟୁଏସ ଓପନ ଗ୍ରାଣ୍ଡସ୍ଲାମ୍‌ର ପୁରସ୍କାର ରାଶି

**ଚାମ୍ପିଅନ ପାଇବେ ୫ମିଲିୟନ ଡଲାର**

**ନ୍ୟୁୟର୍କ,୮।୮:** ଆଗାମୀ ୟୁଏସ ଓପନ ଗ୍ରାଣ୍ଡସ୍ଲାମ୍‌ର ପୁରସ୍କାର ରାଶି ୨୦% ବୃଦ୍ଧି କରାଯାଇଛି। ଏଥର ମୋଟ୍ ପୁରସ୍କାର ରାଶିକୁ ୯୦ମିଲିୟନ ଡଲାର ରଖାଯାଇଛି। ଅର୍ଥାତ ଗତ ବର୍ଷର ପୁରସ୍କାର ରାଶି ତୁଳନାରେ ୨୦% ବୃଦ୍ଧି ହୋଇଛି। ଏଥର ଉଭୟ ପୁରୁଷ ଓ ମହିଳା ସିଙ୍ଗଲ୍ସ ଚାମ୍ପିଅନଙ୍କୁ ୨.୫ମିଲିୟନ ଡଲାର ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯିବ। ସେମି ଫାଇନାଲ୍ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୧.୨୬ମିଲିୟନ ଡଲାର, କ୍ୱାର୍ଟର ଫାଇନାଲ୍ ଖେଳାଳିଙ୍କୁ ୬,୬୦,୦୦୦ ଡଲାର ଓ ରାଉଣ୍ଡ-୧୬ ପ୍ରତିଯୋଗୀଙ୍କୁ ୪ଲକ୍ଷ ଡଲାର ପୁରସ୍କାର ରାଶି ପ୍ରଦାନ କରାଯିବ। ଡବଲ୍ସରେ ମଧ୍ୟ ପୁରସ୍କାର ରାଶିକୁ ୨୩% ବୃଦ୍ଧି କରାଯାଇଛି। ଫଳରେ ମହିଳା, ପୁରୁଷ ଡବଲ୍ସ ଓ ମିକ୍ସଡ ଡବଲ୍ସ ବିଜେତାଙ୍କୁ ୧୦ଲକ୍ଷ ଡଲାର ଲେଖାଏଁ ପୁରସ୍କାର ପ୍ରଦାନ କରାଯିବ। ଯୋଗ୍ୟତା ପର୍ଯ୍ୟାୟରେ ଖେଳାଳିମାନେ ୮ମିଲିୟନ ଡଲାର ପୁରସ୍କାର ପାଇବେ। ଗତ ବର୍ଷ ତୁଳନାରେ ଏହା ୧୦% ଅଧିକ। ଟୁର୍ଣ୍ଣାମେଣ୍ଟ ସମୟରେ ଖେଳାଳିମାନଙ୍କୁ ଯାତ୍ରା ଖର୍ଚ୍ଚ ବାବଦରେ ୧୦୦୦ ଡଲାର ଓ ୨ଟି ହୋଟେଲ କକ୍ଷ ପ୍ରଦାନ କରାଯିବ। ଖେଳାଳିମାନେ ଆୟୋଜକଙ୍କ ଅଫସିଆଲ୍ ହୋଟେଲରେ ନରହିବାକୁ ଚାହିଁଲେ ସେମାନଙ୍କୁ ଦୈନିକ ଅତିରିକ୍ତ ୬୦୦ଡଲାର ପ୍ରଦାନ କରାଯିବ।

# ଦୁଷ୍କର୍ମ ମାମଲାରେ ଗିରଫ ହେଲେ ପାକ୍ କ୍ରିକେଟର



**ଇଂଲଣ୍ଡରୁ ଉଠାଇନେଲା ପୋଲିସ**

**ନୂଆଦିଲ୍ଲୀ, ୮।୮:** ପାକିସ୍ତାନୀ କ୍ରିକେଟ ହାଇଦର ଅଲ୍ଲୀଙ୍କୁ ଦୁଷ୍କର୍ମ ମାମଲାରେ ୟୁକେ ପୋଲିସ ଗିରଫ କରିଛି। ତାଙ୍କୁ ଇଂଲଣ୍ଡରୁ ଗିରଫ କରାଯାଇଛି। ତାଙ୍କ ବିରୋଧରେ ଏକ ଫୌଜଦାରୀ ମାମଲା ରୁଜୁ କରାଯାଇଛି ଏବଂ କ୍ରିକେଟରଙ୍କ ପାସପୋର୍ଟ ମଧ୍ୟ ଜବତ କରାଯାଇଛି। ପାକିସ୍ତାନ କ୍ରିକେଟ ଟିମରେ ଇଂଲଣ୍ଡ ଗସ୍ତରେ ଯାଇଥିବା ୨୪ ବର୍ଷୀୟ ହାଇଦର ଅଲ୍ଲୀଙ୍କ ବିରୋଧରେ ପୋଲିସ ଅଗଷ୍ଟ ୪ରେ ଏକ ଅଭିଯୋଗ ପାଇଥିଲା। ସେହିଦିନ ଦୁଷ୍କର୍ମ ଅଭିଯୋଗ ପାଇବା ପରେ ସେଠାକାର ପୋଲିସ ୨୪ ବର୍ଷୀୟ ପାକ୍ କ୍ରିକେଟରଙ୍କୁ ଗିରଫ କରିଛି। ପାକିସ୍ତାନ ଏବଂ ଇଂଲଣ୍ଡ ଲାୟନ୍ସ ମଧ୍ୟରେ ମ୍ୟାଚ୍ ଚାଲିଥିବା ସମୟରେ ମାଞ୍ଚେଷ୍ଟର ପୋଲିସ ହାଇଦରଙ୍କୁ ଗିରଫ କରିଥିବା ଜଣାପଡିଛି। ଅନ୍ୟପଟେ ଖେଳାଳିଙ୍କ ବିରୋଧରେ ମାମଲା ରୁଜୁ ହେବା ପରେ ପାକିସ୍ତାନ କ୍ରିକେଟ୍ ବୋର୍ଡ ତାଙ୍କୁ ନିଲମ୍ବିତ କରିଛି। ପାକିସ୍ତାନ ବୋର୍ଡ କହିଛି ଯେ, ଗ୍ରେଟର ମାଞ୍ଚେଷ୍ଟର ପୋଲିସ ହାଇଦରଙ୍କ ବିରୋଧରେ ଏକ ଅପରାଧିକ ମାମଲାର ତଦନ୍ତ କରୁଛି, ଯାହା ଇଂଲଣ୍ଡରେ ଘଟିଥିବା ଘଟଣା ସହିତ ଜଡିତ। ତଦନ୍ତ ସମାପ୍ତ ନହେବା ପର୍ଯ୍ୟନ୍ତ ସେ ନିଲମ୍ବିତ ରହିବେ। ୨୪ ବର୍ଷୀୟ ହାଇଦର ପାକିସ୍ତାନ କ୍ରିକେଟ୍ ଦଳ ପାଇଁ ୨ଟି ଦିନିକିଆ ଏବଂ ୩୫ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ତାଙ୍କର ଟି୨୦ରେ ୧୨୪ ଷ୍ଟ୍ରାଇକ୍ ରେଟରେ ୫୦୫ ରନ୍ ଅଛି, ଯେଉଁଥିରେ ୩ଟି ଅର୍ଦ୍ଧଶତକ ରହିଛି। ୨୦୨୦ ମସିହାରେ ଅନ୍ତର୍ଜାତୀୟ କ୍ରିକେଟରେ ଡେବ୍ୟୁ କରିଥିବା ହାଇଦର ୨୦୨୩ ମସିହାରେ ଆଫଗାନିସ୍ତାନ ବିପକ୍ଷରେ ତାଙ୍କର ଶେଷ ଟି-୨୦ ମ୍ୟାଚ୍ ଖେଳିଥିଲେ। ଟି୨୦ ମ୍ୟାଚରେ ହାଇଦର ଭାରତ ବିପକ୍ଷରେ କେବଳ ଗୋଟିଏ ମ୍ୟାଚ୍ ଖେଳିଛି।

## ସ୍ୱସ୍ତିଙ୍କ ନୂଆ ଜାତୀୟ ରେକର୍ଡ



**ଭୁବନେଶ୍ୱର, ୮।୮ (ସଂଚାର ବ୍ୟୁରୋ):** ଓଡ଼ିଶାର ସାଇକ୍ଲିଷ୍ଟ ସ୍ୱସ୍ତି ସିଂହ ମହିଳା ଏଲିଟ୍ ୪କମି ବ୍ୟକ୍ତିଗତ ପର୍ସୁ୍ୟଟ୍‌ରେ ନୂଆ ଜାତୀୟ ରେକର୍ଡ କରିଛନ୍ତି। ସ୍ୱସ୍ତି ୪କିମି ବ୍ୟକ୍ତିଗତ ପର୍ସୁ୍ୟଟ୍ ରେସ୍‌କୁ ୫:୧.୪୭୫ ସମୟରେ ଶେଷ କରି ପ୍ରଥମ ସ୍ଥାନରେ ରହିବା ସହ ନୂଆ ରେକର୍ଡର ଅଧିକାରୀ ହୋଇଥିଲେ। ଏହା ମଧ୍ୟ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ସମୟ ଥିଲା। ଭାରତୀୟ ସାଇକ୍ଲିଂ ମହାସଂଘ ଆନୁକୂଲ୍ୟରେ ନୂଆଦିଲ୍ଲୀରେ ଆୟୋଜିତ ଦୁଇଦିନିଆ ଜାତୀୟ ଚୟନ ଶିବିରର ପ୍ରଥମ ଦିନରେ ସେ ଏହି ସଫଳତା ପାଇଥିଲେ। ରାଜସ୍ଥାନର ହର୍ଷିତା ଝାକଡ଼ (୫:୦୮.୧୨୨) ଦ୍ୱିତୀୟ ଏବଂ ହରିୟାଣାର ମୀନାକ୍ଷି (୫:୧୧.୧୬୨) ତୃତୀୟ ସ୍ଥାନରେ ରହିଥିଲେ। ଓଡ଼ିଶାର ଅନ୍ୟଜଣେ ପ୍ରତିଦ୍ୱନ୍ଦ୍ୱୀ ଖୋଇରମ ରେଜିୟା ଦେବୀ (୫:୨୪.୨୭୩) ସପ୍ତମ ସ୍ଥାନରେ ରହିଥିଲେ।

**ଆଇପିଏଲ୍ ପୂର୍ବରୁ ବଡ଼ ପରିବର୍ତ୍ତନ**

# ରାଜସ୍ଥାନ ରୟାଲ୍ସ ଛାଡ଼ିବେ ସାମସନ



**ଜୟପୁର,୮।୮:** ଆଗାମୀ ଆଇପିଏଲ୍ ପୂର୍ବରୁ କିଛି ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିବ। ମହେନ୍ଦ୍ର ସିଂହ ଧୋନି, ବିରାଟ କୋହଲି, ରୋହିତ ଶର୍ମାଙ୍କ ପରେ ସବୁଠୁ ଲୋକପ୍ରିୟ ଖେଳାଳି ଭାବେ ଗଣା ହେଉଥିବା ସଞ୍ଜୁ ସାମସନ ରାଜସ୍ଥାନ ରୟାଲ୍ସ ଛାଡ଼ିବା ଏକ ପ୍ରକାର ନିଶ୍ଚିତ ହୋଇସାରିଛି। ସେ ରାଜସ୍ଥାନ ରୟାଲ୍ସର ସବୁଠୁ ପୁରୁଣା ଖେଳାଳି ଓ ଅଧିନାୟକ। ଫ୍ରାଞ୍ଚାଇଜ ପକ୍ଷରୁ ୧୪୯ଟି ମ୍ୟାଚ୍ ଖେଳି ସାରିଛନ୍ତି ଓ ୪୦୨୭ ରନ ସଂଗ୍ରହ କରିଛନ୍ତି। ଏକ ପ୍ରମୁଖ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଖବର ଅନୁଯାୟୀ ସାମସନ ଓ ରାଜସ୍ଥାନ ରୟାଲ୍ସ ମ୍ୟାନେଜମେଣ୍ଟ ମଧ୍ୟରେ ମତ ପାର୍ଥକ୍ୟ ଦେଖା ଦେଇଛି। ଯାହାକୁ ଆଧାର କରି ସାମସନ ନିଜ ପ୍ରିୟ ଫ୍ରାଞ୍ଚାଇଜରୁ ଓହରିଯିବାକୁ ନିଷ୍ପତ୍ତି ନେଇଛନ୍ତି। ଏପରିକି ତାଙ୍କୁ ନିଲାମ ପୂର୍ବରୁ ରିଲିଜ କରିବା ପାଇଁ ସାମସନ ଫ୍ରାଞ୍ଚାଇଜ ମ୍ୟାନେଜମେଣ୍ଟକୁ ଅନୁରୋଧ କରିଛନ୍ତି। ସାମସନ କିମ୍ବା ଫ୍ରାଞ୍ଚାଇଜ ପକ୍ଷରୁ ଏପର୍ଯ୍ୟନ୍ତ ଏବିଷୟରେ କିଛି ଘୋଷଣା କରାଯାଇ ନାହିଁ। ଆଗାମୀ ସିଜନ ପୂର୍ବରୁ ସାମସନଙ୍କୁ କିଣିବା ପାଇଁ ଚେନ୍ନାଇ ସୁପରକିଙ୍ଗ୍‌ସ ଆଗ୍ରହୀ ଥିବା ଗତ କିଛି ଦିନ ତଳେ ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ, ସାମସନଙ୍କୁ କୋଲକାତା ନାଇଟ୍ ରାଇଡର୍ସ ପ୍ରଥମ କରି ୨୦୧୨ ସିଜନରେ କିଣିଥିଲେ ହେଁ ଖେଳିବାକୁ ସୁଯୋଗ ଦେଇ ନଥିଲା। ୨୦୧୩ ସିଜନ ପୂର୍ବରୁ ତାଙ୍କୁ ରିଲିଜ କରିଥିଲା ଓ ରାଜସ୍ଥାନ ରୟାଲ୍ସ ନିଲାମରେ ତାଙ୍କୁ କିଣିଥିଲା। ସେବେଠୁ ସାମସନ ରାଜସ୍ଥାନ ରୟାଲ୍ସ ଦଳର ସଦସ୍ୟ ରହିଛନ୍ତି। ରାଜସ୍ଥାନ ରୟାଲ୍ସକୁ ମଝିରେ ଦୁଇ ବର୍ଷ ପାଇଁ ନିଲମ୍ବିତ କରାଯାଇଥିବା ସମୟରେ ସାମସନ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଖେଳିଥିଲେ। ୨୦୧୮ ସିଜନରେ ସାମସନ ପୁଣିଥରେ ରାଜସ୍ଥାନ ରୟାଲ୍ସକୁ ଫେରିଥିଲେ। ଗତ ନିଲାମ ପୂର୍ବରୁ ରାଜସ୍ଥାନ ରୟାଲ୍ସ ତାଙ୍କୁ ୧୮କୋଟି ଟଙ୍କାରେ ରିଟେନ କରିଥିଲା।

# ସାଇ ସ୍ୱରୂପଙ୍କୁ ଆଉ ଏକ ସ୍ୱର୍ଣ୍ଣ



**ଜାତୀୟ କନିଷ୍ଠ ସନ୍ତରଣ**

**ଭୁବନେଶ୍ୱର, ୮।୮ (ସଂଚାର ବ୍ୟୁରୋ):** ଅହମଦାବାଦରେ ଆୟୋଜିତ ୫୧ତମ ଜାତୀୟ କନିଷ୍ଠ ସନ୍ତରଣ ପ୍ରତିଯୋଗିତାରେ ଓଡ଼ିଶାର ଯୁବ ସନ୍ତରଣକାରୀ ସାଇ ସ୍ୱରୂପ ସ୍ୱାଇଁ ଚମତ୍କାର ପ୍ରଦର୍ଶନ କରି ୩ (୨ ସ୍ୱର୍ଣ୍ଣ, ୧ କାଂସ୍ୟ) ପଦକ ଜିତି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଓଡ଼ିଶାର ପ୍ରଥମ ପୁରୁଷ ସନ୍ତରଣକାରୀ ଭାବେ ବୁଧବାର ଜାତୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଜିତିବାର ଗୌରବ ଅର୍ଜନ କରିଥିବା ଏହି ବିସ୍ମୟ ବାଳକ ଗୁରୁବାର ଶେଷ ଦିନରେ ଆଉ ଗୋଟିଏ ସ୍ୱର୍ଣ୍ଣ ପାଇଛନ୍ତି। ପୂର୍ବରୁ ୨୦୦ ମିଟର (୨:୩୧.୫୦) ବ୍ରେଷ୍ଟ୍‌ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ ଏବଂ ୫୦ ମିଟର (୩୨.୯୫) ବ୍ରେଷ୍ଟ୍‌ଷ୍ଟ୍ରୋକ୍‌ରେ କାଂସ୍ୟ ଜିତିଥିବା ସାଇସ୍ୱରୂପ ଗୁରୁବାର ବାଳକ ୧୦୦ ମିଟର ବ୍ରେଷ୍ଟ୍‌ଷ୍ଟ୍ରୋକ୍-୨ରେ ସ୍ୱର୍ଣ୍ଣ ଜିତିଛନ୍ତି। ଫାଇନାଲ୍ ରେସ୍‌କୁ ସେ ୧ ମିନିଟ୍ ୧୦.୬୧ ସେକେଣ୍ଡ୍‌ରେ ଶେଷ କରି ଏହି ପଦକ ପାଇଥିଲେ। କର୍ଣ୍ଣାଟକର ରିୟାଂଶ କାଣ୍ଡି (୧:୧୨.୦୧) ଏବଂ କେରଳର ଅଭିଜିତ ପି (୧:୧୩.୮୦) ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ଜିତିଥିଲେ। ସାଇସ୍ୱରୂପଙ୍କ ଏହି ୩ ପଦକ ବଳରେ ଓଡ଼ିଶା ଅଷ୍ଟମ ସ୍ଥାନରେ ଅଭିଯାନ ଶେଷ କରିଛି। ଓଡ଼ିଶା କ୍ରୀଡ଼ା ଇତିହାସରେ ଦ୍ୱିତୀୟ ପୁରୁଷ ଭାବେ ସାଇ ସ୍ୱରୂପ ସନ୍ତରଣରୁ ଜାତୀୟ ପଦକ ଜିତିଛନ୍ତି। ପ୍ରଥମ ଓ ଶେଷ ପଦକଟି ୧୯୯୦ରେ ରଙ୍କନିଧି ସେଠ କାଂସ୍ୟ ପଦକ ଜିତିଥିଲେ। ଜେଏସ୍‌ଡବ୍ଲ୍ୟୁର ଇନ୍‌ସ୍ପାୟାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟସରେ ଯୁର୍ବେଶ ଦୁବେ ଏବଂ ଡଗଲାସ୍ ଇଗରଙ୍କଠାରୁ ପ୍ରଶିକ୍ଷଣ ନେଇ ସାଇ ସାଇ ସ୍ୱରୂପ ଏତେ ସଫଳତା ପାଇଥିବାରୁ ତାଙ୍କୁ ଉଭୟ ଅଭିନନ୍ଦନ ଜଣାଇଛନ୍ତି।

# ନୂଆ କୋଚ୍ ଖୋଜୁଛି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ





**ନୂଆଦିଲ୍ଲୀ,୮।୮:** ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ସେଣ୍ଟର ଅଫ୍ ଏକ୍ସଲେନ୍ସ ପାଇଁ ନୂଆ ପ୍ରଶିକ୍ଷକ ଖୋଜୁଛି। ବିସିସିଆଇ ବୋଲିଂ ପ୍ରଶିକ୍ଷକ, ବ୍ୟାଟିଂ, କ୍ରୀଡା ବିଜ୍ଞାନ ଏବଂ ଚିକିତ୍ସା ବିଭାଗ ପାଇଁ ଆବେଦନ ମାଗିଛି। ପୂର୍ବତନ ଅଷ୍ଟ୍ରେଲୀୟ ପ୍ରଥମ ଶ୍ରେଣୀ ଦ୍ରୁତ ବୋଲର ଟ୍ରାୟ କୁଲି ୨୦୨୧ ମସିହାରେ ଏନସିଏର ବୋଲିଂ ପ୍ରଶିକ୍ଷକ ହୋଇଥିଲେ। ତାଙ୍କର ୩ ବର୍ଷର କାର୍ଯ୍ୟକାଳ ଶେଷ ହୋଇଥିଲା। ସେ ବର୍ଦ୍ଧିତ କାର୍ଯ୍ୟକାଳରେ ଥିଲେ। ତାଙ୍କ ପର କିଏ ସେହି ସ୍ଥାନରେ ରହିବ ସେ ନେଇ କୋଚ୍ ଖୋଜୁଛି ବିସିସିଆଇ। ନୀତିନ ପଟେଲ ଦେଇଥିଲେ ଇସ୍ତଫା- କୁହାଯାଉଛି କି, ଟ୍ରାୟ କୁଲିଙ୍କ ସ୍ଥାନରେ ଭାରତୀୟ ଦ୍ରୁତ ବୋଲର ଭିଆରବି ସିଂହଙ୍କୁ ସ୍ଥାନ ମିଳିବାର ସମ୍ଭାବନା ରହିଛି। ସେ ପୂର୍ବରୁ ମଧ ତାଙ୍କ ସହିତ କାମ କରିଛନ୍ତି। ମେଡ଼ିକାଲ ଟିମ୍‌ର ମୁଖ୍ୟ ନୀତିନ ପଟେଲଙ୍କ ସମେତ ଅନେକ କର୍ମଚାରୀଙ୍କ ବିଦାୟ ପରେ ଅନେକ ପଦବୀ ଖାଲି ପଡ଼ିଛି। ନୀତିନ ପଟେଲ ମାର୍ଚ୍ଚ ମାସରେ ପଦରୁ ଇସ୍ତଫା ଦେଇଥିଲେ। ସ୍ପିନ୍ ବୋଲିଂ ପ୍ରଶିକ୍ଷକ ସାଇରାଜ ବାହୁତୁଲେ ମଧ ପଦ ଛାଡିଛନ୍ତି। ବର୍ତ୍ତମାନ ସେ ରାଜସ୍ଥାନ ରୟାଲ୍ସର ସହାୟକ କର୍ମଚାରୀରେ ଅଛନ୍ତି। ଭିଭିଏସ୍ ଲକ୍ଷ୍ମଣଙ୍କ କାର୍ଯ୍ୟକାଳ ଶେଷ ହେଉଛି- ଆଉ ଜଣେ ଏନ୍‌ସିଏ ପ୍ରଶିକ୍ଷକ ସୀତାଂଶୁ କୋଟକ ଜାତୀୟ ଦଳରେ ଯୋଗ ଦେଇଛନ୍ତି। ପୂର୍ବତନ ଭାରତୀୟ କ୍ରିକେଟର ଭିଭିଏସ ଲକ୍ଷ୍ମଣଙ୍କ ସିଇଓ ମୁଖ୍ୟ ଭାବରେ କାର୍ଯ୍ୟକାଳ ଚଳିତ ବର୍ଷ ଶେଷରେ ସମାପ୍ତ ହେଉଛି। ସେ ତାଙ୍କ କାର୍ଯ୍ୟକାଳକୁ ବୃଦ୍ଧି କରିବାକୁ ଚାହୁଁନାନାହିଁ। ତାଙ୍କୁ ୨୦୨୭ ଦିନିକିଆ ବିଶ୍ୱକପ୍ ପର୍ଯ୍ୟନ୍ତ ଏହି ପଦବୀରେ ରହିବାକୁ କୁହାଯାଇପାରେ ବୋଲି ଅନୁମାନ କରାଯାଉଛି।

## ଏହି ୩ ପଦ ପାଇଁ ଆବେଦନ ଆହ୍ୱାନ

ଆବେଦନର ଶେଷ ତାରିଖ ଅଗଷ୍ଟ ୨୦- ବିସିସିଆଇ ୩ଟି ପ୍ରମୁଖ ପଦବୀ ପାଇଁ ବିଜ୍ଞାପନ ଦେଇଛି। ଯେଉଁଥିରେ କୁହାଯାଇଛି ଯେ ବ୍ୟାଟିଂ ଏବଂ ବୋଲିଂ ପ୍ରଶିକ୍ଷକ ପଦବୀ ପାଇଁ ପ୍ରାର୍ଥୀ ଜଣେ ପୂର୍ବତନ ପ୍ରଥମ ଶ୍ରେଣୀ କିମ୍ବା ଅନ୍ତର୍ଜାତୀୟ କ୍ରିକେଟର ହେବା ଉଚିତ। ଯାହାଙ୍କ ପାଖରେ ବିସିସିଆଇ ସ୍ତରୀୟ ଦୁଇ କିମ୍ବା ତିନି ପ୍ରଶିକ୍ଷକ ପ୍ରମାଣପତ୍ର ହେବା ଜରୁରୀ। ବ୍ୟାଟିଂ ପ୍ରଶିକ୍ଷକ ପଦବୀ ପାଇଁ, ରାଜ୍ୟ କିମ୍ବା ଉଚ୍ଚସ୍ତରୀୟ ଯୁବ ସ୍ତରରେ ସର୍ବନିମ୍ନ ୫ ବର୍ଷର ପ୍ରଶିକ୍ଷକ ଅଭିଜ୍ଞତା ରହିଥିବା ଦରକାର। ସେହିପରି ବୋଲିଂ ପ୍ରଶିକ୍ଷକ ପାଇଁ ମଧ ସମାନ ଅଭିଜ୍ଞତା ଆବଶ୍ୟକ। କ୍ରୀଡ଼ା ବିଜ୍ଞାନ ମୁଖ୍ୟ ପଦବୀ ପାଇଁ, ପ୍ରାର୍ଥୀଙ୍କର କ୍ରୀଡ଼ା ବିଜ୍ଞାନ କିମ୍ବା ସମ୍ବନ୍ଧୀୟ ବିଷୟରେ ମାଷ୍ଟର୍ସ (ଡକ୍ଟରେଟ୍ ) ଏବଂ ସର୍ବନିମ୍ନ ପାଞ୍ଚ ବର୍ଷର ଅଭିଜ୍ଞତା ଥିବା ଉଚିତ୍ । ଆବେଦନ ପଠାଇବାର ଶେଷ ତାରିଖ ଅଗଷ୍ଟ ୨୦ ତାରିଖ ରହିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରୁଷ...

ଏକଚାଟିଆ ମନୋଭାବକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଉଛି। ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ଚାପରେ ପଡ଼ି କେତେକ ରାଷ୍ଟ୍ର ଶୁଳ୍କ ବୃଦ୍ଧିକୁ ସମର୍ଥନ ମଧ୍ୟ କରିଛନ୍ତି। ହେଲେ ଭାରତ, ରୁଷ , ଚାଇନା ଓ ବ୍ରାଜିଲ ଭଳି ଦେଶ ଆମେରିକା ଆଗରେ ମୁଣ୍ଡ ନୁଆଁଇବାକୁ ପ୍ରସ୍ତୁତ ନାହାନ୍ତି। ଆମେରିକାର ଟାରିଫ କଟକଣାକୁ ଭାରତ ତୀବ୍ର ସମାଲୋଚନା କରି ଏହା ଗ୍ରହଣୀୟ ନୁହେଁ ବୋଲି କହିସାରିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଚାଇନା ଗସ୍ତ କାର୍ଯ୍ୟକ୍ରମ ଓ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଭାରତ ଆସିବା ଲାଗି ମୋଦିଙ୍କ ନିମନ୍ତ୍ରଣ ଭିନ୍ନ ଦିଗ ଦର୍ଶାଉଛି। ପାକିସ୍ତାନ ଆଡ଼କୁ ଆମେରିକା ଢଳିବା ଓ 'ଅପରେଶନ ସିନ୍ଦୂର' ପରେ ଭାରତ ପ୍ରତି କଠୋର ମନୋଭାବ ଆପଣାଇବା ଏକ ଭିନ୍ନ ସଂକେତ ଦେଉଛି। ତଥାପି ଆମେରିକା ଆଗରେ ମୁଣ୍ଡ ନୁଆଁଇବାର ନାହିଁ କିକୌଣସି ସାଲିସ କରାଯିବାର ପ୍ରଶ୍ନ ଉଠୁନି ବୋଲି ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିସାରିଛନ୍ତି।

## ଓଡ଼ିଆ...

ରଖିଛନ୍ତି। ସେ ଲିଡ୍ସ ବିଶ୍ୱବିଦ୍ୟାଳୟର ଏକ ଗବେଷଣା ଛାତ୍ର ଭାବରେ ମଧ୍ୟ ରହିଛନ୍ତି।

ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ତାଙ୍କ କାର୍ଯ୍ୟକାଳ ଦ୍ୱାରା ସେ ଶିକ୍ଷା ସଂକାୟରେ ନବୋନ୍ମେଷ, ପ୍ରତିଷ୍ଠାନତ୍ମକ ବିକାଶ ଓ ଛାତ୍ର କଲ୍ୟାଣକୁ ଅଗ୍ରଧାରା ଦେଇଥିଲେ, ଯାହା ଦ୍ୱାରା ବିଶ୍ୱବିଦ୍ୟାଳୟରେ ଧନାତ୍ମକ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ତାଙ୍କ ନେତୃତ୍ୱରେ ୬୭ରୁ ଅଧିକ ଗବେଷକ ପିଏଚ୍‌ଡି ଉପାଧି ଅର୍ଜନ କରିଛନ୍ତି। ପ୍ରଫେସର ସ୍ୱାଇଁ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟର ଶିକ୍ଷା ପରିଷଦର ସଦସ୍ୟ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ଶିକ୍ଷାତ୍ମକ ଅବଦାନ, ନେତୃତ୍ୱ କ୍ଷମତା ଓ ଦୂରଦର୍ଶୀ ଚିନ୍ତାଧାରା ପାଇଁ ସମଗ୍ର ଦେଶରେ ସମ୍ମାନିତ।

## ବୈଷୟିକ...

'କେନ୍ଦ୍ରୀୟ କ୍ଷେତ୍ର ଯୋଜନା'କୁ କାର୍ଯ୍ୟକାରୀ କରିବା ପାଇଁ ୨୦୨୫-୨୬ ରୁ ୨୦୨୯-୩୦ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୪୨୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଏହି ଯୋଜନା ଅଧୀନରେ ପ୍ରାୟ ୨୭୫ଟି ସରକାରୀ/ସରକାରୀ ସହାୟତା ପ୍ରାପ୍ତ ବୈଷୟିକ ପ୍ରତିଷ୍ଠାନକୁ ଚୟନ ଓ ସମର୍ଥନ କରାଯିବା ଆଶା ରହିଛି। ଏଥିରେ ମନୋନୀତ ଜାତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଏନଆଇଟି), ରାଜ୍ୟ ଇଞ୍ଜିନିୟରିଂ ପ୍ରତିଷ୍ଠାନ, ପଲିଟେକନିକ୍ ଏବଂ ଆଫିଲିଏଟିଂ ବୈଷୟିକ ବିଶ୍ୱବିଦ୍ୟାଳୟ (ଏଟିୟୁ) ସାମିଲ ହେବେ। ଏହାଛଡ଼ା ବୈଷୟିକ ଶିକ୍ଷା କ୍ଷେତ୍ର ପରିଚାଳନା କରୁଥିବା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବିଭାଗଗୁଡ଼ିକୁ ମଧ୍ୟ ମେରିଟ୍ ଯୋଜନା ମାଧ୍ୟମରେ ସହାୟତା ଦିଆଯିବ। ପ୍ରାୟ ୭.୫ ଲକ୍ଷ ଛାତ୍ରଛାତ୍ରୀ ଏହି ଯୋଜନାରୁ ଉପକୃତ ହେବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ବୈଷୟିକ ଶିକ୍ଷାରେ ବହୁବିଧ ଶିକ୍ଷା ଓ ଗବେଷଣା ଉନ୍ନତିରେ ଯୁବପିଢ଼ିକୁ ଏକବିଂଶ ଶତାବ୍ଦୀର ବୈଷୟିକ ଶିକ୍ଷା ପ୍ରଦାନ କରିବା ଦିଗରେ ଏହା ଆଉ ଏକ ପଦକ୍ଷେପ । ମେରିଟ୍ ଆମର ବୈଷୟିକ ଶିକ୍ଷାକୁ ଭବିଷ୍ୟତ ଆଧାରିତ କରାଇବା ସହ ସର୍ବବ୍ୟାପୀ ଏବଂ ନବସୃଜନକୁ ଆଗେଇ ନେବ। ବହୁବିଧ ଶିକ୍ଷା, ପାଠ୍ୟକ୍ରମ ଓ ଶିକ୍ଷା ସଂସ୍କାର, ଡିଜିଟାଲାଇଜେସନ୍ ଏବଂ ବିଶ୍ୱସ୍ତରୀୟ ସର୍ବୋତ୍ତମ ଅଭ୍ୟାସ ମାଧ୍ୟମରେ ବୈଷୟିକ ଶିକ୍ଷାର ସାମଗ୍ରିକ ଗୁଣବତ୍ତା ବୃଦ୍ଧି କରିବ। ସମାନତା ଓ ଉପଲବ୍ଧିରେ ଅସନ୍ତୁଳନକୁ ଦୂର କରିପାରିବ। ଗବେଷଣା, ନବସୃଜ ଓ ଉଦ୍ୟମିତା ଦୃଶ୍ୟପଟ୍ଟକୁ ଆହୁରି ସୁଦୃଢ଼ କରିବ। ସଂସ୍ଥାଗତ ସୁଶାସନକୁ ମଜବୁତ କରିବା ସହ ରୋଜଗାର କ୍ଷମତାକୁ ଉନ୍ନତ କରିବ ବୋଲି ଶ୍ରୀ ପ୍ରଧାନ ଆଶା କରିଛନ୍ତି। ସେହିପରି କ୍ୟାବିନେଟ ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମୟୁୱାଇ)ର ହିତାଧିକାରୀଙ୍କ ପାଇଁ ନିର୍ଦ୍ଧାରିତ ଲକ୍ଷ୍ୟ ଅନୁସାରେ ୧୨ ହଜାର କୋଟି ଟଙ୍କା ସବସିଡି ଜାରି ରଖିବାକୁ ମଞ୍ଜୁର ଦେଇଥିବାରୁ ଏହାଦ୍ୱାରା ଗରିବ ପରିବାର ଶସ୍ତାରେ ଏଲପିଜି ସିଲିଣ୍ଡର ପାଇପାରିବେ। ଅପରପକ୍ଷରେ କେନ୍ଦ୍ର ସରକାର ସୁଲଭ ମୂଲ୍ୟରେ ଏଲପିଜି ସିଲିଣ୍ଡର ଯୋଗାଇ ଦେବାକୁ ସରକାରୀ କ୍ଷେତ୍ରର ତୈଳ ବିପଣନ କମ୍ପାନିଗୁଡ଼ିକ ପାଇଁ ୩୦ ହଜାର କୋଟି ଟଙ୍କାର ସବସିଡି ଘୋଷଣା କରିବା ନିଷ୍ପତ୍ତିକୁ ଶ୍ରୀ ପ୍ରଧାନ ମଧ୍ୟ ପ୍ରଶଂସା କରିଛନ୍ତି।

## ବିଜେଡିର...

କରାଯିବା ଉଚିତ ବୋଲି କହି ଦଳକୁ ଅଡୁଆରେ ପକାଇଦେଇଛନ୍ତି ।

ବିଜେଡିର ଏଭଳି ଦୋଦୁଲ୍ୟମାନ ସ୍ଥିତ ସମ୍ପର୍କରେ ରାଜନୈତିକ ସମୀକ୍ଷକଙ୍କ ଆକଳନ କହୁଛି ନବୀନ ଉପରେ ପଡି ସମର୍ଥନ ଦେବାଛଡ଼ା ବାଟ ନାହିଁ । ଏମିତିବି ସଂସଦରେ ଏନଡିଏ ସଂଖ୍ୟା ଦୃଷ୍ଟିରୁ ବିଜେଡିର ସମର୍ଥନ ଲୋଡିନପାରେ। କିନ୍ତୁ ନବୀନ ୱାକଫ ବିଲ ଭଳି ବିବେକାନୁମୋଦିତ ଭୋଟ କିମ୍ବା ପାର୍ଥୀଙ୍କ ବ୍ୟକ୍ତିତ୍ୱ ଆଳରେ ସମର୍ଥନ ଦେବାର ଯଥେଷ୍ଟ ସମ୍ଭାବନା ରହିଛି ।

## ଗିରଫଦାରୀ...

ହୋଇଥିବା ଏସ୍‌ପି କହିଛନ୍ତି। ତେବେ ବାଲିଚନ୍ଦ୍ରପୁର ଆଇଆଇସିଙ୍କ ବିରୋଧରେ କର୍ତ୍ତବ୍ୟରେ ଅବହେଳା ନେଇ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

ଅଭିଯୋଗ ଅନୁସାରେ, ଏକ ଜମିବାଡ଼ି ମାମଲାକୁ ନେଇ ପଡ଼ୋଶୀଙ୍କ ସହ ରବୀନ୍ଦ୍ରର ବିବାଦ ରହିଥିଲା। ଗତ ୨ ତାରିଖରେ ଗଣ୍ଡଗୋଳ ପରେ ରାଗିଯାଇ ରବୀନ୍ଦ୍ର ଘରୁ ଗରମ ପେଜ ଆଣି ପଡ଼ୋଶୀ ଓ ତାଙ୍କ ଝିଅ ଉପରେ ଢାଳିଦେଇଥିଲା। ଏଥିରେ ରବୀନ୍ଦ୍ର ଓ ତାଙ୍କ ଝିଅ ଗୁରୁତର ଆହତ ହୋଇ ଏନେଇ ବାଲିଚନ୍ଦ୍ରପୁର ଥାନାରେ ମାମଲା ଦାଏର କରିଥିଲେ। ପୁଲିସ ତଦନ୍ତ କରି ଅଭିଯୁକ୍ତ ରବୀନ୍ଦ୍ରକୁ ଥାନା ଆଣିଥିଲା। ଥାନାରେ ଥିବା ସମୟରେ ଗିରଫଦାରୀ ଏଡାଇବାକୁ ଥାର୍ଡ ଡିଗ୍ରି ଓ ବିଷ ପିଇବା ନାଟକ ରବୀନ୍ଦ୍ର ରଚିଥିଲା ବୋଲି ଏସପି କହିଛନ୍ତି।



ଲୋକପ୍ରିୟ ଅଭିନେତା ତଥା ବିଜେପିର ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ତାଙ୍କ ମା' ସ୍ୱର୍ଗତ କନକ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ ଜଣେ ସ୍ନେହୀ, ଧର୍ମପରାୟଣା ଓ ବନ୍ଧୁବତ୍ସଳ ମହିଳା ଥିଲେ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି କେନ୍ଦ୍ରମନ୍ତ୍ରୀ।

# ବାଲୁକା କଳାରେ ରାକ୍ଷୀ ପୂର୍ଣ୍ଣିମାର ଶୁଭେଚ୍ଛା

● ବେଳାଭୂମିରେ ପର୍ଯ୍ୟଟକଙ୍କ ଭିଡ଼




**ପୁରୀ,୮।୮(ସଂଚାର ବ୍ୟୁରୋ) :** ବାଲୁକା କଳାରେ ରାକ୍ଷୀ ପୂର୍ଣ୍ଣିମାର ଶୁଭେଚ୍ଛା । ପବିତ୍ର ରକ୍ଷା ବନ୍ଧନ ଉପଲକ୍ଷେ ପୁରୀର ସ୍ୱର୍ଣ୍ଣାଭ ବେଳାଭୂମିରେ ବିଶାଳ ରାକ୍ଷୀ ମଧ୍ୟରେ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିଛନ୍ତି ପ୍ରଖ୍ୟାତ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ। ସୁଦର୍ଶନ ପୁରୀ ବେଳାଭୂମିରେ ପଦ୍ମଫୁଲ ମଧ୍ୟରେ ମହାପ୍ରଭୁଙ୍କ ମୁଖମଣ୍ଡଳ ଗଢି ରାକ୍ଷୀର ରୂପରେଖ ଦେଇଛନ୍ତି । ଏଥିସହ ପବିତ୍ର ରକ୍ଷା ବନ୍ଧନର ଶୁଭେଚ୍ଛା ଦେବା ସହ ଜୟ ଜଗନ୍ନାଥ ବୋଲି ବାଲୁକାକଳାରେ ଲେଖିଛନ୍ତି ସୁଦର୍ଶନ।

କେବଳ ଏତିକି ନୁହେଁ ପ୍ରଧାନମନ୍ତ୍ରୀଙ୍କ ଲୋକାଲ୍ ଫର୍ ଭୋକାଲ୍ର ବାର୍ତ୍ତା ଦେଇ ସ୍ୱଦେଶୀକୁ ଆପଣାଅ ବୋଲି ସୁଦର୍ଶନ କହିଛନ୍ତି।

ଏହା ସହ ୬ ଫୁଟ ଉଚ୍ଚତାରେ ହୋଇଛି ଏହି ବାଲୁକାକଳା ।

ତେବେ ସୁଦର୍ଶନଙ୍କ ଦ୍ୱାରା ନିର୍ମିତ ଏହି ସୁନ୍ଦର ଆକର୍ଷଣୀୟ ବାଲୁକାକଳାକୁ ଦେଖିବାକୁ ପୁରୀ ବେଳାଭୂମିରେ ପ୍ରବଳ ପର୍ଯ୍ୟଟକଙ୍କ ଭିଡ ପରିଲକ୍ଷିତ ହୋଇଛି । ଏନେଇ ଭୁବନେଶ୍ୱରର ଛାତ୍ରଛାତ୍ରୀମାନେ ସୁଦର୍ଶନଙ୍କ ବେଶ୍ ପ୍ରଶଂସା କରିଛନ୍ତି ।

# ୨ଭାଇଙ୍କୁ ଭୁଜାଲିରେ ଆକ୍ରମଣ କରି ଲୁଟ୍

**ବୈଶିଙ୍ଗା,୮।୮(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଇଲାକାରେ ଚୋରି ଓ ଲୁଟ୍ ଘଟଣା ଥମିବାର ନାମ ଧରୁନି। ବିଗତ କିଛିଦିନ ଧରି ବୈଶିଙ୍ଗା ଉପକଣ୍ଠ ଦାହିବାଡ଼ି ସାପ୍ତାହିକ ହାଟରୁ ଲଗାତାର ବାଇକ ଚୋରି ହୋଉଥିବାବେଳେ ମାତ୍ର କିଛି ଦିନର ବ୍ୟବଧାନ ପରେ ବୈଶିଙ୍ଗା-ମାଣତ୍ରୀ ରାସ୍ତାରେ ପୁଣି ମାତିଲେ ଲୁଟେରା। ଗୁରୁବାର ରାତି ୧୦ଟା ୩୦ରେ ଉକ୍ତ ରାସ୍ତାର ବାଛୁରୀପଡା ଛକ ନିକଟରେ ଦୁଇଭାଇଙ୍କୁ ଅଟକାଇ ଭୁଜାଲିରେ ଆକ୍ରମଣ କରିବା ସହିତ ଲୁଟିନେଲେ ଟଙ୍କା ଓ ମୋବାଇଲ।

ସୂଚନା ଅନୁଯାଇ ଗତକାଲି ବାଛୁରୀପଡ଼ା ଗ୍ରାମର ପ୍ରଦୀପ ସାହୁ ଓ ତାଙ୍କ ଭାଇ ଦିଲ୍ଲୀପ ସାହୁ ବାଲେଶ୍ୱର ଜିଲ୍ଲା ରୁପ୍ସାରେ ଥିବା ନିଜ ଦୋକାନ ବନ୍ଦ କରି ଘରକୁ ଫେରୁଥିବାବେଳେ ରାତି ପ୍ରାୟ ୧୦ଟା ୩୦ରେ ବଙ୍ଗାଳଡାହି ଛକ ନିକଟରେ ପଛ ପଟରୁ ହଟାତ ୨ଟି ବାଇକରେ କିଛି ଦୁର୍ବୃତ୍ତ ଆସି ତାଙ୍କୁ ଆକ୍ରମଣ କରିଥିଲେ। ପରେ ଦୁଇ ଭାଇଙ୍କୁ ଭୟଭୀତ କରାଇ ତାଙ୍କ ନିକଟରେ ଥିବା ନଗଦ ୧ଲକ୍ଷ ୧୦ହଜାର ଟଙ୍କା ସମେତ ମୋବାଇଲ, ଦୋକାନ ଚାବି, ବାଇକ ଚାବି ଓ ଜରୁରୀ କାଗଜ ପତ୍ର ନେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ।

ତେବେ ଦୁଇ ଭାଇ ସ୍ଥାନୀୟ ଲୋକଙ୍କ ସହାୟତାରେ ବୈଶିଙ୍ଗା ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ମଧ୍ୟ ରାତ୍ରିରେ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। ପରେ ପୁଲିସ ପେଟ୍ରୋଲିଙ୍ଗ ଟିମ୍ ଉକ୍ତ ରାସ୍ତାରେ ଯାଇ ତନାଘନା କରିଥିଲେ ବି ଲୁଟେରାଙ୍କର କିଛି ସନ୍ଧାନ ମିଳିନଥିଲା। ପୁଲିସ ଏନେଇ ୩୯୮/୨୫ନଂରେ ଏକ ମାମଲା ରୁଜୁ କରି ଲୁଟେରାଙ୍କୁ ଧରିବାର ପ୍ରୟାସ ଜାରି ରଖିଛି।

## ବୋମା ଭିଡ଼ିବା ବେଳେ ଭୟଙ୍କର ବିସ୍ଫୋରଣ : ଜଣେ ମୃତ

**ଖୋର୍ଦ୍ଧା,୮।୮ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ନୂଆଗାଁ ପଂଚାୟତ ହରିପୁର ଗ୍ରାମ ମଝି ସାହିର ରମେଶ ମହାପାତ୍ର ଗୁରୁବାର ଅପରାହ୍ନରେ ନିଜ ଘରେ ବୋମା ଭିଡ଼ୁ ଥିବାବେଳେ ବିସ୍ଫୋରଣ ଘଟି ରମେଶଙ୍କ (୩୭) ମୃତ୍ୟୁ ଘଟୁଛି। ସୂଚନାଯୋଗ୍ୟ କି ବାରାହ ଶିକାର ପାଇଁ ହରିପୁରର ରମେଶ ମହାପାତ୍ର ନିଜ ଘରେ ବୋମା ପ୍ରସ୍ତୁତି କରୁଥିଲେ ବୋଲି ଶୁଣିବାକୁ ମିଳୁଛି। ଅଧିକ ଚାପ ପଡ଼ିବାରୁ ବୋମା ବିସ୍ଫୋରଣ ଘଟିଥିଲା ଏଥିରେ ରମେଶଙ୍କ ଶରୀର ଜଳିପୋଡ଼ି ସେ ଗୁରୁତର ହୋଇଥାଇଥିଲେ। ବୋମା ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ତାଙ୍କର ଘରର ଏକ କଣରା ଘରର ଛାତ ଉଡ଼ିଯାଇଥିଲା। ବିସ୍ଫୋରଣ ସମୟରେ ରମେଶଙ୍କ ଦୁଇ ସନ୍ତାନ ବିଦ୍ୟାଳୟ ଯାଇଥିବାବେଳେ ପତ୍ନୀ କୌଣସି କାର୍ଯ୍ୟରେ ବାଡ଼ି ପଟକୁ ଯାଇଥିବାରୁ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ଗ୍ରାମବାସୀ ଗୁରୁତର ରମେଶଙ୍କୁ ଭୁବନେଶ୍ୱର ଏମ୍ସ ହସପିଟାଲକୁ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବଟିପାଇ ଘଟଣାସ୍ଥଳରେ ନିରାକାରପୁର ପୋଲିସ ପହଞ୍ଚି ଅଧିକ ତଥ୍ୟ ଉଦ୍ଘାଟନ ପାଇଁ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଏହି ଜଙ୍ଗଲ ଅଞ୍ଚଳ ପାଖାପାଖି ଗ୍ରାମର କିଛି ଅସାମାଜିକ ବ୍ୟକ୍ତିମାନେ ବେଆଇନ ଭାବରେ ବୋମା ପ୍ରସ୍ତୁତି କରି ବିଭିନ୍ନ ବନ୍ୟଜନ୍ତୁଙ୍କୁ ଶିକାର କରୁଥିବାର ବାରମ୍ବାର ଅଭିଯୋଗ ହୋଇଆସୁଥିଲା।

● ୫କୋଟି ଠକେଇ ମାମଲା

## ଅଭିଯୁକ୍ତ ଚେତନ ଚୌଧୁରୀଙ୍କ ଜାମିନ ଖାରଜ



**ବ୍ରହ୍ମପୁର,୮।୮ (ସଂଚାର ବ୍ୟୁରୋ):** ଗୋଶାଣିନୂଆଗାଁ ଥାନା ଅଞ୍ଚଳରେ ଥିବା ସାଧବି କନଷ୍ଟ୍ରକସନ ମାଲିକ ଚେତନ ଚୌଧୁରୀ(୪୩)ଙ୍କ ଠକେଇ ମାମଲାରେ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ସେ ବ୍ରହ୍ମପୁର ଜେଲରେ ବିଚାରାଧୀନ ବନ୍ଦୀ ଭାବେ ଅଛନ୍ତି। ତାଙ୍କ ଜାମିନ ପାଇଁ ସ୍ୱତନ୍ତ୍ର ଭିଜିଲାନ୍ସ ଜଜଙ୍କ କୋର୍ଟରେ ଆବେଦନ କରାଯାଇଥିଲା। ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ରଜତ କୁମାର ଦାଶ ଉକ୍ତ ଜାମିନ ଆବେଦନର ଦୃଢ଼ ବିରୋଧ କରିଥିଲେ। ଅଭିଯୁକ୍ତ ଚେତନଙ୍କ ନାମରେ ପୂର୍ବରୁ ଏଭଳି ଅନେକ ଠକେଇ ମାମଲା ରହିଥିବା ପୁଲିସ ପକ୍ଷରୁ ଦାଖଲ ହୋଇଥିବା କେସ ଡାଇରୀରେ ଉଲ୍ଲେଖ ରହିଛି। ଜଜ ଜ୍ଞାନେନ୍ଦ୍ର କୁମାର ବାରିକ ଉକ୍ତ ଜାମିନ ଆବେଦନ ଖାରଜ କରି ଦେଇଛନ୍ତି। ଏନେଇ ଏପିପି ଦାଶ ସୂଚନା ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଚେତନ ଚୌଧୁରୀ ଗୋଶାଣିନୂଆଗାଁରେ ସାଧବି କନଷ୍ଟ୍ରକସନ ଆଣ୍ଡ ଲଜଷ୍ଟିକସ ନାମକ ଏକ ସଂସ୍ଥା କରିଛନ୍ତି। ଇଚ୍ଛୁକ ଲୋକମାନଙ୍କୁ ସୁଲଭ ମୂଲ୍ୟରେ ବାସଉପଯୋଗୀ ପ୍ଲଟ ଦେବା ନାଁରେ ଅଗଷ୍ଟ ୨୦୧୯ ରେ ସେ ଏକ ସ୍କିମ କରିଥିଲେ। ଏଥିପାଇଁ ସେ ଏଜେଣ୍ଟ ନିଯୁକ୍ତି କରିଥିଲେ। ଜଣେ ଲୋକ ଦୁଇବର୍ଷ ପର୍ଯ୍ୟନ୍ତ ଉକ୍ତ ସ୍କିମରେ ମାସିକ ଟଙ୍କା ଜମା କଲେ ଅର୍ଥାତ ତାଙ୍କୁ ୨୦୨୧ ସେପ୍ଟମ୍ବର ସୁଦ୍ଧା ଉକ୍ତ ସଂସ୍ଥା ତରଫରୁ ଏକ ବାସଉପଯୋଗୀ ପ୍ଲଟ ଯୋଗାଇ ଦିଆଯିବ ବୋଲି ମାଲିକ ଚେତନ ଚୌଧୁରୀ ଉକ୍ତ ସ୍କିମରେ ଉଲ୍ଲେଖ କରିଥିଲେ। ଦୁଇବର୍ଷରେ ଉକ୍ତ ସଂସ୍ଥାରେ କାମ କରୁଥିବା ଏଜେଣ୍ଟ ମାନେ ୨୦୦ ଜମାକାରୀଙ୍କ ନିକଟରୁ ୫ କୋଟିରୁ ଉର୍ଦ୍ଧ ଟଙ୍କା ଆଦାୟ କରି ଉକ୍ତ ସଂସ୍ଥାର ଏକାଉଣ୍ଟରେ ଜମା କରିଥିଲେ। ନିର୍ଦ୍ଧାରିତ ସମୟ ସୀମା ପରେ ଜମାକାରୀମାନେ ଏହି ସଂସ୍ଥାର ମାଲିକଙ୍କୁ ଭେଟି ସେମାନଙ୍କ ପ୍ଲଟ ଦେବାକୁ କହିଥିଲେ। ଏବାବଦରେ ସେ କୌଣସି ଜମାକାରୀଙ୍କ ଟଙ୍କା ପାଇନଥିବା ସେମାନଙ୍କୁ କହିଥିଲେ। ଶେଷରେ ଉକ୍ତ ସଂସ୍ଥାର ଏଜେଣ୍ଟ ସନ୍ତୋଷ ଗୋଷଣୀନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨୨୬/୨୫ ରେ ଉକ୍ତ ଚେତନଙ୍କୁ ଗତ ଜୁଲାଇ ୧୩ ତାରିଖରେ ଗିରଫ କରିଥିଲା।

● ସିଆରପି ଆଣିଲେ ସଙ୍ଗୀନ ଅଭିଯୋଗ

## ଯୁବକ ଦେଉଛନ୍ତି ମାନସିକ ନିର୍ଯାତନା, ଥାନାରେ ଏତଲା

**ମହାକାଳପଡ଼ା,୮।୮(ସଂଚାର ବ୍ୟୁରୋ):** ଜଣେ ସିଆରପିଙ୍କୁ ଯୁବକ ଜଣଙ୍କ ଅଶ୍ଳୀଳ ଇଙ୍ଗିତ କରିବା ସହ ମାନସିକ ନିର୍ଯ୍ୟାତନା ନେଉଛନ୍ତି। ତାଙ୍କ ବିରୁଦ୍ଧରେ ଲାଞ୍ଚ ଓ ଟଙ୍କା ହଡ଼ପ ଭଳି ଆରୋପ ଆଣି ଭାଇରାଲ କରୁଥିବା ସିଆରପି ଜଣଙ୍କ ମାର୍ଶାଘାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ମହାକାଳପଡ଼ା ବ୍ଲକ ତେର ଗାଁ ପଞ୍ଚାୟତ ଅନ୍ତର୍ଗତ ସୋବଲା ଗ୍ରାମର ସିଆରପି ସୁଜାତା ମହାନ୍ତି ସେହି ଗ୍ରାମର ସୁଧାଂଶୁ ସେଠୀଙ୍କ ପୁଅ ସୁବ୍ରତ ସେଠୀ ତାଙ୍କୁ ଅଶ୍ଳିଳ ଇଙ୍ଗିତ କରି କାର୍ଯ୍ୟରେ ବାଧା ସୃଷ୍ଟି କରିବା ଓ ତାଙ୍କ ନାମରେ ଲାଞ୍ଚ ଓ ଅର୍ଥ ଆଦାୟ ଭଳି ଆରୋପ ଆଣି ତାଙ୍କୁ ମାନସିକ ନିର୍ଯ୍ୟାତନା ଦେଉଥିବା ସେ ମାର୍ଶାଘାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ଜଣେ ଦୁଷ୍ଟ ଚରିତ୍ର ଓ ବଦମାସ ପ୍ରକୃତିର ବ୍ୟକ୍ତି। ସୁଜାତା ବିଭିନ୍ନ ଗ୍ରାମକୁ କାର୍ଯ୍ୟରେ ଯିବା ସମୟରେ ସୁବ୍ରତ ବାଟରେ ତାଙ୍କୁ ଅଶ୍ଳିଳ ଇଙ୍ଗିତ କରି ଅଶାଳୀନ ଭାଷା ପ୍ରୟୋଗ କରୁଥିବା ସେ ଉଲ୍ଲେଖ କରିଛନ୍ତି। କେବଳ ସେ ନୁହଁନ୍ତି ଅନ୍ୟ ମହିଳାମାନଙ୍କୁ ମଧ ଅଶାଳୀନ ବ୍ୟବହାର ଦେଖାଉଥିବା ସେ ଲେଖିଛନ୍ତି। ତୁରନ୍ତ ଦୋଷୀ ବିରୋଧରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୁଜାତା ଉଲ୍ଲେଖ କରିଛନ୍ତି। ମାର୍ଶାଘାଇ ପୋଲିସ ଏତଲା ଆଧାରରେ ତଦନ୍ତ କରୁଥିବା ଜଣାପଡିଛି।

## ବେଆଇନ ମାଟି ବୋଝେଇ ହାଇୱା ଜବତ, ଚାଳକ ଅଟକ

**ବାଲିଅନ୍ତା,୮।୮ (ସଂଚାର ବ୍ୟୁରୋ):** ବାଳକାଟି ଫାଣ୍ଡି ପୁଲିସ ଏବଂ ଖୋର୍ଦ୍ଧା ଜିଲ୍ଲା ଖଣି ବିଭାଗ ଗତକାଲି ବିଳମ୍ବିତ ରାତିରେ ଏକ ବେଆଇନ ମାଟି ବୋଝେଇ ହାଇୱା ଜବତ କରିଛନ୍ତି । ଜବତ ହାଇୱା ଫାଣ୍ଡିରେ ରଖାଯାଇଛି । ଗତକାଲି ରାତି ୧୨ଟା ବେଳେ ସରଦେଈପୁର - ନିମାପଡା ରାସ୍ତାରୁ ପୁଲିସ ଏବଂ ଖଣି ବିଭାଗ କର୍ମଚାରୀ ପହଞ୍ଚି ଉକ୍ତ ହାଇୱା ଜବତ କରିଥିଲେ । ପୁଲିସ ଥାନାକୁ ନେଇ ପଚରାଉଚରା ପରେ ଛାଡି ଦେଇଛି । ଗାଡି ମାଲିକଙ୍କ ଉପରେ ଏନେଇ ଜରିମାନା କରାଯାଇଛି ।

# ଗଞ୍ଜାମରେ ଆରମ୍ଭ ହେବ ଫାଇଲେରିଆ ନିରାକରଣ ଅଭିଯାନ

### ୧୦ରୁ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ

### ୨୦୩୦ ସୁଦ୍ଧା ଫାଇଲେରିଆ ମୁକ୍ତ ହେବ ଗଞ୍ଜାମ




**ବ୍ରହ୍ମପୁର,୮।୮ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲାରେ ଆରମ୍ଭ ହେବ ଫାଇଲେରିଆ ନିରାକରଣ ଅଭିଯାନ। ଫାଇଲେରିଆ ନିରାକରଣ ପାଇଁ ଆସନ୍ତା ୧୦ ତାରିଖରୁ ଜିଲ୍ଲାରେ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ (ଏମ୍.ଡ଼ି.ଏ) ଆରମ୍ଭ ହେବ। ଏଥିରେ ୨୧,୨୩,୬୫୫ ଲକ୍ଷ ଲୋକଙ୍କୁ ଫାଇଲେରିଆ ନିରୋଧ ଔଷଧ ଖୁଆଯିବ। ୨ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା ଓ ଗୁରୁତର ଅସୁସ୍ଥଙ୍କୁ ଏହି ଔଷଧ ଖାଇବାକୁ ବାରଣ କରାଯାଇଛି । ବୁଗୁଡ଼ା, ଜଗନ୍ନାଥପ୍ରସାଦ, ପୋଲସରା, ଆସିକା - ବାଲିସିରା, କୋଦଳା, ବେଗୁନିଆପଡ଼ା, ଖଲ୍ଲିକୋଟ, ଖଣ୍ଡଦେଉଳି, କୁକୁଡ଼ାଖଣ୍ଡି, ଶେରଗଡ଼, ବଡ଼ଗଡ଼, ଆଡ଼ପଡ଼ା, ସାନଖେମୁଣ୍ଡି, ଦିଗପହଣ୍ଡି, ବୋମକେଇ, ପାତ୍ରପୁର ଆଦି ୧୪ଟି ଗ୍ରାମାଚଂଳ ଏବଂ କୋଦଳା ଏନ୍ଏସି, ପୋଲସରା ଏନ୍ଏସି, ଆସିକା ଏନ୍ସି, ଏବଂ ଗୋପାଳପୁର ଏନ୍ଏସିରେ ୧୦ ରୁ ୧୯ ତାରିଖ ମଧ୍ୟରେ ଏମ୍.ଡ଼ି.ଏ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବ। ଏଥରେ ଡିଇସି, ଆଲବେଣ୍ଡାଜଲ ଓ ଆଇଭରମେକ୍ଟିନ୍ ବଟିକା ଖୁଆଯିବ । ଏଥିପାଇଁ ୬୭୯୮ ଡ୍ରଗ ଆଡ଼ମିନିଷ୍ଟ୍ରେଟର ନିୟୋଜିତ ହେବେ । ଆଶା, ଅଙ୍ଗଓ୍ୱାଡ଼ି, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅନ୍ୟ ସ୍ୱେଚ୍ଛାସେବୀଙ୍କୁ ନେଇ ଡ୍ରଗ ଆଡ଼ମିନିଷ୍ଟ୍ରେଟର ଭାବେ ଚିହ୍ନଟ କରାଯାଇଛି । ସେମାନଙ୍କ କାର୍ଯ୍ୟକୁ ତଦାରଖ କରିବା ପାଇଁ ୬୮୬ ପର୍ଯ୍ୟବେକ୍ଷକ ରହିଛନ୍ତି। ଅତିକମ୍‌ରେ ୯୦% ଲୋକ ଡ୍ରଗ ଆଡ଼ମିନିଷ୍ଟ୍ରେଟରଙ୍କ ସମ୍ମୁଖରେ ଔଷଧ ଖାଇବାର ଲକ୍ଷ ଧାର୍ଯ୍ୟ କରାଯାଇଛି । ଏମ୍.ଡ଼ି.ଏ କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ପଚାୟତରାଜ, ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା, ମିଶନ ଶକ୍ତି, ମହିଳା ଓ ଶିଶୁ ବିକାଶ, ଶିଳ୍ପ ଓ ଖଣି, ଅନୁସୁଚିତ ଜାତି ଓ ଜନଜାତି, ନଗର ଉନ୍ନୟନ ବିଭାଗକୁ ଅନୁରୋଧ କରାଯାଇଛି। ୨୦୩୦ ସୁଦ୍ଧା ଗଞ୍ଜାମକୁ ଫାଇଲେରିଆ ମୁକ୍ତ କରିବାକୁ ଲକ୍ଷ ରଖାଯାଇଛି। ଏନେଇ ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସିଡିଏମଓଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

## ଦେଶୀ ମଦ ଓ ମହୁଲ ପୋଚ ଜବତ, ୫ ଗିରଫ

**ବାରିପଦା,୮।୮ (ସଂଚାର ବ୍ୟୁରୋ):** ରାଇରଙ୍ଗପୁର ଅବକାରୀ ରେଞ୍ଜ ପକ୍ଷ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ଗୋରୁମହିଷାଣୀ ଥାନା ଅନ୍ତର୍ଗତ ନୂଆଗାଁ, ଲୁହାଶିଳା, ଆମଡାବେଡ଼ା ଓ ରାଇରଙ୍ଗପୁର ସହରାଞ୍ଚଳ ଥାନା ଅନ୍ତର୍ଗତ ପୋଖରିଆ ଗ୍ରାମ ଅଞ୍ଚଳରେ ଚଢ଼ାଉ କରାଯାଇ ୩୩୩ ଲିଟର ଦେଶୀ ରନ୍ଧା ମଦ ଓ ୭୫୦ ଲିଟର ମହୁଲ ପୋଚ ଜବତ କରିବା ସହିତ ମୋଟ ୦୫ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଗିରଫ ଆସାମୀ ମାନେ ହେଲେ ପୋଖରିଆ ଗ୍ରାମର ଦକ୍ଷିଣ କିସ୍କୁ, ଲୁହାଶିଳା ଗ୍ରାମର ରାଣୀମଣି ଟୁଡୁ, ଆମଡାବେଡ଼ା ଗ୍ରାମର ଗୋବିନ୍ଦ ମୁର୍ମୁ, ନୂଆଗାଁ ଗ୍ରାମର ଝରି ମୁଣ୍ଡା ଓ ଗୋବରା ମୁଣ୍ଡା।

# ମା' ବାପାଙ୍କ ବଡ଼ ପୁଅ ଥିଲେ ସହିଦ ସ୍ୱରାଜ୍ୟ

**କାକଟପୁର/ଅସ୍ତରଙ୍ଗ,୮।୮ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପାଟଳଦା ପଂଚାୟତ ସୁନ୍ଦର ଗ୍ରାମର ଶିକ୍ଷାବିତ୍ତ ତଥା ହିନ୍ଦୀ ଶିକ୍ଷକ ଅଚ୍ୟୁତାନନ୍ଦ ସାହୁଙ୍କ ବଡ଼ ପୁଅ ସ୍ୱରାଜ୍ୟ ସାହୁ। ମାତ୍ର ୨୦ବର୍ଷ ବୟସ ହୋଇଥିବା ବେଳେ ୨୦୧୧ମସିହାରେ ବାୟୁସେନାରେ ଯୋଗଦାନ କରିଥିଲେ। କିନ୍ତୁ ଦଇବ ଦାଉ ସାଧିଲା ଭଳି ଗତ ଜୁନ ୪ତାରିଖରେ କାର୍ଯ୍ୟରତ ଥିବା ବେଳେ ଏକ ବିଷାକ୍ତ ଗ୍ୟାସ ଦୁର୍ଘଟଣାରେ କୋଠରିରୁ ୩ ଯୁବକ ଝରକା ପଟେ ବାହାରୁଥିବା ବେଳେ ସ୍ୱରାଜ୍ୟଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା ଏହା ସହ ବିଷାକ୍ତ ଗ୍ୟାସ ପ୍ରଭାବରେ ସେ ଆକ୍ରାନ୍ତ ହୋଇଥିଲେ। ଆଗ୍ରା ସ୍ଥିତ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଥିଲେ। କିନ୍ତୁ ଅବସ୍ଥା କ୍ରମଶଃ ସଙ୍କଟାପର୍ଣ୍ଣ ହୋଇଥିବା ବେଳେ ଅଗଷ୍ଟ ୭, ୨୦୨୫ ଦିନ ୧ଘ ୩୦ମିନିଟ ସମୟରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ।

ତାଙ୍କ ବିୟୋଗରେ ପୂରା ପରିବାର ଭାଙ୍ଗି ପଡିଛି। କାରଣ ସ୍ୱରାଜ୍ୟ ତାଙ୍କ

### ଝୁରୁଛନ୍ତି ପରିବାର ଲୋକ, ଝୁରୁଛନ୍ତି ସାଙ୍ଗସାଥୀ

ବାପା ମାଆର ବଡ଼ ପୁଅ ଥିଲେ। ସେ ୨୦୧୮ମେ ମାସରେ ବିବାହ କରିଥିଲେ। ସହିଦ ହେବା ପରେ ବାପା, ମାଆ, ପତ୍ନୀ ଓ ୪ବର୍ଷର ପୁଅ ଦୁଃଖରେ ଭାଙ୍ଗି ପଡିଛନ୍ତି। ପୁଅ ଦେଶ ପାଇଁ ଜୀବନ ଦେଇଥିବାରୁ ବାପା ଗର୍ବ ଅନୁଭବ



କରୁଥିଲେ ବି ମନର ଏକ କୋଣରେ ପୁଅକୁ ହରାଇବାର ଦୁଃଖ, ଯନ୍ତ୍ରଣା ତାଙ୍କ ଆଖିରେ ଲୁହ ଆକାରରେ ଦେଖା ଯାଉଛି। ସେପଟେ ସ୍ୱରାଜ୍ୟଙ୍କ ପତ୍ନୀ ଓ ୪ବର୍ଷର କୁନି ପୁଅ ସ୍ୱରାଜ୍ୟ ସହିଦ ହେବା ଘଟଣା ମର୍ମାହତ କରିଛି। ସ୍ୱାମୀଙ୍କ ସହିଦ ଖବର ପାଇବା ପରେ ସେ ଯେପରି ପଥର ପାଲଟିଯାଇଛନ୍ତି। ମାଆଙ୍କ କଥା ନ କହିଲେ ଭଲ। ପୁଅକୁ ହରାଇ ମାଆ ଛାତି ପିଟି କାନ୍ଦୁଛି। ପୁଅ ଫେରି ଆସିବ ଭାବି ଦାଣ୍ଡ ଦୁଆରେ ଚାହିଁ ବସିଛି। ଚାରି କାନ୍ଧରେ ଜାତୀୟ ପତାକାରେ ଘୋଡାଇ ହୋଇ ଆସିବ ତାଙ୍କର ପାର୍ଥିବ ଶରୀର। କିଛି ଘଣ୍ଟା ପରେ ପହଞ୍ଚିବ ସ୍ୱରାଜ୍ୟଙ୍କ ମରଶରୀର। ସ୍ୱରାଜ୍ୟ ମାତ୍ର ୩୪ବର୍ଷ ବୟସରେ କାର୍ଯ୍ୟରତ ଅବସ୍ଥାରେ ଦେଶ ପାଇଁସହିଦ ହୋଇଛନ୍ତି ବୀର ଯବାନ ସ୍ୱରାଜ୍ୟ। ଏହି ଖବର ପାଇବା ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି ବୋଲି ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ବେହେରା ମତଦେଇଛନ୍ତି।

## ଗଙ୍ଗଦାହାଟରେ କୃଷକ ସମ୍ମିଳନୀ



**ନାଉଗାଁ,୮।୮ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦାହାଟ ନିକଟରେ ସନ୍ମୁଖା ଆଗ୍ରିଟେକ ଲିମିଟେଡ୍ ପକ୍ଷରୁ ଏକ କୃଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଆଗ୍ରିଟେକ ଲିମିଟେଡ୍‌ର ଆଞ୍ଚଳିକ ପରିଚାଳକ ଦିଲ୍ଲିପ ସାହୁ ଯୋଗ ଦେଇ କମ୍ପାନୀ ଦ୍ୱାରା ପ୍ରସ୍ତୁତ ହେଉଥିବା ବିଭିନ୍ନ କିଟନାଶକ ଔଷୟ, ସାର, ଅଣୁସାର ଆଦିର ବ୍ୟବହାର ଉପରେ ଗୁରୁତ୍ୱରୋପ କରିଥିଲେ। ତାଙ୍କ ସହିତ ଲିମିଟେଡ୍‌ର ପରିଚାଳକ ପ୍ରଶାନ୍ତ କୁମାର ପରିଡ଼ା, ବିକ୍ରୟ ପରିଚାଳକ ସୌମ୍ୟରଞ୍ଜନ ତ୍ରିପାଠୀ, ମାର୍କେଟିଂ ଡେଭଲପର ସୁରେଶ ମିଶ୍ର, କ୍ଷେତ୍ର ସହାୟକ ବାସୁଦେବ ଦାସ ପ୍ରମୁଖ ଯୋଗ ଦେଇ ସମ୍ମିଳନୀର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପଞ୍ଚ ସଖା ଏଂଟରପ୍ରାଇଜେସର ମାଲିକ ଦେବାଶିଷ ମହାନ୍ତି ପରିଚାଳନା କରୁଥିଲେ।

# ଶ୍ରମିକ ନିଖୋଜ, ଏସପିଙ୍କୁ ଭେଟିଲେ ପରିବାର

**ବ୍ରହ୍ମପୁର,୮।୮ (ସଂଚାର ବ୍ୟୁରୋ):** ଜରଡା ଅଞ୍ଚଳର ଯୁବକ ଅଶୋକ ନାୟକ କିଛି ବର୍ଷ ହେବ ମୁମ୍ବାଇରେ ରହି ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ଗ୍ରାମର ଜଣେ ଠିକାଦାରଙ୍କ ଜରିଆରେ ସେ ମୁମ୍ବାଇ ଯାଇ ସେଠାରେ କାର୍ଯ୍ୟ କରିବା ସହ ପରିବାର ଲୋକଙ୍କୁ ପ୍ରତି ମାସରେ ଟଙ୍କା ପଠାଉଥିଲେ। ହେଲେ ଜୁନ ମାସ ୮ ତାରିଖରେ ସେ ଟ୍ରେନରେ ବସି ଘରକୁ ଯାଉଛି ବୋଲି ପରିବାର ଲୋକଙ୍କୁ ଜଣାଇଥିଲେ। କିନ୍ତୁ ୪ ଦିନ ଯାଏଁ ଘରକୁ ଫେରିନଥିଲେ କିମ୍ବା ଫୋନ ମଧ କରି ନଥିଲେ। ପରିବାର ଲୋକେ ତାଙ୍କୁ ଯୋଗାଯୋଗ କରିବା ପରେ ତାଙ୍କ ମୋବାଇଲ ବନ୍ଦ ରହିଥିଲା । କିଛି ଦିନ ଅପେକ୍ଷା କରିବା ପରେ ମଧ ସେ ନଫେରିବାରୁ ପରିବାର ଲୋକେ ଜରଡା ଥାନାରେ ନିଖୋଜ ମାମଲା ଦେଇଥିଲେ। ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଆଜି ପର୍ଯ୍ୟନ୍ତ ଅଶୋକ ଘରକୁ ଫେରିନଥିବା ବେଳେ ଜରଡା ପୁଲିସ ମଧ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିନଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଆଜି ଅଶୋକଙ୍କ ପତ୍ନୀ ଟୁନି ନାୟକ ସମେତ ତାଙ୍କ ମାଆ ଓ ପରିବାର ଲୋକେ ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମଙ୍କୁ ଭେଟି ଅଶୋକଙ୍କୁ ଖୋଜି ବାହାର କରିବାକୁ ଅନୁରୋଧ କରିଥିଲେ।




# ଦେଶ ପାଇଁ ଗୌରବ ଆଣିଲେ ଶ୍ରୀରାମ ତ୍ରିପାଠୀ

**ଖୋର୍ଦ୍ଧା,୮।୮ (ସଂଚାର ବ୍ୟୁରୋ):** ଇଣ୍ଡୋନେସିଆର ଜାକର୍ତ୍ତା ଠାରେ ଅଗଷ୍ଟ ୨ ଓ ୩ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ବିଶ୍ୱସ୍ତରୀୟ ଇସ୍କା ଇଣ୍ଡୋନେସିଆ ଓପନ କିକ ବକ୍ସିଂ ଚମ୍ପିୟାନ ସିପରେ ଓଡ଼ିଆ ପୁଅ ଶ୍ରୀରାମ ତ୍ରିପାଠୀ (ରିୟାନ) ଭାରତ ପାଇଁ ଗୌରବ ଆଣିଛନ୍ତି। ୧୦୦ କେଜି ସିନିଅର କିକ ବକ୍ସିଂରେ ବ୍ରୋଞ୍ଜ ପଦକ ଜିତି ଶ୍ରୀରାମ ଭାରତ ତଥା ଓଡିଶା ପାଇଁ ଗୌରବ ପାଲଟିଛନ୍ତି। ୨୮ ଗୋଟି ଦେଶରୁ ୪୫୦ ଜଣ ପ୍ରତିଯୋଗୀ ଏହି ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିଲେ।

ଶ୍ରୀରାମ ହେଉଛନ୍ତି ଓଡ଼ିଶାର ବରିଷ୍ଠ ଚର୍ମରୋଗ ବିଶେଷଜ୍ଞ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟର କାର୍ଯ୍ୟରତ ଡାକ୍ତର ହର ପ୍ରସନ୍ନ ତ୍ରିପାଠୀ ତଥା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ରାକ୍ଷୀ ମିଶ୍ରଙ୍କ ଏକମାତ୍ର ପୁଅ। ରିୟାନଙ୍କ ଏହି ସଫଳତା ପାଇଁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ରିୟାନଙ୍କ ଅଜା ଯୁଧିଷ୍ଠିର ମିଶ୍ର, ଆଇ ପଦ୍ମିନୀ ମିଶ୍ରଙ୍କ ସମେତ ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବ ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ସମ୍ପାଦକ ଦିଲୀପ ପଟ୍ଟନାୟକ, ଓୟୁଜେ ରାଜ୍ୟ ସମ୍ପାଦକ ପ୍ରସନ୍ନ ପାଇକରାୟ, ଓ.ୟୁ. ଡବ୍ଲ୍ୟୁ.ଜେ.ଖୋର୍ଦ୍ଧା ଜିଲ୍ଲା ଶାଖା ସଭାପତି ପ୍ରକାଶ ହାତୀ, ଓୟୁଜେର ଖୋର୍ଦ୍ଧା ଜିଲ୍ଲା ଶାଖା ସଭାପତି ତପନ ନାୟକ, ଉତ୍କଳ ସାମ୍ବାଦିକ ସଂଘର ଖୋର୍ଦ୍ଧା ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ଜିଲ୍ଲା ପ୍ରେସ କ୍ଲବ ଉପସଭାପତି ଲଳିତ ମୋହନ ମହାପାତ୍ର, ସାମ୍ବାଦିକ ରଞ୍ଜିତ ସାମନ୍ତରାୟ,ପ୍ରଭାତ ପାଣିଗ୍ରାହୀ ପ୍ରବୀଣ ଭଞ୍ଜ, ଶୁଭକାନ୍ତ ମହାପାତ୍ର,ରାମ ନାରାୟଣ ଦାଶ, ଆଇନଜୀବୀ ଶିଶିର ପରିଡା, ଖୋର୍ଦ୍ଧା ଜିଲ୍ଲା ଓକିଲ ସଂଘ ସଭାପତି ଜୀବନ ଜ୍ୟୋତି ମିଶ୍ର ପ୍ରମୁଖ ରିୟାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଜାତୀୟ ହସ୍ତତନ୍ତ ଦିବସ ପାଳିତ




**ବ୍ରହ୍ମପୁର,୮।୮ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସଙ୍କ ନିର୍ଦ୍ଦେଶ କ୍ରମେ ଗୃହ ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରଫେସର ଡଃ ସସ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ ଜାତୀୟ ହସ୍ତତନ୍ତ ଦିବସ ପାଳନ ହୋଇଯାଇଛି । ଏହି ଅବସରରେ ଗୃହ ବିଜ୍ଞାନର ସମସ୍ତ ଛାତ୍ରଛାତ୍ରୀ ମାନେ ବିଭିନ୍ନ ପ୍ରକାର ପାରମ୍ପରିକ ହସ୍ତତନ୍ତ ପୋଷାକ ପରିଧାନ କରିବା ସହ ବିଶ୍ୱବିଦ୍ୟାଳୟ ପରିସରରେ ଶୋଭାଯାତ୍ରା କରିଥିଲେ। " କୁଟି ଖାଅ କାଟି ପିନ୍ଧ " ସ୍ଲୋଗାନ ଧ୍ୱନିରେ ବିଶ୍ୱ ବିଦ୍ୟାଳୟ ପରିସର ପ୍ରକମ୍ପିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସାମାଜିକ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀମାନେ ମଧ୍ଧ ସହଯୋଗ କରିଥିଲେ। ଅଧାପିକା ସହକାରୀ ପ୍ରଫେସର ଅଲିତା ମିଞ୍ଜ, ମାନସି ମେହେର , ଅସ୍ମିତା ବେଉରା, ଏବଂ ଛାତ୍ରୀ ନିକିତା ରାଣୀ ଭଞ୍ଜ, ବନ୍ଦନା ପ୍ରଧାନ, ନିର୍ଲିପ୍ତା ପ୍ରିୟଦର୍ଶନୀ, ମଧୁସ୍ମିତା ନାୟକ, ମନିଷା କହଁର , ଇଜୁ ଅମିନ ଖାନ , ଏନ୍ କାମରାଜୁ ପାତ୍ର , ଓ ସୁବ୍ରତ ମହାନ୍ତି ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# ସିପିଏମର ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ




**ବ୍ରହ୍ମପୁର,୮।୮ (ସଂଚାର ବ୍ୟୁରୋ):** 'ଏସଆଇଆର' ବାତିଲ ଦାବି ନେଇ ସିପିଏମ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦଳ ପକ୍ଷରୁ କୁହାଯାଇଛି କି, ନିର୍ବାଚନ କମିଶନ ଅସମ୍ବିଧାନିକ ଭାବେ ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଏହି ଅଭିଯାନର ମୂଳ ଲକ୍ଷ୍ୟ ହେଉଛି, ଲୁକ୍କାୟିତ ଭାବେ ତଥାକଥିତ ନାଗରିକ ତାଲିକା ପ୍ରସ୍ତୁତ କରିବା। ଯାହାକି ୫ ବର୍ଷ ପୂର୍ବେ ଦେଶବାସୀ ଆଗ୍ରାହ୍ୟ ଘୋଷଣା କରିଛନ୍ତି। ଏହି ଯୋଜନାରେ ଅଲ୍ପସଂଖ୍ୟକ, ପ୍ରବାସୀ ଶ୍ରମିକ ଓ ବିଜେପି ବିରୋଧୀଙ୍କୁ ତାଲିକାରୁ ବାଦଦେବା ଯୋଜନା କରାଯାଉଛି। ନିର୍ବାଚନ କମିଶନ ଭୋଟରଙ୍କ ପରିଚୟ ପାଇଁ ଆଧାରକାର୍ଡ, ଭୋଟର କାର୍ଡ ଓ ରେସନ କାର୍ଡକୁ ଗ୍ରହଣ କରିବା ପାଇଁ ସୁପ୍ରିମକୋର୍ଟ ଦେଇଥିବା ଉପଦେଶକୁ ମଧ ଗ୍ରହଣ କରିନାହାଁନ୍ତି। ଫଳରେ ବିହାରରେ ୬୫ ଲକ୍ଷ ଭୋଟର ତାଲିକାରୁ ବାଦ ପଡିଛନ୍ତି। ନିର୍ବାଚନ କମିଶନ ପରିଚୟ ପତ୍ର ପାଇଁ ଯେଉଁ ସର୍ତ୍ତ ରଖିଛନ୍ତି ତାହା ସୁପ୍ରିମକୋର୍ଟ ଜଜ ମାନଙ୍କ ପାଖରେ ମଧ ନ ଥିବା ବିଚାର ବେଳେ ପ୍ରକାଶ କରିଥିଲେ।ତେଣୁ ସାଧାରଣ ଲୋକଙ୍କ ପାଇଁ ଯୋଗାଡ଼ କରିବା ସହଜ ନୁହେଁ। ଲକ୍ଷ ଲକ୍ଷ ନାଗରିକ ଭୋଟ ଦେବା ଅଧିକାରରୁ ବଂଚିତ ହେବେ। ଏହାକୁ ସାରା ଦେଶରେ ଲାଗୁକରିବା ଯୋଜନା କରାଯାଇଛି। ତେଣୁ ଅତିଶୀଘ୍ର 'ଏସଆଇଆର' କୁ ବାତିଲ କରିବା ପାଇଁ ଦାବି କରାଯାଇଛି।ସେହିଭଳି ନିର୍ବାଚନ କମିଶନ ନିରପେକ୍ଷ ଭାବେ କାର୍ଯ୍ୟ କରିବା ପାଇଁ କର୍ମକର୍ତ୍ତା ମାନେ ଦାବି କରିଥିଲେ।

## ସହରବାସୀଙ୍କୁ ମହାନଗର ନିଗମ ଆୟୁକ୍ତଙ୍କ ବାର୍ତ୍ତା



**ବ୍ରହ୍ମପୁର,୮।୮ (ସଂଚାର ବ୍ୟୁରୋ):** ରେଶମ ସହରବାସୀଙ୍କୁ ସଚେତନତାର ବାର୍ତ୍ତା ଦେଇଛନ୍ତି ବ୍ରହ୍ମପୁର ମହାନଗର ନିଗମ ଆୟୁକ୍ତ ପ୍ରଥମେଶ ଅରବିନ୍ଦ ରାଜସିର୍କେ। ଏନେଇ ଏକ ଅଡିଓ ବାର୍ତ୍ତା ଜାରି କରାଯାଇଛି। ଏଥିରେ ସେ କହିଛନ୍ତି, ଚଳିତ ବର୍ଷ ଘରେ ଘରେ ତିରଙ୍ଗା ଓ ଘରେ ଘରେ ସ୍ୱଛତା କାର୍ଯ୍ୟକ୍ରମକୁ ବ୍ରହ୍ମପୁରରେ ଉତ୍ସାହ ଓ ନାଗରିକ ଦାୟିତ୍ୱର ସହ ସଭିଏଁ ମିଳିମିଶି ପାଳନ କରିବା। ଘର କିମ୍ବା ଦୋକାନ ଗୁଡିକରୁ ବାହାରୁଥିବା ଓଦା ଓ ଶୁଖିଲା ଅଳିଆ ଆବର୍ଜନାକୁ ଅଲଗା ଭାବେ ମହାନଗର ନିଗମ ଗାଡ଼ିରେ ପକାଇବା। ସେହିପରି ଦୋକାନ,ବଜାର, ପୋଖରୀ, ପାର୍କ ଓ ପଡିଆ ଭଳି ସର୍ବସାଧାରଣ ସ୍ଥାନ ଗୁଡିକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ସହରକୁ ଆବର୍ଜନା ଓ ପ୍ଲାଷ୍ଟିକ୍ ମୁକ୍ତ କରିବା।ଅନ୍ୟପଟେ ତିରଙ୍ଗାରେ ଆଦୌ ପ୍ଲାଷ୍ଟିକ୍ ବ୍ୟବହାର କରିବା ନାହିଁ,ଜାତୀୟ ପତାକାକୁ ସମ୍ମାନ ଦେଇ ସ୍ୱାଧୀନତା ଓ ସ୍ୱଚ୍ଛତାର ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବାକୁ ଜାରି ଅଡିଓ ବାର୍ତ୍ତାରେ ବିଏମସି କମିଶନର ନିବେଦନ କରିଛନ୍ତି।

## ବସ ଧକ୍କାରେ ୨ବାଇକ ଆରୋହୀ ମୃତ




**ରାଇଘର,୮।୮ (ସଂଚାର ବ୍ୟୁରୋ):** ବୌଦ୍ଧ ଜିଲ୍ଲା ଜାତୀୟ ରାଜପଥ ୫୭ ବାଉଁଶୁଣି ଥାନା ଗଜରାଜପୁର ନିକଟରେ ମର୍ମନ୍ତୁଦ ଦୁର୍ଘଟଣା । ବୁଲେଟ କୁ ଧକ୍କା ଦେଲା ରଘୁନାଥ ନାମକ ଯାତ୍ରୀବାହୀ ବସ୍ । ଘଟଣା ସ୍ଥଳରେ ଦୁଇ ବୁଲେଟ ଆରୋହୀ ମୃତ । ମୃତକ ହେଲେ ଅମିତ୍ ଝାଙ୍କର ଓ ସିଦ୍ଧାନ୍ତ ପ୍ରଧାନ ବୋଲି ଜଣାପଡିଛି। ଅଳ୍ପକେ ବର୍ତ୍ତିଲେ ସମସ୍ତ ବସ୍ ଯାତ୍ରୀ । ଭୁବନେଶ୍ୱର ରୁ ରାଇଘର ହାଟଭରଣ୍ଡି ଆସୁଥିଲା ଯାତ୍ରୀବାହୀ ବସ୍। ଘଟଣାସ୍ଥଳରେ ବାଉଁସୁଣୀ ପୋଲିସ୍ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି ।

**AFFIDAVIT**

I, Alisa Subudhi, aged about 28 years, W/O. Suraj Kumar Subudhi, resident of Plot No.1448/1477/2718, Lane-3A, New Forest Park, Bhubaneswar, Dist.-Khurda, Pin-751009, Odisha, declare by this affidavit No. 110 dtd.-01/08/25 that now onwards I shall be known as ALISHA SUBUDHI for all future purposes.

ସଂଚାର THE SANCHAR

# 'ରାକ୍ଷୀ ପୂର୍ଣ୍ଣିମା' ଶୁଭେଚ୍ଛା ଦେଲେ କେନ୍ଦ୍ରମନ୍ତ୍ରୀ

● ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରିବାକୁ ଆହ୍ୱାନ



ଭୁବନେଶ୍ୱର,୮।୮(ସଂଚାର ବ୍ୟୁରୋ): ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମସ୍ତ ଦେଶବାସୀଙ୍କୁ "ଭୋକାଲ୍ ଫର୍ ଲୋକାଲ୍" ଅଭିଯାନକୁ ସମର୍ଥନ ଦେବା ପାଇଁ ନିବେଦନ କରିଛନ୍ତି। ଶ୍ରୀ ପ୍ରଧାନ 'ଏକ୍ସ'ରେ ଓଡ଼ିଶା ସମେତ ଦେଶବାସୀଙ୍କୁ ରାକ୍ଷୀ ପୂର୍ଣ୍ଣିମାର ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ ରାକ୍ଷୀ ପୂର୍ଣ୍ଣିମା ସମୟରେ ରାକ୍ଷୀର ପବିତ୍ର ସୂତାଠାରୁ ଆରମ୍ଭ କରି ଉପହାର ପର୍ଯ୍ୟନ୍ତ ସ୍ୱଦେଶୀ ଉତ୍ପାଦକୁ ପ୍ରାଥମିକତା ଦିଆଯିବା ଉଚିତ। ଏହା କେବଳ ଏକ ପର୍ବ ପାଳନ କରିବାର ସମୟ ନୁହେଁ, ବରଂ ଦେଶରେ ପରିଶ୍ରମୀ କାରିଗର ଓ କ୍ଷୁଦ୍ର ଉଦ୍ୟୋଗୀଙ୍କ ପରିଶ୍ରମକୁ ସମ୍ମାନ ଦେବାର ପ୍ରତିଜ୍ଞା ମଧ୍ୟ। ଯେତେବେଳେ ଆମେ ଆମ ଉତ୍ସବରେ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରିଥାନ୍ତି, ସେତେବେଳେ ଆମେ ଭାରତୀୟ ପରମ୍ପରାକୁ ସମ୍ମାନ ଦେବା ସହ 'ଆତ୍ମନିର୍ଭର ଭାରତ' ସ୍ୱପ୍ନକୁ ସାକାର କରିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛୁ ବୋଲି ସେ ମତ ପ୍ରକାଶ କରିଛନ୍ତି।

# ୪ ହାତୀଦାନ୍ତ ଜବତ, ୫ ଗିରଫ

## ବିକ୍ରି ଉଦ୍ୟମ ବେଳେ ମାଡ଼ିବସିଲା ବନ ବିଭାଗ



**କେନ୍ଦୁଝର,୮।୮(ସଂଚାର ବ୍ୟୁରୋ):** ୪ଟି ହାତୀଦାନ୍ତ ଜବତ ସହ ୫ଜଣଙ୍କୁ ଗିରଫ କରିଛି କେନ୍ଦୁଝର ବନ ବିଭାଗ । ବେଆଇନ୍ ଭାବେ ହାତୀଦାନ୍ତ ରଖି ବିକ୍ରି କରିବାକୁ ଉଦ୍ୟମ କରୁଥିବା ବେଳେ, କେନ୍ଦୁଝର ବନ ବିଭାଗ ପଞ୍ଝାରେ ପଡ଼ିଲେ ୫ଜଣ । ସେମାନଙ୍କଠାରୁ ୫.୦୫୮ କିଲୋଗ୍ରାମ୍ ଓଜନର ୪ଟି ହାତୀଦାନ୍ତ ଜବତ କରିବା ସହ, ୪ଟି ମୋବାଇଲ୍ ଫୋନ୍ ଓ ୨ଟି ବାଇକ୍ ଜବତ କରିଛି ବନ ବିଭାଗ ।

ହାତୀଦାନ୍ତ ବିକ୍ରି କରିବାକୁ ଉଦ୍ୟମ ହେଉଥିବାବେଳେ ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଖବର ପାଇ ବାଂଶପାଳ ବ୍ଲକ ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜ ବାଲିବେଡ଼ା ଗାଁରେ ଚଢ଼ାଉ କରିଥିଲା ବନ ବିଭାଗ । ବାଲିବେଡ଼ା ଗାଁର ଗଙ୍ଗାଧର ପାତ୍ରଙ୍କ ଘରେ ୫ଜଣ ଲୋକ ୪ଟି ହାତୀଦାନ୍ତ ରଖିଥିବା ଜଣାପଡ଼ିଥିଲା । ଏସମ୍ପର୍କରେ ପଚରା ଉଚୁରା ପରେ ଏହା ସେମାନେ ବେଆଇନ୍ ଭାବେ ରଖିଥିବା ଜଣାପଡ଼ିଥିଲା ।

ଏହାପରେ, ହାତୀଦାନ୍ତ ସହ ୫ଜଣଙ୍କୁ ଗିରଫ କରିଥିଲା ବନ ବିଭାଗ । ଗିରଫ ବ୍ୟକ୍ତିମାନେ ହେଲେ, ବାଲିବେଡ଼ା ଗାଁର ଗଙ୍ଗାଧର ପାତ୍ର, ଜମ୍ବିରୀପଶି ଗାଁର ନାରଦ ମୁଣ୍ଡା, ମୟୁରଭଞ୍ଜ ଜିଲ୍ଲା ଭାଲିଆଡ଼ିହ ଗାଁର କେଦାରନାଥ ପାତ୍ର, ଝାଡ଼ପୋଖରୀ ଗାଁର କୃଷ୍ଣଚନ୍ଦ୍ର ମୁଣ୍ଡା ଓ ବରଦାପାଳ ଗାଁର ଘାସିରାମ ମୁଣ୍ଡା । ବେଆଇନ ଭାବେ ହାତୀଦାନ୍ତ ରଖିଥିବା ଅଭିଯୋଗରେ ଏହି ୫ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ଦେଇଛନ୍ତି କେନ୍ଦୁଝର ଡିଏଫଓ।

# ଉଠାଦୋକାନ ଉଚ୍ଛେଦ ବେଳେ ଉତ୍ତେଜନା

ଭୁବନେଶ୍ୱର,୮।୮(ସଂଚାର ବ୍ୟୁରୋ): ଆଜି ବିଏମ୍‌ସି ପକ୍ଷରୁ ମାର୍କେଟ ବିଲ୍ଡିଂ ପଛପଟେ ଥିବା ପଟେଲ ବସ୍ତି ନିକଟରେ ଉଠାଦୋକାନ ଉଚ୍ଛେଦ ବେଳେ ଉତ୍ତେଜନା ସୃଷ୍ଟି ହୋଇଛି। ଉଠା ଦୋକାନୀମାନଙ୍କୁ ସ୍କ୍ୱାଡ୍ ପକ୍ଷରୁ ହଟିଯିବା ସକାଶେ ଡାକବାଜି ଯନ୍ତ୍ରରେ କୁହାଯାଇଥିଲା। ତେବେ ଏହି ସମୟରେ ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ୪୦ ନମ୍ବର କର୍ପୋରେଟର୍ ପହଞ୍ଚି ବିଏମ୍‌ସି ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ଦୋକାନ ଭଙ୍ଗାଯିବନାହିଁ ଓ ପଟେଲ ବସ୍ତିବାସିନ୍ଦାଙ୍କୁ ଥଇଥାନ ନ କରିବା ପର୍ଯ୍ୟନ୍ତ ଉଚ୍ଛେଦ କରାଯିବନାହିଁ ବୋଲି ବିଏମ୍‌ସି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ବିଧାୟକ ଶ୍ରୀ ଜେନା ସେଠାରୁ ଚାଲିଯିବା ପରେ ବିଏମ୍‌ସି ସ୍କ୍ୱାଡ୍ ପୁଣିଥରେ ଉଚ୍ଛେଦ ଆରମ୍ଭ କରିଥିଲେ। ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ, ଉପସଭାପତି ସୂର୍ଯ୍ୟମଣି ସାହୁ, ନିରଞ୍ଜନ ପାଣ୍ଡେ, ଦୀପକ କୁମାର ମହାପାତ୍ର, ହିମାଂଶୁ ବଳିୟାରସିଂ, ହିମାଂଶୁ ସାହୁ, ମଞ୍ଜୁଲତା ନାୟକ ପହଞ୍ଚି ବିଏମ୍‌ସି ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ହେଁ ସେମାନେ କିଛି ବି ଶୁଣିନଥିଲେ। ତେବେ ଏହି ଉଚ୍ଛେଦକୁ ବିରୋଧ କରି ସେଠାରେ ବେପାର ବଣିଜ କରି ପରିବାର ପ୍ରତିପୋଷଣ କରୁଥିବା ଶହ ଶହ ଉଠାଦୋକାନୀ ସ୍କ୍ୱାଡ୍‌ର ସଦସ୍ୟମାନଙ୍କୁ ବିରୋଧ କରିଥିଲେ। ଏହାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା। ଦୋକାନୀମାନେ ଉଚ୍ଛେଦ କରିବାକୁ ନ ଦେବାର ଶେଷରେ ବାଧ୍ୟ ହୋଇ ବିଏମ୍‌ସି ସ୍କ୍ୱାଡ୍‌ର ସଦସ୍ୟମାନେ ସେଠାରୁ ପଳାଇଯାଇଥିଲା।

# ସ୍କୁଟି ବୋଝେଇ କଣ୍ଟେନର ଜଳିଗଲା

**ଛତ୍ରପୁର,୮।୮(ସଂଚାର ବ୍ୟୁରୋ):** ଛତ୍ରପୁର ଜାତୀୟ ରାଜପଥରେ ସ୍କୁଟି କଣ୍ଟେନରରେ ଲାଗିଲା ନିଆଁ । ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ହେଲେ ଏହାରି ମଧ୍ୟରେ କଣ୍ଟେନେରରେ ଥିବା ୩୦ ଇଲେକ୍ଟ୍ରିକ୍ ସ୍କୁଟି ଜଳିଯାଇଛି । ସୂଚନା ମୁତାବକ, କଣ୍ଟେନରଟି ସ୍କୁଟି ବୋଝେଇ କରି ଦିଲ୍ଲୀ ପ୍ରତାପଗଡ଼ରୁ ଆନ୍ଧ୍ରପ୍ରଦେଶ ସମପେଣ୍ଟାକୁ ଯାଉଥିଲା। ଏହି ସମୟରେ ବାଇପାସରେ ଉଜଳେଶ୍ୱରୀ ମନ୍ଦିର ନିକଟରେ ଏହି ଘଟଣା ଘଟିଥିଲା । ହଠାତ କଣ୍ଟେନରରେ ନିଆଁ ଲାଗି ଯାଇଥିଲା । ଏ ସମ୍ପର୍କରେ ଖବର ପାଇ ତୁରନ୍ତ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି । ହେଲେ ଏହାରି ଭିତରେ ସମସ୍ତ ଗାଡ଼ି ପୋଡ଼ି ପାଉଁଶ ହୋଇଯାଇଥିଲା । ପ୍ରାୟ ୧ ଘଣ୍ଟା ପରେ ଦମକଳ ବାହିନୀ ଦ୍ୱାରା ନିଆଁ ଆୟତ୍ତ କରାଯାଇଥିଲେ ହେଁ କଣ୍ଟେନର ଭିତରେ ସର୍ଟ ସର୍କିଟ ଯୋଗୁଁ ନିଆଁ ଲାଗିଥିବା ସୂଚନା ମିଳିଛି ।

# ବଡ଼ ଅଘଟଣରୁ ବର୍ତ୍ତିଲା ଏକ୍ସପ୍ରେସ୍ ଟ୍ରେନ



**ରାୟଗଡ଼ା,୮।୮(ସଂଚାର ବ୍ୟୁରୋ):** ରାୟଗଡ଼ା ସହର ନିକଟସ୍ଥ ମଝିଘରିଆଣି ମନ୍ଦିର ପାଖରେ ଟ୍ରାକ୍ ଉପରେ ପଥର ପଡ଼ିଥିବାରୁ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହେବା ସହ ଏକ ବଡ଼ ଅଘଟଣରୁ ବର୍ତ୍ତିଯାଇଛି ଲିଙ୍କ କୋରବା ଏକ୍ସପ୍ରେସ ଟ୍ରେନ୍ । ରାୟଗଡ଼ା ସହର ମଝିଘରିଆଣୀ ମନ୍ଦିର ନିକଟ ଟ୍ରାକ୍ ରେ କୌଣସି କାରଣରୁ ବଡ଼ ପଥର ପଡ଼ିଯାଇଥିଲା । ଏହି ସମୟରେ ବିଶାଖାପାଟଣା ଠାରୁ କୋରବା ଯାଉଥିବା ଲିଙ୍କ ଏକ୍ସପ୍ରେସ ସେହି ଟ୍ରାକ ଦେଇ ଯାଉଥିଲା । ମଧ୍ୟ ରାତ୍ରୀରେ ଜୋରରେ ଶବ୍ଦ ହେବାରୁ ଟ୍ରେନ ଚାଳକ ବ୍ରେକ ଲଗାଇ ଟ୍ରେନକୁ ରୋକିଥିଲେ । ଫଳରେ ରାତି ୧ ୨ଟା ରୁ ସକାଳ ୫ଟା ଯାଏଁ ସେହି ଟ୍ରାକରେ ଗମନାଗମନ ବାଧାପ୍ରାପ୍ତ ହୋଇଥିଲା।
ମଝିଘରିଆଣି ମନ୍ଦିର ପାଖରେ ଟ୍ରାକ୍ ଉପରେ ପଥର ପଡ଼ିଥିବାରୁ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହେବାସହ ଏକ ବଡ଼ ଅଘଟଣରୁ ବର୍ତ୍ତିଯାଇଛି ଲିଙ୍କ କୋରବା ଏକ୍ସପ୍ରେସ ଟ୍ରେନ୍ । ରାୟଗଡ଼ା ସହର ମଝିଘରିଆଣୀ ମନ୍ଦିର ନିକଟ ଟ୍ରାକ୍ ରେ କୌଣସି କାରଣରୁ ବଡ଼ ପଥର ପଡ଼ିଯାଇଥିଲା । ଏହି ସମୟରେ ବିଶାଖାପାଟଣା ଠାରୁ କୋରବା ଯାଉଥିବା ଲିଙ୍କ ଏକ୍ସପ୍ରେସ ସେହି ଟ୍ରାକ ଦେଇ ଯାଉଥିଲା। ମଧ୍ୟ ରାତ୍ରୀରେ ଜୋରରେ ଶବ୍ଦ ହେବାରୁ ଟ୍ରେନ ଚାଳକ ବ୍ରେକ ଲଗାଇ ଟ୍ରେନକୁ ରୋକିଥିଲେ । ଫଳରେ ରାତି ୧ ୨ଟା ରୁ ସକାଳ ୫ଟା ଯାଏଁ ସେହି ଟ୍ରାକରେ ଗମନାଗମନ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇଁ ରେସ୍କ୍ୟୁ ଟିମ ପଥରକୁ ହଟାଇବା ସହ ମରାମତି କାର୍ଯ୍ୟ କରିଥିଲା । ପ୍ରାୟ ୫ ଘଣ୍ଟା ଧରି ଟ୍ରାକ୍ ରେ ଅଟକ ରହିଥିଲା କୋରବା ଏକ୍ସପ୍ରେସ୍ । ଦୀର୍ଘ ୫ ଘଣ୍ଟା ପରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିଲା।

ଖବର ପାଇଁ ରେସ୍କ୍ୟୁ ଟିମ ପଥରକୁ ହଟାଇବା ସହ ମରାମତି କାର୍ଯ୍ୟ କରିଥିଲା । ପ୍ରାୟ ୫ ଘଣ୍ଟା ଧରି ଟ୍ରାକ୍ ରେ ଅଟକ ରହିଥିଲା କୋରବା ଏକ୍ସପ୍ରେସ୍ । ଦୀର୍ଘ ୫ ଘଣ୍ଟା ପରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିଲା । ବର୍ତ୍ତମାନ ଗୋଟିଏ ଲାଇନ୍ ରେ ଚଳାଚଳ କରୁଛି ଟ୍ରେନ,ରେଳବାଇ ବିଭାଗର ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏହି ଘଟଣାକୁ ଆର ପି ଏଫ ତଦନ୍ତ କରୁଥିବା ବେଳେ ରେଳବାଇର ବରିଷ୍ଠ ଅଧିକାରୀ ଘଟଣା ସ୍ଥଳରେ ରହିଥିଲେ ।

# ବ୍ରାଉନ ସୁଗର ବେପାରୀକୁ ବାନ୍ଧିଲା ପୁଲିସ



**ସୋର, ୮।୮(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ସୋରରେ ଏବେ ବ୍ୟାପକ ମାତ୍ରାରେ ନିଶା କାରବାର ହେଉଛି। ଗାଁ ଠୁ ସହର ସବୁଠି ନିଶାଡ଼ିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ବିଶେଷ କରି ସୋର ପଠାଣମହଲା ଏବେ ନିଶାବ୍ୟବସାୟୀଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି କହିଲେ କିଛି ଭୁଲ ହେବ ନାହିଁ। ଆଜି ଏଠାରେ ଧଳାଜହର ବ୍ୟବସାୟ କରୁଥିବା ଜଣେ ଯୁବକଙ୍କୁ ଧରି ଗାଁ ଲୋକେ ସୋର ଅବକାରୀ ବିଭାଗକୁ ହସ୍ତାନ୍ତର କରିଛନ୍ତି। ଗିରଫ ଅଭିଯୁକ୍ତ ହେଲା ରହିମତ। ତାଠାରୁ ୧୦୦ଗ୍ରାମର ବ୍ରାଉନସୁଗାର ଜବତ ହୋଇଛି।

ବାଲେଶ୍ୱର ଜିଲ୍ଲାକୁ ବ୍ରାଉନସୁଗାର ବେପାରର ପେଣ୍ଠସ୍ଥଳୀ କୁହାଯାଇଥାଏ। ପଡ଼ୋଶୀ ରାଜ୍ୟରୁ ବ୍ରାଉନସୁଗାର ଆଣି ବେପାରୀମାନେ ବାଲେଶ୍ୱରରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ପଠାଇଥାନ୍ତି।

ସୂଚନା ଅନୁସାରେ ଦୁଇ ଦିନ ତଳେ ସୋର ପୁଲିସ ପକ୍ଷରୁ ଏହି ଗ୍ରାମରେ ଚଢ଼ଉ କରାଯାଇ କିଣିବାକୁ ଆସିଥିବା ଜଣେ ଯୁବକଙ୍କୁ ବିଳମ୍ବିତ ରାତିରେ ଧରି ଥାନାରେ ଅଟକ ରଖାଯାଇଥିଲା। ଆଜି ଇଟୁଆ ଗ୍ରାମର ରହିମତ ଅଲ୍ଲୀ ପଠାଣମହଲା ଗ୍ରାମରେ କିଛି ଯୁବକଙ୍କୁ ଧଳାଜହର ବିକ୍ରି କରୁଥିଲେ। ଗାଁ ଲୋକେ ଏହି ସୂଚନା ପାଇଥିଲେ। ସେମାନେ ଯୋଜନା ମୁତାବକ ବ୍ରାଉନସୁଗାର ବେପାରୀକୁ କାବୁ କରି ଏକ ଘରେ ବନ୍ଦ କରି ରଖିଥିଲେ। ଏହା ପରେ ପୁଲିସ ଓ ଅବକାରୀ ବିଭାଗକୁ ଖବର ଦେଇଥିଲେ।

ଅବକାରୀ ଅଧିକରୀ ଘଟଣାସ୍ଥଳରେ ପହଞ୍ଚି ରହିମତକୁ ଗିରଫ କରିବା ସହିତ ତାଠାରୁ ନିକଟରୁ ୧୦୦ ଗ୍ରାମରୁ ଊର୍ଦ୍ଧ୍ୱ ବ୍ରାଉନସୁଗାର ଜବତ କରିଛି।

# ରୋଗୀ ନେଇ ବାଟରେ ଶୋଇପଡ଼ିଲେ ଆମ୍ବୁଲାନ୍ସ ଡ୍ରାଇଭର



**ମୋହନା,୮।୮(ସଂଚାର ବ୍ୟୁରୋ):** ଆମ୍ବୁଲାନ୍ସରେ ଶୋଇପଡ଼ିଲେ ମଦ୍ୟପ ଡ୍ରାଇଭର । ଗର୍ଭବତୀଙ୍କୁ ଏମକେସିଜି ମେଡିକାଲ ନେଲେ ସମ୍ପର୍କୀୟ । ଜଣେ ଗର୍ଭବତୀ ରୋଗୀଙ୍କୁ ମେଡିକାଲ ନେଇ ଯାଉଥିବା ବେଳେ ଏଭଳି ଅଭାବନୀୟ ଦୃଶ୍ୟ ସାମ୍ନାକୁ ଆସିଛି । ୧୦୮ ଆମ୍ବୁଲାନ୍ସ ଭିତରେ ରୋଗୀ ଥିବା ବେଳେ ଡ୍ରାଇଭର ଜଣଙ୍କ ନିଶାରେ ଶୋଇ ପଡ଼ିଛନ୍ତି । ଏପରି ଘଟଣା ଗଜପତି ଜିଲ୍ଲାରେ ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ, ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏକ ଆମ୍ବୁଲାନ୍ସ କାନିକି ପଦର ଗାଁର ଗର୍ଭବତୀ ନନ୍ଦିନୀ ରଇତଙ୍କୁ ନେଇ ଗତ ରାତିରେ ଏମକେସିଜି ବ୍ରହ୍ମପୁର ଯାଉଥିଲା। ହେଲେ ରାସ୍ତାରେ ଡ୍ରାଇଭର କୌଣସି କାମରେ ଓହ୍ଲାଇଥିଲେ। ପରେ ଡ୍ରାଇଭରଙ୍କ ହାବଭାବ ବଦଳି ଯାଇଥିଲା । ଗାଡିକୁ ରାସ୍ତାରେ ସାଇଡ କରି ଶୋଇ ପଡ଼ିଥିଲେ ଡ୍ରାଇଭର । ବହୁତ ଉଠାଇବା ପରେ ମଧ୍ୟ ଉଠିନଥଲେ। ଗର୍ଭବତୀଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସମ୍ପର୍କୀୟ ମାନେ ଅନ୍ୟ ଏକ ଗାଡ଼ି କରି ନନ୍ଦିନୀଙ୍କୁ ମେଡିକାଲକୁ ନେଇଥିଲେ । ମଦ୍ୟପ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ଏଭଳି ଆଚରଣ ପାଇଁ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି ।

# ପୁରୀରେ ପୂର୍ବଶତ୍ରୁତାରୁ ବୋମାମାଡ଼

ପୁରୀ ୮।୮: ପୁଣି ପୁରୀରେ ହୋଇଛି ବୋମାମାଡ଼ । ନୂଆ ମୋଚି ସାହି ଛକ ନିକଟରେ ଥିବା ତୋଟା ଜାଗାଘର ଉପରକୁ ବୋମାମାଡ ହୋଇଛି । ତିନିଜଣ ଦୁର୍ବୃତ୍ତ ବାଇକରେ ଆସି ଦୁଇଟି ବୋମାମାଡ କରି ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି । ଟାଉନ ଥାନା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ତେବେ ବୋମାମାଡରେ କାହାର କୌଣସି କ୍ଷୟକ୍ଷତି ହୋଇନାହିଁ । ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବୋମାମାଡ ହୋଇଥିବା ସୂଚନା ମିଳିଛି ।

ବୋମାମାଡ ସମୟର ସମସ୍ତ ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି । ତଦନ୍ତ ପରେ କିଏ ଏବଂ କାହିଁକି ବୋମାମାଡ କଲେ ତାହା ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି । ବୋମାମାଡ ହୋଇଥିବା ଜାଗାଘରେ ଟାଉନ କଂଗ୍ରେସ କାର୍ଯ୍ୟାଳୟ ଥିବା ମଧ୍ୟ ଜଣାପଡିଛି ।

# ଏସସିବି ମେଡିକାଲ କଲେଜ ଏବଂ ହସ୍ପିଟାଲର ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ



**ଭୁବନେଶ୍ୱର,୮।୮(ସଂଚାର ବ୍ୟୁରୋ):** ଲୋକସେବା ଭବନ ସମ୍ମିଳନୀ କକ୍ଷରେ ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର , ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଏସସିବି ମେଡିକାଲ କଲେଜ ଏବଂ ହସ୍ପିଟାଲର କାର୍ଯ୍ୟପଦ୍ଧତି, ରୋଗୀ ସେବା ଓ ଆଧୁନିକ ବିକାଶ କାର୍ଯ୍ୟ ଉପରେ ବିସ୍ତୃତ ସମୀକ୍ଷା କରିଛନ୍ତି । ମନ୍ତ୍ରୀ ଏସସିବି ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ରାଷ୍ଟ୍ରୀୟ ମାନକ ଅନୁଯାୟୀ ଏକ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଭାବରେ ଗଠନ କରିବା ଦିଗରେ ନିର୍ଦ୍ଦେଶ ଦେଇଛନ୍ତି । ରୋଗୀ ମାନେ ସମୟରେ ଚିକିତ୍ସା ପାଇପାରିବେ, ସେପାଇଁ ଅଧିକ ବେଡ୍, ଆଧୁନିକ ଯନ୍ତ୍ରପାତି, ଓ ଡିଜିଟାଲ ବ୍ୟବସ୍ଥା ପ୍ରତିଷ୍ଠା ସୁନିଶ୍ଚିତ କରାଯିବାପାଇଁ ଉପସ୍ଥିତ ଅଧିକାରୀଙ୍କୁ କହିଛନ୍ତି ।

ସେହିପରି ରୋଗୀ ସେବା ବ୍ୟବସ୍ଥା ଓ ଅପେକ୍ଷା ସମୟ ହ୍ରାସ, ଅନୁଷ୍ଠାନର ପୁନର୍ବିକାଶ ପ୍ରକଳ୍ପର ଗତି, ଆଧୁନିକ ଯନ୍ତ୍ରପାତି ଉପଲବ୍ଧତା ବାବଦରେ ପଚାରି ବୁଝିଥିଲେ । ସମୀକ୍ଷା ସମୟରେ ମନ୍ତ୍ରୀ ଡାକ୍ତର ଓ ଅଧିକାରୀମାନେ ସହିତ ଆଲୋଚନା କରି ରୋଗୀ ସେବା, ଔଷଧ ଯୋଗାଣ, ସ୍ୱଚ୍ଛତା ଓ ଆଧୁନିକ ସେବା ବ୍ୟବସ୍ଥା ସମ୍ପର୍କରେ ଅବଗତ ହେଲେ। ଏସସିବି ମେଡିକାଲ କଲେଜ ଏବଂ ହସ୍ପିଟାଲରର ଉନ୍ନତି ଓ ପୁନର୍ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସ୍ୱାସ୍ଥ୍ୟ ବିଭାଗ ପ୍ରତିବଦ୍ଧ। ଆସୁଥିବା ପ୍ରତ୍ୟେକ ରୋଗୀ ଓ ସେବାଦାତା ମାନେ ଯଥେଷ୍ଟ ସନ୍ତୁଷ୍ଟ ଓ ସୁବିଧାଭୋଗୀ ହେବା ଜରୁରୀ ବୋଲି ମନ୍ତ୍ରୀ ମତାପ୍ରକାଶ କରିଥିଲେ । ଆଗାମୀ ଦିନରେ ଅଧିକ ବେଡ୍, ଉନ୍ନତ ଯନ୍ତ୍ରପାତି ଓ ଡିଜିଟାଲ ରେକର୍ଡ ସିଷ୍ଟମ୍ ସହିତ ଆଧୁନିକ ମଡେଲ ହସ୍ପିଟାଲ ଭାବେ ଗଢିତୋଳିବାକୁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଏଏସ. , ଡିଏମଇଟି ଡା. ସନ୍ତୋଷ ମିଶ୍ରଙ୍କ ସହ ଏସସିବି ମେଡିକାଲ କଲେଜ ଏବଂ ହସ୍ପିଟାଲର ଡିନ୍, ପ୍ରିନ୍ସିପାଲ, ବିଭାଗ ଅଧ୍ୟକ୍ଷ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ତାମିଲନାଡୁରେ ଓଡ଼ିଆଙ୍କୁ ଅକଥନୀୟ ଅତ୍ୟାଚାର



## ପ୍ରବଳ ଖଟାଇ ଦରମା ଦେଲେନି

ଭଞ୍ଜନଗର,୮।୮(ସଂଚାର ବ୍ୟୁରୋ): ତାମିଲନାଡୁରେ ଓଡ଼ିଆଙ୍କୁ ଅକଥନୀୟ ଅତ୍ୟାଚାର ଦିଆଯାଇଛି। ଓଡ଼ିଆଙ୍କୁ ପ୍ରବଳ ଖଟାଇଲେ ହେଲେ ଦରମା ଦିଅ ବୋଲି କହିବାରୁ ଧମକ ଦେଲେ । ପେଟପାଟଣା ପାଇଁ ଦାଦନ ଯାଇଥିଲେ ଆମ ଓଡ଼ିଶାର କିଛି ମହିଳା । ମାଲିକ ଦେଲା ପ୍ରବଳ ନିର୍ଯାତନା । ସହିପାରୁନଥିଲେ କି କାହାକୁ କହିବାକୁ ଭୟ କରୁଥିଲେ । ୩ ମାସ ଧରି ଫସି ରହିଥିଲେ । ନିଜ ଅଞ୍ଚଳର ଜନପ୍ରତିନିଧିଙ୍କୁ ଜଣାଇବା ପରେ, ପ୍ରଶାସନ ସହଯୋଗରେ ଉଧାର ହୋଇ ଘରକୁ ଫେରି ଆସିଛନ୍ତି ଏହି ଶ୍ରମିକ ଭାଇ ଭଉଣୀମାନେ । ଗଂଜାମ ଜିଲ୍ଲା ଭଞ୍ଜନଗର ଅଞ୍ଚଳରେ ଏଭଳି ଏକ ଘଟଣା ନଜରକୁ ଆସିଛି।

ମୁହଁରେ ଥିଲା, ମୁକ୍ତିର ଆନନ୍ଦ। ଜଣକ ପରେ ଜଣେ ଜନପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀଙ୍କ ପାଖକୁ ଯାଇ ଶୁଭେଚ୍ଛା ଜଣାଉଛନ୍ତି ନିଜ ଭିଟାମାଟିକୁ ଫେରିଆସିଥିବା ୯ ଜଣ ଶ୍ରମିକ । ଏମାନେ ହେଉଛନ୍ତି ଗଂଜାମ ଜିଲ୍ଲା ଭଂଜନଗର ଅଞ୍ଚଳର ଶ୍ରମିକ । ରୋଜଗାର ଲକ୍ଷରେ, ସ୍ଥାନୀୟ ଜଣେ ମହିଳା ଶ୍ରମିକଙ୍କ ସହଯୋଗରେ, ତାମିଲିନାଡୁ ଯାଇଥିଲେ । ସେଠାରେ ଏକ ବିସ୍କିଟ୍ କମ୍ପାନୀରେ କାମ କଲେ। ୩ ମାସ ଧରି ସେଠାରେ କାମ କରିଥିଲେ ମଧ୍ୟ, ପାରିଶ୍ରମିକ ବଦଳରେ ନିର୍ଯାତନା ଦେଉଥିଲା କମ୍ପାନୀ କର୍ତ୍ତୃପକ୍ଷ । ମାସ ମାସ ଧରି ଭୋକ-ଉପାସରେ ରହିଥିଲେ, ଏହି ଶ୍ରମିକ । ଗାଁକୁ ଫେରିବାକୁ ସୁଯୋଗ ଦିଆଯାଉନଥିଲା । କୌଣସି ପ୍ରକାରେ ନିଜ ଅଞ୍ଚଳର ଲୋକପ୍ରତିନିଧିଙ୍କୁ ଜଣାଇଥିଲେ, ନିଜ ଦୁର୍ଦ୍ଦଶା ବିଷୟରେ ।

ସ୍ଥାନୀୟ ନଗରପାଳ ଏବଂ ବିଧାୟକ ଏହା ଜାଣିବା ପରେ, ଗଂଜାମ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀରେ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପ୍ରକାରେ ଭଂଜନଗର ଉପଜିଲ୍ଲାପାଳ ଏବଂ ଶ୍ରମ ବିଭାଗ ଅଧିକାରୀଙ୍କ ସହଯୋଗରେ, ତାମିଲିନାଡୁରେ ଫସିରହିଥିବା ଶ୍ରମିକ ମାନଙ୍କୁ ଉଧାର କରିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା।

# ହୋମଗାର୍ଡ ପରୀକ୍ଷାରେ ପରୀକ୍ଷାର୍ଥୀଙ୍କ ମୃତ୍ୟୁ

**ଖୋର୍ଦ୍ଧା,୮।୮(ସଂଚାର ବ୍ୟୁରୋ):** ହୋମ୍‌ଗାର୍ଡ ପରୀକ୍ଷା ପାଇଁ ଆସିଥିବା ଜଣେ ପରୀକ୍ଷାର୍ଥୀଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି । ତରତୁଆ ରିଜର୍ଭ ପଡିଆରେ ଶାରୀରିକ ପରୀକ୍ଷା ବେଳେ ସେ ଅସୁସ୍ଥ ହୋଇପଡିଥିଲେ । ଦୌଡୁଥିବା ବେଳେ ସେ ହଠାତ୍ ଅସୁସ୍ଥ ହୋଇ ତଳେ ପଡିଯାଇଥିଲେ । ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଥିଲା । ପରେ ପରୀକ୍ଷାର୍ଥୀଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ।

# ବଚସାରୁ ଯୁବକଙ୍କୁ ହତ୍ୟା

ଭବାନୀପାଟଣା,୮।୮(ସଂଚାର ବ୍ୟୁରୋ): ଭବାନୀପାଟଣା ସହର ମଝିରେ ରାତିଅଧିଆ ଘଟିଛି ଏକ ହତ୍ୟାକାଣ୍ଡ। ସାମାନ୍ୟ ବଚସାରୁ ହତ୍ୟାକାଣ୍ଡ ଘଟିଥିବାର ସୂଚନା ରହିଛି। ଭବାନୀପାଟଣା ଘୋଡ଼ାଘାଟ ଛକ ନିକଟରେ କିଛି ଯୁବକ ରାତ୍ରି ୧୨ଟା ସମୟରେ କୌଣସି କାରଣବଶତଃ ବଚସା ହେବାରୁ ହତ୍ୟାକାଣ୍ଡ ଭିଆଇଥିବା ସୂଚନା ମିଳିଛି। ଭବାନୀପାଟଣା ସହର ମଝିରେ ରାତିଅଧିଆ ହତ୍ୟାକାଣ୍ଡ। ସାମାନ୍ୟ ବଚସାରୁ ହତ୍ୟାକାଣ୍ଡ ଘଟିଥିବାର ସୂଚନା ରହିଛି। ଭବାନୀପାଟଣା ଘୋଡ଼ାଘାଟ ଛକ ନିକଟରେ କିଛି ଯୁବକ ରାତ୍ରି ୧୨ଟା ସମୟରେ କୌଣସି କାରଣବଶତଃ ବଚସା ହେବାରୁ ହତ୍ୟାକାଣ୍ଡ ଭିଆଇଥିବା ସୂଚନା ମିଳିଛି। ମୃତ ଯୁବକ ଭବାନୀପାଟଣା ସହର ଦୟାନିଧି ଛକର ସତ୍ୟନାରାୟଣ ରାୟ ବୋଲି ଜଣାପଡ଼ିଛି। ହତ୍ୟାକାଣ୍ଡର କାରଣ ଓ ଏଥିରେ ସମ୍ପୃକ୍ତ ଯୁବକମାନଙ୍କ ପରିଚୟ ଅସ୍ପଷ୍ଟ ଥିବାବେଳେ,ଟାଉନ ଥାନା ପୁଲିସ ପ୍ରାଥମିକ ତଦନ୍ତ ଜାରି ରଖିଛି ।

## ସିଏମ୍ ସି ପକ୍ଷରୁ ପ୍ରସ୍ତୁତି ବୈଠକ

# ୧୨ଶହ ମଣ୍ଡପରେ ଗଣେଶ ପୂଜା



କଟକ,୮।୮(ସଂଚାର ବ୍ୟୁରୋ) : ଗଣେଶ ପୂଜାଠାରୁ କଟକ ସହରରେ ଆରମ୍ଭ ହୋଇଯାଏ ପାର୍ବଣ ପ୍ରସ୍ତୁତି। ତେଣୁ ପାର୍ବଣ ଋତୁର ପ୍ରଥମ ଅବସର ଗଣେଶ ପୂଜାକୁ ସହରରେ କିଭଳି ଶାନ୍ତି,ଶୃଙ୍ଖଳାର ସହ ଆୟୋଜନ କରାଯିବ ସେ ନେଇ ଆଜି କଟକ ମହାନଗର ନିଗମ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି। ମେୟରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ କଟକ ମହାନଗର ପୂଜା କମିଟି, ଶାନ୍ତି କମାଟି କର୍ମକର୍ତ୍ତାଙ୍କ ସହ କମିଶନରେଟ ପୋଲିସର ଅତିରିକ୍ତ ଡିସିପି ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସହରରେ ପ୍ରାୟ ୧୨ଶହ ମଣ୍ଡପରେ ବିଘ୍ନ ବିନାସକଙ୍କ ପୂଜା ଆୟୋଜିତ ହେବ । ଯେହେତୁ ସହରରେ ଏତେ ସଂଖ୍ୟକ ମଣ୍ଡପରେ ପୂଜା ଆୟୋଜନ ହେବ, ତେଣୁ ଭସାଣ ଉତ୍ସବକୁ ତିନୋଟି ପର୍ଯ୍ୟାୟରେ କରିଥିବା ପାଇଁ କମିଶନରେଟ୍ ପୋଲିସ୍ ଓ ମହାନଗର ନିଗମ ନିଷ୍ପତ୍ତି ନେଇଛନ୍ତି । ଅଗଷ୍ଟ ୩୧, ସେପ୍ଟେମ୍ବର ୭ ଓ ୧୪ତାରିଖରେ ସହରରେ ଗଣେଶ ଭସାଣି ହେବ ବୋଲି ମେୟର ସୂଚନା ଦେଇଛନ୍ତି । ପୂଜା ପୂର୍ବରୁ ସହରର ରାସ୍ତା ଘାଟ,ଷ୍ଟ୍ରିଟ୍ ଲାଇଟ, ପାନୀୟ ଜଳ ଯୋଗାଣ ଓ ଭସାଣି ପାଇଁ ଉନ୍ନତ ମାନର କୃତ୍ରିମ ପୁଷ୍କରିଣୀ ଓ୍ୱାସ୍ଥା କରିବାକୁ ପୂଜା କମିଟି ଓ ଶାନ୍ତି କମିଟି ପକ୍ଷରୁ ସି ଏମ୍ ସିକୁ ପରାମର୍ଶ ଦିଆଯାଇଛି ।

## ନାବାଳକ ସହ ଅପ୍ରାକୃତିକ ଯୌନ ସମ୍ପର୍କ ମାମଲା

# ଅଭିଯୁକ୍ତକୁ ୨୦ ବର୍ଷ ଜେଲ

**ବ୍ରହ୍ମପୁର,୮।୮(ସଂଚାର ବ୍ୟୁରୋ):** ଜଣେ ନାବାଳକ ସହ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିବା ମାମଲାର ବିଚାର ହୋଇଛି । ଏହି ଘଟଣାରେ ଅଭିଯୁକ୍ତକୁ ୨୦ ବର୍ଷ ଜେଲ ଦଣ୍ଡ ଶୁଣାଇଛନ୍ତି ବ୍ରହ୍ମପୁର ପୋକ୍ସ କୋର୍ଟର ସ୍ୱତନ୍ତ୍ର ଜଜ୍ ପ୍ରଣତି ପଟ୍ଟନାୟକ । ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅଞ୍ଚଳର ଏହି ଅଭାବନୀୟ ଘଟଣା ହୋଇଥିଲା ।

ଅଭିଯୁକ୍ତ ନିତ୍ୟାନନ୍ଦ ପାତ୍ର ତାଙ୍କ ଅଞ୍ଚଳର ଜଣେ ନାବାଳକକୁ ଧମକ ଚମକ ଦେଇ ୬ମାସ ଧରି ଅପ୍ରାକୃତିକ ଉପାୟରେ ଯୌନ ସମ୍ପର୍କ ରଖି ଆସୁଥିଲା । ଘଟଣା ସମ୍ପର୍କରେ ଜଣା ପଡିବା ପରେ ପରିବାର ଲୋକ ଥାନାରେ ଏତଲା ଦେଇଥିଲେ । ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

ମାନ୍ୟବର କୋର୍ଟ ଦୁଇ ବର୍ଷ ଭିତରେ ବିଚାର କରି ଅଭିଯୁକ୍ତକୁ ଦଣ୍ଡିତ କରିଛନ୍ତି। ପୀଡିତ ଓ ଅଭିଯୁକ୍ତ ପିଉସା ପୁତରା ସମ୍ପର୍କ । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ଏହି ମକର୍ଦ୍ଦମା ଲଢ଼ିଥିଲେ ।

# ଭୁବନେଶ୍ୱର ଏମ୍ସରେ ସିବିଆଇ ଚଢ଼ାଉ

ଭୁବନେଶ୍ୱର,୮।୮(ସଂଚାର ବ୍ୟୁରୋ): ନିଯୁକ୍ତି ଦୁର୍ନୀତି ଅଭିଯୋଗ ନେଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପକ୍ଷରୁ ଆଜି ଭୁବନେଶ୍ୱର ଉପକଣ୍ଠସ୍ଥ ଏମ୍ସ ସମେତ ରାଜଧାନୀର ଏକାଧିକ ସ୍ଥାନରେ ଚଢ଼ାଉ କରାଯାଇଛି। ସିବିଆଇର ଏକାଧିକ ଟିମ୍ ଏମ୍ସ ଭୁବନେଶ୍ୱର ସମେତ ଅନ୍ୟ ସ୍ଥାନରେ ଚଢ଼ଉ ଜାରି ରଖିଥିବା ଜଣାପଡ଼ିଛି। ସିବିଆଇର ଏହି ଚଢ଼ାଉ ଅଭିଯାନରେ ଭୁବନେଶ୍ୱରର କଳ୍ପନା ଅଞ୍ଚଳ ଓ ଜଗତସିଂହପୁର ଜିଲ୍ଲା ମଧ୍ୟ ସାମିଲ ରହିଛି। ଏହି ଚଢ଼ାଉ ନେଇ ବିଶେଷ କିଛି ସୂଚନା ମିଳିନଥିଲେ ମଧ୍ୟ ସିବିଆଇ ଟିମ୍‌କୁ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମିଳିଥିବା ଆଲୋଚନା ହେଉଛି। ଚଢ଼ାଉ ଜାରି ରଖିଥିବା ସିବିଆଇ ଟିମ୍‌ରେ ୯ ଜଣ ସଦସ୍ୟ ରହିଛନ୍ତି। ଏମ୍ସରେ କେତେକ ପ୍ରାର୍ଥୀ ଜାଲ୍ ପ୍ରମାଣପତ୍ର ଦେଇ ଚାକିରି କରିଥିବା ବେଳେ ସେମାନଙ୍କୁ ଏକ ଆଉଟ୍‌ସୋର୍ସିଂ ଏଜେନ୍ସି ଏହି ପ୍ରମାଣପତ୍ର ଦେଇଥିବା ଅଭିଯୋଗ ହୋଇଥିଲା। ଏହି ସ୍କାମ୍‌ର ମୁଖ୍ୟ ଅଭିଯୁକ୍ତ ସିବିଆଇ କବ୍‌ଜାରେ ରହିଛି ଓ ତାକୁ ପଚରାଉଚରା ମଧ୍ୟ କରାଯାଉଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




ଟ୍ରମ୍ପଙ୍କ ଶୁଳ୍କ ଚଡ଼କ

# ଓଡ଼ିଶା ଚିଙ୍ଗୁଡ଼ି ରପ୍ତାନି ୭୦% କମିବ

## ବିଦେଶୀ ମୁଦ୍ରା ଉପାର୍ଜନ ହ୍ରାସ ପାଇବ

## ଚାଷୀଙ୍କ ଜୀବିକା ବି ପ୍ରଭାବିତ ହେବ



**ଭୁବନେଶ୍ୱର, ୮।୮(ସଂଚାର ବ୍ୟୁରୋ):** ଓଡ଼ିଶା ଦେଶର ଅନ୍ୟତମ ପ୍ରମୁଖ ସାମୁଦ୍ରିକ ଖାଦ୍ୟ ରପ୍ତାନି ରାଜ୍ୟ। ଓଡ଼ିଶାର ମୋଟ ଚିଙ୍ଗୁଡ଼ି ଓ ସାମୁଦ୍ରିକ ଖାଦ୍ୟ ରପ୍ତାନିରୁ ପ୍ରାୟ ୭୦ ପ୍ରତିଶତ ଯୁକ୍ତରାଷ୍ଟ୍ର ଆମେରିକାକୁ ହୋଇଥାଏ। ବର୍ଷକୁ ପ୍ରାୟ ୨୦୦୦ କୋଟି ଟଙ୍କାର ଚିଙ୍ଗୁଡ଼ି ଓ ଅନ୍ୟାନ୍ୟ ସାମୁଦ୍ରିକ ଖାଦ୍ୟ ଓଡ଼ିଶା ଆମେରିକା ବଜାରକୁ ରପ୍ତାନି କରିଥାଏ। ଏହି ରପ୍ତାନି ଓଡ଼ିଶା ପାଇଁ ବିଦେଶୀ ମୁଦ୍ରା ଉପାର୍ଜନର ସୁଯୋଗ ଆଣିଥାଏ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଘୋଷଣା କରିବା ପରେ ଉଭୟ ଚିଙ୍ଗୁଡ଼ି ରପ୍ତାନିକାରୀ ଓ ଚାଷୀମାନଙ୍କ ଚିନ୍ତା ବଢ଼ିଯାଇଛି। କାରଣ ଏତେ ଚଢ଼ା ଶୁଳ୍କରେ ଆମେରିକାରେ ବ୍ୟବସାୟ କରିବା ରପ୍ତାନିକାରୀଙ୍କ ପାଇଁ ସମ୍ଭବ ନୁହେଁ। ଓଡ଼ିଶାରୁ ଯୁକ୍ତରାଷ୍ଟ୍ର ଆମେରିକାକୁ କରାଯାଉଥିବା ସମୁଦାୟ ରପ୍ତାନିରେ ଚିଙ୍ଗୁଡ଼ିର ଯୋଗଦାନ ସିଂହଭାଗ ହୋଇଥିବାରୁ ରାଜ୍ୟ ଏ ବାବଦରେ ବଡ଼ଧରଣର କ୍ଷତି ସହିବ।

ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଇକ୍ୱେଡର ଉପରେ ୧୫ ପ୍ରତିଶତ ଏବଂ ଇଣ୍ଡୋନେସିଆ ଉପରେ ୧୯ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ଚିଙ୍ଗୁଡ଼ି ଏବଂ ସାମୁଦ୍ରିକ ଖାଦ୍ୟ କ୍ଷେତ୍ରରେ ଯୁକ୍ତରାଷ୍ଟ୍ର ଆମେରିକା ବଜାରରେ ଏମାନେ ଭାରତର ବଡ଼ ପ୍ରତିଯୋଗୀ ରାଷ୍ଟ୍ର। ତେଣୁ ଶୁଳ୍କରେ ଥିବା ଏତେବଡ଼ ପାର୍ଥକ୍ୟ କାରଣରୁ ଉପରୋକ୍ତ ଦେଶ ସହିତ ଓଡ଼ିଶା ଏବଂ ଭାରତର ଚିଙ୍ଗୁଡ଼ି ରପ୍ତାନିକାରୀମାନେ ପ୍ରତିଯୋଗିତା କରିବା ସମ୍ଭବ ନୁହେଁ। ୫୦ ପ୍ରତିଶତ ଅଧିକ ଶୁଳ୍କରେ ବି ଆମେରିକାର ଗ୍ରାହକମାନେ ଓଡ଼ିଶା କିମ୍ବା ଭାରତର ଚିଙ୍ଗଡ଼ି କିଣିବେ ନାହିଁ। କେବଳ ରପ୍ତାନିକାରୀମାନେ ନୁହଁନ୍ତି, ଓଡ଼ିଶାର ୧୦ ହଜାରରୁ ଅଧିକ ଚିଙ୍ଗୁଡ଼ି ଚାଷୀଙ୍କ ଜୀବିକା ପ୍ରଭାବିତ ହେବ। କାରଣ ଓଡ଼ିଶାରେ ଯେଉଁ ଚିଙ୍ଗୁଡ଼ି ଚାଷ ହୋଇଥାଏ ତାହା ମୁଖ୍ୟତଃ ରପ୍ତାନି ପାଇଁ କରାଯାଇଥାଏ। ଏଥିସହିତ ଚିଙ୍ଗୁଡ଼ି ପ୍ରକ୍ରିୟାକରଣ ଶିଳ୍ପରେ କାର୍ଯ୍ୟରତ କର୍ମଚାରୀମାନଙ୍କ ଜୀବିକା ମଧ୍ୟ ବାଧାପ୍ରାପ୍ତ ହେବ। ବଜାର ବିଶ୍ଳେଷକଙ୍କ କହିବାନୁଯାୟୀ, ରପ୍ତାନିକାରୀମାନେ ଆମେରିକାରୁ ଅର୍ଡର ରଖିବା ବନ୍ଦ କରିଦେଇଛନ୍ତି। କାରଣ ଚଢ଼ା ଶୁଳ୍କରେ ସେଠାରେ ସାମଗ୍ରୀ ବିକିବା ସହଜ ନୁହେଁ। ଫାଲ୍କନ୍ ଗ୍ରୁପ୍ର ନିର୍ଦ୍ଦେଶିକା ପ୍ରିୟଙ୍କା ମହାନ୍ତିଙ୍କ କହିବାନୁଯାୟୀ, ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ରାଜିନାମା ନହେବା ପର୍ଯ୍ୟନ୍ତ ରପ୍ତାନିକାରୀମାନେ ଅନିଶ୍ଚିତତା ମଧ୍ୟରେ ରହିଛନ୍ତି। ବାଣିଜ୍ୟ ରାଜିନାମାରେ ଯଦି କିଛି ଅଗ୍ରଗତି ହୁଏ ଏବଂ ଅନ୍ୟ ଦେଶ ପାଇଁ ଟ୍ରମ୍ପ ଯେଭଳି ଶୁଳ୍କରେ ସଂଶୋଧନ ଆଣୁଛନ୍ତି ଭାରତ ପାଇଁ ଯଦି ସେଭଳି କିଛି କରନ୍ତି ତା'ହେଲେ ଆମେରିକାକୁ ଓଡ଼ିଶାର ଚିଙ୍ଗୁଡ଼ି ଓ ସାମୁଦ୍ରିକ ଖାଦ୍ୟ ରପ୍ତାନି ହୋଇପାରିବ। ନଚେତ୍ ଓଡ଼ିଶାର ଚିଙ୍ଗୁଡ଼ି ରପ୍ତାନି ଉପରେ ବଡ଼ଧରଣର ପ୍ରଭାବ ପଡ଼ିବ। ଉଲ୍ଲେଖଯୋଗ୍ୟ, ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ବର୍ତ୍ତମାନ ସୁଦ୍ଧା ବାଣିଜ୍ୟ ରାଜିନାମା ନେଇ ୫ଟି ପର୍ଯ୍ୟାୟ ଆଲୋଚନା ହୋଇସାରିଲାଣି। କିନ୍ତୁ କୌଣସି ନିଷ୍କର୍ସ ବାହାରି ପାରିନାହିଁ। ଷଷ୍ଠ ପର୍ଯ୍ୟାୟ ଆଲୋଚନା ଚଳିତମାସରେ ନୂଆଦିଲ୍ଲୀରେ ହେବ।



## ଆଜିର ସୁନା ଦର

ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୦୨,୫୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୪ ,୦୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୨,୫୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୪, ୦୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୨,୫୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୪ ହଜାର ୦୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୨,୭୦୦ ଟଙ୍କା ଓ ୨୨ କ୍ୟାରେଟ୍ ୯୪, ୧୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୨,୫୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୪ ହଜାର,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୨,୫୫୦ ଓ ୯୪,୦୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୭,୦୦୦ ଟଙ୍କା ହୋଇଛି।

# 'କିଆ'ର ନୂଆ କାରେନ୍ସ କ୍ଲାସିକ୍ ଇଭି




**ଭୁବନେଶ୍ୱର, ୮।୮(ସଂଚାର ବ୍ୟୁରୋ):** ସେଣ୍ଟ୍ରାଲ୍ କିଆ ସୋ'ରୁମ୍‌ରେ କିଆ ଇଣ୍ଡିଆ ଲିମିଟେଡ୍‌ର ନୂଆ କାରେନ୍ସ କ୍ଲାସିକ୍ ଇଭି ଉନ୍ମୋଚନ କରାଯାଇଛି। ଏହି ଅବସରରେ ଅତିଥି ଭାବେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଡିଜିଏମ୍ ନିଶାନ୍ତ ଯୋଗଦେଇଥିଲେ। ସେଣ୍ଟ୍ରାଲ୍ କିଆର ପରିଚାଳନା ନିର୍ଦ୍ଦେଶକ ବିଶାଲ୍ ଧୱନ୍, କିଆ ଇଣ୍ଡିଆର ଏରିଆ ମ୍ୟାନେଜେର ହେମନ୍ତ ମିଶ୍ର ଓ ସେଲ୍‌ସର ମହାପ୍ରବନ୍ଧକ ପ୍ରଶାନ୍ତ ବେହାରା ଉପସ୍ଥିତ ଥିଲେ। ଏହାର ବାହ୍ୟ ଆକୃତି ଏକ ଶକ୍ତିଶାଳୀ ଉପସ୍ଥିତିକୁ ଦର୍ଶାଉଥିବା ବେଳେ ଆଭ୍ୟନ୍ତରୀଣ ଡିଜାଇନ୍ କିଆ କାର୍ଣିଭାଲ୍‌ରୁ ଅନୁପ୍ରାଣିତ ହୋଇଛି। ଏଥିରେ ୨୦ ସ୍ୱୟଂକ୍ରିୟ ସୁବିଧା, ଡୁଆଲ୍ ପାନୋରାମିକ୍ ଡିସ୍‌ପ୍ଲେ ପ୍ୟାନେଲ୍, ଆଡାପ୍‌ଟିଭ୍ କ୍ରୁଜ୍ କଣ୍ଟ୍ରୋଲ୍, ରାସ୍ତାରେ ଲେନ୍‌ରେ ରହିବାରେ ସହାୟକ ହେବା, ଦୁର୍ଘଟଣା ଏଡାଇବା ଭଳି ସୁବିଧା ଏଥିରେ ରହିଛି। ୭ ସିଟ୍ ବିଶିଷ୍ଟ କାରେନ୍ସ କ୍ଲାସିକ୍ ଇଭିରେ ଦୁଇ ପ୍ରକାର ବ୍ୟାଟେରି ରହୁଛି। ୪୨ କେଡବ୍ଲୁଏଚ୍ ବ୍ୟାଟେରିକୁ ଥରେ ଚାର୍ଜ କଲେ ୪୦୪ କିମି ଏବଂ ୫୧.୪ କେଡବ୍ଲୁଏଚ୍ ବ୍ୟାଟେରିକୁ ଥରେ ଚାର୍ଜ କଲେ ୪୯୦ କିମି ଯାତ୍ରା କରିହେବ। ମାତ୍ର ୩୯ ମିନିଟ୍‌ରେ ଗାଡ଼ି ୧୦-୮୦ ପ୍ରତିଶତ ଚାର୍ଜ ହୋଇଯିବ। ସେଣ୍ଟ୍ରାଲ୍ କିଆରେ ଏହା ଟେଷ୍ଟ୍ ଡ୍ରାଇଭ୍ ପାଇଁ ଉପଲବ୍ଧ ରହିଛି। ଏହାର ଏକ୍ସ ସୋ'ରୁମ୍ ଦାମ୍ ୧୪,୯୯,୦୦୦ ଟଙ୍କାରୁ ଆରମ୍ଭ ହୋଇଛି।

# ଆୟକର ବିଲ୍ ୨୦୨୫ ପ୍ରତ୍ୟାହୃତ

## ୧ ୧ରେ ଆସିବ ନୂଆ ବିଲ୍



**ନୂଆଦିଲ୍ଲୀ, ୮।୮:** କେନ୍ଦ୍ର ସରକାର ଆୟକର ବିଲ୍ ୨୦୨୫କୁ ପ୍ରତ୍ୟାହାର କରିନେଇଛନ୍ତି। ସରକାର ଏହା ବଦଳରେ ନୂଆ ବିଲ୍ ଆଣିବେ। ୨୦୨୫ ଫେବୃଆରୀ ୧୩ରେ ଲୋକସଭାରେ ଛଅ ଦଶନ୍ଧି ପୁରୁଣା ଆୟକର ଆଇନ, ୧୯୬୧ର ସ୍ଥାନ ନେବା ପାଇଁ ଏହି ବିଲକୁ ଆଗତ କରାଯାଇଥିଲା। ୧୯୬୧ ଆୟକର ଆଇନକୁ ହଟାଇ ନୂଆ ଆଇନ ଆଣିବା ଉଦ୍ଦେଶ୍ୟରେ ସରକାର ଏହାକୁ ଆଗତ କରିଥିଲେ। ଫେବୃଆରୀରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ସଂସଦରେ ଉପସ୍ଥାପିତ ଆୟକର ବିଲ୍, ୨୦୨୫କୁ ୬୦ ବର୍ଷରୁ ଅଧିକ ସମୟ ମଧ୍ୟରେ ଭାରତର ପ୍ରତ୍ୟକ୍ଷ ଟିକସ ଆଇନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ବୋଲି କୁହାଯାଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ୨୯୮-ଧାରାର ଆୟକର ଆଇନ, ୧୯୬୧କୁ ସରଳ ଭାଷାରେ ଲିଖିତ ଏକ ଆଧୁନିକ, କରଦାତା-ଅନୁକୂଳ ଆଇନରେ ପରିଣତ କରିବା। ଯାହା ବର୍ତ୍ତମାନର ଆଇନ ଅପେକ୍ଷା ପ୍ରାୟ ୫୦ ପ୍ରତିଶତ ଛୋଟ। ଲୋକସଭାରେ ଆଗତ ହେବା ପରେ ବିଧେୟକ ଉପରେ ଅଧିକ ବିଚାର-ବିମର୍ଶ କରିବା ପାଇଁ ସଂସଦର ସ୍ଥାୟୀ ସମିତିକୁ ପଠାଯାଇଥିଲା। ନୂତନ ଆୟକର ବିଲ୍ ୨୦୨୬ ଏପ୍ରିଲ୍ ୧ରେ ଲାଗୁ ହେବା ନେଇ ଆଶା କରାଯାଉଥିଲା। କିନ୍ତୁ ବିଜେପି ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଅଧକ୍ଷତାରେ ଗଠିତ ସିଲେକ୍ଟ କମିଟି ଦ୍ୱାରା କରାଯାଇଥିବା ଅଧିକାଂଶ ସୁପାରିଶକୁ ସାମିଲ କରି ନୂତନ ଆୟକର ବିଲ୍କୁ ଅଗଷ୍ଟ ୧୧ ସୋମବାର ଆଗତ କରାଯିବ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୭ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୫୫ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# ବିଶ୍ୱର ସବୁଠାରୁ ବଡ଼ ବାଜରା ଉତ୍ପାଦକ ଭାରତ



**ନୂଆଦିଲ୍ଲୀ,୮।୮:** ଶ୍ରୀ ଅନ୍ନ ନାଁରେ ପ୍ରସିଦ୍ଧ ମିଲେଟ୍ ଅର୍ଥାତ୍ ମାଣ୍ଡିଆ ହେଉଛି ଏମିତି ଏକ ଶସ୍ୟ ଯାହାକି ଏହାର ଅସାଧାରଣ ପୋଷଣ ଏବଂ ଅନୁକୂଳ କ୍ଷମତା ପାଇଁ ବିଶ୍ୱ ବଜାରରେ ବେଶ୍ ଚାହିଦା ବହନ କରିଛି। ଜାତିସଂଘ ୨୦୨୩ ବର୍ଷକୁ 'ଆନ୍ତର୍ଜାତୀୟ ମିଲେଟ୍ସ ବର୍ଷ' ଭାବରେ ଘୋଷଣା କରିଛି। ଏହିପରି ମିଳିତ ଜାତିସଂଘ ଖାଦ୍ୟ ଏବଂ ପୋଷଣର ସୁରକ୍ଷା ପାଇଁ ଏହି ଶସ୍ୟର ଗୁରୁତ୍ୱକୁ ସ୍ୱୀକୃତି ଦେଇଛି। ମିଲେଟ୍ସ ପ୍ରୋଟିନ୍, ଭିଟାମିନ୍ ଏବଂ ଖଣିଜ ପଦାର୍ଥରେ ଭରପୂର ଏବଂ ପ୍ରାକୃତିକ ଭାବରେ ଗ୍ଲୁଟେନ୍ ମୁକ୍ତ ଅଟେ। ଏହାର ଗ୍ଲାଇସେମିକ୍ ଇଣ୍ଡେକ୍ସ କମ୍, ଯାହା ଏହାକୁ ଡାଏବିଟିସ ଏବଂ ସିଲିଆକ୍ ରୋଗରେ ପୀଡିତ ଲୋକଙ୍କ ପାଇଁ ଉପଯୁକ୍ତ ହୋଇଥାଏ। ବର୍ତ୍ତମାନ, ଭାରତ ବିଶ୍ୱର ସବୁଠାରୁ ବଡ଼ ମାଣ୍ଡିଆ ଉତ୍ପାଦନକାରୀ ଦେଶ ଅଟେ। ଏହାର ବିଶ୍ୱ ଶସ୍ୟ ଉତ୍ପାଦନରେ ୩୮.୪ ପ୍ରତିଶତ ଅବଦାନ ରହିଛି। ସର୍ବନିମ୍ନ ଖର୍ଚ୍ଚରେ ଚାଷ କରିବାର ଏବଂ ଜଳବାୟୁ ପରିବର୍ତ୍ତନକୁ ସହ୍ୟ କରିବାର କ୍ଷମତା ହେତୁ ମାଣ୍ଡିଆ ଦେଶର ଖାଦ୍ୟଶସ୍ୟ ଭଣ୍ଡାରର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟେ। ଏହା ଏହାକୁ କୃଷକମାନଙ୍କ ପାଇଁ ଏକ ସ୍ଥାୟୀ ବିକଳ୍ପ ମଧ କରିଛି। ଜୁଲାଇ ୨୦୨୫ ସୁଦ୍ଧା, ଭାରତ ୨୦୨୪-୨୫ ରେ ୧୮୦.୧୫ ଲକ୍ଷ ଟନ୍ ମୋଟ ବାଜରା ଉତ୍ପାଦନ ଲକ୍ଷ୍ୟ ହାସଲ କରିଛି, ଯାହା ଗତ ବର୍ଷ ତୁଳନାରେ ୪.୪୩ ଲକ୍ଷ ଟନ୍ ଅଧିକ ଅଟେ। ଏହି ସ୍ଥିର ଅଭିବୃଦ୍ଧି ବିବିଧ କୃଷି-ଜଳବାୟୁ କ୍ଷେତ୍ରରେ ମାଣ୍ଡିଆ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ଦେଶର କେନ୍ଦ୍ରିତ ପ୍ରୟାସକୁ ପ୍ରତିଫଳିତ କରୁଛି।

ସରକାର ମାଣ୍ଡିଆକୁ ଗୁରୁତ୍ୱ ଦେବା ପାଇଁ ବଜେଟ୍ ଏବଂ ନୀତିଗତ ଢାଞ୍ଚାକୁ ନିରନ୍ତର ସୁଦୃଢ଼ କରିଛନ୍ତି। ଏହି ସହାୟତା ଉତ୍ପାଦନ, ରପ୍ତାନି ଏବଂ ଗବେଷଣାର ସମସ୍ତ କ୍ଷେତ୍ରରେ ଉପଲବ୍ଧ। ଜାତୀୟ ଖାଦ୍ୟ ସୁରକ୍ଷା ଏବଂ ପୋଷଣ ମିଶନ ମାଣ୍ଡିଆ ଉତ୍ପାଦନକୁ ସହାୟତା ପ୍ରଦାନ କରୁଛି। ମାଣ୍ଡିଆ ଉତ୍ପାଦନକୁ ସମର୍ଥନ କରିବା ପାଇଁ, କୃଷି ଏବଂ କୃଷକ କଲ୍ୟାଣ ବିଭାଗ ଜାତୀୟ ଖାଦ୍ୟ ସୁରକ୍ଷା ମିଶନ ଅଧୀନରେ ନ୍ୟୁଟ୍ରି ଶସ୍ୟ ଉପରେ ଏକ ଉପ-ମିଶନ ଚଲାଉଛି, ଯେଉଁଥିରେ ବାଜରା, ମାଣ୍ଡିଆ, ସହିତ କୁଟକି, କୋଡୋ, ସାୱା-ଝାଙ୍ଗୋରା, କାଙ୍ଗନି-କାକୁନ ଇତ୍ୟାଦି କିଛି ଛୋଟ ଶସ୍ୟ ରହିଛି। ଏହି ପଦକ୍ଷେପ ଦେଶର ୨୮ଟି ରାଜ୍ୟ ଏବଂ ୨ଟି କେନ୍ଦ୍ରଶାସିତ ଅଞ୍ଚଳରେ କାର୍ଯ୍ୟକ୍ଷମ। ରାଜ୍ୟଗୁଡ଼ିକ ସେମାନଙ୍କର ଆବଶ୍ୟକତା ଏବଂ ପ୍ରାଥମିକତା ଅନୁଯାୟୀ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ବ୍ୟବହାର କରିପାରିବେ ଏବଂ ମାଣ୍ଡିଆ ଉତ୍ପାଦନରେ ଉନ୍ନତି ଆଣିପାରିବେ। ଏହା ବ୍ୟତୀତ, ନ୍ୟୁଟ୍ରି-ସିରିଆଲ୍ସ ସବ-ମିସନ୍ ଚାଷୀମାନଙ୍କୁ ସହାୟତା ପ୍ରଦାନ କରେ। ଏହି ଯୋଜନା ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ମାଧମରେ କାର୍ଯ୍ୟକାରୀ ହୁଏ। ଏହା ବ୍ୟତୀତ, ପ୍ରଧାନମନ୍ତ୍ରୀ ମାଇକ୍ରୋ ଫୁଡ୍ ପ୍ରୋସେସିଂ ଏଣ୍ଟରପ୍ରାଇଜେସନ୍ (ପିଏମ୍-ଏଫ୍ଏମ୍ଇ) ଯୋଜନା ମାଇକ୍ରୋ ଫୁଡ୍ ପ୍ରୋସେସିଂ ଏଣ୍ଟରପ୍ରାଇଜେସନ୍ ୟୁନିଟ୍ସ ଗୁଡ଼ିକୁ ଲକ୍ଷ୍ୟଭିତ୍ତିକ ସହାୟତା ପ୍ରଦାନ କରେ, ଯେଉଁଥିରେ ମାଣ୍ଡିଆ-ଆଧାରିତ ଉତ୍ପାଦ ସହିତ ଜଡ଼ିତ ୟୁନିଟ୍ ମଧ ରହିଛି। ଏହି ଯୋଜନାରେ ୨୦୨୫-୨୬ ବର୍ଷ ପାଇଁ ୨,୦୦୦ କୋଟି ଟଙ୍କାର ଆବଣ୍ଟନ କରାଯାଇଛି।

## ଜୈବ-ଅର୍ଥନୀତି ନେଇ ଆଇଆଇଏମ୍ ସମ୍ବଲପୁର ସହ ବୁଝାମଣା

**ଭୁବନେଶ୍ୱର, ୮।୮(ସଂଚାର ବୁ୍ୟରୋ):** ରାଜ୍ୟର ଜୈବ-ଅର୍ଥନୀତି ସମ୍ଭାବନାକୁ ନେଇ ଏକ ରିପୋର୍ଟ ପ୍ରସ୍ତୁତ କରିବା ଲାଗି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଓ ଆଇଆଇଏମ୍ ସମ୍ବଲପୁର ମଧ୍ୟରେ ଏକ ବୁଝାମଣାପତ୍ର ଖାରବେଳ ଭବନରେ ସ୍ୱାକ୍ଷରିତ ହୋଇଛି। ବିଭାଗୀୟ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଓ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ୍‌ଙ୍କ ଉପସ୍ଥିତିରେ ବିଭାଗର ଅତିରିକ୍ତ ସଚିବ ପୂଜା ମିଶ୍ର ଏବଂ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ବୁଝାମଣାପତ୍ର ଅନୁଯାୟୀ ରାଜ୍ୟରେ ଜୈବ-ଅର୍ଥନୀତି ସମ୍ଭାବନା ଥିବା କ୍ଷେତ୍ରଗୁଡ଼ିକୁ ବିଚାରକୁ ନେଇ ଏକ ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ଆଇଆଇଏମ୍, ସମ୍ବଲପୁର ପକ୍ଷରୁ ପ୍ରଦାନ କରାଯିବା ଜୈବ-ଅର୍ଥନୀତି ରିପୋର୍ଟ ବିକଶିତ କରିବା, ଏ କ୍ଷେତ୍ରରେ ଥିବା ପ୍ରମୁଖ ଆହ୍ୱାନ ଓ ବିକାଶ ସୁଯୋଗର ମୂଲ୍ୟାୟନ କରି ଏକ ତଥ୍ୟଭିତ୍ତିକ ରିପୋର୍ଟ ପ୍ରସ୍ତୁତ କରାଯିବ। ଏହି ରିପୋର୍ଟ ଭବିଷ୍ୟତର ଜୈବ-ଅର୍ଥନୀତି ଏବଂ ଆର୍ଥିକ ଅଭିବୃଦ୍ଧି ଦିଗରେ ଏକ ମାନଦଣ୍ଡ ଭାବେ ଉଭାହେବ।

## ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ୍‌ର ୧୦୯ତମ ଏଜିଏମ୍




**ଖୋର୍ଦ୍ଧା,୮।୮(ସଂଚାର ବ୍ୟୁରୋ):** ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ୧୦୯ତମ ବାର୍ଷିକ ସାଧାରଣ ସଭା (ଏଜିଏମ୍) ବ୍ୟାଙ୍କର ସଭାପତି ଅଭିଷେକ ସିଂହ ସାମନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ବ୍ୟାଙ୍କର ପ୍ରତିଷ୍ଠାତା ସ୍ୱର୍ଗତଃ ରାୟ ସାହେବ ସତୀଶ ଚନ୍ଦ୍ର ଚକ୍ରବର୍ତ୍ତୀ ଓ ଓଡ଼ିଶା ସମବାୟ ଆନ୍ଦୋଳନର ପୁରୋଧା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ସଭାରେ ଯୁଗ୍ମ ନିବନ୍ଧକ ସମବାୟ ସମିତି ସମୂହ କୃଷ୍ଣଚନ୍ଦ୍ର ଦାସ ତାଙ୍କ ବକ୍ତବ୍ୟରେ ଚାଷୀ ତଥା ସମିତିମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ ଓ ଯୋଜନା ବିଷୟରେ କହିଥିଲେ । ସେହିପରି ଉପନିବନ୍ଧକ ଅଳକାନନ୍ଦା ଜେନା ସମବାୟ ସମିତି ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ଖୋର୍ଦ୍ଧା ମଣ୍ଡଳ ଭାଗମତ ମାରାଣ୍ଡି ସମସ୍ତ ସମିତି କର୍ମଚାରୀଙ୍କ ସହଯୋଗରେ ସମବାୟକୁ ଆଗେଇନେବାକୁ ଆହ୍ୱାନ ଦେଇଥିଲେ। ବ୍ୟାଙ୍କ ସହ ଅନୁବନ୍ଧିତ ସମିତି ସଭାପତି ଓ ସମ୍ପାଦକ ସଭାରେ ଯୋଗଦେଇଥିଲେ। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସାରଥୀ ଶତପଥୀ ୨୦୨୪-୨୫ ଆର୍ଥିକ ବର୍ଷର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ନିର୍ଦ୍ଦେଶକ ସୁଧାଂଶୁ ଶେଖର ବଡ଼ଜେନା, ପ୍ରକାଶ ରାଉତରାୟ ଓ ବିପିନ ବିହାରୀ ପାତ୍ର ସେମାନଙ୍କ ବକ୍ତବ୍ୟରେ ଖୋର୍ଦ୍ଧା ସମବାୟ ବ୍ୟାଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଜ୍ୟୋତି ରଞ୍ଜନ ରାଉତରାୟ ସଭା ପରିଚାଳନା କରିଥିବା ବେଳେ ପରିଶେଷରେ ଜୟଶ୍ରୀ ଗଡ଼ନାୟକ ସମସ୍ତ ଅଂଶୀଦାରଙ୍କୁ ଧନ୍ୟବାଦ ଦେଇଥିଲେ।

## ଜେଡିଏ ସହ ଏମ୍‌ସିଏଲ୍‌ର ଚୁକ୍ତି

## ଯକ୍ଷ୍ମାମୁକ୍ତ ଝାରସୁଗୁଡ଼ା ଲକ୍ଷ୍ୟ



**ସମ୍ବଲପୁର,୮।୮(ସଂଚାର ବ୍ୟୁରୋ):** ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ (ଜେଡିଏ) ସହ ଆଜି ମହାନଦୀ କୋଲ୍ ଫିଲ୍ଡ (ଏମ୍‌ସିଏଲ୍) ଏକ ଚୁକ୍ତିନାମା ସ୍ୱାକ୍ଷର କରିଛି। ଏହି ଚୁକ୍ତି ମାଧ୍ୟମରେ ଝାରସୁଗୁଡ଼ା ସହରକୁ ଯକ୍ଷ୍ମାମୁକ୍ତ କରିବାର ଲକ୍ଷ୍ୟ ରହିଛି। ଏହି ଚୁକ୍ତିନାମା ଅନୁସାରେ, ଏମ୍‌ସିଏଲ୍ ପକ୍ଷରୁ ଯକ୍ଷ୍ମା ସଂକ୍ରମିତମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯିବ। ଏମ୍‌ସିଏଲ୍ ତା'ର ସିଏସ୍‌ଆର୍ ଅଭିଯାନ ମାଧ୍ୟମରେ ଏ ବାବଦରେ ୨.୪୧ କୋଟି ଟଙ୍କା ଖର୍ଚ୍ଚ କରିବ। ଏହି ଚୁକ୍ତିନାମା ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନର ଏକ ଅଂଶବିଶେଷ। ଏହି ଚୁକ୍ତି ଅନୁସାରେ, ଏମ୍‌ସିଏଲ୍ ଝାରସୁଗୁଡ଼ା ଜିଲ୍ଲାର ଯକ୍ଷ୍ମା ସଂକ୍ରମିତମାନଙ୍କୁ ଜଣ ପିଛା ମାସିକ ୨୪୪୦ ଟଙ୍କା ଲେଖାଏଁ ପ୍ରଦାନ କରିବ। ଏହି ସହାୟତା ଆଗାମୀ ଏକ ବର୍ଷ ପାଇଁ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ଚୁକ୍ତିରେ ଏମ୍‌ସିଏଲ୍ ପକ୍ଷରୁ ପରିଚାଳକ (ସିଏସ୍‌ଆର୍) ଆଇନୁଲ୍ ହୁଦା ଓ ଜେଡିଏ ପକ୍ଷରୁ ଝାରସୁଗୁଡ଼ା ସିଡିଏମ୍‌ପିଏଚ୍‌ଓ ମହେଶ ମୋହନ ପଣ୍ଡା ସ୍ୱାକ୍ଷର କରିଥିଲେ।

## ଆଇସିଆଇସିଆଇ ବ୍ୟାଙ୍କ୍‌କୁ ୭୫ କୋଟିର ଜରିମାନା




**ଭୁବନେଶ୍ୱର,୮।୮:** ଦେଶର ଅନ୍ୟତମ ପ୍ରମୁଖ ଘରୋଇ ବ୍ୟାଙ୍କ୍ ଆଇସିଆଇସିଆଇ ବ୍ୟାଙ୍କ୍ ଉପରେ ବେଶ୍ ମୋଟା ଅଙ୍କର ଜରିମାନା କଷିଛି ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଆର୍‌ବିଆଇ)। ଆରବିଆଇ ନିୟମାବଳୀ ଅନୁସରଣ କରିନଥିବାରୁ ବ୍ୟାଙ୍କ୍ ଉପରେ ୭୫ କୋଟି ଟଙ୍କାର ଜରିମାନା ହୋଇଛି। ସମ୍ପତ୍ତି ମୂଲ୍ୟାୟନ ଓ କରେଣ୍ଟ୍ ଆକାଉଣ୍ଟ୍ ଖୋଲିବା ମାମଲାରେ ଏହି ଉଲ୍ଲଙ୍ଘନ ହୋଇଥିବା ଜଣାପଡ଼ିଛି। ଏନେଇ ଆର୍‌ବିଆଇ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ ଗତକାଲି ଏନେଇ ହୋଇଥିବା ଏକ ତଦନ୍ତ ରିପୋର୍ଟ ଆସିବା ପରେ ଉପରୋକ୍ତ ଜରିମାନା କଷାଯାଇଛି। ସେହିପରି ଏକ ସମ୍ପତ୍ତି ବନ୍ଧକ ମାମଲାରେ ବ୍ୟାଙ୍କ୍ ଉକ୍ତ ସମ୍ପତ୍ତିର ସଠିକ୍ ମୂଲ୍ୟାୟନରେ ବିଫଳ ହୋଇଛି। ଏହାଛଡ଼ା ବ୍ୟାଙ୍କ୍‌ରେ ଖୋଲାଯାଇଥିବା କେତେକ କରେଣ୍ଟ୍ ଆକାଉଣ୍ଟ୍‌ରେ ମଧ୍ୟ ସଠିକ୍ ନିୟମର ପରିପାଳନ କରାଯାଇନଥିବା ଆର୍‌ବିଆଇ ପକ୍ଷରୁ କୁହାଯାଇଛି। ସେହିପରି ଆର୍‌ବିଆଇ ମଧ୍ୟ ଏହା ସ୍ପଷ୍ଟ କରିଛି ଯେ ଆଇସିଆଇସିଆଇର କୌଣସି ବ୍ୟାଙ୍କ ଦେଣନେଣ କିମ୍ବା କୌଣସି ଗ୍ରାହକଙ୍କ ସହ ହୋଇଥିବା ଚୁକ୍ତିନାମା ସଂକ୍ରାନ୍ତରେ କିଛି ବି ଜରିମାନା କଷାଯାଇନାହିଁ।

ସଂଚାର THE SANCHAR

## ବେଆଇନ ଦୋକାନରେ ଲାଗିଲା ନୋଟିସ

### ୧୬ତାରିଖ ସୁଦ୍ଧା ଖାଲି କରିବାକୁ ନିର୍ଦ୍ଦେଶ

**ନୀଳଗିରି,୮।୮(ସଂଚାର ବ୍ୟୁରୋ):** ବାଲାଜୀ ହନୁମାନମନ୍ଦିର ଭାଙ୍ଗି ବେଆଇନ ଦୁଇମହଲା କୋଠାରେ ନିର୍ମିତ ଦୋକାନଗୁଡ଼ିକୁ ବନ୍ଦକରିବା ସହିତ ତାଲା ଖୋଲାଇବାକୁ ନିର୍ଦ୍ଦେଶ।କାଢ଼ରେ ଲାଗିଲା ନୋଟିସ,୧୬ତାରିଖ ସୁଦ୍ଧା ଦୋକାନଗୃହ ଖାଲି କରିବାକୁ ମାନ୍ୟବର ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।ନୀଳଗିରି ଗୁଣ୍ଡିଚା ମନ୍ଦିର ପାଶ୍ୱରେ ବାଲାଜୀ ହନୁମାନଙ୍କ ମନ୍ଦିର ପାଶ୍ୱରେ ବିଭାଗର ବିନା ଅନୁମତିରେ କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଚକ୍ରାନ୍ତ କରି ପୁରୁଣା ମନ୍ଦିର ଭାଙ୍ଗି ନୂତନ ମନ୍ଦିର ନିର୍ମାଣ ବାହାନାରେ ଦୁଇ ମହଲା କୋଠା ନିର୍ମାଣକରି ବ୍ୟବସାୟିକ ଫାଇଦା ନେଉଥିଲେ । ଏହାକୁ ବିରୋଧ କରି ବାଲିଗୋହିରୀ ଅଞ୍ଚଳର ଜଗବନ୍ଧୁ ମୁନି ନାମକ ଜୈନେକ ବ୍ୟକ୍ତି ଉଚ୍ଚନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ସୂଚନା ଯୋଗ୍ୟ ରାଜ୍ୟ ଦେବୋତ୍ତର ବିଭାଗ ଅଧୀନରେ ନୀଳଗିରି ରେ ଥିବା ବାଲାଜୀ ମଠ ବା ହନୁମାନ ମଠରେ ୨୦୦୪/୦୫ ମସିହାଠାରୁ ଟ୍ରଷ୍ଟ ବୋର୍ଡ ପୁନଃ କାର୍ଯ୍ୟକ୍ଷମ ହୋଇନଥିଲା। ଉଲ୍ଲେଖ କରାଯାଇଥିଲା ଯେ, ଦେବୋତ୍ତର ବିଭାଗର ବିନା ଅନୁମତିରେ ପ୍ଲଟ ନଂ ୯୫, ଖାତା ନଂ ୧୨୯/୧ ସାନଅଠା ମୌଜାରେ ଥିବା ଠାକୁର ସମ୍ପତ୍ତିକୁ ଭଙ୍ଗାଯାଇ ସେଠାରେ ଦୁଇ ମହଲା କୋଠାନିର୍ମାଣ ପାଇଁ ପୁରୁଣା ମନ୍ଦିରକୁ ଭାଙ୍ଗି ନୂତନ ମନ୍ଦିର କରାଯିବା ସହ ସେଠାକୁ ଠାକୁରଙ୍କୁ ସ୍ଥାନାନ୍ତର କରାଯାଇଛି। ଏପରିକି ବ୍ୟାବସାୟିକ ମନୋବୃତ୍ତିରେ ଦୁଇ ମହଲା କୋଠା କରାଯାଇ ଲୋକଙ୍କ ଠାରୁ ବେଆଇନ ଭାବେ ମୋଟା ଅଙ୍କର ଅର୍ଥ ନେଇ ଘର ଦେଇଥିଲେ।ଯାହା ଦେବୋତ୍ତର ବିଭାଗର ଅଗୋଚରରେ ହୋଇଛି। ଗୃହ ନିର୍ମାଣରେ ଅନୁମୋଦନ ପତ୍ର, ପ୍ଲାନ ଏଷ୍ଟିମେଟ, ଏମ.ବି. ବହି, ଗୃହ ନିର୍ମାଣରେ ଟ୍ରଷ୍ଟବୋର୍ଡ ପଞ୍ଜିକରଣ କାଗଜପତ୍ର ପ୍ରଭୃତି ଦାଖଲ କରାଯାଇନାହିଁ। ତଦନ୍ତରିଆ ଭାବେ ଏଠାରେ ଗୋଟିଏ ଔଷଧ ଦୋକାନ, ୨ଟି କୋଠରୀରେ ପଥର ବାସନ ଦୋକାନ, ଗୋଟିଏରେ ହାର୍ଡୱେର ଷ୍ଟୋର ଏବଂ ଉପରମହଲା ଓ ତଳମହଲା ରେ କେତେ ଜଣ ମୁଷ୍ଟିମେୟ ଲୋକଙ୍କ ନାଁରେ ଚୁକ୍ତିଭିତ୍ତିକ କୋଠରୀ ଦାଖଲ କରାଯାଇଛି।

## ନୂତନ ଜିଲ୍ଲାପାଳଙ୍କୁ ସ୍ୱାଗତ କଲା ଯୁବ ମିତ୍ର ଫାଉଣ୍ଡେସନ



**ଫୁଲବାଣୀ,୮।୮(ସଂଚାର ବ୍ୟୁରୋ):**ଏକ ଉତ୍ସାହଜନକ ଅବସରରେ ଯୁବ ମିତ୍ର ଫାଉଣ୍ଡେସନ ପକ୍ଷରୁ କନ୍ଧମାଳ ଜିଲ୍ଲାର ନୂତନ ଜିଲ୍ଲାପାଳଙ୍କୁ ଉଷ୍ମ ସ୍ୱାଗତ ଜଣାଇଥିଲେ। ଆଲୋଚନା ସମୟରେ ତାଙ୍କ ସହ ଜିଲ୍ଲାର ସମଗ୍ର ବିକାଶ, ଶିକ୍ଷା ବ୍ୟବସ୍ଥା, ଏବଂ ଯୁବପିଢ଼ିଙ୍କ ପାଠପଢ଼ି ଉପରେ ଗୁରୁତ୍ୱ ଦେଇ କିଛି ମୁଖ୍ୟ ଭବିଷ୍ୟତ ପଦକ୍ଷେପ ନେଇ ମତ ବିନିମୟ ହେଲା। ଜିଲ୍ଲାପାଳ ମହୋଦୟ କନ୍ଧମାଳ ରେ ପୁଣିଥରେ ସିଭିଲ ସର୍ଭିସ କୋଚିଙ୍ଗ କେନ୍ଦ୍ର ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦେଲେ, ଯାହା ଦ୍ୱାରା ଅନେକ ମେଧାବୀ ଛାତ୍ରଛାତ୍ରୀ ଲାଭାନ୍ୱିତ ହେବେ। ଏହି ସାକ୍ଷାତ୍କାରରେ ସଭାପତି ଦେବାଶିଷ ସାହାଣୀ, ଉପସଭାପତି ଶ୍ରୁତି ସୁଲଗ୍ନା ତ୍ରିପାଠୀ, ସାଧାରଣ ସମ୍ପାଦକ ଶୁଭମ ସ୍ୱାଇଁ, କେସିୟର ମ୍. ପ୍ରତ୍ୟୁଷା, ଓ ସଦସ୍ୟ ରାକେଶ ସାମଲ, ସତ୍ୟମ ପାତ୍ର, ଆଶିଷ ବେହେରା, ଓ ସ୍ନିଗ୍ଧା ତ୍ରିପାଠୀ ଉପସ୍ଥିତ ଥିଲେ।

### ଇଚ୍ଛା ଥିଲେ ବି ପାଠ ପଢ଼ି ପାରୁନାହାନ୍ତି ୧୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ

# ଦୁର୍ଗମ ଅଞ୍ଚଳରେ ଶିକ୍ଷାର ବିକଳ ଚିତ୍ର



**ଲାଞ୍ଜିଗଡ଼,୮।୮(ସଂଚାର ବ୍ୟୋରୋ):** ସରକାରଙ୍କ ନିର୍ଦ୍ଦେଶ କ୍ରମେ କେହି ଅପାଠୁଆ ରହିବେ ନାହିଁ ବା କେହି ଅଧାରୁ ପାଠ ଛାଡିବେନାହିଁ ସେଥିପାଇଁ ପ୍ରତ୍ୟେକ ଗାଁରେ ବିଦ୍ୟାଳୟ ନିର୍ମାଣ କରାଯାଇଛି ଓ ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବା ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଥିବା ବେଳେ ମାଗଣା ପୋଷାକ ଠାରୁ ଆରମ୍ଭ କରି ବହିପତ୍ର,ଖେଳ ଉପକରଣ ସମେତ ମଧ୍ୟାହ୍ନ ଭୋଜନରେ ଛୁଟି ଦିନ ବ୍ୟତୀତ ଛଅ ଦିନକୁ ଛଅ ପ୍ରକାରର ରନ୍ଧା ଖାଦ୍ୟର ବ୍ୟବସ୍ଥା ମଧ୍ୟ କରିଛନ୍ତି। କିନ୍ତୁ ଏତେ ସବୁ ସରକାରୀ ବ୍ୟବସ୍ଥା ଭିତରେ ମଧ୍ୟ ୧୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ପାଠ ପଢିବାପାଇଁ ଇଛା ଶକ୍ତି ରହିଥିଲେ ମଧ୍ୟ ଅଧପାଠୁଆ ହୋଇ ଗାଁରେ ରହୁଛନ୍ତି।ଏହିଭଳି ଶିକ୍ଷାର ବିକଳ ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଭଟାଙ୍ଗପଦର ପଞ୍ଚାୟତ ଅନ୍ତର୍ଗତ ପରାବାହାଲି ଗାଁରେ।ଏହି ଗାଁ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ୧୨କି. ମି ଦୂରରେ ରହିଥିବା ବେଳେ ବ୍ଲକ କାର୍ଯ୍ୟାଳୟ ଠାରୁ ହାରାହାରି ୩୫କି. ମି ଦୂରରେ ରହିଛି।ସୂଚନା ମତେ ଉକ୍ତ ଗାଁରେ ୨୦ଘର ଆଦିବାସୀ ସମ୍ପ୍ରଦାୟ ଲୋକେ ଦୀର୍ଘ ବର୍ଷ ଧରି ବସବାସ କରି ଆସୁଥିଲେ ମଧ୍ୟ ଏମାନେ ଶିକ୍ଷା, ସ୍ୱାସ୍ଥ୍ୟ,ଗମନାଗମନ,ଓ ବିଜୁଳି ଭଳି ଅନେକ ମୌଳିକ ସୁବିଧାରୁ ବଞ୍ଚିତ ରହୁଛନ୍ତି।ଉକ୍ତ ଗାଁରେ ପାଠ ପଢ଼ିବା ପାଇଁ କୌଣସି ବ୍ୟବସ୍ଥା ନ'ଥିବାରୁ ବନପାହାଡ଼ ଘେରା ଆବୁଡ଼ା ଖାବୁଡ଼ା ରାସ୍ତା ଦେଇ ୪କି. ମି ଆମପଦର ଗାଁ ପ୍ରାଥମିକ ବିଦ୍ୟାଳୟକୁ ଯାଇଥାନ୍ତି କିନ୍ତୁ ସେହି ସ୍କୁଲରେ ପ୍ରଥମ ରୁ ପଞ୍ଚମ ଶ୍ରେଣୀ ପ୍ରଯ୍ୟନ୍ତ ରହିଥିବାରୁ ଛାତ୍ର ଛାତ୍ରୀ ମାନଙ୍କୁ ଆଗକୁ ପାଠ ପଡିବାରେ ବ୍ୟାଘାତ ସୃଷ୍ଟି ହେଉଛି। କାହିଁକିନା ଉଚ୍ଚଶିକ୍ଷା ଲାଭକରିବା ପାଇଁ ଆଖପାଖରେ କୌଣସି ବ୍ୟବସ୍ଥା ନାହିଁ ଯାହାଫଳରେ ପାଠ ପଢ଼ିବାର ଇଚ୍ଛା ଶକ୍ତି ଥିଲେ ମଧ୍ୟ ଅନେକ ଶିଶୁ ଅଧପାଠୁଆ ହୋଇ ରହିଛନ୍ତି। ଉକ୍ତ ଗାଁର ଛାତ୍ର ଛାତ୍ରୀ ମାନେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ଭଟାଙ୍ଗପଦର ଓ କାଉଗୁଡ଼ା ଆବାସିକ ବିଦ୍ୟାଳୟକୁ ଯାଇଥିଲେ ହେଲେ ସେହି ବିଦ୍ୟାଳୟରେ ନାମ ଲେଖା ସମ୍ପୂର୍ଣ୍ଣ ହୋଇ ସାରିଛି ଆଉ ଆମେ ନାମ ଲେଖି ପାରିବୁ ନାହିଁ ବୋଲି ସେଠାରେ ସଫାସଫା ମନା କରିଦେବାରୁ ଆମେ ସେଠାରୁ ଫେରି ଆସିଲୁ ବୋଲି ଛାତ୍ରଛାତ୍ରୀ ଲଛେ ମାଝୀ,ମମିତା ମାଝୀ, ଲକ୍ଷମେ ମାଝୀ,ବାଲମତି ମାଝୀ, ଶିବାନୀ ମାଝୀ,ଅର୍ଚ୍ଚିତା ମାଝୀ,ରବି ମାଝୀ,ଛବି ମାଝୀ,ଅଜିତ ମାଝୀ,ସଞ୍ଜୁ ମାଝୀ ଓ ଅଭିଭାବକ ମାନେ ମତପ୍ରକାଶ କରିଛନ୍ତି। ତେବେ ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ସରକାରୀ ସ୍ତର ହେଉ ଅବା ବେସରକାରୀ ସ୍ତରରେ ଏମାନଙ୍କ ପାଇଁ ଏତେ ବ୍ୟବସ୍ଥା ଥାଇ ମଧ୍ୟ ଆଦିବାସୀ ଛାତ୍ର ଛାତ୍ରୀଙ୍କୁ କାହିଁକି ଅଣଦେଖା କରାଯାଇଛି ଯାହାଦ୍ୱାରା ଅନେକ ଆଦିବାସୀ ଶିଶୁଙ୍କ ଭବିଷ୍ୟତ ନଷ୍ଟ ହେଉଛି ବୋଲି ମନୋଜ ମାଝୀ,ରାଜେଶ ମାଝୀ,ଘସେନ ମାଝୀ,ମୁନି ମାଝୀ,ଲକ୍ଷ୍ମଣ ମାଝୀ ସମେତ ଗ୍ରାମ ବାସି ପ୍ରକାଶ କରିଛନ୍ତି।ତେବେ ଏଥିପ୍ରତି ପ୍ରଶାସନ ତତ୍ପରତାର ସହିତ ତଦନ୍ତ କରି ପିଲାଙ୍କୁ ପାଠ ପଢ଼ାଇବାର ବ୍ୟବସ୍ଥା କରିବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ଏନେଇ ଲାଞ୍ଜିଗଡ଼ ଗୋଷ୍ଠି ଶିକ୍ଷା ଅଧିକାରୀ ରୁଷିଆ ମେହେରଙ୍କୁ ସାକ୍ଷାତ କରି ପଚାରିବାରୁ ସେ ଅଞ୍ଚଳକୁ ପରିଦର୍ଶନ କରିଥିଲି ଅଧାରୁ ପାଠ ଛାଡିଥିବା କିଛି ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରି ଆବାସିକ ବିଦ୍ୟାଳୟରେ ନାମ ଲେଖା ସାରିଛି ଓ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି ତାହା ମଧ୍ୟ ସମସ୍ତ ଛାତ୍ର ଛାତ୍ରୀଙ୍କୁ ଆବାସିକ ବିଦ୍ୟାଳୟରେ ରହି ପାଠ ପଢ଼ିବାର ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

## ବ୍ରାହ୍ମଣୀଗାଁରେ ଗର୍ଜିଲେ ବିଜୁ ଯୁବ ଓ ଛାତ୍ର ଜନତା ଦଳ



**ଫୁଲବାଣୀ,୮।୮(ସଂଚାର ବ୍ୟୁରୋ):** ସମ୍ପ୍ରତି ରାଜ୍ୟରେ ଛାତ୍ରୀ ଓ ନାରୀ ନିର୍ଯ୍ୟାତନା ର ଅହେତୁକ ବୃଦ୍ଧି ପାଇବା ଘଟଣା ବର୍ତ୍ତ ମାନ ଏକ ରାଜନୈତିକ ମୋଡ଼ ନେଇଛି। ଗତ କିଛି ଦିନରେ ରାଜ୍ୟର ଛାତ୍ରୀ ଓ ନାରୀମାନେ ଯେପରି ନିର୍ଯ୍ୟାତନାର ଶିକାର ହେଉଛନ୍ତି, ତାହା ରାଜ୍ୟର ସମଗ୍ର ଛାତ୍ର ସମାଜକୁ ସ୍ତମ୍ଭିଭୂତ କରିଛି। ଅସଦାଚରଣ, ଅପହରଣ, ଦୁଷ୍କର୍ମ, ଗଣଦୁଷ୍କର୍ମ, ହତ୍ୟା ଆଦି ଘଟଣା ପ୍ରତିଦିନ ଖବରକାଗଜର ଶିରୋନାମା ପାଲଟିଛି।ନିୟମିତ ଭାବେ ଏହିଭଳି ହୃଦୟ ବିଦାରକ ଘଟଣାମାନ ଲୋକଲୋଚନକୁ ଆସୁଥିବାରୁ, ଏକ ଭୟର ବାତାବରଣ ସୃଷ୍ଟି ହୋଇଛି, ଯେଉଁ କାରଣରୁ ଛାତ୍ରୀ ଓ ମହିଳା ମାନେ ଏକୁଟିଆ ଘରୁ ବାହାରିବାକୁ ନିରାପଦ ମଣୁ ନାହାନ୍ତି। ଯାହା କେବଳ ରାଜ୍ୟରେ ନୁହେଁ ବରଂ ସମଗ୍ର ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି।ନିକଟ ରେ ଘଟିଥିବା ଏଫ୍ ଏମ୍ କଲେଜ ଛାତ୍ରୀ ଙ୍କ ଆମ୍ ଆହୁତି ଦେବା ଗୋପାଳପୁର ବେଳାଭୂମି ରେ ଜଣେ କଲେଜ ଛାତ୍ରୀ, ଗଣ ଦୁଷକର୍ମ ର ଶିକାର ହେବା, ପୁରୀ ଜିଲ୍ଲା ବଳଙ୍ଗା ରେ ଜଣେ ନାବାଳିକା କୁ ପୋଡ଼ି ମାରି ଦେବାକୁ ଉଦ୍ୟମ କରାଯିବା ଭଳି ଘଟଣା ଓଡ଼ିଶା ବାସୀଙ୍କୁ ଅଛପା ନାହିଁ। ଏ ସବୁ ଘଟଣା କୁ କେନ୍ଦ୍ର କରି ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ରାଜ୍ୟ ସରକାର ଙ୍କ ନାରୀ ସୁରକ୍ଷା ଆଇନ ର ବିଫଳତା କୁ ନେଇ ପ୍ରଶ୍ନ ଉଠାଇଛି। କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ବିଜୁ ଯୁବ ଓ ଛାତ୍ର ଜନତା ଦଳ ର ଆହ୍ୱାନ କ୍ରମେ ବୁଧବାର ଦିନ ବ୍ରାହ୍ମଣୀଗାଁ ସ୍ଥିତ ଋଷୀମାଳ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ଙ୍କୁ ନେଇ ମହାବିଦ୍ୟାଳୟ ପରିସରରୁ ଏକ ରାଲି ଶୋଭାଯାତ୍ରା ରେ ବାହାରି ମନ୍ଦିର ଛକ ଦେଇ ଥାନା ପର୍ଯ୍ୟନ୍ତ ଯାଇ ଥିଲେ, ସେଠାରେ ସେମାନେ ଓଡ଼ିଶା ର ପୋଲିସ ମହାନିର୍ଦ୍ଦେଶକ ଙ୍କ ଉଦ୍ଦେଶ୍ୟ ରେ ଏକ ସ୍ମାରକ ପତ୍ର ସ୍ଥାନୀୟ ଆଇ ଆଇ ସି ବିଜୟ କୁମାର ହାଇବ୍ରୁରୁ ଙ୍କୁ ପ୍ରଦାନ କରିଥିଲେ।

## ନୀଳଗିରି ବିଧାୟକଙ୍କ ଜନ୍ମଦିନରେ ୧୨୫୮ ୟୁନିଟ ରକ୍ତ ସଂଗ୍ରହ

**ନୀଳଗିରି,୮।୮(ସଂଚାର ବ୍ୟୁରୋ):** ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କ ଜନ୍ମଦିନ ଅବସରରେ ନୀଳଗିରି ଏନ୍ଏସିଅନ୍ତର୍ଗତ ୧୧ ୱାର୍ଡ ପଣ୍ଡା ଅଫିସ କଲ୍ୟାଣ ମଣ୍ଡପ ପରିସରରେ ଗତ ଗୁରୁବାର ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ୧୦୭୭ ଏବଂ ଔପଦାରେ ୧୮୧ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଯାହା ଜିଲ୍ଲା ରେ ପ୍ରଥମ ଥର ରେକର୍ଡ ସୃଷ୍ଟି କରିଛି। ଉକ୍ତ କାର୍ଯ୍ୟକ୍ରମ ରେ ବିଜେପି କର୍ମୀ, ବହୁ ଅଧିକାରୀ, ବିଜେପି ନେତୃବୃନ୍ଦ, ସମାଜସେବୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଶିବିରରେ ପହଞ୍ଚି ବିଧାୟକଙ୍କ ଆଶିଷ କାମନା କରିଥିଲେ। ଏପରିକି ବହୁ ମହିଳା ଶ୍ରଦ୍ଧାରେ ବିଧାୟକଙ୍କ ପାଇଁ ପିଠା ପଣା ପରସି ଦେଇଥିଲେ। ସଂଖ୍ୟାଧିକ ମହିଳାଙ୍କ ବିଧାୟକଙ୍କ ପ୍ରତି ଭଲପାଇବା ଓ ଅଜସ୍ର ଆଶିର୍ବାଦ ଅଜାଡ଼ି ଦେଇଥିବା ଦେଖିବାକୁ ମିଳିଛି। ସନ୍ତୋଷ ଖଟୁଆ ଫ୍ୟାନ କ୍ଲବ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ସକାଳେ ତୃତୀୟ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ପୂଜା ଅର୍ଚ୍ଚନା ପରେ ନୀଳଗିରି ଡାକ୍ତରଖାନାରେ ରୋଗୀ ଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମସଦର ବିଧାୟକ ମାନସ ଦତ୍ତ, ଜିଲ୍ଲା ସଭାପତି ଈଶ୍ୱରବେହେରା, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ସମାଜସେବି ବିଦ୍ୟାଧର ଖଟୁଆ, ୧୩ନଂ ଜୋନଜିଲ୍ଲା ପରିଷଦ ଗତିକୃଷ୍ଣ ନନ୍ଦ, ୧୨ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ରଞ୍ଜିତା ସିଂ, ୧୧ନଂ ଜିଲ୍ଲା ପରିଷଦ ସଭ୍ୟା ସୁବର୍ଣ୍ଣ ମଞ୍ଜରୀ ସିଂ, ୨ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ଉଷାରାଣୀ ରାଉଳ, ବାହାନଗା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ବାହାନଗା ବିଧାୟକ ପ୍ରତିନିଧି ପ୍ରଫୁଲ ସାମନ୍ତରାୟ, ଏନ. ଏ.ସି ଅଧ୍ୟକ୍ଷ ମହେନ୍ଦ୍ର ବେହେରା, ନୀଳଗିରି ଉପାଧ୍ୟକ୍ଷ ଜ୍ୟୋତିର୍ମୟ ପୁଥାଳ, କୃତିବାସ ବେହେରା, ରବିନ୍ଦ୍ର ନାୟକ, ବଳରାମ ବିଶ୍ୱାଳ, ଧୀରେନ୍ଦ୍ର ଲେଙ୍କା, ତାପସ ମହାନ୍ତି, ରେଣୁ ବିଶ୍ୱାଳ, ଦେବାଶିଷ ଆଚାର୍ଯ୍ୟ ସମେତ ସନ୍ତୋଷ ଖଟୁଆ ଫ୍ୟାନ କ୍ଲବ ଓ ସମସ୍ତ ବିଜେପି କର୍ମୀ ଉପସ୍ଥିତ ରହି ସହଯୋଗ କରିଥିଲେ।

● ହାତୀକୁ କାବୁ କରିବାରେ ଜଙ୍ଗଲ ବିଭାଗ ବିଫଳ

## ଶେଷରେ ଆତଙ୍କିତ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ



**ଫୁଲବାଣୀ,୮।୮(ସଂଚାର ବ୍ୟୁରୋ):** ଦୀର୍ଘ ଏକ ମାସ ଧରି ଆତଙ୍କ ଖେଳାଇ ଦୁଇ ଜଣଙ୍କୁ ମାରିଥିବା ହାତୀ କୁ ଜଙ୍ଗଲ ବିଭାଗ କାବୁ କରି ନ ପାରିବାରୁ ଶେଷରେ ଗ୍ରାମବାସୀ କନ୍ଧମାଳ ନୂତନ ଜିଲ୍ଲାପାଳ ଶ୍ରୀଯୁକ୍ତ ବେଦ ଭୂଷଣ ଙ୍କ ଦ୍ୱାରସ୍ତ ହେଲେ! ଜି ଉଦୟଗିରି ର ମହିଳା ପୁରୁଷ ଅମନ ନାୟକ ଙ୍କ ନେତୃତ୍ୱରେ ଜିଲ୍ଲା ପାଳ ଙ୍କ ସହ ଆଲୋଚନା କରି ରାଜ୍ୟ ମାନ୍ୟବର ମୁଖ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ, ରାଜ୍ୟ ପାଳ ମାନ୍ୟବର ହରି ବାବୁ, ଓ ଜଙ୍ଗଲ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଙ୍କ ଉଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି! ମୃତକ ପରିବାରକୁ କ୍ଷତିପୂରଣ ପ୍ରଦାନ, ଡ୍ରୋନ କେମେରା ରେ ହାତୀର ଗତିବିଧି କୁ ମନିଟୋରିଙ୍ଗ କରିବା, ଏକ ରାପିଡ଼ ରେସପୋନ୍ସ ଡିଭାଇସ ପ୍ରତିଷ୍ଠା କରିବା ପ୍ରଭୃତି ୬ ଦଫାର ଅନ୍ତର୍ଭୁକ୍ତ! କନ୍ଧମାଳ କ୍ଷିପ୍ର ନାୟିକ ମଞ୍ଚ ପକ୍ଷରୁ ମଧ୍ୟ୍ୟ ସଭାପତି ସନ୍ତୋଷ କୁମାର ଡିଗଲ, ଉପସଭାପତି ସିମାଞ୍ଚଳ ବେହେରା ଓ ସାଧାରଣ ସମ୍ପାଦକ ଆଇନଜୀବୀ ତୁଷାର ନାୟକ ହାତୀ କୁ ଟ୍ରାଙ୍କୁ ଲାଇଜ କରାଯାଇ ସ୍ଥାନାନ୍ତର କରିବା ଓ ମୃତକଙ୍କୁ କ୍ଷତି ପୂରଣ ପ୍ରଦାନ ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା! ଜଙ୍ଗଲ ବିଭାଗର ବିଫଳତା ନେଇ ସ୍ମାରକ ପତ୍ର ରେ ଉଲ୍ଲେଖ କରାଯାଇଛି! ନବନିର୍ମାଣ କୃଷକ ସଙ୍ଘ ପକ୍ଷରୁ ହାତୀ ଫସଲ ନଷ୍ଟ କରୁଛି ଓ ଘର ଭାଙ୍ଗୁଛି! ଭୟରେ ଚାଷୀ ବିଲକ ଯାଇପାରୁନାହାନ୍ତି ବୋଲି ତୁରନ୍ତ ହାତୀକୁ କାବୁକରିବାକୁ ଓ ଘରଭାଙ୍ଗିଥିବା ଲୋକଙ୍କୁ ବାସଗୃହ ପାଇଁ ସହାୟତା ଦାବିକରିଛନ୍ତି!

## ଘସିପୁରାରେ କାର୍ଯ୍ୟକାରୀ ହେଉନି ବଦଳି ଆଦେଶ

**ଆନନ୍ଦପୁର,୮।୮(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଘସିପୁରାରେ କାର୍ଯ୍ୟକାରୀ ହେଉନି ବଦଳି ଆଦେଶ। ଏପରିକି ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ଆଦେଶକୁ କାର୍ଯ୍ୟକାରୀ କରାଯାଉନଥିବାବେଳେ ବଦଳି ହୋଇଥିବା କର୍ମଚାରୀଙ୍କୁ ଚୌକିର ମୋହ ଛାଡୁ ନଥିବା ଅଭିଯୋଗ ହୋଇଛି। ବଦଳି ହେବାପରେ କର୍ମଚାରୀମାନେ ଧରାଧରି କରି ଏଠାରେ ରହୁଥିବାରୁ ଅନ୍ୟ କର୍ମଚାରୀମାନେ ଅସନ୍ତୋଷ ପ୍ରକାଶ ପାଇଛି। କେନ୍ଦୁଝର ଜିଲ୍ଲା ପରିଷଦ ଆଦେଶ ଚିଠି ନମ୍ବର୪୯୨୫/୫.୯.୨୦୨୪ ଅନୁସାରେ ଘସିପୁରା ବ୍ଲକରେ କାର୍ଯ୍ୟରତ କନିଷ୍ଠଯନ୍ତ୍ରୀ ସସ୍ମିତା ପାତ୍ରଙ୍କର ଝୁମ୍ପୁରା ବ୍ଲକକୁ ବଦଳି ହୋଇଥିବାବେଳେ ସେ ଅଦ୍ୟାବଧି ଘସିପୁରା ବ୍ଲକରେ କାର୍ଯ୍ୟରତ ଅଛନ୍ତି। ସେହିପରି କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଞ୍ଚାୟତ ବିଭାଗର ନିର୍ଦ୍ଦେଶ ଚିଠି ନମ୍ବର ୭୬୭/ ତା ୨୨.୭.୨୦୨୫ ଅନୁସାରେ ଘସିପୁରା ବ୍ଲକରେ କାର୍ଯ୍ୟରତ ପିଇଓ ଅଶୋକ ମହାନ୍ତଙ୍କର ପାଟଣା ବ୍ଲକକୁ ବଦଳି ହୋଇଛି। ଅନୁରୂପଭାବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏଷ୍ଟାବ୍ଲିସମେଣ୍ଟ ବିଭାଗ ନିର୍ଦ୍ଦେଶ ୨୦୮୯/ ତା୨୨.୭.୨୦୨୫ଅନୁସାରେ ଘସିପୁରା ତହସିଲରେ କାର୍ଯ୍ୟରତ କନିଷ୍ଠ ରାଜସ୍ୱ ସହଯୋଗୀ ବସନ୍ତ ରାଉତଙ୍କର ହାଟଡିହି ତହସିଲକୁ ବଦଳି ହୋଇଥିବାବେଳେ ସେ ମଧ୍ୟ ଏଠାରେ କାର୍ଯ୍ୟରତ ରହିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ମେସିନ୍ ଲଗାଇ କୁଶେଇରୁ ବୋହି ନେଉଛନ୍ତି ବାଲି




**ଆନନ୍ଦପୁର,୮।୮(ସଂଚାର ବ୍ୟୁରୋ):** ପୂର୍ବରୁ ଶ୍ରମିକ ଲଗାଇ ଟ୍ରାକ୍ଟରରେ ରାତିରେ ବାଲି ଚୋରି କରୁଥିଲେ। ଏବେ କିନ୍ତୁ ପୁରା ଖୁଲମ୍ ଖୁଲା ଚାଲିଛି। କେନ୍ଦୁଝର ଜିଲ୍ଲା ଘସିପୁରା ତହସିଲ ଦେଓଗାଁ ପଞ୍ଚାୟତ ହାତୀଶିଳା ନିକଟରେ କୁଶେଇ ନଦୀରୁ ଗତ ୫ଦିନ ହେଲା ମେସିନ୍ ଲଗାଇ ବାଲି ଲୁଟ୍ ଚାଲିଥିବାବେଳେ ଖଣିବିଭାଗ ଓ ପୁଲିସ୍ ହାତାବାନ୍ଧି ବସିଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ ବର୍ଷା ଋତୁକୁ ଦୃଷ୍ଟି ରେ ରଖି ଜୁନ ୫ତାରିଖ ଠାରୁ ଅକ୍ଟୋବର ୧୫ତାରିଖ ପର୍ଯ୍ୟନ୍ତ ବାଲି ଚାଲାଣ ଉପରେ ଖଣି ବିଭାଗ ପକ୍ଷରୁ ରୋକ ଲଗା ଯାଇଛି। ତେବେ ଗତ ୫ଦିନ ହେଲା ହାତୀଶିଳା ନିକଟରେ କୁଶେଇ ନଦୀ ଶଯ୍ୟାରୁ ମେସିନ୍ ଲଗାଇ ବାଲି ବିଭିନ୍ନ ସ୍ଥାନକୁ ଚାଲାଣ ହେଉଛି। ବାଲି ବୋହିବାପାଇଁ ୧୫ରୁ ଉର୍ଦ୍ଧ୍ୱ ଟ୍ରାକ୍ଟର ମଧ୍ୟରେ ପ୍ରତିଯୋଗିତା ମଧ୍ୟ ଚାଲିଛି। ସ୍ଥାନୀୟ ମାଫିଆଙ୍କ ନେତୃତ୍ୱରେ ଏଭଳି ବେଆଇନ୍ କାର୍ଯ୍ୟ ଚାଲିଥିବାବେଳେ ଖଣିବିଭାଗ ପକ୍ଷରୁ ଜାଣିଶୁଣି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ ଆନନ୍ଦପୁର ଲଘୁ ଖଣିଜ ସମ୍ପଦ ଦାୟିତ୍ୱରେ ରହିଥିବା ଖଣି ଅଧିକାରୀ ତାରିଣୀ ସିଂହଙ୍କୁ ୯୪୩୭୧୨୯୩୩୯ ରେ ବାରମ୍ବାର ଫୋନ୍ କରାଯାଇଥିଲେ ମଧ୍ୟ ସେ ଫୋନ୍ ରିସିଭ୍ କରିବା ତ ଦୂରର କଥା ଫୋନ୍ କାଟି ଦେଉଥିବା ନେଇ ସ୍ଥାନୀୟ ଲୋକ କହିଛନ୍ତି ।

## ଗୋଲାପଡ଼ା ଜଙ୍ଗଲରେ ବାଘ ଆତଙ୍କ: ଟାର୍ଗେଟ୍‌ରେ ଗାଈ-ବାଛୁରୀ

**ଭଞ୍ଜନଗର,୮।୮(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ଗୋଲାପଡ଼ା ଜଙ୍ଗଲରେ ଗୁରୁବାର ରାତିରେ ହେଟା ବାଘ ଆକ୍ରମଣରେ ଗୋଟିଏ ଗାଈ ବାଛୁରୀ ଗୁରୁତର ଭାବେ ଆହତ ହୋଇଛି। ସେହିଭଳି ମୁଜାଗଡ ରେଞ୍ଜ ଦୁର୍ଗାପ୍ରସାଦ ଠାରେ କଲରାପତରିଆ ବାଘ ଆକ୍ରମଣରେ ଆଉ ଗୋଟିଏ ଗାଈ ବାଛୁରୀ ଆହତ ହୋଇଛି। ଉଭୟ ଘଟଣା ଶୁକ୍ରବାର ଜଣାପଡିଛି। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଗତକାଲି ଦୁର୍ଗାପ୍ରସାଦର ଏକ ବାଛୁରୀ କଲରାପତରିଆ ବାଘ ଆକ୍ରମଣ କରିଥିଲା।

କିନ୍ତୁ ବାଛୁରୀଟି ଆକ୍ରମଣରୁ ରକ୍ଷା ପାଇଯାଇଥିଲା। ଏଥିରେ ବାଛୁରୀ ଟି ସାମାନ୍ୟ ଆହତ ହୋଇଛି। ସେହିଭଳି ଗୋଲାପଡ଼ାର ସୁକୁଟା ଗୌଡ ଗତକାଲି ଗାଈ କୁହଁର ଧରି ଜଙ୍ଗଲକୁ ଯାଇଥିଲେ। ସନ୍ଧ୍ୟାରେ ଗାଈ ଗୋରୁ ଧରି ଫେରିଥିଲେ। କିନ୍ତୁ ଗୋଟିଏ ବାଛୁରୀ ଫେରି ନ ଥିଲା।

ଆଜି ସୁକୁଟା ଜଙ୍ଗଲକୁ ଯାଇ ଖୋଜା ଖୋଜି କରିବା ସମୟରେ ଆହତ ଅବସ୍ଥାରେ ବାଛୁରୀଟି ପଡ଼ି ରହିଥିବା ଦେଖିଥିଲେ। ଏହାପରେ ପ୍ରାଣୀ ବିଶେଷଜ୍ଞଙ୍କୁ ଡାକି ତାର ଚିକିତ୍ସା ବ୍ୟବସ୍ଥା କରିଛନ୍ତି। ଗ୍ରାମବାସୀ ଏହା କଲରାପତରିଆ ବାଘର କାଣ୍ଡ ହୋଇଥିବା କହୁଛନ୍ତି। କିନ୍ତୁ ଡିଏଫଓ ହିମାଂଶୁ ଶେଖର ମହାନ୍ତି କହିଛନ୍ତି, ଗୋଲାପଡ଼ା ଘଟନାରେ ହେଟା ବାଘ ଜଡ଼ିତ ଥିବା ଆଶଙ୍କା କରାଯାଉଛି। ଦୁର୍ଗାପ୍ରସାଦ ଘଟଣାର ତଦନ୍ତ ଚାଲିଛି। ବିଭାଗୀୟ କର୍ମଚାରୀମାନଙ୍କୁ ଘଟଣା ଉପରେ ନଜର ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।



## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା, ଶ୍ରେଣୀଗୃହ ଉଦ୍‌ଘାଟିତ



**ବିଞ୍ଝାରପୁର,୮।୮(ସଂଚାର ବ୍ୟୁରୋ):** ବରପଦା ଦୁର୍ଯ୍ୟୋଧନ ନୋଡାଲ ଉ:ପ୍ରା ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଅଭିମନ୍ୟୁ ସାହୁ ଙ୍କ ନିଜ ଶିକ୍ଷକତା ଜୀବନରୁ ଅବସର ନେଇଛନ୍ତି। ଏହି ଅବସର କାଳୀନ ଅବସର ରେ ବିଦ୍ୟାଳୟ ରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇ ଥିଲା। ଏହା ସହ ବିଦ୍ୟାଳୟ ର ଏକ ନୂତନ ଶ୍ରେଣୀଗୃହ ଉଦଘାଟନ କରାଯାଇଥିଲା। ଉକ୍ତ ଉତ୍ସବ ରେ ଉଦଘାଟକ ଓ ମୁଖ୍ୟଅତିଥି ଭାବେ ବିଧାୟିକା ପ୍ରମିଳା ମଲ୍ଲିକ ଯୋଗଦେଇ ନୂତନ ଶ୍ରେଣୀଗୃହ ଉଦଘାଟନ କରିବା ସହ ଅବସର କାଳୀନ ସମ୍ବର୍ଧନା ସଭାରେ ଯୋଗ ଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ବ୍ଲକ୍ ଅଧକ୍ଷା ରଞ୍ଜିତା କୁମାରୀ ଦାସ, ସରପଞ୍ଚ ହରପ୍ରିୟା ମଲ୍ଲିକ, ସମିତିସଭ୍ୟ ସଞ୍ଜୟ ମଲ୍ଲିକ, ପ୍ରଧାନଶିକ୍ଷକ ଅନନ୍ତ କିଶୋର ବେହେରା, ଅନ୍ନଦା ସାମଲ, ନିରୋଦ କୁମାର୍ ମଲ୍ଲିକ, ମହେଶ୍ୱର ଦାସ, ଅକ୍ଷୟ କୁମାର ମଲ୍ଲିକ, ଏନ୍ ପି ଏସ ସଂଘର ସଭାପତି ରଞ୍ଜନ କୁମାର ଧଳ, ଦିଲୀପ ସାମଲ ଙ୍କ ସମେତ ସମସ୍ତ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ର ଛାତ୍ରୀ ଉପସ୍ଥିତ ରହିଥିଲେ। ଶେଷରେ ବିଦ୍ୟାଳୟ ର ପୁରାତନ ଛାତ୍ର ଛାତ୍ରୀ, ବର୍ତ୍ତମାନ ର ଛାତ୍ର ଛାତ୍ରୀ ଓ ଗ୍ରାମ ବାସୀ ମାନେ ଅଭିମନ୍ୟୁ ସାହୁଙ୍କୁ ଏକ ଶୋଭାଯାତ୍ରା ରେ ନେଇ ବାସଭବନ ରେ ବିଦାୟ ଦେଇ ଆସିଥିଲେ।

## କୁଳପଡ଼ା ଅଞ୍ଚଳକୁ ଜିଲ୍ଲାପାଳଙ୍କ ଅଚାନକ ପରିଦର୍ଶନ

### ଅଙ୍ଗନବାଡ଼ି କେନ୍ଦ୍ରର ଅପରିଷ୍କାର ଶୌଚାଳୟ ଦେଖି ବିରକ୍ତି ପ୍ରକାଶ କଲେ



**ସୁବର୍ଣ୍ଣପୁର,୮।୮(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ଃ ନୃପରାଜ ସାହୁ ଆଜି ଆଦିବାସୀ ଜନଜାତି ଶ୍ରେଣୀର ଲୋକେ ବସବାସ କରୁଥିବା ସ୍ଥାନୀୟ ପଟାଭାଡ଼ି ତଳ କୁଳପଡ଼ା ଓ ଉପର କୁଳପଡ଼ା କୁ ଅଚାନକ ପରିଦର୍ଶନ ରେ ଆସି ସେଠାରେ ଥିବା ରାସ୍ତା, ପାନୀୟ ଜଳ, ସ୍ୱଚ୍ଛତା ଆଦି ବିଭିନ୍ନ ସମସ୍ୟାକୁ ତଦାରଖ କରି ଏ ସବୁ ବିଷୟ ରେ ଉପସ୍ଥିତ ବସ୍ତି ବାସିନ୍ଦା, ସଚେତନ ନାଗରିକ ଓ ପୌର ପରିଷଦ ଅଧିକାରୀ ଙ୍କ ସହ ଆଲୋଚନା କରିଥିଲେ। କିଛି ବେସରକାରୀ ଜମି ମାଲିକ ଏ ଅଞ୍ଚଳର ବିକ୍ରି ପ୍ଲଟ ମାନଙ୍କ ରାସ୍ତା ପୌର ପରିଷଦ କୁ ଏଯାଏଁ ହସ୍ତାନ୍ତର କରି ନ ଥିବା ଯୋଗୁଁ ଏ ସମସ୍ୟା ଉପୁଜିଥିବା ବିଷୟ ଅଧିକାରୀ ଙ୍କ ଠାରୁ ଜାଣି ବାକୁ ପାଇଲେ ଜିଲ୍ଲାପାଳ। କିନ୍ତୁ ପୌର ପରିଷଦ ପୂର୍ବରୁ ଏ ରାସ୍ତା କୁ ଥରେ ନିର୍ମାଣ କରିଥିବା ବିଷୟ ଓ ବସ୍ତି ବାସିନ୍ଦା ଙ୍କ ଠାରୁ ହୋଲ୍ଡିଂ ଟ୍ୟାକ୍ସ କ୍ରମାଗତ ଭାବେ ନେଉଥିବା ସତ୍ତ୍ୱେ ଆମେ ଏ ସର୍ବନିମ୍ନ ମୌଳିକ ସୁବିଧା ରୁ କିପରି ବଞ୍ଚିତ ହେବୁ ବୋଲି ଏ ବିଷୟ କୁ ଜିଲ୍ଲାପାଳ ଙ୍କୁ ଏ ବସ୍ତିର ଲୋକମାନେ ଅବଗତ କରାଇ ଥିଲେ। ଏବଂ ସେସବୁ ର କିଭଳି ତୁରନ୍ତ ସମାଧାନ ହେବ ଏ ଦିଗରେ ଧ୍ୟାନ ଦେବାକୁ ପୌର ପ୍ରଶାସନ କୁ ଜିଲ୍ଲାପାଳ ମଧ୍ୟ ନିର୍ଦ୍ଦେଶ କରିଥିଲେ। ଏ ଅଞ୍ଚଳ ର କିଛି ସଚେତନ ନାଗରିକ ବସ୍ତି ବାସିନ୍ଦା ବିଭିନ୍ନ ସମସ୍ୟା ର ସମାଧାନ ପାଇଁ ଜିଲ୍ଲାପାଳ ଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଥିଲେ। ପରେ ପରେ ଏହି ୧୦ ନମ୍ବର ୱାର୍ଡ଼ ରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର କୁ ଅଚାନକ ପରିଦର୍ଶନ କରି ଅଙ୍ଗନବାଡ଼ି କର୍ମୀ ଓ ଛୋଟ ପିଲା ମାନଙ୍କ ସହିତ ବାର୍ତ୍ତାଳାପ କରି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ସେଣ୍ଟରର ଅପରିଷ୍କାର ଶୌଚାଳୟ କୁ ଦେଖି ଅଙ୍ଗନ୍‌ୱାଡ଼ି କର୍ମୀ ଙ୍କ ଉପରେ ବିରକ୍ତି ପ୍ରକାଶ କରି ଏହି କେନ୍ଦ୍ରର ସମଗ୍ର ପରିସର କୁ ସଫା ସୁତରା ରଖି ପ୍ରଥମେ ପିଲାଙ୍କ ସ୍ୱାସ୍ଥ୍ୟ ଓ ପରିବେଶ ଓ ଶିକ୍ଷା ପ୍ରତି ବିଶେଷ ଧ୍ୟାନ ଦେବାକୁ ମହିଳା କର୍ମୀ ଙ୍କୁ ପରାମର୍ଶ କରିଥିଲେ। ଶିଶୁଙ୍କ ପାଇଁ ଉତ୍କୃଷ୍ଟ ପୁଷ୍ଟିକର ଖାଦ୍ୟ, ପୋଷାକ, ପୋଷଣ କାର୍ଯ୍ୟକ୍ରମ ଓ କ୍ୟାମ୍ପସ ର ପରିବେଶ ଓ ଭିତ୍ତିଭୂମି କୁ ତଦାରଖ କରିଥିଲେ। ଯେମିତି ସରକାରୀ ସବୁ ଯୋଜନା ଗୁଡିକ ଶିଶୁ ଓ ବସ୍ତିର ସମସ୍ତ ହିତାଧିକାରୀ ଙ୍କ ପାଖକୁ ପହଞ୍ଚି ପାରିବ ସେ ଦିଗରେ ପରାମର୍ଶ କରିଥିଲେ ।

## ହେଲମେଟ୍ ପିନ୍ଧି ନ ଥିଲେ ରାଖୀ ବାନ୍ଧି ସଚେତନ

**ଭଞ୍ଜନଗର,୮।୮(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଭଞ୍ଜନଗର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ପକ୍ଷରୁ ସଡ଼କ ଦୁର୍ଘଟଣା ରୋକିବା ପାଇଁ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଶୁକ୍ରବାର ଆରଟିଓ କାର୍ଯ୍ୟାଳୟ ପକ୍ଷରୁ ସହରରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏହି ସମୟରେ ରାସ୍ତାରେ ଯେଉଁମାନେ ହେଲମେଟ୍ ନ ପିନ୍ଧି ବାଇକ୍‌ରେ ଯାଉଛନ୍ତି ସେମାନଙ୍କୁ ରାଖୀ ବାନ୍ଧି ସଚେତନତା କରାଯାଉଛି। ଏହି ଅବସରରେ ସ୍ଥାନୀୟ ଉପେନ୍ଦ୍ର ଭଞ୍ଜ ହାଇସ୍କୁଲ ଛକରେ ଲୋକଙ୍କୁ ସଚେତନ କରାଯାଇଥିଲା। ଭଞ୍ଜନଗର ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ ବିପଦର ବନ୍ଧୁ କର୍ମକର୍ତ୍ତା ଅରକ୍ଷିତ ପରିଚ୍ଛା ସଂଯୋଜନା କରିଥିଲେ।





# ବଦଳୁଛି ସୌନ୍ଦର୍ଯ୍ୟର ପରିଭାଷା

**ଦଶ ବିଲିଅନ୍ ଡଲାରରୁ ଅଧିକ ବଡ଼ ହେଉଛି ଭାରତୀୟ ସୌନ୍ଦର୍ଯ୍ୟ ବଜାର। ତେବେ ଏବେ ସୌନ୍ଦର୍ଯ୍ୟର ପରିଭାଷା ବଦଳିବାରେ ଲାଗିଛି। ଏବେ ନା ରଙ୍ଗ ମୋଟା କି ପତଳାକୁ କେହି ବିଶେଷ ଧ୍ୟାନ ଦେଉ ନାହାନ୍ତି। ଏବେ ଅନ୍ତରର ସୌନ୍ଦର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯାଉଛି। ଅର୍ଥାତ୍ ଯିଏ ଯେମିତି, ସେ ନିଜକୁ ସେପରି ସୁନ୍ଦର ବୋଲି ଭାବୁଛନ୍ତି। ତେବେ ସୁନ୍ଦରତାର ଏହି ନୂଆ ଫର୍ମୁଲା ଏବେ କ'ଣ, ତାହାକୁ ନେଇ ଏହି ଆଲେଖ୍ୟ।**

**ମନର ସୁନ୍ଦରତା ହିଁ ଅସଲ ସୌନ୍ଦର୍ଯ୍ୟ:** କିଛି ବର୍ଷ ତଳେ ବଲିଉଡ୍ ଅଭିନେତ୍ରୀ ସୋନମ କପୁର୍ ସୁନ୍ଦରତା ଉପରେ ଏକ ଭାବୁକ ନୋଟ୍ ଲେଖିଥିଲେ। ସେ ଲେଖିଥିଲେ, ''ପ୍ରତ୍ୟେକ ଝିଅ ଦର୍ପଣ ସାମ୍ନାରେ ଛିଡ଼ା ହୋଇ ନିଜକୁ ଦେଖି ଚିନ୍ତା କରନ୍ତି, ସେମାନେ ସେଲିବ୍ରିଟିଙ୍କ ଭଳି କାହିଁକି ଦେଖାଯାଉ ନାହାନ୍ତି। ମୁଁ ସେହି ସମସ୍ତ ଝିଅମାନଙ୍କୁ କହିବାକୁ ଚାହୁଁଛି, ମୋତେ ଲୋକଙ୍କ ସାମ୍ନାକୁ ଆସିବା ପୂର୍ବରୁ ୯୦ ମିନିଟ୍ ମୁହଁରେ ମେକଅପ୍ ନେବାକୁ ପଡ଼େ। କିଛି ଲୋକ ମୋର କେଶ ବିନ୍ୟାସ କରୁଥିବା ବେଳେ ଆଉ କିଏ ମୋର ମେକ୍ଅପ୍ ଓ ନଖ କିଭଳି ସୁନ୍ଦର ଦିଶିବ, ସେ ଦିଗରେ ବ୍ୟସ୍ତ ରହନ୍ତି। ଏଣୁ ଏସବୁ ସୁନ୍ଦରତାର ପରିମାପକ ନୁହେଁ, ମନର ସୁନ୍ଦରତା ହିଁ ଅସଲ ସୌନ୍ଦର୍ଯ୍ୟ।'' ସେ ସେହି ପୋଷ୍ଟ ମାଧ୍ୟମରେ ସ୍ପଷ୍ଟ କରିଛନ୍ତି ଯେ ମନର ସୁନ୍ଦରତା ହିଁ ତା'ର ଅସଲ ପରିଚୟ ହେବା ଦରକାର। ଅନ୍ୟପଟେ ଏକ ସର୍ଭେରେ ସାମିଲ ୬୨ ପ୍ରତିଶତ ଲୋକ କହିଥିଲେ ସୁନ୍ଦରତା ଓ ଆକର୍ଷଣ ଭିତରୁ ଆସିବା ଦରକାର ନା କି ବାହାରରୁ।

**ଏଣିକି ସୌନ୍ଦର୍ଯ୍ୟ ଉତ୍ପାଦ ଖାଇ ହେବ:** ଏବେ କମ୍ପାନି ଏହି ଫର୍ମୁଲା ଦିଗରେ କାମ କରୁଛନ୍ତି ଯାହା ହେଉଛି 'ନ୍ୟୁଟ୍ରି କସମେଟିକ୍'। ଅର୍ଥାତ ଏମିତି ସୌନ୍ଦର୍ଯ୍ୟ ଉତ୍ପାଦ ଯାହାକୁ ଲଗାଇବା ପରିବର୍ତ୍ତେ ଖିଆ ହେବ। ଏହାକୁ 'ବିୟୁଟି ଡାଏଟ୍ ଔଷଧ', 'କ୍ୟାପସୁଲ', 'ସିରପ୍' ମଧ୍ୟ କୁହାଯାଇପାରିବ। ଯାହାକି ଭିତରୁ ସୌନ୍ଦର୍ଯ୍ୟକୁ ବୃଦ୍ଧି କରିବ। ତେବେ ପଶ୍ଚିମୀ ଦେଶରେ ଏ ପ୍ରକାର ଚଳଣି ବହୁ ପୂର୍ବରୁ ରହି ଆସିଛି। ଆଉ ଏବେ ଭାରତୀୟ ବଜାରରେ ଏହାର ଚାହିଦା ବଢ଼ିବାରେ ଲାଗିଛି। ସୁନ୍ଦରତା ପ୍ରତି ଭାରତରେ ଯେଉଁ ଟ୍ରେଣ୍ଡ ଦେଖିବାକୁ ମିଳୁଛି, ଏହା ପଛରେ ସୌନ୍ଦର୍ଯ୍ୟ ଉତ୍ପାଦରୁ ସୃଷ୍ଟି ହେଉଥିବା ରସାୟନ କ୍ଷତିକାରକ। ମାର୍କେଟ ରିସର୍ଚ୍ଚ କମ୍ପାନି ଷ୍ଟ୍ରେଟସ ଅନୁସାରେ, ନ୍ୟୁଟ୍ରି କସମେଟିକ୍ ବଜାର ୨୦୩୦ ସୁଦ୍ଧା ୧୫, ୮୧୬ ମିଲିୟନ ଡଲାର ହୋଇପାରେ। ସେପଟେ ସାଧାରଣ ଉପଭୋକ୍ତାଙ୍କ କଥା ଯଦି କୁହାଯିବ, ୨୦୨୧ରେ ତ୍ୱଚାରେ ସୁଧାର ଆଣିବା ପାଇଁ ଖାଦ୍ୟ ଓ ପେୟ ଉତ୍ପାଦକୁ ଲୋକେ ଅଧିକ କିଣିଥିଲେ। ତେବେ ଏବେ ଦେଖିବାକୁ ଗଲେ ଭିତରୁ ସୁନ୍ଦର ହେବା ନେଇ ସମସ୍ତେ ସଚେତନ ହେଲେଣି।

**ଗୁରୁତ୍ୱ ରଖୁଛି ଆତ୍ମବିଶ୍ୱାସ:** ଇଣ୍ଟରନେଟ୍ ଯୁଗ ଆସିବା ପରେ ଲୋକଙ୍କ ନଜରରେ ସୁନ୍ଦରତାର ମାପଦଣ୍ଡ ଦ୍ରୁତ ଭାବେ ବଦଳିଲାଣି। ଅର୍ଥାତ ରଙ୍ଗକୁ ନେଇ ଜଣକର ଯେଉଁ ସୌନ୍ଦଯ୍ୟ ନିରୂପଣ କରାଯାଉଥିଲା, ଏବେ ସେହି ଚିନ୍ତାଧାରାକୁ ସାମାଜିକ ଗଣମାଧ୍ୟମ ପରିବର୍ତ୍ତନ ଆଣିଛି। ଏହା ଏବେ ବିଭିନ୍ନ ସଂସ୍କୃତି ଓ ସମାଜର ଲୋକଙ୍କୁ ଏକସଙ୍ଗେ ଯୋଡ଼ୁଛି। ଯାହାକି ସୌନ୍ଦର୍ଯ୍ୟର ମାନସିକତାକୁ ବଦଳାଇଛି। ଏହି ମାନସିକତା ହିଁ ଲୋକଙ୍କ ଭିତରେ ଆତ୍ମବିଶ୍ୱାସ ବୃଦ୍ଧି କରିଛି। ଫଳରେ ଲୋକେ ନିଜର ଦୁର୍ବଳତାକୁ ଲୁଚାଉ ନାହାନ୍ତି, ସେହି ରୂପରେ ସାମ୍ନାକୁ ଆସୁଛନ୍ତି। ତେଣିକି ସେମାନେ ଏସିଡ୍ ପୀଡ଼ିତା ହୁଅନ୍ତୁ ବା ଭିଟିଲିଗୋ କିମ୍ବା ମୋଟାପର ଶିକାର।

**ର୍ୟାମ୍ପ୍‌ରେ ପ୍ଲସ୍ସାଇଜ୍ ମଡେଲ୍:** ମହିଳାଙ୍କ ଜିରୋ ସାଇଜ୍କୁ ନେଇ ସେମାନଙ୍କ ସୌନ୍ଦର୍ଯ୍ୟ ନିର୍ଦ୍ଧାରଣ କରାଯାଉଥିଲା। ମାତ୍ର ଏବେ ସେ ସମୟରୁ ଲୋକେ ଆଗକୁ ବଢ଼ିଲେଣି ବୋଲି କହିଛନ୍ତି ଭୁବନେଶ୍ୱରର ମାମାଲି। ପ୍ଲସ୍ ସାଇଜ୍ ମଡେଲ୍ କମ୍ପରେ ବିନା ସଙ୍କୋଚରେ ଚାଲିବା ସହ ଫେଶନ ଡିଜାଇନର ସବ୍ୟସାଚୀ ନିଜର କ୍ୟାମ୍ପେନରେ ଅଧିକା ପୃଥିଳକାୟ ମହିଳାଙ୍କୁ ସାମିଲ କରୁଛନ୍ତି। ତେଣୁ ସୁନ୍ଦରତାର କୌଣସି ମାପଦଣ୍ଡ ଏବେ ନ ଥିବାରୁ ସୌନ୍ଦର୍ଯ୍ୟର ପରିଭାଷା ବଦଳିଲାଣି। ସେହିପରି ଅତ୍ୟଧିକ ପତଳା କିମ୍ବା ମୋଟାକୁ ନେଇ ମହିଳାମାନେ ନିଜର ଆତ୍ମବିଶ୍ୱାସ ହରାଉ ନାହାନ୍ତି।

**ମେକ୍ଅପ୍କୁ ଗୁରୁତ୍ୱ ଦିଆଯାଉ ନାହିଁ:** ଆଜିକାଲି ମେକ୍ଅପ୍କୁ ମଧ୍ୟ ସେତେ ବେଶି ଗୁରୁତ୍ୱ ଦିଆଯାଉ ନ ଥିବା କହନ୍ତି ପ୍ରିୟଦର୍ଶନୀ। ଯିଏ ଯେମିତି ଯେଉଁ ପୋଷାକ ତଥା ବେଶରେ ମାର୍କେଟ୍, ମଲ୍କୁ ଯାଉଛନ୍ତି। ସେହିପରି ଲୋକେ ମଧ୍ୟ ଏବେ କାହାର ବେଶଭୂଷା କିଭଳି ତାହାକୁ କେହି ଗୁରୁତ୍ୱ ନ ଦେଇ ତା'ର ବ୍ୟକ୍ତିତ୍ୱ କିଭଳି ସେ ଦିଗରେ ପ୍ରାଧାନ୍ୟ ଦେଉଛନ୍ତି।

# ଖରାଦିନେ ଇଣ୍ଡିଗୋ ପ୍ରିଣ୍ଟ୍ ଆକର୍ଷଣ



ଖରାଦିନ ଆରମ୍ଭ ହେବା ସହ ଲୋକମାନେ ଖରାଦିନିଆ ପୋଷାକ ମଧ କିଣିବା ଆରମ୍ଭ କରନ୍ତି। ବିଶେଷକରି ଧଳା ବ୍ୟତୀତ ହାଲୁକା ସୂତା ପୋଷାକ ପିନ୍ଧିବାକୁ ସମସ୍ତେ ପସନ୍ଦ କରନ୍ତି। ତେବେ ମହିଳାମାନେ ଖରାଦିନେ ଫ୍ଲୋରାଲ ପ୍ରିଣ୍ଟକୁ ବେଶି ପସନ୍ଦ କରନ୍ତି। ଏବେ ଏହି ପ୍ରିଣ୍ଟ ବାଦ୍ ଆଗରେ ଅଛି ଇଣ୍ଡିଗୋ ପ୍ରିଣ୍ଟ୍। ଏପରିକି ଲାକ୍ମି ଫେଶନ ଶୋ'ରେ ଏହି ପ୍ରିଣ୍ଟ୍ର ଡ୍ରେସ୍ରେ ମଡେଲମାନଙ୍କୁ ଦେଖିବାକୁ ମିଳିଥିଲା। ଏହି ପ୍ରିଣ୍ଟ୍ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ଲାଗେ। ଏହା ରାଜକୀୟ ଲୁକ୍ ମଧ ପ୍ରଦାନ କରେ। ତେବେ ଏବେ ଏହି ପ୍ରିଣ୍ଟ ସୂତା ସହ ସିଫନ୍ ଓ ଚନ୍ଦେରି କପଡ଼ାରେ ଆସୁଛି। ଅବଶ୍ୟ ଖରାଦିନ ଲାଗି ଇଣ୍ଡିଗୋ ସୁଟ୍ ପିନ୍ଧନ୍ତୁ। ଚାହିଁଲେ ଏହାର ପୂରା ସୁଟ୍ ନଚେତ କେବଳ ଦୁପଟ୍ଟା ପକାଇ ଲୁକ୍କୁ ସମ୍ପୂର୍ଣ୍ଣ କରିପାରିବେ। ଏହି ପ୍ରିଣ୍ଟର ଯେକୌଣସି ସାଦାସିଧା ଓ ଅନାରକଲି ସୁଟ୍ ପିନ୍ଧିଲେ ଭଲ ଲାଗେ। ଯଦି ଶାଢ଼ି ପିନ୍ଧିବାକୁ ପସନ୍ଦ, ଇଣ୍ଡିଗୋ ରଙ୍ଗର ସୂତା ଶାଢ଼ି ବଜାରରେ ଉପଲବ୍ଧ। ଏହି ଶାଢ଼ି ସହିତ ଷ୍ଟାଇଲିସ୍ ବ୍ଲାଉଜ୍ ପିନ୍ଧିଲେ ଭଲ ଲାଗେ। ବୋଟ୍ ନେକ୍ ଓ ସ୍ଲିପ୍ଲେସ୍ ବ୍ଲାଉଜ୍ ଅଧିକ ଆକର୍ଷଣୀୟ ଲାଗେ। ଏହା ସହ ଅଳ୍ପ ଜୁଏଲାରି ପିନ୍ଧି ଲୁକ୍କୁ ସମ୍ପୂର୍ଣ୍ଣ କରନ୍ତୁ। ସେହିପରି ଖରାଦିନେ ୱେଷ୍ଟର୍ଣ୍ଣ ଲୁକ୍ ଚାହୁଁଥିଲେ, ଏହାର ସ୍ରଗ୍ ମଧ ଏକ ସୁନ୍ଦର ବିକଳ୍ପ। ଡେନିମ୍ ଡ୍ରେସ୍ ସହିତ ଇଣ୍ଡିଗୋ ପ୍ରିଣ୍ଟ୍ ସ୍ରଗ୍ ପିନ୍ଧନ୍ତୁ। ଜିନ୍ସ, ଟି-ସାର୍ଟ ନଚେତ୍ କୌଣସି କୁର୍ତ୍ତା ସହ ଏହାକୁ ପିନ୍ଧିପାରିବେ।

# ବର୍ଷାଦିନିଆ ଜୋତା



**ବର୍ଷାଦିନେ ପଦାକୁ ବାହାରିବା ବଡ଼ ସମସ୍ୟା ସୃଷ୍ଟି କରିଥାଏ। ଯଦିଓ ରେନ୍କୋଟ୍ ଦ୍ୱାରା ଡ୍ରେସ୍ ଓଦା ହୋଇ ନ ଥାଏ, ମାତ୍ର ଜୋତା ଓଦା ହୋଇଥାଏ। ସେଥିପାଇଁ ଜୋତାକୁ ବର୍ଷାଦିନେ ସୁରକ୍ଷିତ ରଖିବା ପାଇଁ ଅନେକ ପୁରୁଣା ଜୋତାକୁ ପିନ୍ଧିଥାନ୍ତି। ଅନ୍ୟପକ୍ଷରେ ଆଜିକାଲି ବର୍ଷାଦିନକୁ ଦୃଷ୍ଟିରେ ରଖି ବଜାରରେ ଷ୍ଟାଇଲିସ୍ ଜୋତା ସବୁ ମିଳୁଛି। ତେବେ ବର୍ଷାଦିନେ କେଉଁ ଜୋତା ପିନ୍ଧିବା ଉଚିତ୍। ସେ ସମ୍ପର୍କରେ ଜାଣିବା।**

**ହଣ୍ଟର ଟଲ୍ ବୁଟ୍:** ଏହା ଐତିହାସିକ ହଣ୍ଟର ବ୍ରାଣ୍ଡର ବ୍ରିଟିଶ ୱିଲିଙ୍ଗଟନ୍ ବୁଟ୍। ଏହାକୁ ପିନ୍ଧିବା ଦ୍ୱାରା ଆରାମ ଲାଗିଥାଏ। ଏହାର ରଙ୍ଗ ଉଜ୍ଜ୍ୱଳ ଥିବାରୁ ସୁନ୍ଦର ଦିଶେ। କାଦୁଅ ବା ମଇଳା ହେଲେ ଏହାକୁ ସହଜରେ ସଫା କରାଯାଇ ପାରିବ। ଏହା ହାଇହିଲ୍ ସଦୃଶ।

**ପ୍ଲାଷ୍ଟିକାନା ହେମ୍ପ୍ ୱେଲିଜ୍:** କାଦୁଅଓସନ୍ତସନ୍ତିଆ ଜାଗାରେ ଏହାକୁ ପିନ୍ଧି ସହଜରେ ଚଲାବୁଲା କରିପାରିବେ। ଏଭଳି ଜୋତା ପ୍ୟାରିସରେ ଅଧିକ ବ୍ୟବହାର କରାଯାଏ। ଏହା ହାଲୁକା ଏବଂ ଜଳନିରୋଧୀ।

**ପିଭିସି ଜୋତା:** ଅର୍ସେନାଲ ହେଉଛି ଜଳନିରୋଧୀ ଜୋତା। ପାଣି ଲାଗିଲେ ବା ଓଦା ହୋଇଗଲେ ଏହି ଜୋତା ସହଜରେ ଶୁଖି ଯାଇଥାଏ। ଏହା ହିଁ ହେଉଛି ଏହି ଜୋତାର ବିଶେଷତ୍ୱ।

**ଜେଲି ଜୋତା:** ଏହି ଜୋତାର ଚାହିଦା ବର୍ଷାଦିନେ ଅଧିକ। ଜେଲି ବାଲୋରିନା ଫ୍ଲାଟ୍ ପାଦକୁ ଭଲ ମାନେ। ତା'ସହ ଚଲାବୁଲା ସହଜ ଲାଗେ।

# ଶୀତ ଦିନେ ଲଗାନ୍ତୁ ସନସ୍କ୍ରିନ୍

**ଶୀତ ଆସିବା ମାତ୍ରେ ତ୍ୱଚା ସମ୍ବନ୍ଧିତ ବିଭିନ୍ନ ସମସ୍ୟା ଦେଖାଦିଏ। ମୁଖ୍ୟତଃ ତ୍ୱଚା ଶୁଷ ଓ ରୁକ୍ଷ ହୋଇଥାଏ। ସେଥିପାଇଁ ତ୍ୱଚାକୁ ସବୁବେଳେ ହାଇଡ୍ରେଟ୍ ରଖିବା ଦରକାର। ତ୍ୱଚା ହାଇଡ୍ରେଟ୍ ରହିଲେ ହିଁ ସୁସ୍ଥ ଓ ସୁନ୍ଦର ଦେଖାଯାଏ। ତେବେ ଶୀତ ଦିନେ ତ୍ୱଚାର କିଭଳି ଯତ୍ନ ବା ଉପଚାର କରିବା ଦରକାର, ସେ ସମ୍ପର୍କରେ ଜାଣିବା।**

- ଶୀତଦିନେ ତ୍ୱଚା ଶୁଷ୍କତା ଦୂର କରିବା ପାଇଁ ହ୍ରାଇଡ୍ରେଟିଂ ମଏଶ୍ଚରାଇଜରକୁ ସ୍କିନ୍ କେୟାର୍ ରୁଟିନ୍ରେ ସାମିଲ କରିବା ଜରୁରି।
- ଘରକୁ ବାହାରିବା ପୂର୍ବରୁ ସନ୍ସ୍କ୍ରିନ୍ ଲଗାନ୍ତୁ। ଏହା ତ୍ୱଚାକୁ କ୍ଷତିକାରକ ଅତିବାଇଗଣୀ ରଶ୍ମିରୁ ସୁରକ୍ଷିତ ରଖେ।
- ସପ୍ତାହକୁ ଥିରେ ତ୍ୱଚାକୁ ଏକ୍ସଫୋଲିଏଟ୍ ନିହାତି କରିବା ଦରକାର।
- ସେହିପରି ତ୍ୱଚାକୁ ହାଇଡ୍ରେଟ୍ ରଖିବା ପାଇଁ ପ୍ରଚୁର ପରିମାଣରେ ପାଣି ପିଇବା ଉଚିତ।
- ଶୀଥିଦିନେ ଓଠ ମଧ ଫାଟିଥାଏ। ସେଥିପାଇଁ ଲିପ୍ବାମ୍ ଲଗାନ୍ତୁ।
- ଶୀତଦିନେ ଗରମ ପାଣିରେ ଗାଧୋଇବା ଅନୁଚିତ। ସବୁଦିନ ଗରମ ପାଣିରେ ଗାଧୋଇଲେ ତ୍ୱଚା ଶୁଷ୍କ ହୋଇଥାଏ।
- ତ୍ୱଚାରେ ହାଇଡ୍ରେଟିଂ କ୍ଲିନଜର୍କୁ ବ୍ୟବହାର କରନ୍ତୁ।



# ମେସି ବନ୍‌ରୁ ସ୍ମାର୍ଟ ଲୁକ୍



ଆଜିକାଲି ମହିଳାମାନେ ଯେକୌଣସି ପାର୍ଟି ପାଇଁ ମେସି ବନ୍ କରିବାକୁ ପସନ୍ଦ କରୁଛନ୍ତି। ଅନ୍ୟପଟେ ଏହା ଏମିତି ଏକ କେଶ ବିନ୍ୟାସ୍, ଯାହାକୁ କରିବା ପାଇଁ ଖୁବ୍ କମ୍ ସମୟ ଲାଗେ। ସେହିପରି ବିଭିନ୍ନ ପ୍ରକାରର ମେସି ହେୟାର୍ ଷ୍ଟାଇଲ୍ ଅଛି। ଏହା ସହ ଏ ପ୍ରକାର କେଶ ବିନ୍ୟାସ ଲାଗି ବେଶି କିଛି ଜିନିଷ ଆବଶ୍ୟକ ମଧ୍ୟ ପଡ଼େ ନାହିଁ। ମେସି ଡୋନଟ୍ ବନ୍ ପାଇଁ ଇଲାଷ୍ଟିକ୍ ବ୍ୟାଣ୍ଡ୍, ହେୟାର୍ ପିନ୍ ଏବଂ ଡୋନଟ୍ ବ୍ୟାଣ୍ଡ ଆବଶ୍ୟକ। ମେସି ଫ୍ରେଞ୍ଚ ଫିସ୍ଟେଲ୍ ବ୍ୟାନ୍ ଦେଖିବାକୁ ଖୁବ୍ ସୁନ୍ଦର ଲାଗେ। ମେସି ଫ୍ଲିପ୍ ଇନ୍ ବନ୍, ମେସି କପ୍ ଆରାଉଣ୍ଡ ବନ୍, ମେସି ନଟ୍ ବନ୍ ମଧ୍ୟ ସୁନ୍ଦର ଲାଗିଥାଏ। ଏହି ସବୁ ହେୟାର୍ ଷ୍ଟାଇଲକୁ ଯେକୌଣସି ଆଉଟ୍ଫିଟ୍ ସହ କଲେ ଭଲ ଲାଗେ। ମୁଖ୍ୟତଃ ଡ୍ରେସ୍ ତଥା ଜିନ୍ସ ଟି-ସାର୍ଟକୁ ମେସି ବନ୍ ଭଲ ମାନେ। ଏଥିରୁ ଭିନ୍ନ ଏକ ସ୍ମାର୍ଟ ଲୁକ୍ ମିଳିଥାଏ। କର୍ମଜୀବି ମହିଳାଙ୍କ ପାଇଁ ମଧ୍ୟ ଏହା ଏକ ସୁନ୍ଦର ହେୟାର ଷ୍ଟାଇଲ୍। କେବଳ ଏତିକି ନୁହେଁ, କଲେଜ ଛାତ୍ରୀ ମଧ୍ୟ ଏହି ହେୟାର୍ ଷ୍ଟାଇଲ ପ୍ରତି ମନ ବଳାଉଛନ୍ତି। ଆଜିକାଲି ସେଲିବ୍ରିଟିମାନେ ଏହି ହେୟାର ଷ୍ଟାଇଲରେ ନଜର ଆସୁଛନ୍ତି। ମୁଖ୍ୟତଃ ଏହି ଲୁକ୍‌ରେ ସେଲିବ୍ରିଟିଙ୍କୁ ରେଡ୍ କାର୍ପେଟ୍, ଫିଲ୍ମ ପ୍ରମୋସନ କରୁଥିବା ଦେଖିବାକୁ ମିଳୁଛି।

# ପାଳଙ୍ଗ ଚିକେନ୍ ମସଲା

**ଆବଶ୍ୟକ ସାମଗ୍ରୀ:** ଚିକେନ୍: ୫୦୦ ଗ୍ରାମ୍, ପାଳଙ୍ଗ ଶାଗ: ଏକ କପ୍, ଅଦା ରସୁଣ ବଟା: ଦୁଇ ଚାମଚ, କଟା ପିଆଜ: ଏକ କପ୍, କଟା କଞ୍ଚା ଲଙ୍କା: ଅଳ୍ପ, ଜିରା ଗୁଣ୍ଡ: ଅଧା ଚାମଚ, ଧନିଆ ଗୁଣ୍ଡ: ଅଧା ଚାମଚ, ଚିକେନ୍ ମସଲା: ଅଧା ଚାମଚ, ଗୋଲମରିଚ ଗୁଣ୍ଡ: ଅଧା ଚାମଚ, ଧନିଆ ପତ୍ର: ଅଳ୍ପ, ତେଜପତ୍ର, ଶୁଖିଲା ଲଙ୍କା, ଗୁଜୁରାତି, ଲବଙ୍ଗ, ଡାଳଚିନି: ଅଳ୍ପ, ଲେମ୍ବୁ ରସ: ଏକ ଚାମଚ, ହଳଦି ଗୁଣ୍ଡ: ଅଧା ଚାମଚ, ଲଙ୍କା ଗୁଣ୍ଡ: ଅଧା ଚାମଚ, ଲୁଣ: ସ୍ୱାଦ ଅନୁସାରେ, ତେଲ: ଆବଶ୍ୟକତା ଅନୁସାରେ।

**ପ୍ରସ୍ତୁତି ପ୍ରଣାଳି:** ପ୍ରଥିମେ ଚିକେନ୍କୁ ଭଲ ଭାବେ ଧୋଇ ରଖନ୍ତୁ। ସେଥିରେ ଲୁଣ, ହଳଦି, ଲଙ୍କା ଗୁଣ୍ଡ, ଲେମ୍ବୁ ରସ, ଅଦା ରସୁଣ ବଟା, ତେଜପତ୍ର, ତେଲ, କଟା କଞ୍ଚା ଲଙ୍କା, ଗୋଲମରିଚ ଗୁଣ୍ଡ ପକାଇ ମ୍ୟାରିନେଟ୍ କରି ରଖନ୍ତୁ। ଏହା ପରେ ପାଳଙ୍ଗକୁ ଧୋଇ କାଟି ରଖନ୍ତୁ। ଚୁଲାରେ କଡ଼େଇ ବସାଇ ତେଲ ଗରମ କରନ୍ତୁ। ତେଲ ତାତିଲେ, ତେଜପତ୍ର, ଡାଳଚିନି, ଗୁଜୁରାତି, ଲବଙ୍ଗ ଓ ଶୁଖିଲା ଲଙ୍କା ଫୁଟାନ୍ତୁ। ଏହା ପରେ କଟା ପିଆଜ ପକାଇ ଲାଲ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ତା'ପରେ ସେଥିରେ ଅଦା ରସୁଣ ବଟା, ହଳଦି ଗୁଣ୍ଡ, ଲଙ୍କା ଗୁଣ୍ଡ, ଚିକେନ୍ ମସଲା, ଧନିଆ ଓ ଜିରା ଗୁଣ୍ଡ ପକାଇ କଷନ୍ତୁ। ମସଲା କଷି ହୋଇଯିବା ପରେ ଚିକେନ୍ ପକାନ୍ତୁ। ଚିକେନ୍କୁ କିଛି ସମୟ କଷିବା ପରେ ସେଥିରେ ଅଳ୍ପ ପାଣି ଦେଇ ଧିମା ଆଞ୍ଚରେ ବସାନ୍ତୁ। କିଛି ସମୟ ପରେ କଟା ପାଳଙ୍ଗ ଶାଗକୁ ପକାଇ ଆଉ କିଛି ସମୟ ବସାନ୍ତୁ। କିଛି ସମୟ ପରେ ଗରମ ମସଲା ପକାନ୍ତୁ। ପ୍ରସ୍ତୁତ ହୋଇଗଲା ପାଳଙ୍ଗ ଚିକେନ ମସଲା।



# ତ୍ୱଚା ପାଇଁ କ୍ଷତିକାରକ ମେକ୍ଅପ୍ ୱାଇପସ୍

ପ୍ରତ୍ୟେକ ମହିଳାଙ୍କ ଭ୍ୟାନିଟି ବ୍ୟାଗ୍ରେ ଥାଏ ମେକ୍ଅପ୍ ୱାଇପ୍ସ। ଏହା ଦ୍ୱାରା ଯେକୌଣସି ସ୍ଥାନରେ ଓ କୌଣସି ସମୟରେ ମୁହଁକୁ ସଫା କରି ହୁଏ। ତେବେ କେହି କେବେ ଧ୍ୟାନ ଦେଇ ନ ଥିବେ, ୱାଇପ୍ସରେ ସଫା କରିବା ପରେ ମୁହଁ କେମିତି ଦିଶେ। ମେକ୍ଅପ୍ ୱାଇପ୍ସ ତ୍ୱଚାକୁ ଶୁଷ୍କ କରିବା ସହ ନଷ୍ଟ ମଧ କରିଥାଏ। କହିବାକୁ ଗଲେ ଏହାକୁ ବ୍ୟବହାର କରିବା ଠିକ୍ ନୁହେଁ। କାରଣ ଏହା ତ୍ୱଚା ପାଇଁ ସୁରକ୍ଷିତ ନୁହେଁ।

- ଏଥିରେ ମୁହଁକୁ ସଫା କରିବା ଦ୍ୱାରା ତ୍ୱଚାର ନାଚୁରାଲ ଅଏଲ ବାହାରିଯାଏ।
- ଯଦିଓ ମେକ୍ଅପ୍ ଛଡ଼ାଯାଏ, ତେବେ ଏହା ଦ୍ୱାରା ସମ୍ପୂର୍ଣ୍ଣ ମେକ୍ଅପ୍କୁ ଛଡ଼ାଇ ନ ଥାଏ। ସେଥିପାଇଁ ଅନ୍ୟ ଉପାୟ ଆପଣାଇବାକୁ ହୁଏ।
- ଏହା ତ୍ୱଚାର ଲୋମଛିଦ୍ର ଭିତରୁ ମଇଳା ସଫା କରେ ନାହିଁ।
- ଏଥିରେ ରସାୟନିକ ପଦାର୍ଥ ଥିବାରୁ ଏହା ଆଖି ପାଇଁ ସୁରକ୍ଷିତ ନୁହେଁ।
- ଏଥିରେ ବ୍ୟବହାର କରିବା ପରେ, ପୁଣିଥିରେ ବ୍ୟବହାର କରିବା ସମ୍ଭବ ନୁହେଁ।



### ଧର୍ମଗଡ଼ ବିଧାୟକଙ୍କ ଜନ ସମ୍ପର୍କ ଯାତ୍ରା

# ଗାଁର ସମସ୍ୟା ଶୁଣିଲେ, ସମାଧାନ ପାଇଁ ପ୍ରତିଶ୍ରୁତି ଦେଲେ



**ଭବାନୀପାଟଣା,୮।୮ (ସଂଚାର ବ୍ୟୁରୋ):** ଓଡିଶା ରାଜ୍ୟ ସରକାରରେ ଜଣେ କର୍ତ୍ତବ୍ୟନିଷ୍ଠ ଓ ଜନସେବା ପାଇଁ ସମର୍ପିତ ମନୋଭାବ ନେଇ ନିରନ୍ତର ନିଜର କାର୍ଯ୍ୟ ଦକ୍ଷତା ଜାରି ରଖିଥିବା ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ ଶୁକ୍ରବାର ନିର୍ବାଚନ ମଣ୍ଡଳୀର କୋକସରା ବ୍ଲକ ଆମପାଣି ଯୋନର ଡୁଡୁକାଠେଙ୍ଗା ଓ ମହିମା ପଞ୍ଚାୟତ ଧୋବେନ ଚଞ୍ଚରା, ମୁନୁଗା ପଦର, ବନ୍ଧ ପଡା,ଦଲ୍ଲୀପଡା, ଡୁଡୁକାଠେଙ୍ଗା,ଖଲିଗଡ଼ ଓ ମହିମା ପଞ୍ଚାୟତ ର ଡେଙ୍ଗାଗୁଡା, ଘଣ୍ଟିଗୁଡା, ଭୁର୍ଷାଗୁଡା ଗ୍ରାମରେ ପହଞ୍ଚି ସ୍ଥାନୀୟ ଜନସାଧାରଣଙ୍କୁ ଭେଟି ଗ୍ରାମାଞ୍ଚଳରେ ରହିଥିବା ସମସ୍ୟା, ଚାଷିଙ୍କ ସମସ୍ୟା, ପାନୀୟ ଜଳ, ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟସେବା ଭଳି ପ୍ରମୁଖ ନେଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ ଓ ଲୋକଙ୍କ ଅଭିଯୋଗ ପରେ ଘଟଣାସ୍ଥଳରୁ ବିଭାଗୀୟ ଅଧିକାରୀଙ୍କୁ ଫୋନରେ ଯୋଗାଯୋଗ କରି ଶୀଘ୍ର ସମାଧାନ କରିବାକୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।

ଧୋବେନ ଚଞ୍ଚରା ଠାରେ ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟରେ ପରିଦର୍ଶନ କରି ଛାତ୍ରଛାତ୍ରୀ ମାନଙ୍କୁ ପ୍ରଦାନ କରାଯାଉଥିବା ପୋଷଣ ଯୁକ୍ତ ଖାଦ୍ୟ ଓ ଶିକ୍ଷା ସମ୍ବନ୍ଧିତ ତଦାରଖ କରିଥିଲେ। ଡୁଡୁକାଠେଙ୍ଗା ପଞ୍ଚାୟତ ସରପଞ୍ଚ ହରିପ୍ରିୟା ନାଗ ପଞ୍ଚାୟତ ର ଦଲ୍ଲୀପଡା ଛକ ରୁ ଧୋବେନ ଚଞ୍ଚରା ପର୍ଯ୍ୟନ୍ତ ୮ କିମି ରାସ୍ତାକୁ ସଡକ ଯୋଜନାରେ ସାମିଲ, ଉକ୍ତ ବିଦ୍ୟାଳୟ ଅସମ୍ପୂର୍ଣ୍ଣ କାର୍ଯ୍ୟ ପାଇଁ ଅନୁଦାନ,ଖଲିଗଡ଼ ରେ ମୋବାଇଲ ନେଟୱାର୍କ କାର୍ଯ୍ୟକ୍ଷମ, ବେହେରା ଡ୍ୟାମ ର ପଙ୍କଉଦ୍ଧାର, କବାଟଦର ଶିବ ମନ୍ଦିର ରେ ବିଦ୍ୟୁତ ସଂଯୋଗ, କଛାରପଡା ନାଳାରେ ପୋଲ ନିର୍ମାଣ, ବନ୍ଧପଡାରୁ ଶବର ପଡା ରାସ୍ତାରେ ପୋଲ ନିର୍ମାଣ ଓ ଅନ୍ୟାନ୍ୟ ନେଇ ଏକ ଦାବିପତ୍ର ପ୍ରଦାନ ସହ ଯଥାଶୀଘ୍ର ସମାଧାନ କରିବାକୁ ଦାବି କରିଛନ୍ତି।

ବିଧାୟକଙ୍କ ଏହି ଜନ ସମ୍ପର୍କ ଯାତ୍ରାକୁ ବିଭିନ୍ନ ସ୍ଥାନରେ ଜନ ସାଧାରଣ ମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

## ରାସ୍ତା ମରାମତି ପାଇଁ ଅଷ୍ଟମ ଶ୍ରେଣୀ ଛାତ୍ରର ବିଡିଓଙ୍କୁ ନିବେଦନ

**ବୈଶିଙ୍ଗା,୮।୮ (ସଂଚାର ବ୍ୟୁରୋ):** ଶିକ୍ଷା,ସ୍ୱାସ୍ଥ୍ୟ ଓ ଗମନାଗମନକୁ ସରକାର ଯେତିକି ପ୍ରାଧାନ୍ୟ ଦେବା କଥା ତାହା କେବଳ କାଗଜ କଲମରେ ଚାଲିଛି ସିନା ମାତ୍ର ପ୍ରକୃତ ଛବି କିନ୍ତୁ ଅଲଗା । ଗମନା ଗମନ ବ୍ୟବସ୍ଥା ବିଷୟରେ ଆଲୋଚନା ଏକ ବୃଥା ପ୍ରୟାସ ହୋଇ ପାରେ। ଅବିଭକ୍ତ ବୈଶିଙ୍ଗା ପଞ୍ଚାୟତ ବିଭକ୍ତ ହୋଇ କେନ୍ଦୁଆ ପଞ୍ଚାୟତ ସୃଷ୍ଟି ହେଲା ।ଏହା ପୂର୍ବରୁ ଏହି ପଞ୍ଚାୟତ ଅଧିନ ବୈଶିଙ୍ଗା -ମାଣତ୍ରୀ ରାସ୍ତାର ପଦ୍ମପୁର ଛକ ଠାରୁ ଦଲଦଲି ପର୍ଯ୍ୟନ୍ତ ଦୁଇ କିମି ରାସ୍ତା ୨୫ ବର୍ଷ ପୂର୍ବେ ଅଧା ମେଟାଲିଂ ଓ ଅଧା ମୁରମ ପକାଇ ରାସ୍ତା ତିଆରି ହୋଇଥିଲା । ଆଜି ପର୍ଯ୍ୟନ୍ତଏହି ରାସ୍ତା ପ୍ରତି ପ୍ରଶାସନ ର ନଜର ଆସୁନାହିଁ । ବୈଶିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହିତ ଅନ୍ୟ ବିଦ୍ୟାଳୟକୁ ଦୈନିକ ୫୦ ରୁ ଅଧିକ ପିଲା ସାଇକେଲ ଓ ଚାଲି ଚାଲି ଆସୁଛନ୍ତି । ଏଥି ସହିତ ଏହି ଅଞ୍ଚଳରେ ପରିବା ଚାଷ ଅଧିକ ହେଉ ଥିବାରୁ ଚାଷୀଟିଏ ସାଇକେଲ ରେ ବୋଝେଇ କରି ମୁଖ୍ୟ ବଜାର ବୈଶିଙ୍ଗା ତଥା ଆଖ ପାଖ ବଜାରକୁ ବିକ୍ରୀ କରିବା ଆସିଥାନ୍ତି । ରାସ୍ତାର ଏହି ଦୁରାବସ୍ଥା ପାଇଁ ବୋଝେଇ ସାଇକେଲକୁ ପେଲି ପେଲି ମୁଖ୍ୟ ରାସ୍ତା କୁ ଆସିଥାନ୍ତି । ସ୍କୁଲ ଛାତ୍ରଛାତ୍ରୀ ମାନେ ବହୁବାର ଏହି କାଦୁଅ ପଚ୍ ପଚ୍ ରାସ୍ତାରେ ପଡି କାଦୁଅ ବୋଳା ଦେହରେ ଘରକୁ ଫେରି ଯାଇଛନ୍ତି। ସେହି ପିଲାମାନଙ୍କ ମଧ୍ୟରୁ ଜଣେ ଅଷ୍ଟମ ଛାତ୍ର ଓମ୍ କ୍ରିଷ୍ଣା ମାହାର୍ଣ୍ଣା ଏହି ରାସ୍ତା ନିର୍ମାଣ କରିବା ପାଇଁ ବେତନଟୀ ବିଡିଓ ଙ୍କୁ ଆକୁଳ ନିବେଦନ କରିଛନ୍ତି ।



### ବେତନଟୀ ମେଡିକାଲରେ ଲାଞ୍ଚ କାରବାର

## ଜନ୍ମ-ମୃତ୍ୟୁ ପଞ୍ଜିକରଣରେ ଦଲାଲଙ୍କ ଦୌରାତ୍ମ୍ୟ, ତଦନ୍ତ ଦାବି

**ବେତନଟୀ,୮।୮ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ବେତନଟୀ ମେଡିକାଲରେ ଜନ୍ମ ଓ ମୃତ୍ୟୁ ପଞ୍ଜିକରଣ ପ୍ରମାଣପତ୍ର ପ୍ରଦାନ ପ୍ରକ୍ରିୟାରେ ଏକ ଗୁରୁତର ଦୁର୍ନୀତି ଓ ଲାଞ୍ଚ କାରବାରର ଅଭିଯୋଗ ସାମ୍ନାକୁ ଆସିଛି। ଏହି ଘଟଣା ସାଧାରଣ ଜନତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଥିବା ବେଳେ ମେଡିକାଲ ପ୍ରଶାସନର ନିଷ୍କ୍ରିୟତା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହି ଦୁର୍ନୀତିରେ ଡାଟା ଏଣ୍ଟ୍ରି ଅପରେଟର ସୌରଭଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଛି, ଯାହା ଏହି ମାମଲାକୁ ଆହୁରି ଗମ୍ଭୀର କରିଛି।

ଅଭିଯୋଗ ଅନୁଯାୟୀ, ବେତନଟୀ ବ୍ଲକ ରଘୁପୁର ଅଞ୍ଚଳର ଜନସେବା କେନ୍ଦ୍ରରେ କାର୍ଯ୍ୟରତ କାହ୍ନୁଚରଣ ନାଥ ନାମକ ଜଣେ ଦଲାଲ ଜନ୍ମ ଓ



ମୃତ୍ୟୁ ପଞ୍ଜିକରଣ ପ୍ରମାଣପତ୍ର ପାଇଁ ଆସୁଥିବା ରୋଗୀ ଓ ସେମାନଙ୍କ ପରିବାରଙ୍କଠାରୁ ଅନୈତିକ ଭାବେ ଟଙ୍କା ଦାବି କରୁଛନ୍ତି। ରେଜିଷ୍ଟ୍ରେସନ ବାହାନାରେ ପ୍ରତି ପ୍ରମାଣପତ୍ର ପାଇଁ ୨୦୦ ଟଙ୍କା ଲାଞ୍ଚ ମାଗୁଥିବା ଅଭିଯୋଗ ହୋଇଛି। ଆଶ୍ଚର୍ଯ୍ୟଜନକ ଭାବେ, ଏହି ଦଲାଲ ଡାଟା ଏଣ୍ଟ୍ରି ଅପରେଟର ସୌରଭଙ୍କ ପାଖରେ ଚେୟାରରେ ବସି ରୋଗୀଙ୍କ ସହ ଟଙ୍କା ଦେଣନେଣ କରୁଥିବା ଦେଖିବାକୁ ମିଳିଛି। ଏହା ସୂଚାଉଛି ଯେ, ଏହି ଅନୈତିକ କାରବାର ଅପରେଟର ସୌରଭଙ୍କ ଜାଣତରେ ଓ ସମ୍ଭବତଃ ସମ୍ପୃକ୍ତିରେ ଚାଲିଛି।

ଏହା ସହିତ, ଡାଟା ଏଣ୍ଟ୍ରି ଅପରେଟର ସୌରଭଙ୍କ ବିରୋଧରେ ପୂର୍ବରୁ ମଧ୍ୟ ଅନେକ ରୋଗୀଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ରହିଛି। ଏହି ଅଭିଯୋଗଗୁଡ଼ିକ ସୂଚାଉଛି ଯେ, ବେତନଟୀ ମେଡିକାଲରେ ଏକ ପ୍ରଣାଳୀଗତ ଦୁର୍ନୀତି ଓ ଅବ୍ୟବସ୍ଥା ଚାଲିଛି, ଯାହା ସାଧାରଣ ଜନତାଙ୍କ ପାଇଁ ସେବା ପ୍ରଦାନରେ ବାଧା ସୃଷ୍ଟି କରୁଛି। ଏତେ ଗମ୍ଭୀର ଅଭିଯୋଗ ସତ୍ତ୍ୱେ, ମେଡିକାଲ ଅଧିକାରୀମାନଙ୍କର ନିଷ୍କ୍ରିୟତା ଏହି ଦୁର୍ନୀତିର ସମ୍ଭାବ୍ୟ ସହଯୋଗୀ ବା ଅବହେଳାକୁ ସୂଚାଉଛି।

## ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ନେଇ ପ୍ରସ୍ତୁତି ବୈଠକ



**କଳାହାଣ୍ଡି ,୮।୮ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ସ୍ୱାଧୀନତା ଦିବସକୁ ସରସ ସୁନ୍ଦର ଭାବରେ ପାଳନ କରାଯିବ। ଏହି ଜାତୀୟ ଉତ୍ସବର ସଫଳ ଆୟୋଜନ ନିମନ୍ତେ ଏଥି ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କରିବା ସହ ପୁର୍ଣ ସହଯୋଗ କରିବେ ବୋଲି ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକରେ ପ୍ରକାଶ କରିଛନ୍ତି।

ପ୍ରାରମ୍ଭରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ସିଂ ସ୍ୱାଧୀନତା ଦିବସର ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋକପାତ କରିବା ସହ ଏଥି ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଂକୁ ସଫଳତା ଦିଗରେ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ସ୍ୱାଧୀନତା ଦିବସ କଳାହାଣ୍ଡି ଉତ୍ସବ ପଡିଆ ଠାରେ ପାଳନ କରାଯିବ। ସକାଳ ୮ ଘଣ୍ଟା ୩୫ ମିନିଟ ସମୟରେ ମୁଖ୍ୟ ଅତିଥି ଜାତୀୟ ପତାକାକୁ ସସମ୍ମାନ ସହ ଉତ୍ତୋଳନ ପୂର୍ବକ ଅଭିବାଦନ ଗ୍ରହଣ କରିବେ। ସ୍ୱାଧୀନତା ଦିବସରେ ଜନପ୍ରତିନିଧି ବୃନ୍ଦ, ନିମନ୍ତ୍ରିତ ଅତିଥି, କୃତିପ୍ରତିଯୋଗୀ, ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ଓ ଗଣମାଧ୍ୟମର ପ୍ରତିନିଧିମାନଂକୁ ସମାରୋହକୁ ନିମନ୍ତ୍ରିତ କରାଯିବ। ପୁଲିସ, ମହାବିଦ୍ୟାଳୟ, ବିଦ୍ୟାଳୟ ଗୁଡିକର ଜାତୀୟ ସମର ଶିକ୍ଷ୍ୟାର୍ଥୀ ବାହିନୀ ଓ ସିଭିଲିୟାନ ଛାତ୍ରଛାତ୍ରୀମାନେ ପରେଡରେ ଅଂଶ ଗ୍ରହଣ କରିବେ। ସମର ଶିକ୍ଷ୍ୟାତ୍ରୀ ବାହିନୀ ଦଳଙ୍କ ନିମନ୍ତେ କମାଣ୍ଡିଙ୍ଗ ଅଫିସର ଆବଶ୍ୟକ ନିର୍ଦ୍ଦେଶନାମା ମହାବିଦ୍ୟାଳୟ ଓ ବିଦ୍ୟାଳୟକୁ ପ୍ରେରଣ କରିବେ। ସେହିଭଳି ସିଭିଲିଆନ ଦଳଙ୍କ ପରେଡରେ ବ୍ଲକ ଶିକ୍ଷାଅଧିକାରୀ ସମନ୍ୱୟ ରକ୍ଷା କରିବେ। କିଛି ବ୍ୟକ୍ତି ବିଶେଷଙ୍କୁ ଉତ୍ସବରେ ସମ୍ବର୍ଦ୍ଧିତ କରାଯିବା ପାଇଁ ନିଷ୍ପତ୍ତି ହୋଇଛି।

ସ୍ୱାଧୀନତା ଦିବସ ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଂକୁ ଉତ୍ସବ ରେ ପୁରସ୍କାର କରାଯିବ। ଏତଦ ଭିନ୍ନ ଜନସାଧାରଣଙ୍କ ମଧ୍ୟରେ ଜାତୀୟ ଚେତନା ଉଦ୍ରେକ କରିବା ଉଦ୍ଦେଶ୍ୟରେ ଦିବସର ପ୍ରତ୍ୟୁଷରୁ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ଡାକବାଜି ଯନ୍ତ୍ର ଯୋଗେ ସହରରେ ରାମଧୁନ ପରିବେଷଣ କରାଯିବ। ସକାଳ ୯ ଘଂଟିକା ସମୟରେ ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ ଓ ବିଭିନ୍ନ ଅନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆ ଯାଇଛି।



## ବେଟି ବଚାଓ, ବେଟି ପଢ଼ାଓ ଯୋଜନା କାର୍ଯ୍ୟକାରୀ ପାଇଁ ବୈଠକ

**ସୁବର୍ଣ୍ଣପୁର,୮।୮ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାରେ ବେଟି ବଚାଓ, ବେଟି ପଢ଼ାଓ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ବିଭାଗର ଯୋଜନା ଗୁଡିକର ଜିଲ୍ଲା ସ୍ତରୀୟ ଏକତ୍ରିକରଣବୈଠକ ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ, ସୁବର୍ଣ୍ଣପୁର ଡ. ନୃପରାଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର ଶ୍ରୀମତି ଅଞ୍ଜଳୀନା ପ୍ରଧାନ, ଉପ- ଜିଲ୍ଲାପାଳ, ସୋନପୁର, ଶ୍ରୀମତି ସୋମାରୂପା ରଥ, ସମ୍ପାଦକ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସୁବର୍ଣ୍ଣପୁର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ସୁବର୍ଣ୍ଣପୁର, ଜିଲ୍ଲାର ସମସ୍ତ ସମ୍ବନୀତ ଶିଶୁ ବିକାଶ ପ୍ରକଳ୍ପ ଗୁଡିକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀମାନେ ଓ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଏକତ୍ରିକରଣ ବୈଠକରେ ସମ୍ପାଦକ , ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସୁବର୍ଣ୍ଣପୁର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁବର୍ଣ୍ଣପୁର, ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଧିକାରୀ, ସୁବର୍ଣ୍ଣପୁର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ସୁବର୍ଣ୍ଣପୁର, ଜିଲ୍ଲା ମଙ୍ଗଳ ଅଧିକାରୀ, ସୁବର୍ଣ୍ଣପୁର ଓ ଉପସ୍ଥିତ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ନିଜ ନିଜ ବିଭାଗର ବିଭିନ୍ନ ଯୋଜନା ଗୁଡିକକୁ ବେଟି ବଚାଓ, ବେଟି ପଢାଓ ଯୋଜନା ସହିତ ଏକତ୍ରିକରଣ କରିବା ପାଇଁ ଉପସ୍ଥାପନ କରିଥିଲେ । ଜିଲ୍ଲାପାଳ, ସୁବର୍ଣ୍ଣପୁର ଜିଲ୍ଲାରେ ବେଟି ବଚାଓ, ବେଟି ପଢାଓ ଯୋଜନା ସହିତ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗ ଗୁଡିକର ଯୋଗ୍ୟ ଯୋଜନା ଗୁଡ଼ିକ ସହିତ ଏକତ୍ରୀକରଣ କରିବା ପାଇଁ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ,ସୁବର୍ଣ୍ଣପୁର ପରାମର୍ଶ ଦେଇଥିଲେ। ଶେଷରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ କାର୍ଯ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ନର୍ଲା ଥାନାର ଦ୍ୱାରସ୍ଥ ହେଲେ ସାନଚିଚିଙ୍ଗ ଗ୍ରାମବାସୀ

**ନର୍ଲା,୮।୮ (ସଂଚାର ବ୍ୟୁରୋ):** ଗ୍ରାମବାସୀଙ୍କ ଉପରେ ବାରମ୍ବାର ଅତ୍ୟାଚାର ଓ ଆକ୍ରମଣ ହେଉଥିବା ଦର୍ଶାଇ ସାନଚିଚିଙ୍ଗ ଗ୍ରାମବାସୀ ନର୍ଲା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଶୁକ୍ରବାର ନର୍ଲା ବ୍ଲକ ଶାନ୍ତପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସାନଚିଚିଙ୍ଗ ଗାଁର ଦୁଇଶହରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ନର୍ଲା ଥାନାରେ ଏସଡିପିଓ ସନ୍ଦିପ କୁମାର ମାଝୀଙ୍କ ସହ ଆଲୋଚନା କରିବା ସହ ଥାନାଧିକାରୀ ବିଜୟରାଜ ମାଝୀଙ୍କ ପାଖରେ ସେମାନଙ୍କ ଅଭିଯୋଗ ପତ୍ର ଦରଜ କରାଇଛନ୍ତି। ଦୋଷୀମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନର୍ଲା ଥାନାଧିକାରୀ ଶ୍ରୀ ମାଝୀ କହିଛନ୍ତି।




ସାନଚିଚିଙ୍ଗ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଗୋହିରାପଦର ଗାଁର ଟିକେଧର ସାହୁ, ହେମନ୍ତ ସାହୁ, ଛବିଲାଲ ସାହୁ, ଉମାକାନ୍ତ ସାହୁ ପ୍ରମୁଖ ବ୍ୟକ୍ତିମାନେ ସାନଚିଚିଙ୍ଗ ଗାଁର ଅନେକ ଲୋକଙ୍କୁ ବିଗତ ୧୦ ବର୍ଷ ହେଲା ମାଡ଼ ମାରିବା ସହ ଗାଳିଗୁଲଜ କରି ଆସୁଛନ୍ତି। ଏମାନେ ବିଗତ ଦିନରେ ସାନଚିଚିଙ୍ଗ ଗାଁର ଅରକ୍ଷିତ ମାଝୀ, ଜନକ ମାଝୀ, ଦିଲିପ ନାୟକ, ଲମ୍ବୁଧର ଗଉଡ ପ୍ରମୁଖଙ୍କୁ ମାଡ଼ ମାରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଛନ୍ତି। ଆଦିବାସୀ ଓ ଦଳିତଙ୍କୁ ମଧ୍ୟ ଟିକେଧର ସାହୁଙ୍କ ଗୋଷ୍ଠୀ ଜାତିଆଣ ଆକ୍ଷେପ କରିଥିବା ଅଭିଯୋଗ ହୋଇଛି। ଛତିକୁଡା ଛକରେ ଦୋକାନ କରିଥିବା ସାନଚିଚିଙ୍ଗ ଗାଁର କେତେକ ବ୍ୟବସାୟୀଙ୍କୁ ମଧ୍ୟ ଗୋହିରାପଦରର ଏହି ବ୍ୟକ୍ତିମାନେ ହଇରାଣ ହରକତ କରି ଆସୁଛନ୍ତି। ଏହାସହ ଗତ ଅଗଷ୍ଟ ୬ ତାରିଖ ଦିନ ରାତି ୧୧ଟା ସମୟରେ ସାନଚିଚିଙ୍ଗର ଟଙ୍କଧର ମେହେର, ଜୟ ମେହେର ଓ ଲିପୁନ ସାହୁଙ୍କୁ ଗୋହିରାପଦର ଗାଁର ଟିକେଧର ସାହୁ, ହେମନ୍ତ ସାହୁ ଓ ଛବିଲାଲ ସାହୁ ପୂର୍ବ ପ୍ରସ୍ତୁତି କ୍ରମେ ମହେନ୍ଦ୍ରା ଟିଭୁଭି ଗାଡ଼ି ଚଢ଼େଇ ଜୀବନରୁ ମାରି ଦେବାକୁ ଚେଷ୍ଟା କରିଥିଲେ। ପରେ ଏମାନଙ୍କୁ ଟିକେଧର ସାହୁ ଓ ତାଙ୍କ ଭାଇମାନେ ଖଣ୍ଡା, ତରୁଆଲ ଓ ଠେଙ୍ଗାରେ ଆକ୍ରମଣ କରି ଲହୁଲୁହାଣ କରିଦେଇଥିବା ଅଭିଯୋଗ ହୋଇଛି। ଏହି ଲୋକମାନଙ୍କ ଯୋଗୁଁ ସାନଚିଚିଙ୍ଗ ଗ୍ରାମବାସୀ ସବୁବେଳେ ଭୟରେ ରହୁଥିବା ଗଣମାଧ୍ୟମକୁ ଜଣାଇଛନ୍ତି। ତେବେ ନର୍ଲା ଥାନାଧିକାରୀଙ୍କୁ ଅଭିଯୋଗ ପତ୍ର ଦେବା ସମୟରେ ଦିଲୀପ ନାୟକ, ଟଙ୍କଧର ମେହେର, ରାମଚନ୍ଦ୍ର ସାହୁ, ପାର୍ବତୀ ରଣା, ସଞ୍ଜୁକ୍ତା ମେହେର, ବେଲ ମେହେର, ଚନ୍ଦ୍ରକାନ୍ତି ମେହେର, ଚଞ୍ଚଳା ମାଝୀ, ଦମୟନ୍ତୀ ମାଝୀ, ଅଞ୍ଜନା ରଣା, ଲଳିତା ରଣାଙ୍କ ସମେତ ସାନଚିଚିଙ୍ଗ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାରା ରୋପଣ

**ବୋରିଗୁମ୍ମା,୮।୮ (ସଂଚାର ବ୍ୟୁରୋ):** ସ୍ଥାନୀୟ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନା ଆନୁକୁଲ୍ୟ ରେ ବନ ବିଭାଗ ର ସହଯୋଗ ରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଅଧ୍ୟକ୍ଷ ଦାଶରଥି ଗୌଡ଼ ଓ ସ୍ଥାନୀୟ ସରପଞ୍ଚ ଶ୍ରୀ ତୁଷାର କୁମ୍ଭିକା ବୃକ୍ଷ ରୋପଣ କରି କାର୍ଯକ୍ରମ ଶୁଭାରମ୍ଭ କରି ଥିଲେ। ଯୁବ ରେଡକ୍ରସର ସଂଯୋଜକ ଅଧ୍ୟାପକ ପଦ୍ମ ଭୂଷଣ ଦାସ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯକ୍ରମ ରେ ଜାତୀୟ ସେବା ଯୋଜନା ସହ ଯୋଗୀ ବିଶ୍ୱଜିତ ପଣ୍ଡା, ସୁଧାଂଶୁ ଶେଖର ପଟ୍ଟନାୟକ, ନିହାରିକା ପଣ୍ଡା, ସୁମନ୍ତ କୁମାର ସାହୁ,ମୁରଲୀ ଧର ଭଞ୍ଜ, ଅଟଳ ବିହାରୀ ବାଜପେୟୀ, ଅଶୋକ କୁମାର ପଣ୍ଡା, ଫକୀର ମୋହନ ସାମନ୍ତରାୟ ପ୍ରମୁଖ ଯୋଗ ଦେଇ ପରିଚାଳନା କରିଥିଲେ। ସ୍ଥାନୀୟ ବନ ବିଭାଗ ର ବନ ପାଳ ମନୋଜ କୁମାର ମହାପାତ୍ର, ପାରା ଗାର୍ଡ ହିମାଂଶୁ କୁମର ପ୍ରଧାନ, ବନରକ୍ଷୀ ରେଖା ରାଣୀ ସାହୁ ବିଶିଷ୍ଟ ସମାଜ ସେବୀ ମନୋଜ ସାଗର ପ୍ରମୁଖ ଯୋଗ ଦେଇ ବୃକ୍ଷ ରୋପଣ କରିବା ସହ ପରିବେଶ ସୁରକ୍ଷା ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ସଚେତନ କରିଥିଲେ। ଏଥିରେ ବିଦ୍ୟାଳୟ ର ସ୍ୱେଚ୍ଛାସେବୀ ମାନଙ୍କ ସହ ଶତାଧିକ ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟ ର ସମସ୍ତ କର୍ମଚାରୀ ମାନଙ୍କ ସହଯୋଗ ରେ ଅନୁଷ୍ଠିତ କାର୍ଯକ୍ରମ ରେ ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ କରିବା ପାଇଁ ଅତିଥି ମାନେ ମତ ବ୍ୟକ୍ତ କରିଥିଲେ।




## ରାସ୍ତା ପାଲଟିଛି ମରଣଯନ୍ତା, ମରାମତି ଦାବି

**ଯାଜପୁର ରୋଡ଼,୮।୮ (ସଂଚାର ବ୍ୟୁରୋ):** ଗ୍ରାମାଞ୍ଚଳ ଲୋକଙ୍କ ଗମନାଗମନକୁ ସହଜ କରିବା ଲକ୍ଷ୍ୟରେ ରାସ୍ତା ନିର୍ମାଣ ପାଇଁ କେନ୍ଦ୍ରଠୁ ରାଜ୍ୟ ସରକାର ପର୍ଯ୍ୟନ୍ତ ଏକାଧିକ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ସହରାଞ୍ଚଳ ପରି ଗ୍ରାମାଞ୍ଚଳ ଲୋକଙ୍କୁ ପକ୍କା ରାସ୍ତା ସୁବିଧା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଗାଁକୁ ପକ୍କା ରାସ୍ତା ନିର୍ମାଣ ହୋଇଛି ସତ ହେଲେ ଦୀର୍ଘ ଦିନ ହେଲା ଏହାର ମରାମତି ଉପରେ ଦୃଷ୍ଟି ଦିଆଯାଉନାହିଁ । ଯାହା ଫଳରେ ରାସ୍ତା ବିପର୍ଯ୍ୟସ୍ତ ହୋଇ ଏହାର ମୂଲ୍ୟ ଆଉ କିଛି ନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି ।

କୋରେଇ ବ୍ଲକ ପାଟରଙ୍ଗା ଗ୍ରାମ ଉନ୍ନୟନ ଅଧିନରେ ଥିବା ପ୍ରଧାନମନ୍ତ୍ରୀ ସଡ଼କ ରାସ୍ତା ମରାମତି ଅଭାବରୁ ବିପର୍ଯ୍ୟସ୍ତ ହୋଇ ପଡିଛି।



୨୦ନମ୍ବର ଜାତୀୟ ରାଜପଥ କଅଁଟାଝରିଗଡ଼ ନିକଟରୁ ୩କିମି ବ୍ୟାପି ଏହି ରାସ୍ତା ଗ୍ରାମକୁ ସଂଯୋଗ କରିଛି । ପିଚୁ ଉଠି ଅନେକ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇ ଏଥିରେ ପାଣି ଜମୁଛି। ଯାହା ଯାତାୟାତକୁ ଅଧିକ ସମସ୍ୟା ବହୁଳ କରିଛି । ରାତି ବେଳା ଯାତାୟାତ ଅଧିକ ବିପଦସଂକୁଳ । ସ୍କୁଲ କଲେଜକୁ ମଧ୍ୟ ଛାତ୍ରଛାତ୍ରୀଙ୍କୁ ଅସୁବିଧାରେ ଯିବାକୁ ପଡୁଛି । ଗ୍ରାମ ନିକଟରେ ଜିନ୍ଦଲ କମ୍ପାନୀର ଲେବର କଲୋନୀ ରହିଥିବାରୁ ଏହି ରାସ୍ତାରେ ସେମାନଙ୍କର ଏକାଧିକ ବସ ଦୈନିକ ଯାତାୟାତ କରୁଛି । ରାସ୍ତା ଅଧିକ ଖରାପ ହୋଇ ପଡ଼ିବାର ଏହା ମୁଖ୍ୟ କାରଣ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ରାସ୍ତା ମରାମତି ପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ଚୂଡ଼ାନ୍ତ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀଙ୍କ ଜୟପୁର ଗସ୍ତ



**ବୋରିଗୁମ୍ମା/ଜୟପୁର,୮।୮ (ସଂଚାର ବ୍ୟୁରୋ):** ଆସନ୍ତାକାଲି ଜୟପୁର ଗସ୍ତରେ ଆସିବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ତାକୁ ନେଇ ଜୟପୁର ବାଙ୍କବିଜା ପଡିଆ ରେ ବ୍ୟାପକ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।ଆସନ୍ତା କାଲି ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ବଣ୍ଟନ କରିବାର କାର୍ଯ୍ୟକ୍ରମ ରହିଛି।ଏହି କାର୍ଯ୍ୟକ୍ରମ ରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମଧ୍ୟ ଯୋଗ ଦେବେ।ମୁଖ୍ୟମନ୍ତ୍ରୀ ଙ୍କ ଗସ୍ତକୁ ନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ସହ ସୁରକ୍ଷା ବ୍ୟବସ୍ଥା କୁ କଡାକଡି କରାଯାଇଛି ବମ ସ୍କ୍ୱାର୍ଡ ସହ ବ୍ୟାପକ ପୋଲିସ ମୁତୟନ କରାଯାଇଛି।ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ କୋରାପୁଟ ଜୟପୁର ପ୍ରଥମ ଗସ୍ତକୁ ନେଇ ଜନତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

## ଛାତ୍ରଛାତ୍ରୀମାନଙ୍କୁ ପୋଷାକ ବଣ୍ଟନ



**କଣାସ,୮।୮ (ସଂଚାର ବ୍ୟୁରୋ):** କଣାସ ବ୍ଲକ ଦୋଛିଆଁ ଗ୍ରାମପଞ୍ଚାୟତରେ ପ୍ରତିଷ୍ଠିତ ଦୋଛିଆଁ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚଳିତ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ପ୍ରଧାନ ଶିକ୍ଷକ ଅଜୟ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ୪୬ ଜଣ ଛାତ୍ର ଓ ୪୭ ଜଣ ଛାତ୍ରୀଙ୍କୁ ଡ୍ରେସ, ବୁଟ, ମୋଜା, ଟୋପି ଓ ପରିଚୟପତ୍ର ବଣ୍ଟନ କରିଥିଲେ। ରାକ୍ଷୀ ପୂର୍ଣ୍ଣୀମା ଓ ଆଗକୁ ଅଗଷ୍ଟ ୧୫ ତାରିଖ ଥିବାରୁ ଛାତ୍ରଛାତ୍ରୀମାନେ ଡ୍ରେସ ପାଇବା ପରେ ଖୁସିବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଅନିୟ କୁମାର ଛୋଟରାୟ, ନଟବର ବେହେରା, ବିଭୂତିଭୂଷଣ ସାମନ୍ତସିଂହାର, ଡାକ୍ତର ମାଝୀଙ୍କ ସମେତ ବିଦ୍ୟାଳୟର ପରିଚାଳନା କମିଟ ସଭ୍ୟ ଓ ସଭ୍ୟା ତଥା ଅଙ୍ଗନବାଡି କର୍ମୀ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ପୋଷାକ ବଣ୍ଟନ କରିଥିଲେ।

## ଘନ ଘନ ଉଚ୍ଚ ବିଦ୍ୟୁତ ତାର ଚୋରି, ଗଡ଼ିଶାଗୋଦା ଅଞ୍ଚଳ ଅନ୍ଧାର

**କଣାସ,୮।୮ (ସଂଚାର ବ୍ୟୁରୋ):** କଣାସ ବ୍ଲକର ଗଡ଼ିଶାଗୋଦା ଅଞ୍ଚଳ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାବେଳେ କଣାସ ବିଦ୍ୟୁତ ସବ ଷ୍ଟେସନରୁ ଗଡ଼ିଶାଗୋଦା ଅଞ୍ଚଳକୁ ବିଦ୍ୟୁତ ଯୋଗାଣ କରାଯାଉଥିବାବେଳେ ବିଦ୍ୟୁତ ତାର ଚୋରି କରୁଥିବା ବ୍ୟକ୍ତିମାନେ କିପରି ଖୋର୍ଦ୍ଧା ଗ୍ରୀଡିରୁ ବିଦ୍ୟୁତ କାଟ ସମୟର ଖବର ପାଇ ବିଦ୍ୟୁତ ତାର ବସନ୍ତପୁର ନିକଟରେ କାଟି ନେଉଥିବାରୁ ଗଡ଼ିଶାଗୋଦ, ଯାମଳଗୋଦା, ଆଳିବାଡ, ଗୋପୀନାଥପୁର, କାଦୁଆ, ବଡାଲ ଗ୍ରାମପଞ୍ଚାୟତ ଦୀର୍ଘ ସମୟ ଧରି ଅନ୍ଧାର ହେଉଛି। ଗତ ଜୁଲାଇ ମାସ ୧୬ ତାରିଖ ଦିନ ରାତ୍ରରେ ୪ସ୍ଥାନ ଦୁଇ ଫେଜ ତାର କାଟି ନେଇଥିବାବେଳେ ଗତକାଲି ବର୍ଷା ଓ ବଜ୍ରପାତ ହୋଇଥିଲା ସେଥି ଯୋଗୁଁ ବିଦ୍ୟୁତ ସରବରାହ ସଂନ୍ଧ୍ୟା ସମୟରେ ବନ୍ଦ ରହିଥିଲା ତାର ସୁଯୋଗ ନେଇ ଚୋରମାନେ ଦୁଇ ସ୍ଥାନ ଦୁଇଫେଜ ତାର କାଟି ନେଇଛନ୍ତି। ସେହି ବାଟଦେଇ ଗଡ଼ିଶାଗୋଦା ଥାନା ଗାଡି ରାତ୍ରରେ ପେଟ୍ରୋଲିଙ୍ଗ କରୁଥିଲେ ମଧ୍ୟ ନିର୍ଭୟରେ ଚୋରମାନେ ତାର କାଟି ନେଉଛନ୍ତି।

## ଅଟୋ ରିକସା ଓଲଟି ୫ ଆହତ



**କଣାସ,୮।୮ (ସଂଚାର ବ୍ୟୁରୋ):** ଆଜି ଦିନ ୧୨ ଟା ସମୟରେ ପୁରୀରୁ ଜଗନ୍ନାଥ ଦର୍ଶନ ସାରି ବରାଳବାଲୁଙ୍କେଶ୍ୱର ମନ୍ଦି ଦର୍ଶନ କରି ସାରିବା ପରେ ଖଲିକୋଟ ନିକଟ ଲଙ୍ଗଳେଶ୍ୱର ଗ୍ରାମକୁ ଓଡି ୩୪ ଜେ ୨୮୧୬ ଅଟୋ ରିକସାରେ ୫ ଜଣ ଫେରୁଥିବା ସମୟରେ ଡ୍ରାଇଭର ଭାରସାମ୍ୟ ହରାଇ ନୂଆ ଜଗନ୍ନାଥ ସଡକର ବରୁଣେଇ ଶଙ୍ଖ ନିକଟରେ ଅଟୋଟି ରାସ୍ତା କଡକୁ ଓଲଟି ପଡ଼ିଥିଲା। ସେଥିରେ ୫ ଜଣ ବ୍ୟକ୍ତି ଥିବାବେଳେ ସମନସ୍ତେ ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଅଣା ଯାଇଥିଲା। ସେମାନଙ୍କ ମଧ୍ୟରୁ ତିନି ଜଣଙ୍କର ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ଡାକ୍ତରଖାନାକୁ ଚିକିତ୍ସାପାଇଁ ସ୍ଥାନାନ୍ତିରି କରାଯାଇଛି। କଣାସ ପୁଲିସ ଘଟଣା ସ୍ଥଳରେ ପହଁଚି ଅଟୋକୁ ଜବତ କରିବା ସହିତ ଡ୍ରାଇଭରକୁ ଅଟକ ରଖିଛନ୍ତି।